# ଶ୍ରୀ ଜଗନ୍ନାଥ ସୌରଭ ସମ୍ଭାର

## ଭକ୍ତ ଓ ଭଗବାନ




ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ

ପ୍ଲଟ୍ ନଂ : ୩୩୮, ସହିଦନଗର, ଭୁବନେଶ୍ୱର






ସବୁକିଛି କେବଳ ପୁରୀରେ!
(ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ)
(Shree Jagannath Sanskriti Prachar Sansthan, India)


ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ









# ଶ୍ରୀଜଗନ୍ନାଥ ସୌରଭ ସମ୍ଭାର

## ଭକ୍ତ ଓ ଭଗବାନ



**ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ**

ପ୍ଲଟ୍ ନଂ : ୩୩୮, ସହିଦନଗର, ଭୁବନେଶ୍ୱର



ଶ୍ରୀଜଗନ୍ନାଥ ସୌରଭ ସମ୍ଭାର

ପ୍ରକାଶକ :

**ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ**

ପ୍ଲଟ ନଂ : ୩୩୮, ସହିଦନଗର

ଭୁବନେଶ୍ୱର- ୭୫୧୦୦୭

୯୪୩୮୭୩୧୬୩୯/୯୭୭୮୦୦୫୫୬୬/୭୯୭୮୭୪୯୩୮୪

ପ୍ରଥମ ସଂସ୍କରଣ : **୨୦୨୬**

ମୁଦ୍ରଣ : **ଇଣ୍ଟେକାଡ୍, ସହିଦନଗର**

**ଭୁବନେଶ୍ୱର**

ମୂଲ୍ୟ : **୧୫୦/-**

# ଶ୍ରୀଜଗନ୍ନାଥ ସୌରଭ ସମ୍ଭାର

ଶ୍ରୀଜଗନ୍ନାଥ ସୌରଭ ସମ୍ଭାର

ଭକ୍ତ ଓ ଭଗବାନ

ଚତୁର୍ଭୁଜୋ ଜଗନ୍ନାଥଃ

କଣ୍ଠଶୋଭିତ କୌସ୍ତୁଭଃ

ପଦ୍ମନାଭୋ ବେଦଗର୍ଭଶ୍ଚନ୍ଦ୍ର

ସୂର୍ଯ୍ୟ ବିଲୋକନଃ !

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଆମ ସଂସ୍କୃତି ଆମ ଧର୍ମ ସଂସ୍କୃତି ଓ ଓଡ଼ିଆ ଅସ୍ମିତାର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଆସନ୍ତୁ ଆମେ ସଂକଳ୍ପବଦ୍ଧ ହେବା, କଳୀସମରଣ ଉପନିଷଦ ଅନୁଯାଇ ଦେବର୍ଷି ନାରଦ ପିତାମହ ବ୍ରହ୍ମାକୁ ପଚାରିଲେ ଦ୍ୱାପରଯୁଗ ପରେ ଏହି କଳିଯୁଗରେ କଣ କରେ ମୁକ୍ତି ହେବ ବୋଲି ପଚ୍ଛରିଲେ। ପିତାମହ ବ୍ରହ୍ମା କହିଲେ ଯେ କୋଣସି କାମ କରିବ ହରିଙ୍କ ନାମ ଏବଂ ନାରାୟଣଃ ନାମ ବି ନିଆଯାଇପାରିବ ଏହା ଶୁଣ୍ଣିଲା ପରେ ଦେବର୍ଷି ନାରଦ ପୁଣି ପଚ୍ଛରିଲେ ପିତାମହ ସବୁଠାରୁ ମଙ୍ଗଳ ଦାୟକ ନାମ କଣ ? ପିତାମହ ଉତ୍ତର ଦେଲେ ଶ୍ରୀରାମ ନାମକୁ ସର୍ବଦା ଡାକିବାକୁ ପଡ଼ିବ। ଏହି ଭକ୍ତ ଓ ଭଗବାନ ପୁସ୍ତକ ଟି ବିଭିନ୍ନ ବରିଷ୍ଠ ଲେଖକ ଓ ଐତିହାସିକ ଲେଖାରୁ ସଂଗ୍ରହ କରାଯାଇଛି। ଏହି ତଥ୍ୟ ବରିଷ୍ଠ ଓ ଗୁରୁଜନମାନେ ଆମ ପାଇଁ ରଖିଯାଇଥିବାରୁ ଆମେ ସେମାନଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛୁ। ଏହାର ସୁରକ୍ଷା କରିବା ଆମର ଦାୟିତ୍ୱ ନିବେଦନ ଶ୍ରୀଜଗନ୍ନାଥ ସଂସ୍କୃତ ଓ ପରମ୍ପରା ର ସୁରକ୍ଷା ପାଇଁ ସମସ୍ତେ ସହାୟକ ହୁଅନ୍ତୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ ଶ୍ରୀହରି, ଶ୍ରୀରାମ ଶ୍ରୀକୃଷ୍ଣ ନାରାୟଣ,ବିଭୁ ପ୍ରେମ ଓ ଭକ୍ତି ରେ ସଂସ୍କାରିତ ହୋଇ ଥିବା ଆମ ବୁଦ୍ଧିଦ୍ୱାରା ଜୀବନ ଉଚ୍ଚତର ହୋଇ ପୂର୍ଣ୍ଣତା ପର୍ଯ୍ୟନ୍ତ ପହଞ୍ଚିଥାଏ।

ଡ. ନାରାୟଣ ମହାପାତ୍ର
ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ

# ସୂଚିପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ଶ୍ରୀଜଗନ୍ନାଥ ସୌରଭ ସମ୍ଭାର | |
| ୨. | ଯୁଗେ ଯୁଗେ ଶ୍ରୀଜଗନ୍ନାଥ | ୦୭ |
| ୩. | ଜୟ ଜଗନ୍ନାଥ | ୧୨ |
| ୪. | ହିନ୍ଦୁ ଧର୍ମରେ ୩୩ କୋଟି | ୧୩ |
| ୫. | ଚାରିଜଣ ପଣ୍ଡିତ ମୂର୍ଖ ପଣ୍ଡିତ କଥା | ୧୫ |
| ୬. | ଓଡିଆ ସାହିତ୍ୟ ଓ ସଂସ୍କୃତିର ଅମୂଲ୍ୟ ରତ୍ନ: ପଞ୍ଚସଖା | ୧୯ |
| ୭. | ପାଣ୍ଡିତ୍ୟ ନୁହେଁ, ପ୍ରେମ ହିଁ ଭଗବାନଙ୍କୁ ବାନ୍ଧିପାରେ | ୨୦ |
| ୮. | ମହାକାଳ ପୃଷ୍ଠାରେ ଏକ ଭକ୍ତି ମନ୍ଦାକିନି: ଗୋସ୍ୱାମୀ ଦାସଙ୍କ ଅମର ଜୀବନଗାଥା | ୨୨ |
| ୯. | ଶଙ୍କରାଚାର୍ଯ୍ୟ ଗୃହସ୍ଥଜ୍ଞାନ | ୨୫ |
| ୧୦. | ଜଗନ୍ନାଥ ମହାପ୍ରଭୁଙ୍କର ଜଣେ ଭକ୍ତ ଥିଲେ | ୩୦ |
| ୧୧. | ଭକ୍ତ ବିଲ୍ୱମଙ୍ଗଳଙ୍କର କଥା | ୩୧ |
| ୧୨. | ଭକ୍ତ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନି | ୩୨ |
| ୧୩. | ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ | ୩୪ |
| ୧୪. | କ୍ଷମା ଓ ଶାନ୍ତି | ୩୭ |
| ୧୫. | କିମ୍ବଦନ୍ତୀ ର କାହାଣୀ କରମା ବାଇ କଥା | ୩୮ |
| ୧୬. | କାଳିଆର କୁନି ଭକ୍ତ ଓ ଚିରା କନ୍ଥା | ୩୯ |
| ୧୭. | ଭକ୍ତ ସୁନା ମହାପାତ୍ର | ୪୦ |
| ୧୮. | ଶ୍ରୀଜଗନ୍ନାଥ ମନ୍ଦିରର ନିର୍ମାତା | ୪୩ |
| ୧୯. | ଭକ୍ତ ନୀଳାମ୍ବର ଦାସ | ୪୪ |
| ୨୦. | ଭକ୍ତ ଗଙ୍ଗାଧର ଦାସ କଥା | ୪୬ |
| ୨୧. | ଭକ୍ତ କୃଷ୍ଣଦାସ | ୪୮ |
| ୨୨. | ଭକ୍ତ ନାରାୟଣ ଦାସ | ୫୨ |
| ୨୩. | ଭକ୍ତ ଗୋବିନ୍ଦ ଦାସ | ୫୫ |

| | | |
|---|---|---|
| ୨୪. | ସର୍ବଦେବମୟ ଶ୍ରୀଜଗନ୍ନାଥ ଯେବେ ଭକ୍ତ ଗଣପତି ଭଟ୍ଟଙ୍କ ପାଇଁ ଗଣେଶ ସାଜିଲେ | ୫୭ |
| ୨୪. | ରଘୁ ଅରକ୍ଷିତଙ୍କ ତାଳପତ୍ର ଛତା ଯେବେ ଭକ୍ତ ପାଇଁ ଖରାରେ ସିଝିଲେ ପ୍ରଭୁ | ୫୯ |
| ୨୫. | ମହାପ୍ରଭୁଙ୍କ ନୀଳମାଧବ ରୂପ ଓ ଦରିଦ୍ର ଶବର ଭକ୍ତ | ୬୦ |
| ୨୬. | ମହାପ୍ରଭୁଙ୍କ ହାତର ସୁନା ବଳା ଓ ଗରିବ ଭକ୍ତ | ୬୨ |
| ୨୭. | ମହାପ୍ରଭୁଙ୍କ ନୂଆ ଓ ଭକ୍ତ ବଳରାମ ଦାସ | ୬୩ |
| ୨୮. | ମହାପ୍ରଭୁଙ୍କ କାନଫୁଲ ଓ ଭକ୍ତ ଦାସିଆ ବାଉରୀ | ୬୪ |
| ୨୯. | ମୁଠାଏ ଶାଗ ଓ ମହାପ୍ରଭୁଙ୍କ ଡୋରି | ୬୫ |
| ୩୦. | ଭକ୍ତ ନାରାୟଣ ମୁଦୁଲି ଓ ପ୍ରଭୁଙ୍କ କାଠ ଖଡ଼ୁ | ୬୭ |
| ୩୧. | ଯେବେ ଭକ୍ତର ଶ୍ରଦ୍ଧା ପାଇଁ ଚିରା କପଡା ପିନ୍ଧିଲେ ପ୍ରଭୁ | ୬୮ |
| ୩୨. | ଯେବେ ଭକ୍ତର ଖାଇବା ପାଇଁ ଗହଣା ବନ୍ଧା ରଖିଲେ ପ୍ରଭୁ | ୬୯ |
| ୩୩. | ଯେବେ ଭକ୍ତର ଶେଷ ଇଚ୍ଛା ପୂରଣ ପାଇଁ ରାତିରେ ବେଶ ବଦଳାଇଲେ ପ୍ରଭୁ | ୭୦ |
| ୩୪. | ଯେବେ ଭକ୍ତ ପାଇଁ ବାଲି ତଳୁ ଶୁଭିଲା ହରିନାମ | ୭୧ |
| ୩୫. | ଯେବେ ଭକ୍ତ ପାଇଁ ପଇଡ ଫେରି କଲେ ଭଗବାନ | ୭୨ |
| ୩୬. | ଶିର୍ଷକ: ଦେବର୍ଷି ନାରଦ– ଭକ୍ତି ଜ୍ଞାନ ଓ ସଞ୍ଚାରର ଅନନ୍ୟ ପ୍ରତୀକ | ୭୩ |
| ୩୭. | ଭକ୍ତ ଗୋପାଳର ଅତୁଟ ବିଶ୍ୱାସ | ୭୬ |
| ୩୮. | ମହାଲକ୍ଷ୍ମୀଙ୍କ ଅଭିଶାପ ପୁରୀ ଶ୍ରୀମନ୍ଦିରର ଛାଡି କାହିଁକି ଚାଲିଗଲେ ମହାଲକ୍ଷ୍ମୀ | ୭୭ |
| ୩୯. | ସଚ୍ଚା ଅନୁତାପ ହିଁ ସବୁଠାରୁ ବଡ ପରିବର୍ତ୍ତନ | ୮୦ |
| ୪୦. | ଭକ୍ତ ହାଡି ଦାସ | ୮୨ |
| ୪୧. | ଈଶ୍ୱରଙ୍କ କୃପା ଓ ନିମିତ୍ତ ଭାବ ପ୍ରେରଣାଦାୟୀ କାହାଣୀ | ୮୮ |
| ୪୨. | ଉତ୍କଳାଧିପତି ମହାରାଜା ପ୍ରତାପରୁଦ୍ରଙ୍କ ରାଜଦରବାର | ୯୦ |
| ୪୩. | ଭକ୍ତିର ଶକ୍ତି ଓ ଭଗବାନଙ୍କ ପ୍ରେମ | ୯୪ |

| | | |
|---|---|---|
| ୪୪. | ଭାବଗ୍ରାହୀ ଜନାର୍ଦ୍ଦନ:<br>ମା'ର ଶ୍ରଦ୍ଧା ଓ ମହାପ୍ରଭୁଙ୍କ ଦିବ୍ୟ ପ୍ରେମ | ୯୫ |
| ୪୫. | ମାଣିକ ଗୌଡୁଣୀ ଓ କାଳିଆ ସାଆନ୍ତ:<br>ଭକ୍ତ ପାଇଁ ଭଗବାନଙ୍କ ଅପୂର୍ବ ଲୀଳା | ୯୬ |
| ୪୬. | ଯେବେ କବିଙ୍କ ବଦଳରେ ପ୍ରଭୁ ଲେଖିଲେ କବିତା | ୯୭ |
| ୪୭. | ଯେବେ ବାଲି ରଥରେ ବିଜେ କଲେ ଜଗନ୍ନାଥ | ୯୮ |
| ୪୮. | କାହାର ଆରାଧ୍ୟ ଅଧିକ ଗରିମାମୟ ?<br>ମର୍ଯ୍ୟାଦା ପୁରୁଷୋତ୍ତୋମ ଶ୍ରୀରାମ ଲୀଳାମୟ ଶ୍ରୀକୃଷ୍ଣ | ୯୯ |
| ୪୯. | ପ୍ରତିଦିନ ଶିଷ୍ୟ ତାଙ୍କ ଗୁରୁଜୀଙ୍କୁ କହୁଥିଲେ | ୧୦୨ |
| ୫୦. | କେନ୍ଦୁଝର ଇତିହାସ | ୧୦୩ |
| ୫୧. | ସପ୍ତର୍ଷିମଣ୍ଡଳର ସାତଋଷି | ୧୦୪ |
| ୫୨. | ସାବିତ୍ରୀ ଏବଂ ସତ୍ୟବାନଙ୍କ ସମ୍ପୂର୍ଣ୍ଣ କାହାଣୀ | ୧୦୮ |
| ୫୩. | ଦେବତାମାନଙ୍କ ଅହଂକାରକୁ ଭଙ୍ଗ କରିଥିଲା<br>ଏକ ଛୋଟ ଛଣ | ୧୧୧ |
| ୫୪. | ସନ୍ଥ ମଲୂକ ଦାସଙ୍କ 'ହଠ' ଏବଂ ତାଙ୍କ ଅତୁଟ ବିଶ୍ୱାସର<br>କାହାଣୀ ଯେତିକି ଅଶ୍ଚର୍ଯ୍ୟଜନକ, ସେତିକ ଶିକ୍ଷଣୀୟ ମଧ୍ୟ | ୧୧୩ |
| ୫୫. | ଓଡିଶାରେ ଏକ ଛୋଟ ଗାଁ ଚନ୍ଦନପୁର | ୧୧୫ |
| ୫୬. | ମୃତ୍ୟୁ ସମୟର ସାମାନ୍ୟ ଆସକ୍ତି କିପରି ଜଣେ ସିଦ୍ଧ ଗୁରୁଙ୍କ<br>'କୀଟ' ବନାଇପାରେ ? | ୧୧୭ |
| ୫୭. | କର୍ମର ଫଳ: ଏକ ଶିକ୍ଷଣୀୟ କାହାଣୀ | ୧୧୯ |
| ୫୮. | ଜଣେ ବୃଦ୍ଧା ଥିଲେ | ୧୨୪ |
| ୫୯. | ନଟଖଟିଆ ଜଗନ୍ନାଥ ଓ ମୂଷାଛୁଆର କାହାଣୀ | ୧୨୬ |
| ୬୦. | ଭକ୍ତ ରାମଦାସ ଓ ପ୍ରଭୁ ଜଗନ୍ନାଥ | ୧୨୭ |
| ୬୧. | ଭକ୍ତ କବି ଭକ୍ତଚରଣ ଦାସ ଓ ମଥୁରାମଙ୍ଗଳ | ୧୩୦ |
| ୬୨. | ସତ୍ୟ ସନାତନ ଧର୍ମର ମହିମା ଜୟ ଜଗନ୍ନାଥ | ୧୩୧ |
| ୬୩. | ପର ଆପଣା | ୧୩୨ |

# ଯୁଗେ ଯୁଗେ ଶ୍ରୀଜଗନ୍ନାଥ

ଅନାଦି ଶ୍ରୀ ଜଗନ୍ନାଥଙ୍କର ଆଦି ଖୋଜିବା, ଅରୂପଙ୍କର ରୂପର ରହସ୍ୟ ପ୍ରକାଶକୁ ଆଣିବାର ପ୍ରୟାସ କରିବା ନିଶ୍ଚିତ ଏକ ଧୃଷ୍ଟତା ପୂର୍ଣ୍ଣ ପ୍ରୟାସ ହେବ। ତେବେ ଯେଉଁ ଶ୍ରୀ ଜଗନ୍ନାଥଙ୍କ ପରିଚୟରେ ଆମେ ଓଡ଼ିଆମାନେ ପରିଚିତ, ଯେଉଁ ଦାରୁ ଦିଅଁଙ୍କ ଚତୁର୍ପାଶ୍ୱରେ ଆମ ଓଡ଼ିଆ ସଂସ୍କୃତି, ଓଡ଼ିଆ ସମାଜ ଅଲିଖିତ ସମୟରୁ ଘୂର୍ଣ୍ଣାୟମାନ, ଯାହାଙ୍କ ପ୍ରତ୍ୟେକଟି ଲୀଳା ଖେଳା, ପ୍ରଥା ପରମ୍ପରା ମାନବୀୟ ତେଣୁ ଯୁକ୍ତି ଏବଂ ବିଚାର ଶକ୍ତିର ବସବର୍ତ୍ତି; ତାଙ୍କ ବିଷୟରେ ପ୍ରତ୍ୟେକ ଓଡ଼ିଆ ବିଶେଷ କରି ଆମ ଯୁବସମାଜ କିଞ୍ଚିତ ଜ୍ଞାନ ନିଜ ମସ୍ତିଷ୍କର ସଂଗ୍ରହାଳୟରେ ସଞ୍ଚିତ କରି ରଖିବା ଉଚିତ ଯାହାକି ସେ ନିଜର ଉତ୍ତରଦାୟଦମାନଙ୍କୁ ସଂସ୍କୃତି ସନ୍ତକ ରୂପେ ଦେଇ ଗର୍ବିତ ହୋଇ ପାରିବ।

'ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ପୁରୁଷୋତ୍ତମଃ
ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀ ପୁରୁଷୋତ୍ତମଃ।"

କପିଳସଂହିତାରେ ଉଲ୍ଲେଖ ଥିବା ଏହି ଶ୍ଳୋକଟି ଯାହା ପୁରୁଷୋତ୍ତମକ୍ଷେତ୍ର ପୁରୀକୁ ସର୍ବ ତୀର୍ଥ କ୍ଷେତ୍ରମାନଙ୍କର ରାଜା ଏବଂ ପୁରୁଷୋତ୍ତମକ୍ଷେତ୍ରରେ ଅଧିଷ୍ଠିତ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ସମସ୍ତ ଦେବତାମାନଙ୍କ ରାଜା ବୋଲି ପ୍ରତିପାଦିତ କରୁଛି କେଉଁ ଉତ୍କଳୀୟର ହୃଦୟକୁ ଉତ୍ଫୁଲ୍ଲିତ ଏବଂ ଗୌରବାନ୍ୱିତ ନ କରିବ ଅବା! ବେଦବ୍ୟାସଙ୍କ ବିରଚିତ ସ୍କନ୍ଦ ପୁରାଣରେ ଉତ୍କଳ ଖଣ୍ଡରେ ଶ୍ରୀଜଗନ୍ନାଥ ଏବଂ ଶ୍ରୀକ୍ଷେତ୍ର ବିଷୟରେ ଏହିପରି ବର୍ଣ୍ଣନା କରାଯାଇଛି।

ପୁରୁଷୋତ୍ତମାଖ୍ୟଂ ସୁମହତ କ୍ଷେତ୍ରଂ ପରମପାବନମ୍
ଯତ୍ରାସ୍ତେ ଦାରବତନୁଃ ଶ୍ରୀଶା ମାନୁଷଲୀଳୟା।

'ପୁରୁଷୋତ୍ତମ ନାମକ ପରମ ପବିତ୍ର ଧାମରେ ସ୍ୱୟଂ ଲକ୍ଷ୍ମୀପତି ନାରାୟଣ ମାନବ ଲୀଳାର ପରିପ୍ରକାଶ ପାଇଁ କାଷ୍ଠ କଳେବର ଧାରଣ କରି ଅବସ୍ଥାନ କରୁଛନ୍ତି।'

"ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥମ୍
ସର୍ବାଳଙ୍କାରଯୁକ୍ତଂ ନବଘନରୁଚିରଂ ସଂଯୁକ୍ତଂ ଚାଗ୍ରଜେନ
ଭଦ୍ରାୟା ବାମଭାଗେ ରଥଚରଣଯୁତଂ ବ୍ରହ୍ମରୁଦ୍ରେନ୍ଦ୍ରବନ୍ଦ୍ୟଂ
ବେଦାନାଂ ସାରମୀସଂ ସ୍ୱଜନପରିବୃତଂ ବ୍ରହ୍ମଦାରୁଂଭଜେଅହମ୍।"

ମହାପୁରୁଷବିଦ୍ୟା ନାମକ ସଂସ୍କୃତ ପୁସ୍ତକରରେ ଉଲ୍ଲିଖିତ ଏହି ଶ୍ଳୋକଟିର ଅର୍ଥ ହେଲା,'ଶଙ୍ଖ ଆକୃତିର ନୀଳାଦ୍ରି କ୍ଷେତ୍ର ମଧ୍ୟରେ, ଶତଦଳ କମଳ ବିଶିଷ୍ଟ ରତ୍ନ ସିଂହାସନରେ ସୁଭଦ୍ରାଙ୍କ ବାମ ପଟେ, ବଡ଼ଭାଇ ଶ୍ରୀବଳଭଦ୍ର ଏବଂ ଅନ୍ୟ ସ୍ୱଜନ ମାନଙ୍କ ଦ୍ୱାରା ପରିବେଷ୍ଟି ହୋଇ, ସର୍ବ ଅଳଂକାର ଯୁକ୍ତ ଏବଂ ସୁଦର୍ଶନ ସଂଯୁକ୍ତ ହୋଇ ନବଘନବର୍ଣ୍ଣରେ ଶାଭାୟମାନ ସିଏ ଉପବିଷ୍ଟ ହୋଇଛନ୍ତି, ସେହି ବ୍ରହ୍ମା, ରୁଦ୍ର ଓ ଇନ୍ଦ୍ର ବନ୍ଦିତ ସକଳ ବେଦ ସାର ବ୍ରହ୍ମଦାରୁଙ୍କୁ ମୁଁ ଭଜନ କରୁଛି। ସେ ଦେବତାମାନଙ୍କର ବନ୍ଦ୍ୟ। ବ୍ରହ୍ମା, ରୁଦ୍ର ଏବଂ ଇନ୍ଦ୍ରଙ୍କ ଦ୍ୱାରା ପୂଜିତ।ଏହି ପୁରୁଷୋତ୍ତମ କ୍ଷେତ୍ର ଶଙ୍ଖାକୃତି, ତେଣୁ ଏହାର ଅନ୍ୟ ନାମ ଶଙ୍ଖ କ୍ଷେତ୍ର ଭାବରେ ଅଭିହିତ। ଦକ୍ଷିଣାବର୍ତ୍ତ ଏହି ଶଙ୍ଖଟିର ଉଦର ଭାଗ ମହୋଦଧି ଜଳରେ ନିମଗ୍ନ, ଅଗ୍ରଭାଗରେ ଶ୍ରୀନୀଳକଣ୍ଠ ବିଦ୍ୟମାନ ପୂଜିତ। ଏହାର ଦ୍ୱିତୀୟ ଆବର୍ତ୍ତରେ କପାଳ ମୋଚନ ଶିବ ସ୍ଥିତ, ତୃତୀୟାବର୍ତ୍ତରେ ମା ଶକ୍ତି ବିମଳା ରୂପେ ପୂଜିତା। ଶଙ୍ଖର ମଧ୍ୟ ଭାଗରେ ଦେବୀ ଅର୍ଦ୍ଧାଶନୀ ପ୍ରତିଷ୍ଠିତା। ଶଙ୍ଖର ନାଭି ଦେଶରେ ରୋହିଣୀ କୁଣ୍ଡ,ଅକ୍ଷୟ ବଟ ଏବଂ ଅନ୍ତର୍ବେଦୀରେ ସ୍ୱୟଂ ଶ୍ରୀଜଗନ୍ନାଥ ବଡ଼ ଭାଇ ଶ୍ରୀ ବଳଭଦ୍ର, ଭଉଣୀ ସୁଭଦ୍ରାଙ୍କ ସହିତ ଆୟୁଧ ସୁଦର୍ଶନଙ୍କୁ ନେଇ ଉପସ୍ଥିତ। ଅନ୍ତର୍ବେଦୀର ରକ୍ଷା କରିବା ପାଇଁ ଶିବପତ୍ନୀ ଗୌରୀ ମହାବିଷ୍ଣୁଙ୍କ ଆଗ୍ରହରୁ ମଙ୍ଗଳା, ବିମଳା, ସର୍ବମଙ୍ଗଳା, କାଳରାତ୍ରି,ମର୍ଚ୍ଚିକା,ଅର୍ଦ୍ଧାଶନୀ,ଆଲାମଚଣ୍ଡି, ଚଣ୍ଡିରୂପା ଭାବରେ ଶ୍ରୀକ୍ଷେତ୍ରର ଭିନ୍ନ ଭିନ୍ନ ସ୍ଥାନରେ ସ୍ଥିତା। ସ୍ୱୟଂ ମହାଦେବ ମଧ୍ୟ ଶଙ୍ଖନାଭିର ଚତୁଃପାର୍ଶ୍ୱରେ କପାଳମୋଚନ, କାମପାଳ, କ୍ଷେତ୍ରପାଳ,ଯମେଶ୍ୱର, ମାର୍କଣ୍ଡେୟ,ଈଶାନେଶ୍ୱର, ନୀଳକଣ୍ଠେଶ୍ୱର,ବଟେଶ୍ୱର ରୂପେ ଅଷ୍ଟମୂର୍ତ୍ତି ହୋଇ ବିଦ୍ୟମାନ। ପ୍ରଭୁ ଶ୍ରୀରାମଙ୍କର ଅନନ୍ୟ ଭକ୍ତ ହୋଇଥିବାରୁ ଶ୍ରୀହନୁମାନ ଶ୍ରୀ ମନ୍ଦିରର ମେଘନାଦ ପ୍ରାଚୀରର ଚାରିଟି ଦ୍ୱାରରେ ଶ୍ରୀ ଜଗନ୍ନାଥ ଓ ଶ୍ରୀ ରାମଙ୍କୁ ଏକ ଏବଂ ଅଭିନ୍ନ ପ୍ରମାଣିତ କରି ତାଙ୍କ ସୁରକ୍ଷାରେ ସତର୍କ ପ୍ରହରୀ ଭଳି ଜଗି ରହିଛନ୍ତି। ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନରେ ଫତେ ମହାବୀର ଶବ୍ଦଭେଦୀ ହନୁମାନ, କୁମୁଦ ହନୁମାନ ବା ମଶାଣି ମହାବୀର, ଦରିଆ ମହାବୀର ବା ବେଡି ହନୁମାନ, ମୁଣ୍ଡିଆ ମରା ହନୁମାନ ଇତ୍ୟାଦି ଅନେକ ନାମରେ ବିଦ୍ୟମାନ।

ସ୍କନ୍ଦପୁରାଣ ଅନୁସାରେ, ଶ୍ରୀ ମନ୍ଦିରର ରତ୍ନସିଂହାସନରେ ବିରାଜମାନ ହେବା ପୂର୍ବରୁ ସେହି ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ନୀଳ କନ୍ଦରରେ ନୀଳମାଧବ ନାମରେ ଇନ୍ଦ୍ର ନୀଳ ମଣିରେ ମୂର୍ତ୍ତିମନ୍ତ ହୋଇ ଶବର ଜନଜାତିର ଲୋକମାନଙ୍କର ଶ୍ରଦ୍ଧା ଓ ସେବା ପାଉଥିଲେ। ସ୍ୱର୍ଗଲୋକର ଦେବତାଗଣ ପାରିଜାତ ପୁଷ୍ପ ଏବଂ ଅନେକ ସସ୍ୱାଦୁ

ଭୋଜନଦ୍ୱାରା ତାହାଙ୍କର ସେବା କରିବା ପାଇଁ ପ୍ରତ୍ୟହ ନୀଳ ପର୍ବତରେ ଅବତରଣ କରୁଥିଲେ। ସତ୍ୟଯୁଗରେ ଜନୈକ ସାଧୁଙ୍କ ମୁଖରୁ ନୀଳମାଧବଙ୍କ ମାହାତ୍ମ୍ୟର ବୃତ୍ତାନ୍ତ ଶ୍ରବଣ କରି ଶ୍ରୀ ବିଷ୍ଣୁଙ୍କର ବିଗଳିତ ହୃଦୟ ଭକ୍ତ ବ୍ରହ୍ମାଙ୍କ ପଞ୍ଚମ ପୁରୁଷ ସୂର୍ଯ୍ୟ ବଂଶୀୟ ଅବନ୍ତୀର ରାଜା ଇନ୍ଦ୍ରଦ୍ୟୁମ୍ନ ସତ୍ୟାସତ୍ୟ ଜାଣିବା ପାଇଁ ନିଜର ସାନଭାଇ ବିଦ୍ୟାପତିଙ୍କୁ ନୀଳ ପର୍ବତ ପ୍ରେଷଣ କରିଥିଲେ। ବିଦ୍ୟାପତି ଅବଳୀଳା କ୍ରମେ  ଶବର ରାଜା ବିଶ୍ୱାବସୁଙ୍କୁ ଭେଟିଲେ ଯେ କି ଶ୍ରୀହରିଙ୍କର ପୂଜା କରି ବନ ରାସ୍ତାରେ ଫେରୁଥିଲେ। ବିଶ୍ୱାବସୁଙ୍କର ଚନ୍ଦନ ଚର୍ଚ୍ଚିତ ବେଶ ଦେଖି ବିଦ୍ୟାପତି ବୁଝିଗଲେ ଯେ ଏହାଙ୍କ ଠାରୁ ପୁରୁଷୋତ୍ତମ ଶ୍ରୀନୀଳମାଧବଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିହେବ। ଯେତେବେଳେ ବିଶ୍ୱାବସୁ ଏତେ ଘୋର ଜଙ୍ଗଲରେ ଜଣେ ବିପ୍ରଙ୍କ ଆଗମନର ଉଦ୍ଦେଶ୍ୟ ପଚାରନ୍ତି, ବିଦ୍ୟାପତି ସେହି ଶ୍ରୀବିଷ୍ଣୁଙ୍କ ଦର୍ଶନ କରିବା ଇଚ୍ଛା ପ୍ରକାଶ କଲେ। ଏଥି ସହିତ ବିଦ୍ୟାପତି ଜଣେଇ ଦେଲେ ଯେପର୍ଯ୍ୟନ୍ତ ଶ୍ରୀ ହରିଙ୍କ ଦର୍ଶନ ନ ହୋଇଛି ସେ ପର୍ଯ୍ୟନ୍ତ ସେ ଭୋଜନ ବା ଜଳ ଗ୍ରହଣ କରିବେ ନାହିଁ। ଏହା ଶ୍ରବଣ କରି ବିଶ୍ୱାବସୁ ବଡ଼ ଧର୍ମ ସଂକଟରେ ପଡିଗଲେ। ବିଦ୍ୟାପତିଙ୍କୁ ଶ୍ରୀ ନୀଳମାଧବଙ୍କ ନିକଟକୁ ନେଇ ନ ଗଲେ ଜଣେ ବ୍ରାହ୍ମଣର ମୃତ୍ୟୁର କାରଣ ସେ ହେବେ ଏବଂ ନେଇଗଲେ ଗୋପନ ପୂଜିତ ତାଙ୍କ ଆରାଧ୍ୟଙ୍କ ସତ୍ୟ ଶବର ସମାଜରୁ ବାହାରକୁ ଆସିଯିବ ଏବଂ ପ୍ରଭୁଙ୍କ ପୂଜାର ଅଧିକାର ସେ ହରାଇ ବସି ପାରନ୍ତି, ଏହା ଥିଲା ତାଙ୍କର ଦ୍ୱିଧା। ଅତିଥି ଏବଂ ତାହା ପୁଣି ବିପ୍ର ଅତିଥିଙ୍କ ଅସନ୍ତୋଷ ଏବଂ ଅନ୍ତର କାରଣ ସେ ବା କାହିଁକି ହେବେ। ଅଗତ୍ୟା ବିଦ୍ୟାପତିଙ୍କ ଚକ୍ଷୁ ବନ୍ଦ କରି ତାଙ୍କୁ ନୀଳ ପର୍ବତ ଉପରେ ନୀଳକନ୍ଦର ସ୍ଥିତ ନୀଳମାଧବଙ୍କ ନିକଟକୁ ନେଇ ଗଲେ। ନୀଳକନ୍ଦର ନିକଟକୁ ଯିବା ପଥରେ ବିଦ୍ୟାପତି ଅଣ୍ଟିରେ ଆଣିଥିବା ସୋରିଷ ମଞ୍ଜି ବୁଣି ଚାଲିଲେ, ଯାହା ଫଳରେ ସେଥିରୁ ଜନ୍ମ ନେଇଥିବା ସୋରିଷ ଗଛମାନଙ୍କୁ ଦେଖି ସେ ଭବିଷ୍ୟତରେ ଏକାନ୍ତରେ ଆସି ପାରିବେ, ଏମନ୍ତ ଥିଲା ବିଦ୍ୟାପତିଙ୍କର ଯୋଜନା। ନୀଳଗିରି ପହଞ୍ଚିବା ପରେ ବିଦ୍ୟାପତି ଏକାଅଶୀ ଆଙ୍ଗୁଳ ଉଚ୍ଚ ଇନ୍ଦ୍ରନୀଳମଣି ମୟ ମୁଖରେ ସ୍ମିତ ହାସ୍ୟ ଧାରଣ କରିଥିବା ମାଧବଙ୍କୁ ଦେଖିଲେ। ସ୍ୱର୍ଣ୍ଣ ପଦ୍ମ ଉପରେ ଅବସ୍ଥାନ କରୁଥିବା ପ୍ରଭୁଙ୍କ ବାମ ଭାଗରେ ମା' ଲକ୍ଷ୍ମୀ ବିରାଜମାନ ଥିଲେ। ପ୍ରଭୁ କର୍ଣ୍ଣରେ ମକର କୁଣ୍ଡଳ, ଗଳାରେ ସ୍ୱର୍ଣ୍ଣ ହାର କୌସ୍ତୁଭ ମଣି, ମସ୍ତକରେ ମୁକୁଟ ଏବଂ ଶରୀରରେ ପୀତ ବସନ ପରିଧାନ କରିଥିଲେ। ସେ ଚାରି ହାତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଧାରଣ କରିଥିଲେ। ବିଶ୍ୱାବସୁ ସେଠାରେ ଥିବା ରୋହିଣୀ କୁଣ୍ଡର ମାହାତ୍ମ୍ୟ ବର୍ଣ୍ଣନା ବିଦ୍ୟାପତିଙ୍କ ସମ୍ମୁଖରେ କଲେ ଯେ ଅତୀତରେ

ଶ୍ରୀ ନୀଳମାଧବଙ୍କ ଦର୍ଶନ ପରେ କୁଣ୍ଡର ଜଳ ପାନ କରିବା କ୍ଷଣି କାକଟିଏ ନାରାୟଣଙ୍କର ଚତୁର୍ଭୁଜ ରୂପରେ ସାଯୁଜ୍ୟ ମୁକ୍ତି ପ୍ରାପ୍ତ ହୋଇ ବିଷ୍ଣୁଲୋକକୁ ପ୍ରସ୍ଥାନ କରିଥିଲା। ବଟବୃକ୍ଷର ଛାୟାରେ ବସିଗଲେ ବ୍ରହ୍ମହତ୍ୟା ପାପର ନାଶ ହୁଏ ବୋଲି ମଧ୍ୟ ସୂଚାଇ ଦେଲେ। ଏହା ପରେ ବିଦ୍ୟାପତି ନୀଳ ପର୍ବତରୁ ଫେରି ବିଶ୍ୱାବସୁଙ୍କର ଆତିଥ୍ୟ ଗ୍ରହଣ କଲେ। ଯେତେବେଳେ ବଶ୍ୱାବସୁ ବିଦ୍ୟାପତିଙ୍କୁ ଶ୍ରୀ ନୀଳମାଧବ ଭୋଗ ଭୋଜନ ରୂପେ ପ୍ରଦାନ କଲେ, ତାହାର ସ୍ୱାଦ ପାଇ ବିଦ୍ୟାପତି ଚକିତ ହୋଇ ବିଶ୍ୱାବସୁଙ୍କୁ ଏଭଳି ଦିବ୍ୟ ଭାଜନ ଶବର ପଲ୍ଲୀରେ କିପରି ସମ୍ଭବ ବୋଲି ପ୍ରଶ୍ନ କରିଥିଲେ। ବିଶ୍ୱାବସୁ ଅତିଥିଙ୍କ ଉତ୍ସୁକତାକୁ ଶାନ୍ତ କରିବାକୁ ଯାଇ ତାହା ଦେବତାମାନଙ୍କ ଦ୍ୱାରା ନୀଳମାଧବଙ୍କ ଉଦ୍ଦେଶ୍ୟରେ ଅର୍ପିତ ନୈବେଦ ବୋଲି ସ୍ୱିକାର କରିଥିଲେ। ବିଦ୍ୟାପତିଙ୍କ ଠାରୁ ସମସ୍ତ ଖବର ପାଇ ନୀଳକନ୍ଦରରେ ନୀଳମାଧବଙ୍କ ନିକଟରେ ନିବାସ କରିବା ପାଇଁ ଯେତେବେଳେ ଇନ୍ଦ୍ରଦ୍ୟୁମ୍ନ ନୀଳ ପର୍ବତ ନିକଟରେ ଉପସ୍ଥିତ ହୁଅନ୍ତି ତା ପୂର୍ବରୁ ନୀଳମାଧବ ଅନ୍ତର୍ଦ୍ଧାନ ହୋଇ ଯାଆନ୍ତି। ନିଜର ଇଷ୍ଟଦେବଙ୍କର ଏତାଦୃଶ ଅନ୍ତର୍ଦ୍ଧାନ ହେବା ଦେଖି ଇନ୍ଦ୍ରଦ୍ୟୁମ୍ନ ଅତ୍ୟନ୍ତ ଦୁଃଖିତ ହୋଇଗଲେ। ତାହା ଦେଖି ନାରଦ ମହାରଷି ଇନ୍ଦ୍ରଦ୍ୟୁମ୍ନଙ୍କୁ ସାନ୍ତ୍ୱନା ଦେଇ କହିଲେ, ଯେ ଶ୍ରୀବିଷ୍ଣୁ ଏହିଠାରେ ପୁନଃ ଦାରବ ଶରୀରରେ ଆବିର୍ଭୁତ ହେବେ ବୋଲି ସେ ବ୍ରହ୍ମାଙ୍କ ଠାରୁ ଶୁଣିଛନ୍ତି। ମହୋଦଧିରେ ଦାରୁ ଭାସି ଆସିବ ଏବଂ ତହିଁରୁ ଚତୁର୍ଦ୍ଧାମୂର୍ତ୍ତି ନିର୍ମିତ ହେବେ ବୋଲି ଜଣାଇଲେ। ନାରଦଙ୍କ ପରାମର୍ଶ କ୍ରମେ ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ଶ୍ରୀ ନରସିଂହଙ୍କ ମନ୍ଦିର ନିର୍ମାଣ ଓ ମୁର୍ତ୍ତି ପ୍ରତିଷ୍ଠା କରି ଅଶ୍ୱାମେଧ ଯଜ୍ଞ ସମ୍ପାଦନ କଲେ। ଯଜ୍ଞ ସମାପନ ହେବା ପରେ ମହୋଦଧିର ବିଲ୍ୱେଶ୍ୱରଙ୍କ ନିକଟରେ ଶଙ୍ଖ ଚକ୍ର ଚିହ୍ନିତ ରକ୍ତବର୍ଣ୍ଣର ଅପୂର୍ବ ମହାବୃକ୍ଷ ଦୃଶ୍ୟମାନ ହେଲା। ଇନ୍ଦ୍ରଦ୍ୟୁମ୍ନ ମହାସମାରୋହରେ ବୃକ୍ଷଟିକୁ ଆଣି ମହାବେଦୀ ଉପରେ ରଖି ପୂଜା କଲେ। ତା ପରେ ଆକାଶବାଣୀର ନିର୍ଦ୍ଦେଶ ଅନୁସାରେ ବେଦୀଗୃହକୁ ଚତୁଃପାର୍ଶ୍ୱରୁ ବନ୍ଦ କରିଦେଲେ ଏବଂ ଆକାଶବାଣୀର ନିର୍ଦ୍ଦେଶ ଅନୁଯାୟୀ ସେଠାରେ ଉପସ୍ଥିତ ଜଣେ ବୃଦ୍ଧଙ୍କୁ ମୁର୍ତ୍ତି ଗଢିବାର ଦାୟିତ୍ୱ ଦେଇ ବେଦୀଗୃହ ଭିତରେ ଛାଡି ଦେଲେ। ବୃଦ୍ଧ ବର୍ଦ୍ଧକୀ ରୂପରେ ଶ୍ରୀ ବିଷ୍ଣୁ ସ୍ୱୟଂ ଆସି ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କଲେ। ଏହା ପରେ ଇନ୍ଦ୍ରଦ୍ୟୁମ୍ନ ଶ୍ରୀ ଜଗନ୍ନାଥଙ୍କୁ ଶ୍ୟାମ, ବଳଭଦ୍ରଙ୍କୁ ଶୁଭ୍ର, ସୁଭଦ୍ରାଙ୍କୁ କୁଙ୍କୁମ ଏବଂ ସୁଦର୍ଶନଙ୍କ ଲୋହିତ ବର୍ଣ୍ଣରେ ରଞ୍ଜିତ କରି ବିଭିନ୍ନ ଅଳଙ୍କାର ଏବଂ ପାଟ ବସ୍ତ୍ରରେ ସୁଶୋଭିତ କଲେ। ଇନ୍ଦ୍ରଦ୍ୟୁମ୍ନଙ୍କ ଆଗ୍ରହ କ୍ରମେ ବ୍ରହ୍ମା ବୈଶାଖ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ଗୁରୁବାର ଦିନ ଶ୍ରୀବିଗ୍ରହମାନଙ୍କୁ ରତ୍ନ ସିଂହାସନରେ ଆସିନ ପୂର୍ବକ

ପ୍ରତିଷ୍ଠା କରିଥିଲେ। ବିଦ୍ୟାପତି ଏବଂ ବିଶ୍ୱାବସୁଙ୍କର ବଂଶଧରଙ୍କୁ ଶ୍ରୀ ବିଗ୍ରହମାନଙ୍କର ଲୋପ, ସଂସ୍କାର ଓ ବିଭିନ୍ନ ଉତ୍ସବର ଦାୟିତ୍ୱ ଦିଆଗଲା। ଅଦ୍ୟାବଧି ଶବର ରାଜା ବିଶ୍ୱାବସୁଙ୍କ ବଂଶଧର ମାନେ ଦଇତାପତି ରୂପେ ଏବଂ ବିଦ୍ୟାପତିଙ୍କ ବଂଶଜ ବ୍ରାହ୍ମଣ ମାନେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସେବାର ବିଭିନ୍ନ ଦାୟିତ୍ୱ କରି ଆସୁଛନ୍ତି।

ଜ୍ୟେଷ୍ଠପୂର୍ଣ୍ଣିମା ଦିନ ସ୍ନାନ ଯାତ୍ରା ପରେ ଜ୍ୱରପୀଡ଼ିତ ହୋଇ ସେ ପନ୍ଦର ଦିନ ଅଣସର ଘରେ ଅବସ୍ଥାନ କରନ୍ତି। ଏହି ସମୟରେ ତାଙ୍କର ସେବାୟତ ଭିନ୍ନ କେହି ତାଙ୍କର ଦର୍ଶନ କରନ୍ତି ନାହିଁ। ତାଙ୍କ ସ୍ଥାନରେ ପଟି ଦିଅଁଙ୍କୁ ଦର୍ଶନ କରିବାକୁ ମିଳେ। ଯେଉଁ ମହାବେଦୀ ଉପରେ ଚତୁର୍ଦ୍ଧାମୂର୍ତ୍ତି ପ୍ରକଟ ହୋଇଥିଲେ ସେହି ଜନ୍ମସ୍ଥାନ ଗୁଣ୍ଡିଚା ମନ୍ଦିରକୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ,ଭଉଣୀ ଓ ସୁଦର୍ଶନ ପ୍ରତି ବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ରଥଚଢି ଗମନ କରନ୍ତି। ଏହି ନବଦିନାତ୍ମକ ଯାତ୍ରା ବା ଘୋଷଯାତ୍ରାରେ ସ୍ୱୟଂ ଶ୍ରୀବିଗ୍ରହମାନଙ୍କର ହିଁ ଯାତ୍ରା ହୋଇଥାଏ। ଜଗତରେ ଆଉ କୌଣସି ମନ୍ଦିରରେ ଅର୍ଚ୍ଚନା ପ୍ରତିମାମାନଙ୍କର ମନ୍ଦିରରୁ ବାହାରକୁ ଯିବାର ଉଦାହରଣ ନାହିଁ।

ବଖାଣି ବସିଲେ,ଗୁଣ ନ ସରିବ
ଜୀବନ ସରିବ ମୋର
ଅନାଦି ଅନନ୍ତ ତା' ଲୀଳା ସକଳ
ଦିବ୍ୟ ଜ୍ଞାନ ପାରାବାର।
ମୁଁ ଛାର ମାତର ଅଜ୍ଞାନ ମଣିଷ
ତୋ' ଶ୍ରୀଚରଣ କିଙ୍କର
ବଡ଼ପଣେ କ୍ଷମା କରି ଦେବୁ ପ୍ରଭୁ
ଯାହା ତ୍ରୁଟି ହେଲା ମୋର।

❋❋❋

# ଜୟ ଜଗନ୍ନାଥ

ଓଁ ନମୋ ଭଗବତେ ବାସୁଦେବାୟ, ପ୍ରେମଭକ୍ତିର ଠାକୁର ଶ୍ରୀ ଜଗନ୍ନାଥ ଙ୍କୁ ନିଜର ଇଷ୍ଟ ବୋଲି ସ୍ୱୀକାର କରିଥିବା ମହାତ୍ମା ଓ ଆଚାର୍ଯ୍ୟମାନେ,ପ୍ରଥମେ କିନ୍ତୁ ଅନ୍ୟ ଉପାସନା ଧାରାରେ ନିଜ ନିଜକୁ ପ୍ରତିଷ୍ଠିତ କରାଇଥିଲେ । ଶ୍ରୀ ଜଗନ୍ନାଥ ଙ୍କ ଉପାସନା ଧାରାକୁ ବିଭିନ୍ନ ଅବସ୍ଥାରେ ପରୀକ୍ଷା ନିରୀକ୍ଷା କରିବା ପାରେ ପ୍ରଭୁଙ୍କର ପ୍ରେମ ଓ ଭକ୍ତିରେ ବାନ୍ଧି ହୋଇ ଯାଇଥିଲେ। ଏମାନଙ୍କ ମଧ୍ୟରେ ପ୍ରାତଃ ସ୍ମରଣୀୟ ଓ ନମସ୍ୟ ହେଲେ ଜଗଦଗୁରୁ ଆଦି ଶଙ୍କରଚାର୍ଯ୍ୟ, ଶ୍ରୀ ରାମାନୁଜଚାର୍ଯ୍ୟ, ଶ୍ରୀ ନିମ୍ବକଚାର୍ଯ୍ୟ, ଶ୍ରୀ ମଧ୍ୱଚାର୍ଯ୍ୟ, ଶ୍ରୀ ବଳଭଚାର୍ଯ୍ୟ, ଶ୍ରୀ ରମାନନ୍ଦଚାର୍ଯ୍ୟ, ଶ୍ରୀ ବିଷ୍ଣୁସ୍ୱାମୀ ଓ ଶ୍ରୀଲ ସନାତନ ଗୋସ୍ୱାମୀ ପ୍ରମୁଖ । ଏହି ମନୀଷୀ ମାନଙ୍କ ଦର୍ଶନ ଓ ବଳିଷ୍ଠ ତତ୍ତ୍ୱଭିତିକ ପ୍ରମାଣ ଜଗନ୍ନାଥ ଚେତନାକୁ ସାରା ଜଗତରେ ପ୍ରତିପାଦିତ କରିଥିଲା । ସର୍ବୋପରି ଶ୍ରୀ ଚୈତନ୍ୟଙ୍କ ପ୍ରେମ ଭକ୍ତି ଧାରା ଶ୍ରୀ ଜଗନ୍ନାଥ ଚେତନାକୁ ଲୋକ ଚେତନାରେ ପରିଣତ କରିଥିଲା। ଉତ୍କଳ ର ଶ୍ରୀ ଜୟଦେବ, ଶ୍ରୀଧର ସ୍ୱାମୀ, ସାରଳାଦାସ, ଅତିବଡ଼ି ଜଗନ୍ନାଥଦାସ, ଅଚ୍ୟୁତ, ଯଶୋବନ୍ତ, ଅନନ୍ତ, ବଳାରାମଦାସ, ତଥା ଭକ୍ତ ସାଲବେଗ ପ୍ରଭୃତି ନିଜର ସାଧନା ଓ ସିଦ୍ଧି କୁ ବିନିଯୋଗ କରି କୋଟି ଓଡ଼ିଆ ଙ୍କ ମନପ୍ରାଣ ରେ ଶ୍ରୀ ଜଗନ୍ନାଥ ଙ୍କ ପ୍ରେମଭକ୍ତି ର ଧାର କୁ ସଂଚାର କରି ତାହା କୁ ଦୃଢ଼ୀଭୂତ କରିଥିଲେ। ସେଥିପାଇଁ ଶ୍ରୀ ସନାତନ ଗୋସ୍ୱାମୀ ଗାଇଲେ।

"ଶ୍ରୀ ଜଗନ୍ନାଥ ନୀଳାଦ୍ରି ଶିରାମଣି ମୁକୁଟ ରତ୍ନ ହେ,
ଦାରୁବ୍ରହ୍ମ ଘନଶ୍ୟାମ ପ୍ରସିଦ୍ଧ ପୁରୁଷାତ୍ତମ"

ଏଭଳି ଭାବରେ ଉତ୍କଳରୁ ପ୍ରସାରିତ ହୋଇଛି ଶ୍ରୀ ଜଗନ୍ନାଥ ଚେତନାର ଧାରା ସମଗ୍ର ପୃଥିବୀକୁ । ପ୍ରେମ ଭକ୍ତିର ଏହିଧାରାଟି ଥିଲା, ଅଛି ଓ ରହିବ ଅନନ୍ତ କାଳ ପର୍ଯ୍ୟନ୍ତ ସେଥିପାଇଁ ତ ଏ ପାବନ ପ୍ରୟାସ। ଆସନ୍ତୁ ଗାଇବା ଆଦିକବି ସାରଳାଦାସ ଙ୍କ ପ୍ରେମଭକ୍ତି ର ପଦଟିଏ 'ମୁଁ ତୁମ ପଦ କିଙ୍କର ହେ ନୀଳାଦ୍ରିନାଥ, ତୁମ୍ଭ ବିନୁ ଆଶ୍ରା କେହି ନାହିଁ ହେ ମୁଁ ଅରକ୍ଷିତ।

ଜୟ ଜଗନ୍ନାଥ

***

# ହିନ୍ଦୁ ଧର୍ମରେ ୩୩ କୋଟି

ହିନ୍ଦୁ ଧର୍ମରେ ୩୩ କୋଟି (ସଂଖ୍ୟା) ନୁହେଁ, ୩୩ କୋଟି (ପ୍ରକାର) ଦେବୀ ଦେବତା ଅଛନ୍ତି।

ଦେବଭାଷା ସଂସ୍କୃତରେ 'କୋଟି'ର ଦୁଇଟି ଅର୍ଥ ଅଛି, ଗୋଟିଏ ହେଉଛି 'ପ୍ରକାର' ଏବଂ ଅନ୍ୟ ଏକ ଅର୍ଥ 'କୋଟି' (କ୍ରୋଡ଼/କୋଟି ସଂଖ୍ୟା) ମଧ୍ଯ ହୋଇଥାଏ।

ମୋଟ ୩୩ ପ୍ରକାରର ଦେବୀ ଦେବତା ଅଛନ୍ତି ହିନ୍ଦୁ ଧର୍ମରେ:

୧୨ ପ୍ରକାର ହେଲେ:

ଆଦିତ୍ୟ, ଧାତା, ମିତ୍ର, ଅର୍ଯମା, ଶକ୍ର, ବରୁଣ, ଅଂଶ, ଭଗ, ବିବସ୍ୱାନ, ପୂଷା, ସବିତା, ତ୍ୱଷ୍ଟା ଏବଂ ବିଷ୍ଣୁ... !

୮ ପ୍ରକାର ହେଲେ:

ବସୁ: ଧର, ଧ୍ରୁବ ସୋମ, ଅହ, ଅନିଳ, ଅନଳ, ପ୍ରତ୍ୟୁଷ ଏବଂ ପ୍ରଭାସ।

୧୧ ପ୍ରକାର ହେଲେ:

ରୁଦ୍ର: ହର, ବହୁରୂପ, ତ୍ର୍ୟମ୍ବକ, ଅପରାଜିତ, ବୃଷାକପି, ଶମ୍ଭୁ, କପର୍ଦ୍ଦୀ, ରୈବତ, ମୃଗବ୍ୟାଧ, ଶର୍ବ ଏବଂ କପାଳୀ।

ଏବଂ ୨ ପ୍ରକାର ହେଲେ:

ଅଶ୍ୱିନି କୁମାର।

ମୋଟ :- ୧୨+୮+୧୧+୨ = ୩୩ କୋଟି (ପ୍ରକାର)

ଯଦି କେବେ ଭଗବାନଙ୍କ ଆଗରେ ହାତ ଯୋଡ଼ିଛନ୍ତି ତେବେ ଏହି ସୂଚନାକୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାନ୍ତୁ। ପ୍ରତ୍ୟେକ ହିନ୍ଦୁ ଏହା ଜାଣିବା ଜରୁରୀ। ଭାରତୀୟ ସଂସ୍କୃତିର ମହତ୍ତ୍ୱପୂର୍ଣ୍ଣ ଗଣନା ନିଜର ଭାରତୀୟ ସଂସ୍କୃତିକୁ ଚିହ୍ନନ୍ତୁ। ବିଶେଷ କରି ନିଜ ପିଲାମାନଙ୍କୁ କୁହନ୍ତୁ କାରଣ ଏହି କଥା ସେମାନଙ୍କୁ କେହି କହିବେ ନାହିଁ...

ଦୁଇ ପକ୍ଷ: କୃଷ୍ଣ ପକ୍ଷ, ଶୁକ୍ଳ ପକ୍ଷ

ତିନି ଋଣ: ଦେବ ଋଣ, ପିତୃ ଋଣ, ଋଷି ଋଣ

ଚାରି ଯୁଗ: ସତ୍ୟଯୁଗ, ତ୍ରେତୟାଯୁଗ, ଦ୍ୱାପରଯୁଗ, କଳିଯୁଗ

ଚାରି ଧାମ: ଦ୍ୱାରିକା, ବଦ୍ରିନାଥ, ଜଗନ୍ନାଥ ପୁରୀ, ରାମେଶ୍ୱରମ ଧାମ

ଚାରି ପୀଠ: ଶାରଦା ପୀଠ (ଦ୍ୱାରିକା)ଜ୍ୟୋତିଷ ପୀଠ (ଯୋଶୀମଠ, ବଦ୍ରିଧାମ), ଗୋବର୍ଦ୍ଧନ ପୀଠ (ଜଗନ୍ନାଥ ପୁରୀ), ଶୃଙ୍ଗେରୀ ପୀଠ

ଚାରି ବେଦ: ଋଗ୍ୱେଦ, ଅଥର୍ବବେଦ, ଯଜୁର୍ବେଦ, ସାମବେଦ
ଚାରି ଆଶ୍ରମ: ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ, ସନ୍ନ୍ୟାସ
ଚାରି ଅନ୍ତଃକରଣ: ମନ, ବୁଦ୍ଧି, ଚିତ୍ତ, ଅହଂକାର
ପଞ୍ଚ ଗବ୍ୟ: ଗାଈର ଘିଅ, କ୍ଷୀର, ଦହି, ଗୋମୂତ୍ର, ଗୋବର
ପଞ୍ଚ ଦେବ: ଗଣେଶ, ବିଷ୍ଣୁ, ଶିବ, ଦେବୀ, ସୂର୍ଯ୍ୟ
ପଞ୍ଚ ତତ୍ତ୍ୱ: ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ
ଛଅ ଦର୍ଶନ: ବୈଶେଷିକ, ନ୍ୟାୟ, ସାଂଖ୍ୟ ଯୋଗ, ପୂର୍ବ ମୀମାଂସା, ଉତ୍ତର ମୀମାଂସା
ସପ୍ତଋଷି: ବିଶ୍ୱାମିତ୍ର, ଜମଦଗ୍ନି, ଭରଦ୍ୱାଜ, ଗୌତମ, ଅତ୍ରି, ବଶିଷ୍ଠ ଏବଂ କଶ୍ୟପ
ସପ୍ତ ପୁରୀ: ଅଯୋଧ୍ୟା ପୁରୀ,ମଥୁରା ପୁରୀ,ମାୟାପୁରୀ (ହରିଦ୍ୱାର),କାଶୀ, କାଞ୍ଚୀ (ଶିବ କାଞ୍ଚୀ-ବିଷ୍ଣୁ କାଞ୍ଚୀ), ଅବନ୍ତିକା ଏବଂ ଦ୍ୱାରିକା ପୁରୀ
ଆଠ ଯୋଗ:ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଏବଂ ସମାଧି
ଆଠ ଲକ୍ଷ୍ମୀ: ଆଦ୍ୟା, ବିଦ୍ୟା, ସୌଭାଗ୍ୟ, ଅମୃତ, କାମ, ସତ୍ୟ, ଭୋଗ ଏବଂ ଯୋଗ ଲକ୍ଷ୍ମୀ
ନବ ଦୁର୍ଗା: ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାତ୍ରୀ
ଦଶ ଦିଗ: ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ଐଶାନ୍ୟ, ନୈଋତ, ବାୟବ୍ୟ, ଆଗ୍ନେୟ, ଆକାଶ ଏବଂ ପାତାଳ
ମୁଖ୍ୟ ୧୧ ଅବତାର: ମତ୍ସ୍ୟ, କଚ୍ଛପ (କୂର୍ମ), ବରାହ, ନୃସିଂହ, ବାମନ, ପରଶୁରାମ, ଶ୍ରୀରାମ, କୃଷ୍ଣ, ବଳରାମ, ବୁଦ୍ଧ ଏବଂ କଳ୍କି (ସାଧାରଣତଃ ଦଶାବତାର ମାନ୍ୟତା ଅଧିକ, କିନ୍ତୁ ମୂଳ ଲେଖା ଅନୁଯାୟୀ ଏଠାରେ ୧୧ ଦିଆଯାଇଛି)
ବାର ମାସ: ଚୈତ୍ର, ବୈଶାଖ, ଜ୍ୟେଷ୍ଠ, ଆଷାଢ଼, ଶ୍ରାବଣ, ଭାଦ୍ରବ, ଆଶ୍ୱିନ, କାର୍ତ୍ତିକ, ମାର୍ଗଶିର, ପୌଷ, ମାଘ, ଫାଲ୍‌ଗୁନ
ବାର ରାଶି: ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ, ମୀନ
ବାର ଜ୍ୟାତିର୍ଲିଙ୍ଗ: ସୋମନାଥ, ମଲ୍ଲିକାର୍ଜୁନ, ମହାକାଳ, ଓଁକାରେଶ୍ୱର, ବୈଦ୍ୟନାଥ, ରାମେଶ୍ୱରମ, ବିଶ୍ୱନାଥ, ତ୍ର୍ୟମ୍ବକେଶ୍ୱର, କେଦାରନାଥ, ଘୃଷ୍ଣେଶ୍ୱର, ଭୀମାଶଙ୍କର,
ପନ୍ଦର ତିଥି: ପ୍ରତିପଦା, ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ, ଷଷ୍ଠୀ, ସପ୍ତମୀ,

ଅଷ୍ଟମୀ, ନବମୀ, ଦଶମୀ, ଏକାଦଶୀ, ଦ୍ୱାଦଶୀ, ତ୍ରୟୋଦଶୀ, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା ଓ ଅମାବାସ୍ୟା ।

ସ୍ମୃତିଗୁଡ଼ିକ:ମନୁ, ବିଷ୍ଣୁ, ଅତ୍ରି, ହାରୀତ, ଯାଜ୍ଞବଲ୍କ୍ୟ, ଉଶନା, ଅଙ୍ଗିରା, ଯମ, ଆପସ୍ତମ୍ବ, ସମ୍ବର୍ତ୍ତ, କାତ୍ୟାୟନ, ବୃହସ୍ପତି, ପରାଶର, ବ୍ୟାସ, ଶଙ୍ଖ, ଲିଖିତ, ଦକ୍ଷ, ଶାତାତପ, ବଶିଷ୍ଠ !

ଦୟାକରି ଅଧିକ ରୁ ଅଧିକ share କରନ୍ତୁ ଆମ ହିନ୍ଦୁ ଧର୍ମକୁ ଦୁର୍ନାମ କରିବାର ଯେଉଁ ଅପଚେଷ୍ଟା କରୁଛନ୍ତି ୩୩ କୋଟି ପ୍ରକାରର ଦେବତା କହି ଉପହାସ କରୁଛନ୍ତି ଏହା ସମସ୍ତେ ଜାଣିବା ଦରକାର ।

।।ଜୟ ଜଗନ୍ନାଥ ।।

❋❋❋

# ଚାରିଜଣ ପଣ୍ଡିତ ମୂର୍ଖ ପଣ୍ଡିତ କଥା

ଗୋଟିଏ ସହରରେ ଚାରିଜଣ ବ୍ରାହ୍ମଣ ବାସ କରୁଥିଲେ । ସେମାନେ ପିଲା ଦିନରୁ ଘନିଷ୍ଠ ବନ୍ଧୁ ଥିଲେ । ଦିନେ ସେମାନେ ଠିକ୍ କଲେ । ପଡୋଶୀ ରାଜ୍ୟକୁ ଯାଇ ସେଠାରେ ଅଧିକ ବିଦ୍ୟା ଶିକ୍ଷା କରିବେ ଏବଂ ଏହି ବିଦ୍ୟାକୁ ଉପଯୋଗ କରି କିଛି ଧନ ଉପାର୍ଜନ କରିବେ ।ଏହା ଚିନ୍ତା କରି ସେମାନେ ''ପଡୋଶୀ ରାଜ୍ୟକୁ'' ଯିବାପାଇଁ ବାହାରି ପଡିଲେ । ସେଠାରେ ସେ ଏକ ବିଦ୍ୟାଳୟରେ ବିଦ୍ୟା ଆରମ୍ଭ କଲେ । ସେଠାରେ ସେମାନେ କାଳ କଠିନ ପରିଶ୍ରମ କଲେ ।

ଦିନେ ସେମାନେ କଥା ହେଲେ, ଆମ୍ଭେମାନେ ତ ବିଜ୍ଞାନର ସମସ୍ତ ବିଦ୍ୟାକୁ ଅଧ୍ୟୟନ କରିସାରିଲୁଣି । ତେଣୁ ଗୁରୁଙ୍କ ନିକଟକୁ ଯାଇ ଗୃହକୁ ପ୍ରତ୍ୟାବର୍ତ୍ତନ ନିମନ୍ତେ ଅନୁମତି ମାଗିବା । ଏହା କହି ସେମାନେ ଗୁରୁଙ୍କ ନିକଟରେ ପହଁଚିଗଲେ । ଗୁରୁ ମଧ୍ୟ ଶ୍ରଦ୍ଧାରେ ସେମାନଙ୍କର ଶୁଭ ମନାସି ସେମାନଙ୍କୁ ବିଦାୟ ଦେଲେ । ଗୃହକୁ ଯିବା ବାଟରେ ସେମାନେ ଏକ ଛକ ସ୍ଥାନରେ ଅଟକି ଗଲେ । ଛକର ଦୁଇଟି ଦିଗକୁ ଦୁଇଟି ରାସ୍ତା ଯାଇଛି । ସେମାନେ ପ୍ରଥମେ କେଉଁ ରାସ୍ତାରେ ଯିବେ ତାହା ଠିକ୍ ନକରିପାରି ସେହି ଛକ ଉପରେ ବସିପଡିଲେ । କିଛି ସମୟପରେ ସେମାନେ ଦେଖିଲେ ସହରର କେତେକ ବ୍ୟକ୍ତି ଜନୈକ ବଣିକଙ୍କର ଶବକୁ ସତ୍କାର କରିବା ପାଇଁ ମଶାଣିକୁ ନେଉଛନ୍ତି । ସଂଗେସଂଗେ ଜଣେ ବ୍ରାହ୍ମଣ ପଣ୍ଡିତ ଶାସ୍ତ୍ର ଫିଟାଇ ଦେଖି କହିଲେ,

ବନ୍ଧୁଗଣ ! ଶାସ୍ତ୍ରରେ ଲିଖିତ ଅଛି, ''ଯେଉଁ ପଥରେ ମହାଜନମାନେ ଯାଆନ୍ତି ସେହି ପଥରେ ଯାତ୍ରା କଲେ ମନରୁ ରାଗ, ଭ୍ରାନ୍ତି ଦୂର ହୋଇଯିବ।''ତେଣୁ ଆମ୍ଭମାନଙ୍କ ପାଇଁ ଏହି ପଥ ହେଉଛି ପ୍ରକୃଷ୍ଟ ପଥ । ତେଣୁ ଚାଲ, ଆମେ ସେମାନଙ୍କୁ ଅନୁସରଣ କରି ଏହି ବାଟେ ଯିବା । ବନ୍ଧୁ ଜଣକର କଥା ଅନୁସାରେ ସେମାନେ ସେହି ବାଟରେ ଚାଲିଲେ । ଶେଷରେ ସେମାନେ ଯାଇ ଏକ ମଶାଣିରେ ପହଁଚିଲେ ।

ଏହାପରେ ଦ୍ୱିତୀୟ ପଣ୍ଡିତ ଜଣକ ଶାସ୍ତ୍ର ଫିଟାଇ ଦେଖି କହିଲେ, ''ଉତ୍ସବ ସମୟରେ, ବିପଦକାଳରେ, ଦୁର୍ଭିକ୍ଷ ପଡିଥିବାବେଳେ, ସଂକଟରେ ଥିବା ସମୟରେ, ରାଜ ଦରବାରରେ କିମ୍ବା ଶ୍ମଶାନରେ ଯାହାକୁ ଦେଖିବ ତା' ସହିତ ବନ୍ଧୁତା କରିନେବା ଉଚିତ୍ ।'' ଆମ୍ଭେମାନେ ତ ବର୍ତ୍ତମାନ ଶ୍ମଶାନରେ ପହଁଚିଯାଇଛେ । ଆମ୍ଭମାନଙ୍କ ସମ୍ମୁଖରେ ଏକ ଗଧଟିଏ ଚରୁଛି । ଶାସ୍ତ୍ର ଅନୁଯାୟୀ ଆମ୍ଭର ଗଧ ସହିତ ବନ୍ଧୁତା କରିବା ଆବଶ୍ୟକ । ସଂଗେ ସଂଗେ ଚାରିବନ୍ଧୁ ଗଧ ନିକଟରେ ଯାଇ ପହଁଚିଗଲେ । ଜଣେ ପ୍ରଥମେ ଗଧକୁ ଆଉଁଶି ଦେଲା। ଅନ୍ୟଜଣକ ତା'ର ବେକକୁ କୁଣ୍ଢାଇଧରି ଗେହ୍ଲାକଲା । ଆଉଜଣେ ଗଧର ମୁଣ୍ଡକୁ ଆଉଁଶି ଗଧଭାଇ କିପରି ଅଛ ବୋଲି ପଚାରିଲା ?

ଏମାନଙ୍କ ଏପ୍ରକାର କାର୍ଯ୍ୟକଳାପ ଦେଖି ଗଧଟି ଭୟଭୀତ ହୋଇ ଧାଇଁବାକୁ ଲାଗିଲା। ସଂଗେ ସଂଗେ ତୃତୀୟ ପଣ୍ଡିତ ଜଣକ ପୁରାଣ ପୋଥି ଫିଟାଇ ଦେଖି କହିଲେ, ଗଧଟି ଦ୍ରୁତ ଗତିରେ ଧାଉଁଛି, ମାନେ ଧର୍ମ ଦ୍ରୁତ ଗତିରେ ଗମନ କରୁଛି । ଗଧଟି ଖୁବ୍ ଜୋରରେ ଦୌଡୁଥିବାରୁ ଏହି ଗଧ ହେଉଛି ଧର୍ମ । ଠିକ୍ ଏହି ସମୟରେ ଜୋରରେ ଏକ ଓଟ ମଧ୍ୟ ସେଠାରେ ପହଁଚି ଖୁବ୍ ଜୋରରେ ଗତି କଲା । ତେଣୁ ପଣ୍ଡିତ ଜଣକ ଓଟକୁ ମଧ୍ୟ ଧର୍ମ ନାମରେ ଅଭିହିତ କଲେ । ଚତୁର୍ଥ ପଣ୍ଡିତ ଜଣକ ନିଜ ଶାସ୍ତ୍ର ଦେଖି କହିଲେ, ଗଧ ରୂପୀ ଧର୍ମ ଏବଂ ଓଟ ରୂପୀ ଧର୍ମକୁ ମିଳନ କରାଇବା ଉଚିତ୍ । ଏହାପରେ ସେମାନେ ମିଳିମିଶି ଗଧଟାକୁ ଅଟକାଇଲେ । ଏହାପରେ ଓଟର ବେକରେ ଏକ ରସି ବାନ୍ଧି ଟାଣି ଟାଣି ଗଧ ନିକଟକୁ ଆଣିଲେ । ଶେଷରେ ଗଧ ବେକ ସହିତ ଓଟ ବେକକୁ ବାନ୍ଧିଦେଲେ । କିଛି ସମୟପରେ ଗଧର ମାଲିକ ଧୋବା ଏକ ଶକ୍ତ ଠେଙ୍ଗାଧରି ଆସିଲା । ପାଳିଥିବା ଗଧର ଏପରି ଅବସ୍ଥା ଦେଖି ପଣ୍ଡିତମାନଙ୍କୁ ଠେଙ୍ଗା ଧରି ଘଉଡାଇଲା । ପଣ୍ଡିତମାନେ ପ୍ରାଣ ବିକଳରେ ଧାଇଁଲେ । କିଛିବାଟ ଯିବାପରେ ଏକ ନଦୀ ପାଖରେ ପହଁଚିଲେ । ନଦରୀ ସୁଅରେ ଏକ ପଳାଶ ପତ୍ର ଭାସି ଯାଉଥିବାର ସେମାନେ ଦେଖିବାକୁ ପାଇଲେ ।

ପତ୍ର ଭାସିବାର ଦେଖି ପଣ୍ଡିତ ଜଣକ କହିଲେ, 'ବନ୍ଧୁଗଣ ! ଏହି ପତ୍ର ଆମର ଦୁଃଖ କଷ୍ଟକୁ ଦୂର କରିବ' । ଏହା କହି ସେ ସଂଗେ ସଂଗେ ପତ୍ର ଉପରକୁ ଡେଇଁପଡିଲେ । ନଦୀରେ ସ୍ରୋତ ପ୍ରଖର ଥିଲା । ପଣ୍ଡିତ ଜଣକ ସଂଗେ ସଂଗେ ବୁଡିଯିବାକୁ ବସିବାରୁ ଆଉ ଜଣେ ପଣ୍ଡିତ ତାଙ୍କର ଚୁଟିକୁ ଧରି ଉଠାଇବାକୁ ଚେଷ୍ଟା କଲେ । କିଛି ସମୟପରେ ପଣ୍ଡିତ ଜଣକ ମୁଣ୍ଡରେ କି ବୁଦ୍ଧି ଦେଖାଦେଲା କେଜାଣି ସେ ବୁଡିଯାଉଥିବା ପଣ୍ଡିତଙ୍କର ମୁଣ୍ଡ ଗଣ୍ଡି ହାଣିଦେଇ ଅଲଗା କରିଦେଲେ । ହାତ ମଧ୍ୟରେ ମୁଣ୍ଡଟି ଥିଲା । ମୁଣ୍ଡଟି ଆଣି ନଦୀ ବନ୍ଧ ଉପରେ ରଖିଦେଲେ । ବନ୍ଧୁମାନଙ୍କୁ କହିଲେ, ବନ୍ଧୁଜଣକ ପୂରାପୁରି ବୁଡିଯାଉଥିଲେ, ମୁଁ ତ ତାଙ୍କ ଅଧା ଶରୀରକୁ ରକ୍ଷା କରିପାରିଲି । ଏହାପରେ ପଣ୍ଡିତମାନେ ସେହି ଅଧା ଶରୀରକୁ ନଦୀ ବନ୍ଧରେ ଛାଡି ଆଗକୁ ଚାଲିଲେ ।

କିଛିବାଟ ଚାଲି ଚାଲି ଗଲାପରେ ଏକ ଗ୍ରାମ ପଡିଲା । ସେତେବେଳକୁ ସୂର୍ଯ୍ୟ ଅସ୍ତ ଗଲେଣି । ବାଧ ହୋଇ ତିନିବନ୍ଧୁ ସେଠାରେ ରହିବାକୁ ଠିକ୍ କଲେ । ଗ୍ରାମବାସୀମାନେ ମଧ୍ୟ ସେମାନଙ୍କ ଗ୍ରାମରେ ତିନିଜଣ ପଣ୍ଡିତଙ୍କୁ ଦେଖି ବହୁତ ଖୁସି ହେଲେ ଓ ନିଜ ନିଜ ଘଓରକୁ ରାତିରେ ଖାଇବାପାଇଁ ଆମନ୍ତ୍ରଣ କଲେ । ପ୍ରଥମେ ଜଣେ ପଣ୍ଡିତ ଏକ ମହାଜନଙ୍କ ଘରକୁ ଖାଇବାକୁ ଗଲେ । ସେଠାରେ ପଣ୍ଡିତଙ୍କୁ ସିମେଇ କ୍ଷୀରି ଖାଇବାକୁ ଦିଆଗଲା । ସିମେଇ ଗଡ଼ିକ ତ ସୂତା ପରି ଦେଖାଯାଉଥାଏ । ଏହାକୁ ଦେଖି ପଣ୍ଡିତ ଜଣକ ସଂଗେ ସଂଗେ ଶାସ୍ତ୍ର କଥା ମନେପକାଇଲେ । ପ୍ରକୃତରେ ଏହି ଦୀର୍ଘ ସୂତାର ଅର୍ଥ ଅଳସୁଆ ବ୍ୟକ୍ତି । ଯେଉଁ ବ୍ୟକ୍ତି ଆଳସ୍ୟ ପରାୟଣ ହୁଏ, ଶେଷରେ ସେ ମୃତ୍ୟୁବରଣ କରେ । ଏହା ଭାବି ପଣ୍ଡିତ ଜଣକ ସିମେଇ କ୍ଷୀରି ନଖାଇ ଚାଲିଗଲେ ।

ସେହିପରି ଦ୍ୱିତୀୟ ପଣ୍ଡିତ ଜଣକ ଯାହା ଘରକୁ ଖାଇବାକୁ ଗଲେ, ସେଠାରେ ତାଙ୍କୁ ମଣ୍ଡାପିଠା ଖାଇବାକୁ ଦିଆଗଲା । ମଣ୍ଡାପିଠା ଦେଖିବା ମାତ୍ରକେ ତାଙ୍କର ଶାସ୍ତ୍ରରେ ବର୍ଣ୍ଣିତ କଥା ମନେ ପଡ଼ିଗଲା। ଶାସ୍ତ୍ରରେ ଲେଖାଥିଲା ଯେଉଁ ଖାଦ୍ୟ ବୃହତ୍ ଆକାର ଧାରଣ କରିଥାଏ, ସେହି ଖାଦ୍ୟ ସେବନ କଲେ ଅକାଳରେ ମୃତ୍ୟୁ ବରଣ କରିବାକୁ ପଡିଥାଏ। ଏହା ଭାବି ପଣ୍ଡିତ ଜଣକ ମଣ୍ଡାପିଠା ନଖାଇ ଉପବାସରେ ଫେରିଲେ । ସେହିପରି ତୃତୀୟ ପଣ୍ଡିତଙ୍କ ଉଦ୍ଦେଶ୍ୟରେ ଗୃହସ୍ଥ ଚିତଉପିଠା କରିଥାଆନ୍ତି। ଚିତଉ ପିଠାରେ ଥିବା କଣା ଗୁଡିକୁ ଦେଖି ପଣ୍ଡିତଙ୍କର ଶାସ୍ତ୍ର କଥା ମନେପଡିଗଲା । ଶାସ୍ତ୍ରରେ ବର୍ଣ୍ଣିତ ହାଇଥିଲା ଯେଉଁ ପିଠାରେ ଛିଦ୍ର ଥିବ ତା'କୁ ଭକ୍ଷଣ କଲେ ଅନର୍ଥ ଉପୁଜି

ଥାଏ। ଏହି କଥା ମନେପଡିଯିବା ମାତ୍ରକେ ପଣ୍ଡିତେ ଖାଇବେ କ'ଣ ? ସଂଗେସଂଗେ ସେହି ବ୍ୟକ୍ତିଙ୍କ ଘରୁ ଚାଲିଆସିଲେ ।

ତିନିଜଣଯାକ ପଣ୍ଡିତ ସାରା ରାତି ଉପବାସରେ କଟାଇଦେଲେ । କିନ୍ତୁ ଗ୍ରାମବାସୀମାନେ ପଣ୍ଡିତଙ୍କର ଏତାଦୃଶ ଆଚରଣ ଦେଖି ମନେ ମନେ ହସୁଥାଆନ୍ତି । ବାସ୍ତବିକ ଏହି ପଣ୍ଡିତମାନେ ପୋଥିଗତ ବିଦ୍ୟା ହାସଲ କରିଛନ୍ତି । ପ୍ରକୃତରେ ସେମାନେ ଏକ ଏକ ମୂର୍ଖ ପଣ୍ଡିତ । କାହାଣୀଟି ଶୁଣିସାରି ଚକ୍ରଧର କହିଲେ, ''ବିଚରା ପଣ୍ଡିତମାନଙ୍କର ଦୁର୍ଭାଗ୍ୟ । ସୌଭାଗ୍ୟ ବଶତଃ ଜଣେ ବ୍ୟକ୍ତି ଅରଣ୍ୟରେ ପଡିରହିଲେ ମଧ୍ୟ ବଂଚିଥାଏ କିନ୍ତୁ ହତଭାଗ୍ୟ ବ୍ୟକ୍ତି ଯେତେ ଯତ୍ନରେ ରହିଲେ ମଧ୍ୟ ମୃତ୍ୟୁବରଣ କରେ । ଚକ୍ରଧର ଏ ସଂପର୍କରେ ଏକ କାହାଣୀ କହିବାକୁ ଆରମ୍ଭ କଲେ ।

❋❋❋

# ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଅମୂଲ୍ୟ ରତ୍ନ: ପଞ୍ଚସଖା

ଷୋଡ଼ଶ ଶତାବ୍ଦୀରେ ଓଡ଼ିଶାରେ ଆଧ୍ୟାତ୍ମିକତା, ବୈଷ୍ଣବ ଧର୍ମ ଏବଂ ସାହିତ୍ୟର ପ୍ରଚାର ପ୍ରସାରରେ ଏହି ପାଞ୍ଚ ଜଣ ମହାପୁରୁଷଙ୍କ ଅବଦାନ ଅତୁଳନୀୟ। ଏମାନେ ସାଧାରଣ ଲୋକଙ୍କ ବୁଝିବା ଭଳି ସରଳ ଓଡ଼ିଆ ଭାଷାରେ ଅନେକ ପୁରାଣ ଓ ମହାକାବ୍ୟ ରଚନା କରିଥିଲେ। ଆସନ୍ତୁ ନଜର ପକାଇବା ଆମର ପ୍ରାତଃସ୍ମରଣୀୟ ପଞ୍ଚସଖାଙ୍କ ସଂକ୍ଷିପ୍ତ ବିବରଣୀ ଉପରେ:

୧. ବଳରାମ ଦାସ:-

ଜନ୍ମସ୍ଥାନ: ଏରବଙ୍ଗ, ପୁରୀ

ପ୍ରମୁଖ ରଚନା: 'ଜଗମୋହନ ରାମାୟଣ' (ଦାଣ୍ଡି ରାମାୟଣ), 'ଲକ୍ଷ୍ମୀପୁରାଣ', 'ଭାବ ସମୁଦ୍ର', 'ଗୁପ୍ତ ଗୀତା'।

୨. ଅତିବଡ଼ୀ ଜଗନ୍ନାଥ ଦାସ: ଜନ୍ମସ୍ଥାନ: କପିଳେଶ୍ୱରପୁର, ପୁରୀ

ପ୍ରମୁଖ ରଚନା: ପ୍ରସିଦ୍ଧ 'ଓଡ଼ିଆ ଭାଗବତ', 'ଅର୍ଥକୋଇଲି', 'ତୁଳା ଭିଣା', 'ଦାରୁବ୍ରହ୍ମ ଗୀତା'।

୩.ମହାପୁରୁଷ ଅଚ୍ୟୁତାନନ୍ଦ ଦାସ:

ଜନ୍ମସ୍ଥାନ: ତିଳକଣା, କଟକ

ପ୍ରମୁଖ ରଚନା: 'ଭବିଷ୍ୟ ମାଳିକା', 'ଶୂନ୍ୟ ସଂହିତା', 'କୈବର୍ତ୍ତ ଗୀତା', 'ଗରୁଡ଼ ଗୀତା'।

୪. ଯଶୋବନ୍ତ ଦାସ:

ଜନ୍ମସ୍ଥାନ: ଅଡଙ୍ଗ, ଜଗତସିଂହପୁର

ପ୍ରମୁଖ ରଚନା: 'ଗୋବିନ୍ଦଚନ୍ଦ୍ର ଟୀକା', 'ପ୍ରେମଭକ୍ତି ବ୍ରହ୍ମଗୀତା', 'ଶିବ ସ୍ୱରୋଦୟ'।

୫. ଶିଶୁ ଅନନ୍ତ ଦାସ:

ଜନ୍ମସ୍ଥାନ: ବାଲିପାଟଣା, ଖୋର୍ଦ୍ଧା

ପ୍ରମୁଖ ରଚନା: 'ହେତୁ ଉଦୟ ଭାଗବତ', 'ଅଣାକାର ସଂହିତା', 'ନୀଳଗିରି ଚରିତ', 'ଚୁମ୍ବକ ମାଳିକା'।

ଏହି ମହାପୁରୁଷମାନଙ୍କ ରଚନା ଆଜି ବି ପ୍ରତି ଓଡ଼ିଆ ଘରେ ପୂଜା ପାଉଛି। ଆସନ୍ତୁ ନିଜ ମାତୃଭାଷା, ଇତିହାସ ଓ ସଂସ୍କୃତିକୁ ନେଇ ଗର୍ବ କରିବା! ଏହି ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ନିଜ ସାଙ୍ଗମାନଙ୍କ ସହ Share କରନ୍ତୁ ଏବଂ ଆମର ଗୌରବମୟ ଇତିହାସକୁ ସମସ୍ତଙ୍କ ପାଖରେ ପହଞ୍ଚାନ୍ତୁ! ସମସ୍ତଙ୍କୁ ଜୟ ଜଗନ୍ନାଥ...

❋❋❋

# ପାଣ୍ଡିତ୍ୟ ନୁହେଁ, ପ୍ରେମ ହିଁ ଭଗବାନଙ୍କୁ ବାନ୍ଧିପାରେ ।

ଛପନ ଭାଗର ନୈବେଦ୍ୟ କିମ୍ବା ସ୍ୱର୍ଣ୍ଣଖଚିତ ମୁକୁଟର ବୈଭବ ଅପେକ୍ଷା, ଭକ୍ତର ନିଷ୍କପଟ ଆକୁଳତା ଓ ବିଶୁଦ୍ଧ ପ୍ରେମ ହିଁ ଭଗବାନଙ୍କ ନିକଟରେ ଅଧିକ କାମ୍ୟ। ବ୍ରଜଧାମର ପୂଣ୍ୟଭୂମିରେ ଜଣେ ପ୍ରକାଣ୍ଡ ପଣ୍ଡିତ ତଥା ମହାନ୍ ସନ୍ଥ ଆବିର୍ଭୂତ ହୋଇଥିଲେ, ଯାହାଙ୍କୁ ସମଗ୍ର ଜନମାନସ ବ୍ୟାସଜୀ (ଶ୍ରୀ ହରିରାମ ବ୍ୟାସ) ନାମରେ ଜାଣୁଥିଲେ। ବ୍ୟାସଜୀ ଥିଲେ ଶ୍ରୀରାଧା-କୃଷ୍ଣଙ୍କର ଏକାନ୍ତ ଅନୁରକ୍ତ ଭକ୍ତ। ତାଙ୍କର ଶାସ୍ତ୍ରଜ୍ଞାନ ଏତେ ଅଗାଧ ଥିଲା ଯେ ଦିଗ୍‌ବିଜୟୀ ବିଦ୍ୱାନମାନେ ସୁଦ୍ଧା ତାଙ୍କ ସହ ଶାସ୍ତ୍ରାର୍ଥ କରିବାକୁ ପଶ୍ଚାଦ୍ପଦ ହେଉଥିଲେ। ସେ ଥିଲେ ନୀତି, ନିୟମ, ମର୍ଯ୍ୟାଦା ଏବଂ ନିଷ୍ଠାପର ବିଧି-ବିଧାନର ଏକ ମୂର୍ତ୍ତିମନ୍ତ ପ୍ରତୀକ। ଦିନକର ଘଟଣା। ବ୍ୟାସଜୀ ଠାକୁରଙ୍କ ଶ୍ରୀଅଙ୍ଗ ଶୃଙ୍ଗାର କରୁଥାନ୍ତି। ପ୍ରଭୁଙ୍କୁ ସେ ଦିବ୍ୟ ପୀତାମ୍ବର ପରିଧାନ କରାଇଲେ, ନାନାଦି ମୂଲ୍ୟବାନ ଅଳଙ୍କାରରେ ଭୂଷିତ କଲେ ଏବଂ ଶେଷରେ ପାଳି ପଡ଼ିଲା ମସ୍ତକରେ 'ପାଗ' /ପଗଡ଼ି ବାନ୍ଧିବାର। ବ୍ୟାସଜୀ ଖଣ୍ଡିଏ ବହୁମୂଲ୍ୟ ରେଶମୀ ବସ୍ତ୍ର ନେଇ ଅତ୍ୟନ୍ତ ସନ୍ତର୍ପଣରେ, ଶାସ୍ତ୍ରୋକ୍ତ ବିଧିବିଧାନ ଅନୁସାରେ ଠାକୁରଙ୍କ ଶ୍ରୀମସ୍ତକରେ ପଗଡ଼ି ବାନ୍ଧିବାକୁ ଲାଗିଲେ। ମାତ୍ର ସେଠାରେ ଏକ ଅଦ୍ଭୁତ ଘଟଣା ଘଟିଲା। ବ୍ୟାସଜୀ ଯେପରି ପଗଡ଼ିର ଅନ୍ତିମ ପ୍ରାନ୍ତଟିକୁ ଖୋସିବାକୁ ପ୍ରୟାସ କରନ୍ତି, ପଗଡ଼ିଟି ଆପଣାଛାଏଁ ଶିଥିଳ ହୋଇ ଖସିପଡ଼େ। ସେ ଦ୍ୱିତୀୟ ବାର, ତୃତୀୟ ବାର- ଏହିପରି ଅନେକ ଥର ପ୍ରୟାସ କଲେ, କିନ୍ତୁ ନିଷ୍ଫଳ ହେଲେ। ଦେଖୁ ଦେଖୁ ଘଣ୍ଟା ଘଣ୍ଟା ବିତିଗଲା। ବ୍ୟାସଜୀଙ୍କ ଲଲାଟରୁ ଝାଳ ବାହିବାକୁ ଲାଗିଲା। ତାଙ୍କ ମନରେ ସନ୍ଦେହ ଜାତ ହେଲା ବୋଧହୁଏ ବସ୍ତ୍ରଟିରେ କିଛି ତ୍ରୁଟି ଅଛି ଅବା ତାଙ୍କ ହାତରେ କୌଣସି ଅଶୁଦ୍ଧି ରହିଯାଇଛି। ସେ ନୂତନ ବସ୍ତ୍ର ଆଣିଲେ, ଗଙ୍ଗାଜଳରେ ହସ୍ତ ପ୍ରକ୍ଷାଳନ କଲେ; ତଥାପି ପରିଣାମ ସେଇ ଏକା- ଠାକୁରଙ୍କ ଶ୍ରୀମସ୍ତକରେ ପଗଡ଼ି ଆଦୌ ରହୁନଥିଲା।

ଶେଷରେ ବ୍ୟାସଜୀ ଅତ୍ୟନ୍ତ ବ୍ୟାକୁଳ ହୋଇ କ୍ରନ୍ଦନ କରିବାକୁ ଲାଗିଲେ। ସେ ଠାକୁରଙ୍କ ଶ୍ରୀଚରଣ ତଳେ ମସ୍ତକ ଅବନତ କରି କହିଲେ, 'ହେ ଗୋବିନ୍ଦ ! ମୋ ଦ୍ୱାରା ଏପରି କି ଅପରାଧ ଘଟିଲା ପ୍ରଭୁ ମୋର ସେବାରେ କ'ଣ ଆଉ ପୂର୍ବପରି ଭକ୍ତି ନାହିଁ ? ନା ତୁମେ ମୋ ଉପରେ କ୍ରୁଦ୍ଧ ହୋଇଛ ?'ଠିକ୍ ସେତିକିବେଳେ ବ୍ୟାସଜୀଙ୍କର ଏକ ଆଲୌକିକ ଆନ୍ତରିକ ଅନୁଭବ ହେଲା । ଠାକୁର କହିଲେ- 'ହେ ବ୍ୟାସ !

ତୁମର ଏହି ପଗଡ଼ି ବାନ୍ଧିବା ଶୈଳୀରେ 'ଶାସ୍ତ୍ର'ର କଠୋରତା ନିଶ୍ଚୟ ଅଛି, ମାତ୍ର ସେଥିରେ ପ୍ରେମର ସେହି 'ଉଚ୍ଛୃଙ୍ଖଳ ଆବେଗ' ବା ଅଲ୍ଲଡ଼ପଣ ନାହିଁ। ତୁମେ ମୋତେ 'ଈଶ୍ୱର' ଜ୍ଞାନ କରି ଭୟ ଓ ସମ୍ଭ୍ରମର ସହିତ ପଗଡ଼ି ବାନ୍ଧୁଛ। କିନ୍ତୁ ମୋର ତ ସେହି ଭକ୍ତର ପ୍ରୟୋଜନ, ଯିଏ ମୋତେ ନିଜର 'ସଖା' ବା 'ସନ୍ତାନ' ମଣି ସ୍ନେହରେ ଗେଲ କରିବ। ବାହାରେ ମନ୍ଦିର ପାହାଚ ଉପରେ ମୋର ଜଣେ ଗୋପାଳ ଭକ୍ତ ବସିଛି, ଆଜି ମୁଁ କେବଳ ତାହାରି ହସ୍ତରୁ ହିଁ ଶିରାପା ପରିଧାନ କରିବି।' ଏହା ଶୁଣି ବ୍ୟାସଜୀ ଉଦ୍ଭ୍ରାନ୍ତଙ୍କ ପରି ମନ୍ଦିର ବାହାରକୁ ଧାଇଁଲେ। ସେଠାରେ ସେ ଦେଖିବାକୁ ପାଇଲେ ଯେ, ଜିର୍ଣ୍ଣ-ଶୀର୍ଣ୍ଣ ଲୁଗା ପିନ୍ଧିଥିବା ଜଣେ ଅତି ସାଧାରଣ ଗୋପାଳ ବାଳକ ଗୋଟିଏ କୋଣରେ ବସି କୋହଭରା କଣ୍ଠରେ କାନ୍ଦୁଛି। ସମାଜ ଦୃଷ୍ଟିରେ ସେ କଥିତ ନୀଚ ଜାତିର ହୋଇଥିବାରୁ, ମନ୍ଦିର ଗର୍ଭଗୃହରେ ପ୍ରବେଶ କରିବା ନିମନ୍ତେ ତା'ର ସାହସ ନଥିଲା। ବ୍ୟାସଜୀ ଯାଇ ସେହି ବାଳକର ପାଦ ଦୁଇଟିକୁ ଜାବୁଡ଼ି ଧରିଲେ। ଗୋପାଳ ବାଳକଟି ଭୟରେ ତ୍ରସ୍ତ ହୋଇ ଉଠିଲା ଏବଂ କହିଲା- 'ପ୍ରଭୋ! ଆପଣ ତ ଏତେ ବଡ଼ ମହାମହୋପାଧ୍ୟାୟ ପଣ୍ଡିତ, ଆପଣ କାହିଁକି ମୋ ପାଦ ଛୁଉଁଛନ୍ତି?' ବ୍ୟାସଜୀ ଅଶ୍ରୁଳ ନେତ୍ରରେ କହିଲେ- 'ଭାଇରେ, ଆଜି ମୋର ସମସ୍ତ ପାଣ୍ଡିତ୍ୟ ମୂଲ୍ୟହୀନ ହୋଇଯାଇଛି। ଠାକୁର କେବଳ ତୁମରି ବାଟ ଚାହିଁ ବସିଛନ୍ତି। ଚାଲ, ଆଜି ତୁମେ ହିଁ ତାଙ୍କ ଶ୍ରୀମସ୍ତକରେ ପାଗ ବାନ୍ଧିବ।' କମ୍ପିତ ଚରଣରେ ସେହି ଗୋପାଳ ମନ୍ଦିରର ଗର୍ଭଗୃହରେ ପ୍ରବେଶ କଲା। ତାକୁ ନା କୌଣସି ମନ୍ତ୍ର ଜଣାଥିଲା, ନା ଥିଲା କୌଣସି ବିଧି-ବିଧାନର ଜ୍ଞାନ। ସେ କେବଳ ନିଜ କାନ୍ଧରେ ପଡ଼ିଥିବା ଗାମୁଛାଟିକୁ ଉଠାଇଲା ଏବଂ ଯେପରି ଜଣେ ସଖା ନିଜର ଅନ୍ୟ ଏକ ଅନ୍ତରଙ୍ଗ ସଖା ମୁଣ୍ଡରେ କୌଣସି ନିୟମ ନ ମାନି କେବଳ ଆତ୍ମୀୟତାର ସହ ପଗଡ଼ି ବାନ୍ଧିଦିଏ, ଠିକ୍ ସେହିପରି ଅବହେଳା ଓ ସ୍ନେହର ସହିତ ଠାକୁରଙ୍କ ଶ୍ରୀମସ୍ତକରେ ତାହା ଗୁଡ଼ାଇଦେଲା। ମାତ୍ର ବିସ୍ମୟର କଥା ଏହା ଥିଲା ଯେ, ସେହି ପଗଡ଼ିଟି କେବଳ ଯେ ଠାକୁରଙ୍କ ମସ୍ତକରେ ରହିଗଲା ତାହା ନୁହେଁ, ବରଂ ଏତେ ଅପରୂପ ଦିଶିଲା ଯେ ବ୍ୟାସଜୀ ମନ୍ତ୍ରମୁଗ୍ଧ ହୋଇ ଚାହିଁ ରହିଲେ। ଠାକୁରଙ୍କ ମୁଖମଣ୍ଡଳରେ ସେତେବେଳେ ଏକ ଏପରି ଦିବ୍ୟ ହାସ୍ୟର ଛଟା ବିଚ୍ଛୁରିତ ହେଉଥିଲା, ଯାହା ବ୍ୟାସଜୀ ନିଜ ଜୀବନରେ ପୂର୍ବରୁ କେବେହେଲେ ଦର୍ଶନ କରିନଥିଲେ। ବ୍ୟାସଜୀଙ୍କର ହୃଦ୍‌ବୋଧ ହେଲା ଯେ ଭଗବାନଙ୍କୁ କେବଳ ଶୁଷ୍କ 'ପାଣ୍ଡିତ୍ୟ' ବଳରେ ନୁହେଁ, ବରଂ ନିଷ୍କପଟ 'ପ୍ରୀତି' ଡୋରିରେ ହିଁ ବାନ୍ଧି ରଖାଯାଇପାରେ। ସେହି ଦିନଠାରୁ ସେ ନିଜର ତାଳପତ୍ର ପୋଥିଗୁଡ଼ିକୁ ଏକପାର୍ଶ୍ୱରେ ରଖିଦେଲେ ଏବଂ ଠାକୁରଙ୍କ ଶ୍ରୀଚରଣରେ କେବଳ ବିଶୁଦ୍ଧ 'ପ୍ରେମ'ର ହିଁ ଶରଣାପନ୍ନ ହେଲେ।

❋❋❋

# ମହାକାଳର ପୃଷ୍ଠାରେ ଏକ ଭକ୍ତି ମନ୍ଦାକିନୀ:ଗୋସ୍ୱାମୀ ତୁଳସୀ ଦାସଙ୍କ ଅମର ଜୀବନଗାଥା

ସମୟର ନିରବଧି ପ୍ରବାହରେ ଅନେକ ମଣିଷ ଜନ୍ମ ନିଅନ୍ତି ଆଉ ହଜିଯାଆନ୍ତି। ମାତ୍ର କିଛି ବିରଳ ଆତ୍ମା ନିଜର ଭକ୍ତି, ସାଧନା ଏବଂ ସାହିତ୍ୟିକ କୃତି ବଳରେ ମୃତ୍ୟୁକୁ ଜୟ କରି ଅମରତ୍ୱ ଲାଭ କରନ୍ତି। ଭାରତୀୟ ସାହିତ୍ୟ ଏବଂ ଆଧ୍ୟାତ୍ମିକ ଆକାଶର ସେହିପରି ଏକ ଉଜ୍ଜ୍ୱଳତମ ନକ୍ଷତ୍ର ହେଉଛନ୍ତି ଗୋସ୍ୱାମୀ ତୁଳସୀଦାସ। ତାଙ୍କ ଜୀବନର ପ୍ରତ୍ୟେକଟି ଘଟଣା, ଯନ୍ତ୍ରଣାରୁ ବୈରାଗ୍ୟ ଆଡ଼କୁ ଏକ ରୋମାଞ୍ଚକର ଯାତ୍ରା। ଷୋଡଶ ଶତାବ୍ଦୀର ପ୍ରାରମ୍ଭିକ କାଳ। ଉତ୍ତରପ୍ରଦେଶର ବାନ୍ଦା ଜିଲ୍ଲା ଅନ୍ତର୍ଗତ ରାଜାପୁର ଗ୍ରାମରେ ପିତା ଆତ୍ମାରାମ ଦୁବେ ଓ ମାତା ହୁଲସୀଙ୍କ କୋଳ ଆଲୋକ କରି ଏକ ପୁତ୍ର ସନ୍ତାନ ଜନ୍ମଗ୍ରହଣ କଲା। କିମ୍ବଦନ୍ତି କହେ, ଜନ୍ମ ହେବା ମାତ୍ରେ ସେହି ଶିଶୁର କଣ୍ଠରୁ କ୍ରନ୍ଦନର ସ୍ୱର ନୁହେଁ, ବରଂ ତାରକ ମନ୍ତ୍ର 'ରାମ' ଉଚ୍ଚାରିତ ହୋଇଥିଲା; ତେଣୁ ସମାଜ ତାହାର ନାମ ରଖିଲା 'ରାମବୋଲା'। ମାତ୍ର ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ସେ ଅଭୁକ୍ତମୂଳ ନକ୍ଷତ୍ର ନାମକ ଏକ କରାଳ ମୁହୂର୍ତ୍ତରେ ଜନ୍ମ ହୋଇଥିଲେ। ଜନ୍ମର କିଛି ଦିନ ପରେ ମାତା ହୁଲସୀ ଆରପାରିକୁ ଚାଲିଗଲେ। ଅମଙ୍ଗଳ ଆଶଙ୍କାରେ ଭୀତତ୍ରସ୍ତ ପିତା ନିଜର ସଦ୍ୟଜାତ ସନ୍ତାନକୁ ନିର୍ମମ ଭାବେ ପରିତ୍ୟାଗ କଲେ। 'ଚୁନିଆ' ନାମକ ଜଣେ ଦାସୀର ସ୍ନେହରେ ବାଳକଟି ବଢ଼ିବାକୁ ଲାଗିଲା ସତ, ମାତ୍ର ବିଧିର ବିଡ଼ମ୍ବନା, ପାଞ୍ଚ ବର୍ଷ ବୟସରେ ସେହି ଆଶ୍ରୟଦାତ୍ରୀ ମଧ୍ୟ ମୃତ୍ୟୁବରଣ କଲା। ଅନାଥ ରାମବୋଲା ପୃଥିବୀର ନିଷ୍ଠୁର ଦାରିଦ୍ର୍ୟ ଓ ଲାଞ୍ଛନାର ସମ୍ମୁଖୀନ ହୋଇ ଦାଣ୍ଡ ଭିକାରୀ ସାଜିଲେ। ଅନ୍ଧକାର ଯେତେ ଘନୀଭୂତ ହୁଏ, ଆଲୋକର ଆବଶ୍ୟକତା ସେତେ ବଢ଼େ। ରାମବୋଲାଙ୍କ ଦୁର୍ଦ୍ଦଶାଗ୍ରସ୍ତ ଜୀବନରେ ଆଲୋକର ଦୂତ ସାଜି ଆସିଲେ ସନ୍ଥ ନରହରିଦାସ। ସେ ଏହି ଅନାଥ ବାଳକକୁ ଆଶ୍ରୟ ଦେଇ ତାଙ୍କର ନାମକରଣ କଲେ 'ତୁଳସୀଦାସ'। ନରହରିଦାସଙ୍କ ଠାରୁ ପ୍ରଥମେ ରାମକଥାର ସୁଧା ପାନ କରିବା ପରେ, ତୁଳସୀଦାସ ବିଦ୍ୟାର୍ଜନ ପାଇଁ ପବିତ୍ର ନଗରୀ କାଶୀକୁ ଯାତ୍ରା କଲେ। ସେଠାରେ ବିଦ୍ୱାନ ଶେଷ ସନାତନଙ୍କ ଛତ୍ରଛାୟାରେ ଦୀର୍ଘ ପନ୍ଦର ବର୍ଷ ଧରି ବେଦ, ବେଦାନ୍ତ, ଦର୍ଶନ ଓ ପୁରାଣର ଗଭୀର ଅଧ୍ୟୟନ କରି ସେ ଜଣେ ପ୍ରକାଣ୍ଡ ପଣ୍ଡିତରେ ପରିଣତ ହେଲେ। ଶିକ୍ଷା ସମାପ୍ତ ପରେ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରି ତୁଳସୀଦାସ ଦୀନବନ୍ଧୁ ପାଠକଙ୍କ କନ୍ୟା ରତ୍ନାବଳୀଙ୍କୁ ବିବାହ କଲେ। ଏହି ବିବାହ ତାଙ୍କ ଜୀବନରେ ଏକ

ପ୍ରବଳ ଭାବନାତ୍ମକ ଝଡ଼ ସୃଷ୍ଟି କଲା। ରତ୍ନାବଳୀଙ୍କ ଅପୂର୍ବ ରୂପ ଓ ଲାବଣ୍ୟ ତୁଳସୀଦାସଙ୍କୁ ଏପରି ଆଚ୍ଛନ୍ନ କରି ରଖିଲା ଯେ, ସେ ପତ୍ନୀଙ୍କ ବିରହ ମୁହୂର୍ତ୍ତକ ପାଇଁ ମଧ୍ୟ ସହିପାରୁନଥିଲେ। ଥରେ ରତ୍ନାବଳୀ ସ୍ୱାମୀଙ୍କୁ ନ ଜଣାଇ ନିଜ ପିତ୍ରାଳୟକୁ ଚାଲିଗଲେ। ପତ୍ନୀ-ବିରହରେ ପାଗଳପ୍ରାୟ ତୁଳସୀଦାସ ଭୟଙ୍କର ବର୍ଷଣମୁଖର କାଳରାତ୍ରିରେ ଶ୍ୱାଶୁରାଳୟ ଅଭିମୁଖେ ବାହାରି ପଡ଼ିଲେ। ପ୍ରବଳ ବନ୍ୟାରେ ଉଦ୍ଦାମ ନଦୀକୁ ପାର ହେବା ପାଇଁ ସେ ଏକ ଭାସମାନ ମୃତ ଶବକୁ କାଠଗଡ଼ ଭ୍ରମରେ ଏବଂ ସ୍ତ୍ରୀଙ୍କ ବାତାୟନକୁ ଉଠିବା ପାଇଁ ଏକ ବିଷଧର ସର୍ପକୁ ରଜ୍ଜୁ ଜ୍ଞାନ କରି ଆରୋହଣ କରିଥିଲେ। ନିଜ କକ୍ଷରେ ସ୍ୱାମୀଙ୍କର ଏଭଳି ଅନ୍ଧକାରମୟ ଉପସ୍ଥିତି ଦେଖି ରତ୍ନାବଳୀ ସ୍ତମ୍ଭୀଭୂତ ହୋଇଗଲେ। ସେହି ମୁହୂର୍ତ୍ତରେ ତାଙ୍କ କଣ୍ଠରୁ ଝରି ଆସିଲା ସେହି କାଳଜୟୀ ତିରସ୍କାର, ଯାହା ସମଗ୍ର ଭାରତୀୟ ସାହିତ୍ୟର ଗତିପଥ ବଦଳାଇ ଦେଇଥିଲା:

'ଅସ୍ଥି ଚର୍ମ ମୟ ଦେହ ୟହ, ତା ସାଂ ଐସୀ ପ୍ରୀତି।
ନେକୁ ଜା ହାତୀ ରାମ ସେ, ତା କାହେ ଭବ-ଭୀତ ?'

ଅର୍ଥାତ୍ — ଏହି ନଶ୍ୱର, ଅସ୍ଥି ଓ ମାଂସର ଶରୀର ପ୍ରତି ତୁମର ଯେଉଁ ଉଦ୍ଦାମ ଆସକ୍ତି ଅଛି, ତାହାର ତିଳେମାତ୍ର ମଧ୍ୟ ଯଦି ପ୍ରଭୁ ଶ୍ରୀରାମଙ୍କ ପ୍ରତି ଥାଆନ୍ତା, ତେବେ ଏହି ଭବସାଗରରୁ ତୁମେ ମୁକ୍ତି ପାଇଯାଆନ୍ତ ! ଏହି ବାକ୍ୟ ଗୋଟିଏ ବିଦ୍ୟୁତ ଆଘାତ ପରି ତୁଳସୀଙ୍କ ହୃଦୟକୁ ଭେଦିଗଲା। ସେହି ଗୋଟିଏ କ୍ଷଣରେ ଛିନ୍ନ ହୋଇଗଲା ମାୟାର ସବୁ ଶୃଙ୍ଖଳ। ପଛକୁ ନ ଚାହିଁ ତୁଳସୀଦାସ ସେହି ବର୍ଷାଭିଜା ରାତିରେ ସନ୍ନ୍ୟାସୀ ବେଶରେ ଗୃହତ୍ୟାଗ କଲେ। ଏହାପରେ ଆରମ୍ଭ ହେଲା ତାଙ୍କର ଅସଲ ଆଧ୍ୟାତ୍ମିକ ଯାତ୍ରା । ଅଯୋଧ୍ୟା, କାଶୀ, ପ୍ରୟାଗ ଏବଂ ଚିତ୍ରକୂଟର କନ୍ଦରରେ କନ୍ଦରରେ ସେ କେବଳ 'ରାମ' ନାମ ଖୋଜି ବୁଲିଲେ। ନିରବଚ୍ଛିନ୍ନ ସାଧନା ଫଳରେ କାଶୀରେ ତାଙ୍କୁ ସଙ୍କଟମୋଚନ ହନୁମାନଙ୍କର ଆଲୌକିକ ଦର୍ଶନ ମିଳିଲା। ହନୁମାନଙ୍କ ନିର୍ଦ୍ଦେଶକ୍ରମେ ସେ ଚିତ୍ରକୂଟ ଗମନ କଲେ। କୁହାଯାଏ, ଚିତ୍ରକୂଟର ରାମଘାଟରେ ସେ ଚନ୍ଦନ ଘାରୁଥିବା ସମୟରେ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ଦୁଇ ମନୋହର ବାଳକ ବେଶରେ ଆସି ତାଙ୍କ ହାତରୁ ଚନ୍ଦନ ଗ୍ରହଣ କରିଥିଲେ। ତାଙ୍କ ଜୀବନର ଚରମ ସାର୍ଥକତା ସେହି ମୁହୂର୍ତ୍ତରେ ପ୍ରାପ୍ତ ହୋଇଥିଲା। ପ୍ରଭୁଙ୍କ ଆଜ୍ଞା ପାଇ ତୁଳସୀଦାସ ସମାଜର କଲ୍ୟାଣ ପାଇଁ ରାମକଥା ଲେଖିବାକୁ ସଂକଳ୍ପ ନେଲେ। ସେ ସମୟରେ ଧର୍ମଗ୍ରନ୍ଥ କେବଳ ସଂସ୍କୃତ ଭାଷାରେ ଲେଖାଯାଉଥିଲା, ଯାହା ସାଧାରଣ ଲୋକଙ୍କ ବୁଝିବା ବାହାରେ ଥିଲା। ତେଣୁ ସମ୍ବତ ୧୬୩୧, ରାମ ନବମୀ ଦିନ ଅଯୋଧ୍ୟାରେ

ସେ ସାଧାରଣ ଲୋକଙ୍କ ନିଜସ୍ୱ ଭାଷା 'ଅବଧୀ'ରେ 'ଶ୍ରୀରାମଚରିତମାନସ' ରଚନା ଆରମ୍ଭ କଲେ। କାଶୀର ପଣ୍ଡିତମାନେ ଏହାକୁ ତୀବ୍ର ବିରୋଧ କଲେ ସତ, ମାତ୍ର ଭକ୍ତି ଆଗରେ ପାଣ୍ଡିତ୍ୟର ଅହଂକାର ହାର ମାନିଲା। ଏହି ଗ୍ରନ୍ଥଟି ପ୍ରତ୍ୟେକ ଭାରତୀୟଙ୍କ ହୃଦୟର ସ୍ପନ୍ଦନ ପାଲଟିଗଲା। ଏହା ବ୍ୟତୀତ ସେ 'ହନୁମାନ ଚାଳିଶା, ବିନୟପତ୍ରିକା, କବିତାବଳୀ, ଗୀତାବଳୀ ଏବଂ ଦାହାବଳୀ 'ଭଳି ଅନେକ ଅମୂଲ୍ୟ ଗ୍ରନ୍ଥ ରଚନା କରିଥିଲେ। ଗୋସ୍ୱାମୀ ତୁଳସୀଦାସ ନିଜର ଶେଷ ସମୟ କାଶୀ ନଗରୀରେ ବ୍ୟତୀତ କରିଥିଲେ। ବିକ୍ରମ ସମ୍ବତ ୧୬୮୦ (ଖ୍ରୀଷ୍ଟାବ୍ଦ ୧୬୨୩), ଶ୍ରାବଣ ମାସର ଶୁକ୍ଳ ସପ୍ତମୀ ତିଥିରେ ବାରାଣସୀର ପ୍ରସିଦ୍ଧ ଆସୀ ଘାଟରେ ଗଙ୍ଗା ମାତାଙ୍କ କୋଳରେ ସେ ନିଜର ପାଞ୍ଚଭୌତିକ ଶରୀର ତ୍ୟାଗ କଲେ। ତାଙ୍କର ମହାପ୍ରୟାଣରେ ସମଗ୍ର ଭାରତବର୍ଷ ଏକ ଅଦ୍ୱିତୀୟ ଭକ୍ତରତ୍ନକୁ ହରାଇଲା। ଜଣେ ନିଃସ୍ୱ, ପରିତ୍ୟକ୍ତ ବାଳକରୁ ସମଗ୍ର ଜାତିର ପଥପ୍ରଦର୍ଶକ ସାଜିବାର ଏହି ଯାତ୍ରା କେବଳ ଏକ ଐତିହାସିକ ଘଟଣା ନୁହେଁ, ବରଂ ମାନବ ଆତ୍ମାର ଚରମ ଉତ୍କର୍ଷର ଏକ ଜୀବନ୍ତ ପ୍ରମାଣ। ଶ୍ରୀରାମଚରିତମାନସର ପ୍ରତିଟି ଚୌପାଇରେ ତୁଳସୀଦାସ ଆଜି ବି ଅମର ହୋଇ ବଞ୍ଚିଛନ୍ତି।

❋❋❋

# ଶଙ୍କରାଚାର୍ଯ୍ୟଙ୍କ ଗୂଢ଼ଜ୍ଞାନ

ଆଦି ଶଙ୍କରାଚାର୍ଯ୍ୟ ସମଗ୍ର ଭାରତବର୍ଷରେ 'ଜ୍ଞାନମାର୍ଗ' ର ପ୍ରଚାର କରିବାକୁ ଲକ୍ଷ୍ୟ ରଖିଥିଲେ। ସେହି ସମୟରେ ବିହାରର ମଣ୍ଡନ ମିଶ୍ର ଥିଲେ 'କର୍ମକାଣ୍ଡ' (ଯଜ୍ଞ, ଦାନ ଏବଂ ବୈଦିକ ପୂଜାପାଠ) ର ସର୍ବଶ୍ରେଷ୍ଠ ବିଦ୍ୱାନ ଲୋକେ ତାଙ୍କୁ ବହୁତ ମାନୁଥିଲେ। ଶଙ୍କରାଚାର୍ଯ୍ୟ ବୁଝିଥିଲେ ଯେ, ଯଦି ସେ ଶାସ୍ତ୍ରାର୍ଥରେ ମଣ୍ଡନ ମିଶ୍ରଙ୍କୁ ହରାଇ ନିଜ ମତ ସହ ସହମତ କରାଇପାରିବେ, ତେବେ ସାରା ଦେଶ ତାଙ୍କର ଜ୍ଞାନମାର୍ଗକୁ ବିନା ଦ୍ୱିଧାରେ ଗ୍ରହଣ କରିନେବ। ସେଥିପାଇଁ ସେ ସିଧାସଳଖ ମଣ୍ଡନ ମିଶ୍ରଙ୍କୁ ଆହ୍ୱାନ କରିବାକୁ ନିଷ୍ପତ୍ତି ନେଲେ।

ଯେତେବେଳେ ଶଙ୍କରାଚାର୍ଯ୍ୟ ମଣ୍ଡନ ମିଶ୍ରଙ୍କ ଘରେ ପହଞ୍ଚିଲେ, ସେତେବେଳେ ମଣ୍ଡନ ମିଶ୍ର ନିଜ ପିତୃପୁରୁଷଙ୍କର 'ଶ୍ରାଦ୍ଧ' କର୍ମ କରୁଥିଲେ। ସେ ସନ୍ନ୍ୟାସୀମାନଙ୍କୁ ଦେଖିବାକୁ ପସନ୍ଦ କରୁନଥିଲେ ଏବଂ ଶ୍ରାଦ୍ଧ ସମୟରେ ବାହାର ଲୋକଙ୍କ ପ୍ରବେଶ ବାରଣ ଥିଲା। ତେଣୁ ଘରର ମୁଖ୍ୟ ଦ୍ୱାର ଭିତର ପଟୁ ବନ୍ଦ ଥିଲା। ଶଙ୍କରାଚାର୍ଯ୍ୟ ବନ୍ଦ ଦ୍ୱାର ଦେଖି ନିଜ 'ଯୋଗବଳ' ପ୍ରୟୋଗ କଲେ ଏବଂ ବନ୍ଦ ଦ୍ୱାର ଭେଦ କରି ସିଧାସଳଖ ଯାଇ ଶ୍ରାଦ୍ଧ ହେଉଥିବା ଅଗଣାରେ ଠିଆ ହେଲେ। ମଣ୍ଡନ ମିଶ୍ର ନିଜ ବନ୍ଦ ଅଗଣାରେ ହଠାତ୍ ଜଣେ ଲଣ୍ଡା (ମୁଣ୍ଡନ ହୋଇଥିବା) ସନ୍ନ୍ୟାସୀଙ୍କୁ ଦେଖି ପ୍ରବଳ ରାଗିଗଲେ। ଏହିଠାରୁ ସେମାନଙ୍କର ଶବ୍ଦ ଖେଳ (ବ୍ୟାକରଣ ତର୍କ) ଆରମ୍ଭ ହେଲା:

**ମଣ୍ଡନ ମିଶ୍ର:** 'କୁତୋ ମୁଣ୍ଡୀ ?(ଅର୍ଥାତ୍- ଏଇ ଲଣ୍ଡା ସନ୍ନ୍ୟାସୀ କେଉଁଠୁ ଆସିଲା ?)

**ଶଙ୍କରାଚାର୍ଯ୍ୟ:**(ମୁଣ୍ଡୀ ଶବ୍ଦର ଅର୍ଥ ଲଣ୍ଡା ଲୋକ ମଧ୍ୟ ହୁଏ, ଆଉ ମୁଣ୍ଡନ ହେବା ମଧ୍ୟ ହୁଏ। କୁତା ମାନେ 'କେଉଁଠାରୁ/କେଉଁଠି ଯାଏଁ'।) ଶଙ୍କରାଚାର୍ଯ୍ୟ ଜାଣିଶୁଣି ବ୍ୟଙ୍ଗ କରି ଉତ୍ତର ଦେଲା — 'ଆଗଳାତ୍ କୁତା ମୁଣ୍ଡୀ'(ଅର୍ଥାତ୍- ଆପଣ ପଚାରୁଛନ୍ତି ମୋର ମୁଣ୍ଡନ କେଉଁଠୁ ହୋଇଛି ? ମୋର ତ ଗଳା ଉପରକୁ ମୁଣ୍ଡନ ହୋଇଛି। ଆପଣଙ୍କୁ କଣ ଦେଖାଯାଉନାହିଁ ?)

**ମଣ୍ଡନ ମିଶ୍ର:** ତାଙ୍କର ଏପରି ଓଲଟା ଏବଂ ବ୍ୟଙ୍ଗ ଉତ୍ତର ଶୁଣି ମଣ୍ଡନ ମିଶ୍ର ଆହୁରି ବିରକ୍ତ ହୋଇ ପଚାରିଲେ- 'ପନ୍ଥାସ୍ତେ କିମ୍ପୃଚ୍ଛତି ?' (ଅର୍ଥାତ୍- ମୁଁ ତୁମକୁ ତୁମର ରାସ୍ତା/ପରିଚୟ ପଚାରୁଛି)।

**ଶଙ୍କରାଚାର୍ଯ୍ୟ:** ଏଠାରେ ସେ ଆଉ ଏକ ବ୍ୟାକରଣ ଖେଳ ଖେଳିଲେ। 'ପନ୍ଥାସ୍ତେ କି ପୁଚ୍ଛତି' ର ସିଧାସଳଖ ଅନୁବାଦ ହେଉଛି 'ରାସ୍ତା କଣ ପଚାରୁଛି?' ତେଣୁ ଶଙ୍କରାଚାର୍ଯ୍ୟ କହିଲେ 'ପନ୍ଥା ମାଂ ପୃଚ୍ଛତ' (ଅର୍ଥାତ୍– କଣ କହୁଛନ୍ତି, ରାସ୍ତା ମୋତେ ପଚାରୁଛି ? ରାସ୍ତା ତ ଗୋଟିଏ ନିର୍ଜୀବ ଜିନିଷ, ସେ ମୋତେ ପ୍ରଶ୍ନ କିପରି ପଚାରିବ ? ଏହି ସରଳ କଥାକଥାରେ ଥିବା ଗଭୀର ସଂସ୍କୃତ ବ୍ୟାକରଣ ଜ୍ଞାନ ଦେଖି ମଣ୍ଡନ ମିଶ୍ର ବୁଝିଗଲେ ଯେ ଏହି ଯୁବକ ସାଧାରଣ ନୁହଁନ୍ତି।

**ମଣ୍ଡନ ମିଶ୍ର:** ଏହି ବ୍ୟାକରଣ କୌଶଳ... ତୁମେ କୌଣସି ସାଧାରଣ ବାଳକ ନୁହଁ। କିଏ ତୁମେ ? ଏଠାକୁ କାହିଁକି ଆସିଛ ?

**ଶଙ୍କରାଚାର୍ଯ୍ୟ:** ମୁଁ ଶଙ୍କର। ଆପଣ କର୍ମକାଣ୍ଡର ସର୍ବଶ୍ରେଷ୍ଠ ବିଦ୍ୱାନ୍, ଆଉ ମୁଁ ଅଦ୍ୱୈତ ବେଦାନ୍ତର (ଜ୍ଞାନମାର୍ଗର) ପଥିକ। ମୁଁ ଆପଣଙ୍କୁ ଶାସ୍ତ୍ରାର୍ଥ (ବିତର୍କ) ପାଇଁ ଆହ୍ୱାନ ଦେବାକୁ ଆସିଛି।

**ମଣ୍ଡନ ମିଶ୍ର:** ମୁଁ ସନ୍ନ୍ୟାସୀମାନଙ୍କୁ ପସନ୍ଦ କରେନାହିଁ, କିନ୍ତୁ ଆହ୍ୱାନ ଗ୍ରହଣ କରିବା ମୋର ଧର୍ମ। ସର୍ତ୍ତ କଣ ରହିବ ?

**ଶଙ୍କରାଚାର୍ଯ୍ୟ:** ଯଦି ମୁଁ ହାରିଯାଏ, ମୁଁ ମୋର ଏହି ଗୈରିକ ବସ୍ତ୍ର ଛାଡ଼ି ଆପଣଙ୍କ ଶିଷ୍ୟ ହୋଇ ଗୃହସ୍ଥ ହେବି। କିନ୍ତୁ ଯଦି ଆପଣ ହାରିବେ, ତେବେ ଆପଣ ସମସ୍ତ ସମ୍ପତ୍ତି ଓ ଗୃହସ୍ଥ ଜୀବନ ତ୍ୟାଗ କରି ସନ୍ନ୍ୟାସ ନେବେ।

**ମଣ୍ଡନ ମିଶ୍ର:** ସ୍ୱୀକାର କଲି।  ବିଚାର କିଏ କରିବ ?

**ଶଙ୍କରାଚାର୍ଯ୍ୟ :** ଆପଣଙ୍କ ଧର୍ମପତ୍ନୀ ଭାରତୀ ଦେବୀ ଆମର ନିର୍ଣ୍ଣାୟକ ହେବେ।

(**ସ୍ଥାନ:** ସଭାଗୃହ। ଭାରତୀ ଦେବୀ ବିଚାରପତି ଆସନରେ ବସି ଉଭୟଙ୍କ ଗଳାରେ ଦୁଇଟି ସତେଜ ଫୁଲମାଳ ପକାଉଛନ୍ତି।)

**ଭାରତୀ ଦେବୀ:** ବିତର୍କ ସମୟରେ ଯାହାଙ୍କ ମନରେ କ୍ରୋଧ, ନିରାଶା ବା ଅହଂକାର ଆସିବ, ତାଙ୍କ ଶରୀରର ଉତ୍ତାପରେ ଏହି ମାଳା ପ୍ରଥମେ ମଉଳିଯିବ ଏବଂ ସେ ପରାଜିତ ହେବେ। ତର୍କ ଆରମ୍ଭ ହେଉ !

**ମଣ୍ଡନ ମିଶ୍ର:** ଶୁଣ ସନ୍ନ୍ୟାସୀ ! ବେଦର ସାର ହେଉଛି କର୍ମ। ଯଜ୍ଞ ଏବଂ ଧର୍ମ ପାଳନ ବିନା ସ୍ୱର୍ଗ କିମ୍ବା ମୋକ୍ଷ ମିଳିବ ନାହିଁ। ବୈଦିକ ମନ୍ତ୍ରରେ ଈଶ୍ୱରଙ୍କୁ ବି ଫଳ ଦେବାକୁ ବାଧ୍ୟ କରିବାର ଶକ୍ତି ଅଛି। ସନ୍ନ୍ୟାସ କେବଳ କର୍ମରୁ ଏକ ପଳାୟନବାଦ !

**ଶଙ୍କରାଚାର୍ଯ୍ୟ:**କର୍ମ ମହାନ ହୋଇପାରେ ମହାଶୟ, କିନ୍ତୁ ତାହାର ଫଳ ସୀମିତ। ପୁଣ୍ୟ ସରିଲେ ପୁଣି ଜନ୍ମ ନେବାକୁ ପଡ଼ିବ। ବାହ୍ୟ କର୍ମ କେବଳ ମନକୁ ଶୁଦ୍ଧ କରେ।

କିନ୍ତୁ ଜୀବର ମୂଳ ସମସ୍ୟା ହେଉଛି 'ଅଜ୍ଞାନ'। ଅନ୍ଧାରକୁ ହାତଗୋଡ଼ ଛାଟିଲେ ଦୂର କରିହେବନି, ସେଥିପାଇଁ ଜ୍ଞାନର ଆଲୋକ ହିଁ ଦରକାର। ମୁକ୍ତି କେବଳ 'ଅହଂ ବ୍ରହ୍ମାସ୍ମି' (ମୁଁ ହିଁ ବ୍ରହ୍ମ) ଜ୍ଞାନ ଦ୍ୱାରା ହିଁ ମିଳିବ।

(୧୮ ଦିନ ଧରି ଚାଲିଥିବା ତର୍କ ପରେ ମଣ୍ଡନ ମିଶ୍ର ନିରୁତ୍ତ ହୋଇଯାଉଛନ୍ତି ଏବଂ ତାଙ୍କ ଗଳାର ମାଳା ସମ୍ପୂର୍ଣ୍ଣ ମଉଳି ଯାଇଛି।)

**ମଣ୍ଡନ ମିଶ୍ର:**(ନିରାଶାରେ ନତମସ୍ତକ ହୋଇ) ମୋ ପାଖରେ ଆଉ କୌଣସି ଯୁକ୍ତି ନାହିଁ ବ୍ରହ୍ମଚାରୀ। ମୁଁ ବୁଝିଗଲି କର୍ମ କେବଳ ସିଡ଼ି, ଜ୍ଞାନ ହିଁ ଛାତ। ମୁଁ ମୋର ପରାଜୟ ସ୍ୱୀକାର କରୁଛି।

(ମଣ୍ଡନ ମିଶ୍ର ସନ୍ନ୍ୟାସ ନେବାକୁ ବାହାରିଲା ବେଳେ ଭାରତୀ ଦେବୀ ଆଗକୁ ଆସି ବାଟ ଓଗାଳୁଛନ୍ତି।)

**ଭାରତୀ ଦେବୀ:** ଅଟକି ଯାଆନ୍ତୁ ସନ୍ନ୍ୟାସୀ! ଆପଣଙ୍କ ବିଜୟ ଏବେ ବି ଅସମ୍ପୂର୍ଣ୍ଣ। ଶାସ୍ତ୍ର ମତରେ ପତ୍ନୀ ହେଉଛି ସ୍ୱାମୀର 'ଅର୍ଦ୍ଧାଙ୍ଗିନୀ'। ଆପଣ ମୋ ସ୍ୱାମୀଙ୍କର କେବଳ ଅଧା ଭାଗକୁ ହରାଇଛନ୍ତି। ଯେ ପର୍ଯ୍ୟନ୍ତ ଆପଣ ଏହି ଅବଶିଷ୍ଟ ଅର୍ଦ୍ଧାଂଶ (ମୋତେ) ଶାସ୍ତ୍ରାର୍ଥରେ ନ ହରାଇଛନ୍ତି, ଆପଣ ତାଙ୍କୁ ସନ୍ନ୍ୟାସୀ କରିପାରିବେ ନାହିଁ।

**ଶଙ୍କରାଚାର୍ଯ୍ୟ:** ନ୍ୟାୟୋଚିତ ଯୁକ୍ତି। ମୁଁ ପ୍ରସ୍ତୁତ ମାତା। ପ୍ରଶ୍ନ କରନ୍ତୁ।

ଭାରତୀ ଦେବୀ ଅନେକ ଶାସ୍ତ୍ର ସଙ୍ଗତ ପ୍ରଶ୍ନ ପଚାରିଲେ, ଶ୍ରୀ ଶଙ୍କରାଚାର୍ଯ୍ୟ ଅକ୍ଳେଶ ରେ ତାହାର ଉତ୍ତର ଦେଇ ପାରୁଥିଲେ । ବିଦୂଷି ଭାରତୀ କ୍ଷଣ ଭର ଅଟକି ଯାଇ କହିଲେ।

**ଭାରତୀ ଦେବୀ:** ଆପଣଙ୍କୁ ସର୍ବଜ୍ଞ କୁହାଯାଉଛି। ତେବେ ମୋତେ 'କାମଶାସ୍ତ୍ର'ର ରହସ୍ୟ ବୁଝାନ୍ତୁ। ଦାମ୍ପତ୍ୟ ପ୍ରେମ ଏବଂ କାମନା କଣ ? ନାରୀ ଓ ପୁରୁଷର ଶରୀରରେ ଶୁକ୍ଳପକ୍ଷ ଓ କୃଷ୍ଣପକ୍ଷ ଅନୁସାରେ କୋମକଳାର ପ୍ରଭାବ କିପରି ବଦଳିଥାଏ ?

**ଶଙ୍କରାଚାର୍ଯ୍ୟ:** (ଆଶ୍ଚର୍ଯ୍ୟ ହୋଇ)ହେ ଦେବୀ... ମୁଁ ଆଜନ୍ମ ବ୍ରହ୍ମଚାରୀ। ଏହି ସାଂସାରିକ ଓ ଶାରୀରିକ ବିଷୟରେ ମୋର କୌଣସି ବ୍ୟବହାରିକ ଅନୁଭୂତି ନାହିଁ। ବିନା ଅନୁଭବରେ କେବଳ ପୋଥି ପଢ଼ି ଉତ୍ତର ଦେବା ମୋ ପାଣ୍ଡିତ୍ୟ ପାଇଁ ଅପମାନ ହେବ। ମୋତେ ଏହା ନିଜେ ଅନୁଭବ କରିବା ପାଇଁ ଗୋଟିଏ ମାସ ସମୟ ଦିଅନ୍ତୁ। ମୁଁ ନିଶ୍ଚୟ ଉତ୍ତର ନେଇ ଫେରିବି।

**ଭାରତୀ ଦେବୀ:** ତଥାସ୍ତୁ! ଗୋଟିଏ ମାସର ସମୟ ଦିଆଗଲା।

**ସ୍ଥାନ:** ଏକ ନିର୍ଜନ ଜଙ୍ଗଲ ଏବଂ ଏକ ଗୁମ୍ଫା। ଶଙ୍କରାଚାର୍ଯ୍ୟ ନିଜ ଶିଷ୍ୟମାନଙ୍କ ସହ

ଯାଉଥିବା ବେଳେ ଏକ ଶୋକାକୁଳ ପରିବେଶ ଦେଖିଲେ। ସଦ୍ୟ ମୃତ୍ୟୁବରଣ କରିଥିବା ରାଜା 'ଅମରୁକ'ଙ୍କ ଶବ ପାଖରେ ତାଙ୍କର ରାଣୀ ଓ ମନ୍ତ୍ରୀମାନେ କାନ୍ଦୁଛନ୍ତି।

**ଶଙ୍କରାଚାର୍ଯ୍ୟ:** (ଶିଷ୍ୟମାନଙ୍କୁ ଦେଖି) ହେ ଶିଷ୍ୟଗଣ! ମୋତେ ମୋର ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଏହି ମୃତ ରାଜାଙ୍କ ଶରୀରର ଆବଶ୍ୟକତା ଅଛି। ମୁଁ ମୋର ଏହି ସନ୍ନ୍ୟାସୀ ଶରୀରକୁ ଏହି ଗୁମ୍ଫାରେ ଯୋଗନିଦ୍ରାରେ ରଖିବି। ତୁମେମାନେ ଏହାକୁ ସତର୍କତାର ସହ ଜଗି ରହିବ।

**ଶିଷ୍ୟ ପଦ୍ମପାଦ:** ଯେପରି ଆପଣଙ୍କ ଆଜ୍ଞା ଗୁରୁଦେବ। କିନ୍ତୁ ଆପଣ କିପରି ସେହି ଶରୀରରେ ପ୍ରବେଶ କରିବେ ?

**ଶଙ୍କରାଚାର୍ଯ୍ୟ:** ମୁଁ 'ପରକାୟ ପ୍ରବେଶ' ସିଦ୍ଧି ବଳରେ ମୋର ଆତ୍ମାକୁ ଏହି ଶରୀରରୁ ବାହାର କରି ରାଜାଙ୍କ ଶରୀରରେ ପ୍ରବେଶ କରାଇବି।

(ଶଙ୍କରାଚାର୍ଯ୍ୟ ଗୁମ୍ଫାରେ ଧ୍ୟାନସ୍ଥ ହେଲେ ଏବଂ ତାଙ୍କ ଆତ୍ମା ରାଜା ଅମରୁକଙ୍କ ଶରୀରରେ ପ୍ରବେଶ କଲା। ରାଜା ଜୀବିତ ହୋଇ ଉଠିବାରୁ ଚାରିଆଡ଼େ ଆନନ୍ଦ ଖେଳିଗଲା। ସେ ରାଜମହଲକୁ ଗଲେ। ସେଠାରେ ସେ ରାଜକାର୍ଯ୍ୟ, ରାଣୀମାନଙ୍କ ସହ ଦାମ୍ପତ୍ୟ ଏବଂ ଗୃହସ୍ଥ ଜୀବନର ସମସ୍ତ ସୂକ୍ଷ୍ମ ଅନୁଭୂତି ହାସଲ କଲେ। କିନ୍ତୁ ନୂଆ ରାଜାଙ୍କର ଅଦ୍ଭୁତ ଜ୍ଞାନୀ ଏବଂ ଶାନ୍ତ ବ୍ୟବହାର ଦେଖି ରାଣୀ ଓ ମନ୍ତ୍ରୀମାନଙ୍କର ସନ୍ଦେହ ହେଲା।)

**ମନ୍ତ୍ରୀ:** (ରାଣୀଙ୍କୁ ଗୋପନରେ) ମହାରାଣୀ! ମହାରାଜା ପୂର୍ବ ଅପେକ୍ଷା ଅଧିକ ଜ୍ଞାନୀ ଏବଂ ଧାର୍ମିକ ଲାଗୁଛନ୍ତି। ନିଶ୍ଚୟ କୌଣସି ମହାନ୍ ଯୋଗୀ ନିଜ ଶରୀର ଛାଡ଼ି ଆମ ରାଜାଙ୍କ ଶରୀରରେ ପ୍ରବେଶ କରିଛନ୍ତି। ସେ ଯେପରି ନିଜ ମୂଳ ଶରୀରକୁ ଫେରି ନ ଯାଆନ୍ତି, ସେଥିପାଇଁ ରାଜ୍ୟରେ ଥିବା ସମସ୍ତ ଶବକୁ ଖୋଜି ଜାଳି ଦିଅ।

(ରାଜଦୂତମାନେ ଖୋଜି ଖୋଜି ଗୁମ୍ଫାରେ ଥିବା ଶଙ୍କରାଚାର୍ଯ୍ୟଙ୍କ ଶରୀରରେ ନିଆଁ ଲଗାଇଦେଲେ। ଶିଷ୍ୟମାନେ ଭୟଭୀତ ହୋଇ ଗୁରୁଦେବଙ୍କୁ ଡାକିଲେ। ରାଜମହଲରେ ଥିବା ଶଙ୍କରାଚାର୍ଯ୍ୟ ଏହା ଜାଣିପାରି ତୁରନ୍ତ ରାଜାଙ୍କ ଶରୀର ତ୍ୟାଗ କରି ପବନ ବେଗରେ ଆସି ନିଜ ଅଗ୍ନିଗ୍ରସ୍ତ ଶରୀରରେ ପ୍ରବେଶ କଲେ ଏବଂ 'ଲକ୍ଷ୍ମୀ-ନୃସିଂହ କରବାଲମ୍ବ ସ୍ତୋତ୍ର' ଗାନ କରି ବର୍ଷା ଦ୍ୱାରା ନିଆଁକୁ ଶାନ୍ତ କଲେ। ନିଜର ଦାଗ ହୋଇଥିବା ହାତ ସହିତ ସେ ବିତର୍କ ସ୍ଥାନକୁ ଫେରିଲେ।)

(**ସ୍ଥାନ:** ସଭାଗୃହ। ଏକ ମାସର ଅବଧି ଶେଷ ହୋଇଛି ଏବଂ ଶଙ୍କରାଚାର୍ଯ୍ୟ ଭାରତୀ ଦେବୀଙ୍କ ସମ୍ମୁଖରେ ଉପସ୍ଥିତ ଅଛନ୍ତି।)

**ଶଙ୍କରାଚାର୍ଯ୍ୟ:** ହେ ଦେବୀ! କାମନା ବା ଆକର୍ଷଣ କୌଣସି ପାପ ନୁହେଁ। ଏହା ପ୍ରକୃତିର ସୃଜନଶୀଳ ଶକ୍ତି, ଯାହା ଚନ୍ଦ୍ରର କଳା ଅନୁସାରେ ମନୁଷ୍ୟ ଶରୀରର ବିଭିନ୍ନ କେନ୍ଦ୍ରକୁ ଜାଗ୍ରତ କରେ...

ଏହିପରି ଭାବେ ଭାରତୀ ଦେବୀଙ୍କ ସମସ୍ତ ପ୍ରଶ୍ନର ଉତ୍ତର ସଠିକ ଭାବରେ ପ୍ରଦାନ କଲେ।

(ସମସ୍ତ ପ୍ରଶ୍ନର ସଠିକ୍ ବର୍ଣ୍ଣନା କରିବା ପରେ)... କିନ୍ତୁ ଏହାର ଶେଷ ସତ୍ୟ ଏହାଠାରୁ ବହୁତ ଉର୍ଦ୍ଧ୍ୱରେ! ଜଣେ ଜ୍ଞାନୀ ପୁରୁଷ ଏହି ସମସ୍ତ ସାଂସାରିକ ସୁଖ ଓ ଶାରୀରିକ ସମ୍ପର୍କ ମଧ୍ୟରେ ରହି ମଧ୍ୟ ନିର୍ଲିପ୍ତ ରହିପାରେ। ଠିକ୍ ଯେପରି ପଦ୍ମପତ୍ର ପାଣିରେ ଥାଇ ବି ପାଣି ତାକୁ ଛୁଇଁପାରେନି। 'ଆତ୍ମା' ଏକ ସାକ୍ଷୀ ରୂପେ ଏସବୁରୁ ସମ୍ପୂର୍ଣ୍ଣ ସ୍ୱାଧୀନ, ଅଲଗା ଏବଂ ପବିତ୍ର ରହିଥାଏ।

**ଭାରତୀ ଦେବୀ:** (ଭକ୍ତିଭାବରେ କୃତାଞ୍ଜଳି ହୋଇ) ଅଦ୍ଭୁତ! ଅସାଧାରଣ! ସାଂସାରିକ ସୁଖର ଗଭୀରକୁ ଯାଇ ମଧ୍ୟ ଯିଏ ନିଜ ଆତ୍ମାକୁ ଏତେ ନିର୍ଲିପ୍ତ ରଖିପାରେ, ସେ ସାକ୍ଷାତ ମହାଦେବଙ୍କ ଅବତାର! ମୁଁ ମୋର ଓ ମୋ ସ୍ୱାମୀଙ୍କର ସମ୍ପୂର୍ଣ୍ଣ ପରାଜୟ ସ୍ୱୀକାର କରୁଛି।

**ମଣ୍ଡନ ମିଶ୍ର:** (ଶଙ୍କରାଚାର୍ଯ୍ୟଙ୍କ ପାଦତଳେ ପଡ଼ିଯାଇ) ହେ ଗୁରୁଦେବ! ମୋର ସମସ୍ତ ବୌଦ୍ଧିକ ଅହଂକାର ଆଜି ଧୂଳିସାତ୍ ହୋଇଗଲା। ଦୟାକରି ଏବେ ମୋତେ ଆପଣଙ୍କ ଶିଷ୍ୟ ରୂପେ ଗ୍ରହଣ କରନ୍ତୁ।

**ଶଙ୍କରାଚାର୍ଯ୍ୟ:** ଉଠନ୍ତୁ ମହାଶୟ। କଲ୍ୟାଣ ହେଉ। ଆଜିଠାରୁ ସନ୍ନ୍ୟାସ ଆଶ୍ରମରେ ଆପଣଙ୍କର ନୂତନ ନାମ ହେବ– 'ସୁରେଶ୍ୱରାଚାର୍ଯ୍ୟ'!

❋❋❋

# ଜଗନ୍ନାଥ ମହାପ୍ରଭୁଙ୍କର ଜଣେ ଭକ୍ତ ଥିଲେ,

ଜଗନ୍ନାଥ ମହାପ୍ରଭୁଙ୍କର ଜଣେ ଭକ୍ତ ଥିଲେ, ଯାହାଙ୍କ ନାମ ଥିଲ ଗୋବର୍ଦ୍ଧନ ନାଥ। ସେ ପ୍ରତିଦିନ ମନ୍ଦିର ଯାଇ ଭଗବାନଙ୍କ ସମ୍ମୁଖରେ ଭକ୍ତି ଭାବରେ କୀର୍ତ୍ତନ ଗାଉଥିଲେ। ତାଙ୍କର ଜୀବନ ସମ୍ପୂର୍ଣ୍ଣ ରୂପେ ପ୍ରଭୁଙ୍କ ସେବାରେ ସମର୍ପିତ ଥିଲା। କିନ୍ତୁ ଦିନେ ମନ୍ଦିରରେ ଜଣେ ସୁନ୍ଦରୀ ଯୁବତୀ ନୃତ୍ୟ କରୁଥିଲେ। ତାଙ୍କର ଭାବ, ତାଙ୍କ ଆଖି ଏବଂ ତାଙ୍କ କଳାକୁ ଦେଖି ଗୋବର୍ଦ୍ଧନ ନାଥଙ୍କ ମନ ବିଚଳିତ ହୋଇଗଲା। ଧୀରେ ଧୀରେ ତାଙ୍କର ଧ୍ୟାନ ଭଗବାନଙ୍କଠାରୁ ହଟି ସେହି ଯୁବତୀଙ୍କ ଆଡ଼କୁ ଯିବାକୁ ଲାଗିଲା। ଏବେ ସେ କୀର୍ତ୍ତନ ମଧ୍ୟ ଭଗବାନଙ୍କୁ ପ୍ରସନ୍ନ କରିବା ପାଇଁ ନୁହେଁ, ବରଂ ସେହି ଯୁବତୀଙ୍କୁ ପ୍ରଭାବିତ କରିବା ପାଇଁ କରିବାକୁ ଲାଗିଲେ। ଏସବୁ ଦେଖି ପ୍ରଭୁ ଜଗନ୍ନାଥ ହସୁଥିଲେ, ସତେ ଯେମିତି କହୁଥିଲେ ଯେ ସଚ୍ଚା ଭକ୍ତର ରକ୍ଷା ଶେଷରେ ତାଙ୍କୁ ହିଁ କରିବାକୁ ପଡ଼ିବ।

ସମୟ ବିତିବାକୁ ଲାଗିଲା ଏବଂ ଗୋବର୍ଦ୍ଧନ ନାଥ ସେହି ଯୁବତୀଙ୍କ ପ୍ରେମରେ ଏତେ ଆସକ୍ତ ହୋଇଗଲେ ଯେ ସେ ମନେ ମନେ ସ୍ଥିର କଲେ ଯେ ଏବେ ସେ ତାଙ୍କରି ସହିତ ରହିବେ ଏବଂ ତାଙ୍କୁ କେବେବି ଛାଡ଼ିବେ ନାହିଁ। ଏହି ସମୟରେ ମହାପ୍ରଭୁ ଜଗନ୍ନାଥଙ୍କର ରଥଯାତ୍ରା ସମୟ ଆସିଗଲା। ରଥଯାତ୍ରାର ଗୋଟିଏ ଦିନ ପୂର୍ବରୁ ଯେଉଁଠି ସେ ପୂରା ରାତି ଉଜାଗର ରହି କୀର୍ତ୍ତନ କରୁଥିଲେ, ସେହିଠାରେ ଏଥର ସେ ମୋହ ଏବଂ ଭୋଗବିଳାସରେ ବୁଡ଼ି ରହିଥିଲେ। ସକାଳେ ଯେତେବେଳେ ତାଙ୍କ ଆଖି ଖୋଲିଲା, ସେତେବେଳେ ତାଙ୍କୁ ଗଭୀର ଆତ୍ମଗ୍ଲାନି ଅନୁଭବ ହେଲା। ସେ ଅନୁଭବ କଲେ ଯେ ବର୍ଷ ବର୍ଷର ଭକ୍ତିକୁ ସେ ମାତ୍ର କ୍ଷଣିକ ମୋହରେ ହରାଇ ଦେଇଛନ୍ତି। ସେ ଅନୁତାପରେ ଭରିଗଲେ ଏବଂ ତୁରନ୍ତ ଭଗବାନଙ୍କୁ କ୍ଷମା ମାଗିବା ପାଇଁ ଦୌଡ଼ିଗଲେ। ରଥଯାତ୍ରା ଆରମ୍ଭ ହେବାକୁ ଯାଉଥିଲା ଏବଂ ମହାପ୍ରଭୁ ରଥ ଉପରେ ବିରାଜମାନ ହୋଇସାରିଥିଲେ। ଗୋବର୍ଦ୍ଧନ ନାଥ କାନ୍ଦି କାନ୍ଦି, ଥରି ଥରି, ହାତ ଯୋଡ଼ି ପ୍ରଭୁଙ୍କ ପାଖରେ ପହଞ୍ଚିବାକୁ ଚାହୁଁଥିଲେ। ସେ ବାରମ୍ବାର ନିଜର ଅପରାଧକୁ ସ୍ୱୀକାର କରି କ୍ଷମା ମାଗୁଥିଲେ। କିନ୍ତୁ ନଗରରେ ତାଙ୍କ ବିଷୟରେ କଥା ବ୍ୟାପି ସାରିଥିଲା। ଲୋକେ ଏବଂ ପୂଜକମାନେ ତାଙ୍କୁ ଅପବିତ୍ର ମନେକରି ରଥ ପାଖକୁ ଆସିବାରୁ ଅଟକାଇ ଦେଲେ। ତାଙ୍କୁ ଠେଲି ଦୂରକୁ କରିଦିଆଗଲା ଏବଂ

କୁହାଗଲା ଯେ ଏପରି ଭୋଗ-ବିଳାସୀ ବ୍ୟକ୍ତିର ଭଗବାନଙ୍କୁ ଦର୍ଶନ କରିବାର କୌଣସି ଅଧିକାର ନାହିଁ।

ବିଚରା ଗୋବର୍ଦ୍ଧନ ନାଥ ଗୋଟିଏ କୋଣରେ ବସି ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲେ। ତାଙ୍କର ହାତଗୋଡ଼ ଥରୁଥିଲା ଏବଂ ସେ ବାରମ୍ବାର ପ୍ରଭୁଙ୍କୁ ପ୍ରାର୍ଥନା କରୁଥିଲେ ଯେ ତାଙ୍କୁ ନିଜଠାରୁ ଦୂରେଇ ନ ଦିଅନ୍ତୁ। ଏ ସେହି ଭକ୍ତ ଥିଲେ ଯାହାଙ୍କ ଗାଇବା ବିନା ରଥ କେବେ ଆଗକୁ ବଢୁନଥିଲା, କିନ୍ତୁ ଆଜି ତାଙ୍କଠାରୁ ସେହି ସୌଭାଗ୍ୟ ମଧ୍ୟ ଛଡ଼ାଇ ନିଆଯାଇଥିଲା। ତାଙ୍କର ଅବସ୍ଥା ଦେଖି ମଧ୍ୟ କାହାରି ହୃଦୟ ତରଳିଲା ନାହିଁ, ବରଂ ଲୋକମାନେ ତାଙ୍କୁ ସେଠାରୁ ହଟାଇବାକୁ ଚିନ୍ତା କରିବାକୁ ଲାଗିଲେ ଯାହାଫଳରେ ସେ କାନ୍ଦି କାନ୍ଦି ପରିବେଶକୁ ଖରାପ ନ କରନ୍ତି।

❋❋❋

# ଭକ୍ତ ବିଲ୍ୱମଙ୍ଗଳଙ୍କର କଥା

ଏହା ଥିଲା ଦକ୍ଷିଣ ଭାରତର କଥା। ସେଠାରେ ବିଲ୍ୱମଙ୍ଗଳ ନାମରେ ଜଣେ ବ୍ରାହ୍ମଣ ଥିଲେ। ସେ ବେଶ୍ ଧନୀ ଓ ବିଳାସୀ ଥିଲେ, କିନ୍ତୁ ତାଙ୍କର ମନ ଥିଲା ସାଂସାରିକ ଭାଗ-ବିଳାସରେ ବୁଡ଼ି ରହିଥିବା ଜଣେ ବ୍ୟକ୍ତି ଭଳି। ସେ ବହୁତ ଅର୍ଥ ଖର୍ଚ୍ଚ କରି ଜଣେ ବେଶ୍ୟା ପ୍ରତି ଅସମ୍ମାନଜନକ ଭାବରେ ଆକର୍ଷିତ ହାଇଥିଲେ ଏବଂ ତା' ପଛରେ ସବୁକିଛି ବରବାଦ କରୁଥିଲେ।

ଦିନେ ବହୁତ ରାତିରେ, ପ୍ରବଳ ବର୍ଷା ଓ ଅନ୍ଧାର ହାଇଥିଲା। ବିଲ୍ୱମଙ୍ଗଳ ତା' ପ୍ରିୟା ନିକଟକୁ ଯିବା ପାଇଁ ବାହାରିଲେ। ରାସ୍ତାରେ ଅନେକ ବିପଦ ଥିଲେ ମଧ୍ୟ ସେ ସେ ସବୁକୁ ଖାତିର୍ ନକରି, ଏକ ଦଉଡ଼ି ଧରି କାନ୍ଥ ବେଢାରେ ଟେକି ହୋଇ ସେହି ବେଶ୍ୟାଘରକୁ ଚଢ଼ିବାକୁ ଉଦ୍ୟମ କଲେ।

କିନ୍ତୁ ତା'ର ଅଜାଣତରେ, ସେହି ଦଉଡ଼ିଟି ବିଷଧର ସର୍ପ ଥିଲା। ସେ ବିଷଧର ସର୍ପକୁ ଦଉଡ଼ି ଭାବି ଧରିଥିଲେ! ଯେତେବେଳେ ସେ ଉପରେ ପହଞ୍ଚିଲେ, ସେହି ବେଶ୍ୟା ତା'କୁ ଦେଖି ଆଶ୍ଚର୍ଯ୍ୟ ହୋଇ କହିଲା, 'ହେ ଭଗବାନ୍! ତୁମର ଏ କିପରି ଭକ୍ତି! ଏମିତି ଅନ୍ଧାର ରାତିରେ, ପ୍ରବଳ ବର୍ଷାରେ, ତୁମେ ଏତେ ବଡ଼ ବିପଦ (ବିଷଧର ସର୍ପ)କୁ ଜାଣି ମଧ୍ୟ ଏଠାକୁ ଆସିଲ? ତୁମେ ତ ଭଗବାନଙ୍କର ପ୍ରକୃତ ଭକ୍ତ ବୋଧ ହୁଏ!'

ବିଲ୍ୱମଙ୍ଗଳଙ୍କର ସେହି କଥାଟି ମନରେ ଗଭୀର ଆଘାତ ଦେଲା। ସେ ଭାବିଲେ, 'ମୁଁ ଯେଉଁ ଭୋଗ-ବିଳାସ ପାଇଁ ଗୋଟିଏ ବିଷଧର ସାପକୁ ମଧ୍ୟ ଦଉଡ଼ି ବୋଲି ଭାବି ତାକୁ ଧରିପାରୁଛି, ସେହି ସର୍ପ ଭଳି ବିଷାକ୍ତ ସଂସାର ପାଇଁ ମୋର ଏତେ ପ୍ରେମ, କିନ୍ତୁ ଶ୍ରୀକୃଷ୍ଣଙ୍କ ପାଇଁ ମୋର ଏତେ ଭକ୍ତି ନାହିଁ!'

ଏହି ଘଟଣା ତା' ଜୀବନର ମୋଡ଼ ବୁଲାଇଦେଲା। ସେ ତୁରନ୍ତ ସବୁ ଛାଡ଼ି ଭଗବାନଙ୍କ ପାଦତଳେ ଶରଣ ପଶିଲେ ଏବଂ ଜଣେ ମହାନ ଭକ୍ତରେ ପରିଣତ ହେଲେ। ଶ୍ରୀକୃଷ୍ଣ ତା'ର ଏହି ପଶ୍ଚାତ୍ତାପ ଓ ପରିବର୍ତ୍ତନକୁ ସ୍ୱୀକାର କରିନେଲେ ଏବଂ ସେ ବିଲ୍ୱମଙ୍ଗଳ ଠାକୁର ଭାବରେ ଜଣାଶୁଣା ହେଲେ। ଏହି କଥାର ଶିକ୍ଷା ହେଉଛି: ଆମର ମନ ଯେଉଁଠି ଲଗାଇଥାଉ, ତା'ର ଶକ୍ତି ବହୁତ ବେଶି। ଯଦି ଆମେ ସେହି ଶକ୍ତି ଓ ଭାବନାକୁ ଭଗବାନଙ୍କ ପ୍ରତି ସମର୍ପିତ କରିଦେବା, ତେବେ ଆମେ ମଧ୍ୟ ଭକ୍ତିର ଚରମ ସ୍ଥିତିରେ ପହଞ୍ଚିପାରିବା।

।। ଜୟ ଜଗନ୍ନାଥ ।।

❋❋❋

# ଭକ୍ତ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନି

ଶ୍ରୀ ଜଗନ୍ନାଥଙ୍କ ଅନନ୍ୟ ଭକ୍ତ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନି ବା ତାଡ଼ିଶରୁ ବାଇ ଓଡିଶା ନୁହେଁ ସମଗ୍ର ଭାରତ ବର୍ଷ ବିଶ୍ୱର ବିସ୍ମୟ ପ୍ରତିଭା ହେଉଛନ୍ତି ସନ୍ଥ କବି ଆଶୁ କବି ଲୋକ କବି କୁଇ କବି ସନ୍ଥ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନି ଓରଫ ତାଡ଼ିଶରୁ ବାଇ । ଏକ ନିସ୍ୱ ଆଦିବାସୀ କନ୍ଧ ପରିବାର ରେ ଜନ୍ମ ଓ ସମ୍ପୂର୍ଣ ନିରକ୍ଷର ସତ୍ୱେ ତାଙ୍କ କଣ୍ଠ ରୁ ନିଃସୃତ ହେଉଛି ବୈଦିକ ବାଣୀ ହରି ରସାମୃତ ଓ ଜଗନ୍ନାଥଙ୍କ ପବିତ୍ର ଭକ୍ତି ଗୀତିକା, ଓଡିଶାର କନ୍ଧମାଳ ଜିଲ୍ଲା ଖଜୁରୀ ପଡା ବ୍ଲକ ରେ ଥିବା ଗ୍ରାମ ଦଳପଡ଼ା, ଏହି ଗ୍ରାମରେ ୧୯୪୪ ମସିହାର ମାର୍ଚ୍ଚ ମାସ ଅଠେଇଶ ତାରିଖ ରେ ପିତା ନୀଳକଣ୍ଠ ଜାନି ଓ ମାତା ରାଣୀ ମତି ଜାନିଙ୍କ କୋଳ ମଣ୍ଡନ କରି । ମାତାଙ୍କ ଅକାଳ ବିୟୋଗ ହେବାରୁ ତିନିପୁତ୍ର ଓ ଏକ ମାତ୍ର କନ୍ୟା ପୂର୍ଣ୍ଣମାସୀ ମାତୃ ହରା ଦୁଃଖ ସହିତ ଶିକ୍ଷା ଲାଭ ରୁ ବଞ୍ଚିତ ହୋଇ ଥିଲେ। ଅତି କମ ବୟସ ରେ ତାଙ୍କ ବିବାହ ହୁଏ ଚାରିଗଡା ଗାଁ ର ଆରଧନା ଜାନିଙ୍କ ସହ। ତାଙ୍କ ଗୃହସ୍ଥ ଜୀବନ ଥିଲା ଅତ୍ୟନ୍ତ ଶରଳ। ବିବାହର ଦଶ ବର୍ଷ ଭିତରେ ତାଙ୍କର ଛଅ ଗୋଟି ସନ୍ତାନ ଜନ୍ମ ହେବାର ଅଳ୍ପ ଦିନ ପରେ ମୃତ୍ୟୁ ବରଣ କରଥିଲେ, ସେ ସନ୍ତାନ ପାଇଁ ଅତ୍ୟନ୍ତ ଭକ୍ତି ଓ ନିଷ୍ଠା ର ପୂଜା ପାଠ କରନ୍ତି, ଅନେକ ଦିନ ପରେ ସେ ଏକ ଆଦୁର୍ଷ୍ୟ ଶକ୍ତି ର ନିର୍ଦ୍ଦେଶ ପାଇ ସ୍ୱାମୀଙ୍କ ଆଜ୍ଞା ନେଇ ଟିକାବାଲି ନିକଟ ତାଡି ସରୁ ପର୍ବତ ଯାଉ ସାତ ଦିନ ଧରି ଧ୍ୟାନ୍ୟ ତପସ୍ୟା କରିବାକୁ ଯାଇ ଥିଲେ

ଦୁଇ ଦିନ ପରେ ତାଙ୍କର ତପସ୍ୟା ଅଧାରୁ ଭଙ୍ଗ ହୋଇ ଥିଲା ତାଙ୍କ ସ୍ୱାମୀ ନିତି ନିୟମ ମାନି ନଥିବାରୁ, ପର୍ବତ ଉପରେ ସୁକ୍ଷ୍ମ ଶରୀରରେ ବିରାଜିତ ମୁନି ଋଷି ମାନେ ତାଙ୍କ ଭକ୍ତି ରେ ଖୁସି ହୋଇ ତାଙ୍କୁ ଆଶୀର୍ବାଦ କରି ଥିଲେ ଏବଂ କହି ଥିଲେ ତୁମର ସାଧନା ପୂର୍ଣ୍ଣାଙ୍ଗ ନ ହେଲେ ମଧ୍ୟ ଆମ୍ଭେ ତୁମ ଉପରେ ପ୍ରୀତ ତେଣୁ ତୁମେ ଯେତେବେଳେ ଧ୍ୟାନସ୍ଥ ହୋଇ ପ୍ରାର୍ଥନା କରିବ ଆମ୍ଭେ ତୁମ କଣ୍ଠ ରେ ପ୍ରବେଶ କରୀ ଭଜନ ଗାନ କରିବୁ ଏହା ୧୯୬୯ ମସିହାରେ ବୈଶାଖ ମାସ କୃଷ୍ଣ ପକ୍ଷ ଦ୍ୱିତୀୟା ତିଥି ସୋମବାର, ସେହି ଦିନ ଠାରୁ ରେ ତାଡ଼ିଶରୁ ବାଇ ହୋଇ ନାମିତ ହେଲେ,: କୁଇ ଭାଷାରେ ତାଡି ଅର୍ଥ ଉଚ୍ଚ ସରୁ arth ପାହାଡ଼ ଓ ବାଇ ଅର୍ଥ ସନ୍ଥ, ଉଚ୍ଚ ପାହାଡ଼ ଉପରେ ଅବସ୍ଥାନ କରୁ ଥିବାରୁ ତାଡ଼ିଶରୁ ବାଇ ତାଙ୍କୁ କୁହନ୍ତି। ତାଙ୍କ ଔରଶ ରୁ ପୁଣି ଦୁଇଟି ଝିଅ ତପଶ୍ୱିନୀ ଓ ଯଂଜ୍ଞସେନି ଜନ୍ମ ହୁଅନ୍ତି, କିଛି ବର୍ଷ ପରେ ତାଙ୍କ ସ୍ୱାମୀ ଙ୍କ ମୃତ୍ୟୁ ହୁଏ, ଧ୍ୟାନସ୍ଥ ହୋଇ ସେ ଭଜନ ଜଣାଣ ରାମାୟଣ ମହାଭାରତ ପୁରାଣ ଉପ ନିଷଦ ଗୀତା ଆଦିର ଶ୍ଳୋକ ଅଧ୍ୟାୟ  କାଣ୍ଡ ସଂଖ୍ୟା କହିବା ସହ ତାହାର ଯଥାର୍ଥ ବ୍ୟାଖ୍ୟା ଭଜନ ମାଧ୍ୟମରେ ହିଁ କରି ଥାନ୍ତି,ଭକ୍ତଙ୍କ ଅନୁରୋଧରେ ସେ ଗୋଟିଏ ଭାଷାରୁ ଅନ୍ୟ ଏକ ଭାଷା କୁ ତକ୍ଷଣାତ ପରିବର୍ତ୍ତନ କରି ଥାନ୍ତି, ଓଡ଼ିଆ କୁଇ ସଂସ୍କୃତ ଆଦି ଭାଷାରେ ଅଲଗା ମଠ ମନ୍ଦିର ଦେବାଳୟ ନ ଯାଇ ସେ ଯେଉଁଠି ବସି ଧ୍ୟାନ କରନ୍ତି ଆପେ ଆପେ ଭଜନ ଗାଇଥାନ୍ତି, ପଚାଶ ବର୍ଷ ରୁ ଉର୍ଦ୍ଧ ସମୟ ଭିତରେ ସେ ଏକ ଲକ୍ଷ୍ୟ ରୁ ଅଧିକ ଭଜନ ଗାଇଛନ୍ତି, ତାଡ଼ିଶରୁ ବାଇ ଙ୍କୁ ତାଙ୍କ ଲୋକ ମାନେ ଦେବତା ମାନି ପୂଜା ଆରାଧନା କରନ୍ତି ଏବଂ ତାଙ୍କର ବାଣୀ କୁ ମାନିଥାଆନ୍ତି ତାଙ୍କ ପ୍ରଭାବରେ ସେ ଜାଗାରେ ଧୀରେ ଧୀରେ ପରିବର୍ତନ ଘଟି ଅଙ୍ଗନବାଡ଼ି କେନ୍ଦ୍ର ସ୍କୁଲ ଖୋଲି ଯାଇଛି, ଡାକ୍ତର ଖାନା ରେ ପିଲାମାନେ ଟୀକା ନେଉ ଛନ୍ତି ଓ ସରକାରୀ ଡାକ୍ତରଖାନାରେ ଶିଶୁ ଜନ୍ମ ନେଉ ଛନ୍ତି, ଗୁଣିଆ ବୈଦ୍ୟଙ୍କ ଦୌରାତ୍ମ୍ୟ ଅନେକ କମି ଯାଇଛି। ପୋଡୁ ଚାଷ ଗଛ କଟା ବନ୍ଦ ହୋଇ ନୂତନ ଜଙ୍ଗଲ ସୃଷ୍ଟି ହୋଇଛି। ଅନେକ ଉଜୁଡା ଆଦିବାସୀ ପରିବାର ସମାଜର ମୁଖ୍ୟ ସ୍ରୋତକୁ ଫେରି ଆସିଛି। ତାଙ୍କର ଭକ୍ତି ଆରାଧନା ତଥା ସାମାଜିକ ଦାୟତ୍ୱ ପାଇଁ ନିମନ୍ତେ ସରକାର ୨୦୨୧ ମସିହାରେ ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ରେ ସଂମ୍ମାନିତ କରିଛନ୍ତି, ସେ ରମାଦେବୀ ମହିଳା କଲେଜରୁ ୨୦୨୨ ମସିହାରେ ଡକ୍ଟରେଟ ପାଇଛନ୍ତି, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର। ଦକ୍ଷିଣ ଓଡିଶା ଜନକବି ସଂମ୍ମାନ ଆଦିବାସୀ ଭାଷା ସଂସ୍କୃତି ସଂମ୍ମାନ ଭୀମଭୋଇ ସଂମ୍ମାନ ଆଦି ଅନେକ ପୁରସ୍କାର ପାଇଛନ୍ତି ତାଡ଼ିଶାରୁ ମିଶନ ପକ୍ଷରୁ ତାଙ୍କ ଭଜନ ଓ ଜୀବନକୁ ନେଇ ଅନେକ ପୁସ୍ତକ ପ୍ରକାଶ ପାଇଛି, ବୟସର ଅପରାହ୍ନରେ ଭଜନ ମାଧ୍ୟମରେ ସମାଜରେ ଭକ୍ତି ଶାନ୍ତି ପ୍ରିତିର ପ୍ରଚାର କରି ଚାଲିଛନ୍ତି ଜଗନ୍ନାଥଙ୍କ ଏହି ଭକ୍ତ ପୂର୍ଣ୍ଣମାସୀ ଜାନି ଜଣେ ଅନନ୍ୟ ପ୍ରତିଭାର  ଅଧିକାରିଣୀ।

❋❋❋

# ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ

ଗର୍ଭବାସ ଯନ୍ତ୍ରଣା ଭୋଗୁ ଥିଲା ବେଳେ ଏ ଜୀବ ଭଗବାନଙ୍କୁ ପ୍ରାର୍ଥନା କରୁଥାଏ,'ପ୍ରଭୁ ମୋତେ ଏ ଯନ୍ତ୍ରଣାରୁ ଉଦ୍ଧାର କର । ମୁଁ ଏଣିକି ତୁମରି ସେବା କରୁଥିବି । କିନ୍ତୁ ଜନ୍ମ ଲଭିବା ମାତ୍ରେ ଜୀବ ସେ ଗର୍ଭବାସ ଯନ୍ତ୍ରଣା ଭୁଲିବା ସହିତ ନିଜର ଶପଥ ମଧ୍ୟ ଭୁଲିଯାଏ । ତା'ର ମନରୁ ଭଗବାନ ବିସ୍ମୃତ ହୋଇଯାନ୍ତି । ନାନା ଭୋଗବିଳାସରେ ସେ ନିଜକୁ ବୁଡାଇ ରଖେ । ପୁଣି ଜୀବନରେ କେବେ ବିପଦ ପଡିଲେ ଭଗବାନଙ୍କୁ ଡାକଦିଏ,କିନ୍ତୁ ବିପଦ ଦୂର ହେବା ମାତ୍ରେ ହିଁ ପୁଣି ତାଙ୍କୁ ଭୁଲି ଯାଏ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଭଗବାନଙ୍କୁ ଠକିବାର ଏହି ଅପଚେଷ୍ଟା କରୁଥାଏ। କିନ୍ତୁ ଭଗବାନଙ୍କୁ ତ ଠକି ହେବ ନାହିଁ । ପରିଣାମ ସ୍ୱରୂପ ସେ ନିଜକୁ ତଥା ଦୁନିଆଁକୁ ଠକିଥାଏ,ତେଣୁ କାହାକୁ ଠକାଅନାହିଁ । ଜନ୍ମ ଜନ୍ମାନ୍ତରର ବହୁ ପୁଣ୍ୟ ବଳରେ ଏ ମନୁଷ୍ୟ ଜନ୍ମ ପାଇଛ, ସେହି ଜନ୍ମର ସଂକଳ୍ପ, ସେ ଜନ୍ମର ଶପଥ ଭୁଲ ନାହିଁ । ସର୍ବଦା କୁକର୍ମ ତେଜ୍ୟା କରି ସତ କର୍ମରେ ବ୍ରତୀ ହୁଅ । ଆଶକ୍ତି ଶୂନ୍ୟ ନିଷ୍କାମ କର୍ମ ହେଉଛି ସତ୍ୟ ସେବା । ଯେ ହେତୁ ଈଶ୍ୱର ହେଉଛନ୍ତି ସତ୍ୟର ସ୍ୱରୂପ ସତ୍ୟସେବା କହିଲେ ଈଶ୍ୱରଙ୍କର ସେବା କୁହିଁ ବୁଝାଇ ଥାଏ । ଅନାସକ୍ତ କର୍ମୀ ଆପେ ଆପେ ଭକ୍ତ ପାଲଟି ଯାଏ । ଏପରି ଚିନ୍ତାଧାରା ନେଇ ୧୯୬୨ ମସିହାରେ ଏହି ଆମ ଉତ୍କଳ ମାଟିରେ ସତ୍ୟ ସେବା ମଣ୍ଡଳ ନାମରେ ଗୋଟିଏ ସଂସ୍ଥା ଗଢ଼ି ଉଠିଥିଲା। ଓଡ଼ିଶାର ପୁରପଲ୍ଲୀର ଅଗଣିତ ଭକ୍ତି ପ୍ରାଣ ଜନତା ଏହା ସହ ସାମିଲ ହୋଇଥିଲେ । ଏ ଚିନ୍ତନର ପ୍ରବକ୍ତା ଥିଲେ ଆମ ଉତ୍କଳର ମହାନ ସନ୍ଥ ବାବା ବୈକୁଣ୍ଠ ନାଥ ବ୍ରହ୍ମଚାରୀ ।

**ତାଙ୍କର ବାଣୀ ଥିଲା :-**

ସତ୍ୟ ଅହିଂସା ମାନବ ଧର୍ମ ।
ମରମ ବୁଝି କର ହୋ କର୍ମ ।।
ସତ୍ୟକୁ ଛାଡ଼ି ଧରମ ନାହିଁ ।
ଆନରେ ମାତି ନ ହୁଅ ବାଇ ।।
ନିଃସ୍ୱାର୍ଥ ଭାବେ ସେବା ଆଚର ।
ନ ଭୁଲ ବିଭୁପ୍ରେମ ମନ୍ତର ।।
ନିଷ୍ଠାରୁ କେବେ ଟଳି ନ ଯାଅ ।

ନଥିବ ଚିତ୍ତେ କାଳକୁ ଭୟ ।।
ସତ୍ୟ ଚେତନ ପରମାନନ୍ଦ ।
ଚରଣ ତଳେ ସତତ ବନ୍ଦ ।।

ବାବା ବୈକୁଣ୍ଠନାଥ ସେବା, ଅହିଂସା ଦୁଇଟି ଅସ୍ତ୍ର ଧରି ୧୯୧୨ ଖ୍ରୀଷ୍ଟାବ୍ଦ ଜାନୁଆରୀ ୨୦ ତାରିଖରେ କଟକ ଜିଲ୍ଲା ଟାଙ୍ଗି ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମର ଜମିଦାର ଚୌଧୁରୀଙ୍କ ପରିବାରରେ ଜନ୍ମ ହୋଇଥିଲେ । ପିତା ଚୌଧୁରୀ ଚୈତନ୍ୟ କର ଓ ମାଆ ସୁଭଦ୍ରାଦେବୀ ତାଙ୍କୁ ବାଲ୍ୟକାଳରୁ ଅନାଥ କରି ଆର ପାରିକୁ ଚାଲିଯାଇଥିଲେ । ତାଙ୍କ ପିଲା ଦିନର ନାମ ଥିଲା ବଟକୃଷ୍ଣ । ପିତୃମାତୃ ଛେଉଣ୍ଡ ବଟକୃଷ୍ଣ ବାଲ୍ୟ କୈଶାର ଜୀବନ ବିତାଇଥିଲେ ମାହାଙ୍ଗା ଥାନା କୁଆଁପାଳ ନିକଟବର୍ତ୍ତୀ ମାମୁଁ ଘର ଜଳେଶ୍ୱରପୁର ଗ୍ରାମରେ । ବଟକୃଷ୍ଣ ପିଲା ଦିନରୁ ଥିଲେ ଖୁବ ଈଶ୍ୱରାନୁରାଗୀ ଏବଂ ସଂସାର ପ୍ରତି ବୀତସ୍ପୃହ ।

ସଂସାର ପ୍ରତି ବୈରାଗ୍ୟ ଭାବ ଦେଖି ମାମୁଁ ତାଙ୍କୁ ନେଇ କଲିକତାରେ ଏକ ବ୍ୟବସାୟୀଙ୍କ ପାଖରେ ରଖାଇଦେଲେ। କିନ୍ତୁ ସେ ବ୍ୟବସାୟ କଥା ଛାଡ଼ି ଯାଇ ଅଧିକାଂଶ ସମୟରେ ଗଙ୍ଗା କୂଳରେ ଧ୍ୟାନ ମଗ୍ନ ହୋଇ ବସୁ ଥିଲେ । ଶେଷରେ ସେ ଏହାକୁ ପରିତ୍ୟାଗ କରି ମାମୁଁଙ୍କଠାରୁ କିଛି ପଇସା ଧରି ତୀର୍ଥ ଭ୍ରମଣରେ ବାହାରିଗଲେ। ସେ ବହୁ ସ୍ଥାନ ଭ୍ରମଣକରି ଯାଇ ପହଞ୍ଚିଲେ ପୂର୍ବବଙ୍ଗ ରଙ୍ଗପୁର ଜିଲ୍ଲାର ଏକ ଗ୍ରାମରେ। ସେ ଗ୍ରାମଟି ବ୍ରହ୍ମପୁତ୍ର ଓ ପାଇକା ନଦୀର ମଧ୍ୟବର୍ତ୍ତୀ ସ୍ଥାନ ଥିଲା । ଗ୍ରାମର ଗୋଟିଏ ଧନାଢ୍ୟ ନିଃସନ୍ତାନ ଦମ୍ପତ୍ତି ତାଙ୍କୁ ତାଙ୍କ ଘରକୁ ପାଛୋଟି ନେଲେ । ପିଲା ବେଳୁ ପିତୃମାତୃ ଛେଉଣ୍ଡ ବଟକୃଷ୍ଣଙ୍କୁ ସେମାନେ ପୁତ୍ରବତ ଲାଳନ ପାଳନ କଲେ।
ବ୍ରହ୍ମପୁତ୍ରର ଅପର ପାରିରେ ଥିଲା ଯୋଗମାୟା ମାଆଙ୍କ ପୀଠ । ସିଦ୍ଧ ସାଧକ ନିରଞ୍ଜନ ସ୍ୱାମୀଙ୍କ ଆଶ୍ରମ ସେଠାରେ ଥାଏ । ଦିନେ ଯାଇ ବଟକୃଷ୍ଣ ସ୍ୱାମୀଙ୍କ ନିକଟରେ ପହଞ୍ଚିଲେ । ସ୍ୱାମୀଙ୍କୁ ଦେଖି ତାଙ୍କୁ ଲାଗିଲା ଯେମିତି ତାଙ୍କ ସହ ତାଙ୍କର ଜନ୍ମ ଜନ୍ମାନ୍ତର ସମ୍ପର୍କ । ତାଙ୍କ ପାଦ ସ୍ପର୍ଶ କରି ସେ ସ୍ୱାମୀଙ୍କୁ ମନ୍ତ୍ରଦୀକ୍ଷା ଦେବାପାଇଁ ପ୍ରାର୍ଥନାକଲେ । ପାଳକ ପିତାମାତାଙ୍କ ଅନୁମତି ନେଇ ସ୍ୱାମୀଙ୍କ ଠାରୁ ସେ ଦୀକ୍ଷା ଗ୍ରହଣ କରି ପରିଚିତ ହେଲେ ବୈକୁଣ୍ଠନାଥ ବ୍ରହ୍ମଚାରୀ ନାମରେ। ବୈକୁଣ୍ଠନାଥ ଗୁରୁଦେବଙ୍କ ଆଦେଶରେ ଆଶ୍ରମ ପ୍ରତିଷ୍ଠା କରିବା ନିମନ୍ତେ ଓଡ଼ିଶା ଫେରି ଆସିଲେ। ସେ ଜଲୌକା ପାହାଡ଼ର ମଣିନାଗ ଗୁମ୍ଫାକୁ, ଆଶ୍ରମ ସ୍ଥାପନର ପ୍ରକୃଷ୍ଟ ସ୍ଥାନ ଭାବରେ ବାଛି ନେଲେ ଏବଂ ସେହି ଠାରେ ଆଶ୍ରମ ସ୍ଥାପନ କରି ରହିଲେ ।

ଦିନେ ନିଶାର୍ଦ୍ଧରେ ଜଲୌକା ମଣିନାଗ ଗୁମ୍ଫାରେ ସେ ଗୁରୁଙ୍କୁ ଦର୍ଶନକରି ଆଶୀର୍ବାଦ ପ୍ରାପ୍ତହେଲେ । ଦୀର୍ଘ ଦିନ କୃଚ୍ଛ୍ର ସାଧନା କରି ସେ ଦିବ୍ୟ ପ୍ରେରଣା ପ୍ରାପ୍ତ ହୋଇ ସେହି ପ୍ରେରଣାକୁ 'ମାନବ ସମାଜର କଲ୍ୟାଣ ଓ ମାର୍ଗ ଦର୍ଶନ ନିମନ୍ତେ ବାଣ୍ଟିବା ପାଇଁ ପ୍ରତିଷ୍ଠା କଲେ 'ସତ୍ୟସେବା ମଣ୍ଡଳ '। ମଣ୍ଡଳର ଅଧୁନା ବିଭିନ୍ନ ସ୍ଥାନରେ ଏକାଧିକ ଆଶ୍ରମ ଗଢ଼ି ଉଠିଛି । ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆ ନିକଟ ବୈକୁଣ୍ଠ ସରଣୀରେ ମଧ୍ୟ ଏକ ମନାରମ ଆଶ୍ରମ ରହିଛି । ବାବା ଦିବ୍ୟ ଚେତନାରେ ଏହି ମନୁଷ୍ୟ ସମାଜକୁ ଉଦ୍ଭାସିତ କରି ଅପ୍ରକଟ ହୋଇଥିଲେ।

ବୈକୁଣ୍ଠ ବାବାଙ୍କର ସେହି  ଦିବ୍ୟବାଣୀ, 'ମଣିଷ ସମାଜରେ ଆଧ୍ୟାତ୍ମିକ ଚିନ୍ତା ଚେତନା ପ୍ରସାରିତ ହେଲେ ଆମର ଏହି ମର୍ତ୍ତ୍ୟ ଲୋକ ଦେବ ଲୋକରେ ପରିଣତ ହେବ' ଏବେ ମଧ୍ୟ ଆମ କର୍ଣ୍ଣ କୁହରରେ ଗୁଞ୍ଜରିତ ହେଉଛି । ଜୟ ସନ୍ଥ ଶିରାମଣି ବାବା ଶ୍ରୀ ବୈକୁଣ୍ଠନାଥ ବ୍ରହ୍ମଚାରୀ ।

ବାବା ଶ୍ରୀ ବୈକୁଣ୍ଠନାଥ ବ୍ରହ୍ମଚାରୀ ।
ଧ୍ୟାୟେ ଗୁରୁ କଳ୍ପତରୁ କୋମଳ କଞ୍ଜ ଚରଣ ।
କଳାଗିରି କଳାକାର ମୋହ ତିମିର ଦାରଣ ।।
ଫୁଲ୍ଲାରବିନ୍ଦ ବଦନ ପ୍ରଦୀପ୍ତ ପ୍ରତିଭା ଧର ।
ଅହିବଟ ମୂଳବାସୀ ଜଲୌକା କ୍ଷେତ୍ରାଧିଶ୍ୱର ।।
କଳିଯୁଗାବ୍ଧ ପୁରୁଷ ମଣିନାଗ ନିଷେବିତ।
ନମାମି ବୈକୁଣ୍ଠନାଥ ଗୁଣାର୍ଣ୍ଣବ ଗୁଣାତୀତ ।।
(ସଂଗୃହୀତ)

❋❋❋

# କ୍ଷମା ଓ ଶାନ୍ତି

ଜଣେ ଯୁବରାଜ ସିଂହାସନରେ ବସିବା ପୂର୍ବରୁ ରାଜା ତାଙ୍କୁ କହିଲେ- ତୁମେ ଆଉ ସପ୍ତାହରୁ ଏ ଦେଶର ରାଜା ହେବା ତା' ପୂର୍ବରୁ ତୁମକୁ ଗୋଟିଏ ପ୍ରଶ୍ନ ପଚାରିବି ଯୁବରାଜ କହିଲେ- ପଚାରନ୍ତୁ ।

ରାଜା କହିଲେ- ମନେ କର ତୁମେ ଜଧାନୀରେ ରେ ଭ୍ରମଣ କରିବାକୁ ବାହାରିଲ ତୁମ ଲାଗି ସୁରକ୍ଷାର ବ୍ୟବସ୍ଥା ହେଲା । ତୁମେ ରାଜଧାନୀରେ ଘୋଡ଼ା ପିଠିରେ ବସି ବୁଲୁଛ । ଏଇ ସମୟରେ କେଉଁଠାରୁ ଏକ ପଥର ଆସି ତୁମ ମୁଣ୍ଡରେ ବାଜିଲା । ତୁମେ ଆହତ ହୋଇଗଲ ଚାରିଆଡ଼େ ହାହାକାର ପଡ଼ିଗଲା । ତୁମ ସୈନିକମାନେ ଚାରିଆଡ଼େ ଖେଦିଯାଇ ଜଣେ ଯୁବକକୁ ଧରିଆଣିଲେ । ଜଣାପଡ଼ିଗଲା ଯେ ସେଇ ଯୁବକଟି ଜଣେ ବିଦ୍ରୋହୀ । ବିଭିନ୍ନ କାରଣରୁ ତା'ର ରାଜାଙ୍କ ଉପରେ ରାଗ ରହିଛି । ଏବେ କୁହ ପ୍ରତିକ୍ରିୟାରେ ତୁମେ କ'ଣ କରିବ ?

ଯୁବରାଜ କହିଲେ- ମୁଁ ନିଶ୍ଚିତ ଭାବେ ଯୁବକକୁ ଦଣ୍ଡ ଦେବି । ରାଜା ପଚାରିଲେ- ଏମିତି କାହିଁକି କରିବ ?

ଯୁବରାଜ କହିଲେ- ମୁଁ ହେଉଛି ରାଜା ! ମୋ ପ୍ରତି ଏଭଳି ଅପମାନର ପ୍ରତିଶାଧ ମୁଁ ଅବଶ୍ୟ ନେବି ନହେଲେ ମୋ ମନକୁ ଶାନ୍ତି ମିଳିବ ନାହିଁ ଏବେ ରାଜା କହିଲେ- ମୁଁ କିନ୍ତୁ ତୁମ ସ୍ଥାନ ରେ ଥିଲେ ବିଦ୍ରୋହୀକୁ କ୍ଷମା କରିଦେଇଥାଆନ୍ତି । ତା'ର କାରଣଟି ଶୁଣ ତୁମେ ଶାସ୍ତି ଦେଇ ଶାନ୍ତି ପାଇପାର । କିନ୍ତୁ ଶାସ୍ତି ଦେଇ ତୁମେ ପାଇଥିବା ଶାନ୍ତି ପ୍ରକୃତରେ ପ୍ରତିଶୋଧଜନିତ ଶାନ୍ତି । ସେଥିରେ ବିଦ୍ରୋହୀ ଯୁବକର ମନରେ ଜଳୁଥିବା ନିଆଁ ଆହୁରି ଜୋରରେ ଜଳିପାରେ । ଦ୍ୱିତୀୟ କଥା ହେଲା, କ୍ଷମା ଦେଇ ଶାନ୍ତି ଲାଭ କରାଯାଇପାରେ ତାକୁ କ୍ଷମା କରିବା । ପଛରେ ଥିବା ମୂଳ ଉଦ୍ଦେଶ୍ୟ ତା' ମନରେ ପରିବର୍ତ୍ତନ ଆଣିବା । କ୍ଷମାର ଜଳ ମନରେ ଜଳୁଥିବା କ୍ରୋଧର ନିଆଁକୁ ଲିଭାଇ ଦେବ ସେଥିରୁ ଯେଉଁ ଶାନ୍ତି ମିଳିବ ସେଥିରେ କେବଳ ଶୀତଳତା ହିଁ ଥିବା ଏବେ ତୁମକୁ ବାଛିବାକୁ ହେବ । ତୁମକୁ ପ୍ରତିଶୋଧ ନେଇ ଶାନ୍ତି ନା କ୍ଷମା ଦେଇ ଶାନ୍ତି ହାସଲ କରିବାର ଅଛି ନା କ୍ଷମା ଲାଭ କରିବାର ଅଛି ।

❋❋❋

# କିମ୍ବଦନ୍ତି ର କାହାଣୀ

# କରମା ବାଈ କଥା

କରମା ବାଈ ନାମରେ ଜଣେ ଜଗନ୍ନାଥ ଙ୍କ ଅନନ୍ୟ ଭକ୍ତ ଶ୍ରୀକ୍ଷେତ୍ର ରେ ରହୁଥିଲେ। ସେ ଜଗନ୍ନାଥ ଙ୍କୁ ନିଜ ପୁଅ ପରି ସ୍ନେହ କରୁଥିଲେ। ମା ଯେପରି ପୁଅର ଖାଇବା ଚିନ୍ତାରେ ବ୍ୟସ୍ତ ହୋଇ ଯାଏ ସେ ମଧ୍ୟ ସେହିପରି ବ୍ୟସ୍ତ ହେଉ ଥିଲେ। କରମା ବାଈ ଜଗନ୍ନାଥଙ୍କୁ ନିଜ ପୁଅ ପରି ବ୍ୟବହାର କରୁଥିଲେ। ଦିନେ ସେ ଭାବିଲେ ଶ୍ରୀ ମନ୍ଦିର ରେ ଭାଗ ହେବା ପର୍ଯ୍ୟନ୍ତ ମା ପୁଅ କଣ ଭାକ ରେ ରହିବ ! ଏହା ଭାବି ସେ ଖୁବ୍ ଭାର୍ ରୁ ଉଠି ଅଗାଧୁଆ ଅବସ୍ଥାରେ ଖେଚେଡ଼ି ରାନ୍ଧି ଜଗନ୍ନାଥଙ୍କୁ ନିର୍ମଳ ହୃଦୟରେ ଖାଇବାକୁ ଡାକିଲେ। ତାଙ୍କ ଭକ୍ତିରେ ଏତେ ଶକ୍ତି ଥିଲାଯେ, ସ୍ୱୟଂ ଜଗନ୍ନାଥ ତାଙ୍କ ଘରକୁ ଖେଚୁଡି ଖାଇବାକୁ ଯାଉଥିଲେ । ଦିନେ ଚଳୁରେ ଜଗନ୍ନାଥ ଦେଖାନଯିବାରୁ ବଡପଣ୍ଡା ଅଧିଆ ପଡିଲେ । ମହାପ୍ରଭୁ ତାଙ୍କୁ ଦର୍ଶନ ଦେଇ କହିଲେ ଯେ, ସେ କରମା ବାଈ ଘରେ ଖେଚୁଡି ଖାଉଛନ୍ତି । ତା' ପରଦିନ ବଡପଣ୍ଡା କରମା ବାଈ ଘରେ ପହଁଚି ଦେଖନ୍ତି ତ ସେ ଚୂଲୀରେ ଖେଚୁଡି ବସେଇଛି । ଆଉ ମଝିରେ ମଝିରେ ସେ ଦାନ୍ତ ଘସୁଥିବା ଦାନ୍ତକାଠିର ପଛପଟେ ସେ ଖେଚୁଡିକୁ ଘାଣ୍ଟି ଦେଉଛି । ଭୀଷଣ ରାଗିଗଲେ ବଡପଣ୍ଡା । କିଛି ସମୟପରେ ମହାପ୍ରଭୁ ନିଜେ ଆସିଲେ କରମା ବାଈ ଘରକୁ ଖେଚୁଡି ଖାଇବାକୁ । ଲୁଚି ଲୁଚି ବଡପଣ୍ଡା ଦେଖୁଥାଆନ୍ତି, ଅତି ସ୍ନେହରେ କରମା ଜଗନ୍ନାଥଙ୍କୁ ଖେଚୁଡି ଖୁଆଉଛି ଆଉ ଭକ୍ତବତ୍ସଳ ବି ଅତି ଆଗ୍ରହରେ ତାକୁ ଖାଉଛନ୍ତି । ଏହା ଦେଖି ବଡପଣ୍ଡା ମନେମନେ ଭାବିଲେ, ଧନ୍ୟ ତୁ କରମା.....ଧନ୍ୟ। କରମା ବାଈର ମୃତ୍ୟୁପରେ ଜଗନ୍ନାଥଙ୍କ ଆଖିରୁ ଲୁହ ଝରିଲା। ସେ କରମାର ଖେଚୁଡିକୁ ଝୁରିହେଲେ। ତେଣୁ ସେହି ଦିନଠାରୁ ମହାପ୍ରଭୁଙ୍କ ଖେଚେଡ଼ି ଭୋଗର ପ୍ରଚଳନ ଆରମ୍ଭ ହେଲା।

ଏହିପରି ଭକ୍ତବତ୍ସଳ ପ୍ରଭୁ ଭକ୍ତ କରମା ବାଈ ର ମାତୃ ହୃଦୟ ର ବାତ୍ସଲ୍ୟ ସ୍ନେହରେ ବାନ୍ଧି ହୋଇଯାଇଥିଲେ। କରମା ବାଈ ମଧ୍ୟ ଯୁଗ ଯୁଗ କୁ ପ୍ରଭୁଙ୍କ ଅନନ୍ୟ ଭକ୍ତ ରୂପେ ସୁପରିଚିତ ହେଇ ଚିର ଅମର ହେଲେ।

(ସଂଗୃହୀତ ତଥ୍ୟ)

।।ଜୟ ଜଗନ୍ନାଥ।।

❋❋❋

# 'କାଳିଆର କୁନି ଭକ୍ତ ଓ ଚିରା କନ୍ଥା"

ବହୁ ବର୍ଷ ପୂର୍ବେ ପୁରୀ ବଡ଼ଦାଣ୍ଡ ପାଖ ଏକ ଛୋଟ ଗାଁରେ ଏକ ଅନାଥ ବାଳକ ରହୁଥିଲା, ଯାହାର ନାମ ଥିଲା ମାଧବ। ତାର ପାଖରେ ନା ଥିଲା ଘର, ନା ଥିଲା ଭଲ ପୋଷାକ। ତା'ର ଏକମାତ୍ର ସମ୍ବଳ ଥିଲା ଏକ ପୁରୁଣା ଚିରା କନ୍ଥା ଏବଂ ମନରେ ଜଗନ୍ନାଥଙ୍କ ପ୍ରତି ଅପାର ଭକ୍ତି।

ଶୀତ ଦିନର ପ୍ରକୋପ ବଢୁଥାଏ। ଥଣ୍ଡାରେ ଥରି ଥରି ମାଧବ ସିଂହଦ୍ୱାର ପାଖରେ ବସିଥାଏ। ସେ ଦେଖିଲା ସେବକମାନେ ପ୍ରଭୁଙ୍କ ପାଇଁ ଶୀତ ବସ୍ତ୍ର ଘୋଡ଼ଲାଗି) ନେଇ ଯାଉଛନ୍ତି। ମାଧବ ମନରେ ଦୁଃଖ ହେଲା, ସେ ଭାବିଲା — 'ମୋ କାଳିଆ ସାଆନ୍ତ ବି ଶୀତରେ ଥରୁଥିବେ। ମୁଁ ତ ଗରିବ, ମୁଁ ପ୍ରଭୁଙ୍କୁ କ'ଣ ଦେବି ?"

ସେହିଦିନ ରାତିରେ ମାଧବ ନିଜର ସେହି ପୁରୁଣା ଚିରା କନ୍ଥାଟିକୁ ଧରି ମନ୍ଦିର ବେଢ଼ା ବାହାରେ ବସି କାନ୍ଦିବାକୁ ଲାଗିଲା। ସେ ଭାବିଲା, ଯଦି ସେ ନିଜର ଏହି କନ୍ଥାଟିକୁ କାଳିଆକୁ ଦେଇପାରନ୍ତା, ତେବେ ତା' ପ୍ରଭୁଙ୍କୁ ଆଉ ଶୀତ ଲାଗନ୍ତା ନାହିଁ। କିନ୍ତୁ ଜଣେ ଗରିବ ପିଲାର ଅପରିଷ୍କାର କନ୍ଥାକୁ ମନ୍ଦିର ଭିତରକୁ ନେବାକୁ କିଏ ବା ଅନୁମତି ଦେବ ?

ଚମତ୍କାର:

ସେହି ରାତିରେ ବଡ଼ପଣ୍ଡାଙ୍କୁ ସ୍ୱପ୍ନରେ ଜଗନ୍ନାଥ କହିଲେ, ମୋତେ ଭାରି ଶୀତ ଲାଗୁଛି, ମୋ ଭକ୍ତ ବାହାରେ ମୋ ପାଇଁ ଏକ କନ୍ଥା ଧରି ବସିଛି, ତାକୁ ନେଇ ଆସ।'

ପରଦିନ ସକାଳେ ବଡ଼ପଣ୍ଡା ଦେଖିଲେ ମାଧବ ସେହି ଚିରା କନ୍ଥାଟିକୁ ଛାତିରେ ଜାକି ଶୋଇପଡ଼ିଛି। ଯେତେବେଳେ ସେହି କନ୍ଥାଟିକୁ ପ୍ରଭୁଙ୍କ ପାଖକୁ ନିଆଗଲା, ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ଯେ ସେହି ପୁରୁଣା କନ୍ଥାରୁ ତୁଳସୀ ଏବଂ ଚନ୍ଦନର ସୁଗନ୍ଧ ବାହାରୁଛି।

❋❋❋

# ଭକ୍ତ ସୁନା ମହାପାତ୍ର

ଜଣେ ଭକ୍ତ ଥିଲେ ତାଙ୍କ ସୁନା ମହାପାତ୍ର.....
ସନ୍ଧ୍ୟା ଧୂପ ସମୟରେ ଜଗନ୍ନାଥ ମହାପ୍ରଭୁଙ୍କର ଛପଭୋଗ ଲାଗେ, ଏଇ ଯେଉଁ ଛପନଭୋଗ ତିଆରି କରିବାର ଦାଇତ୍ୱ ଏବଂ ଭୋଗ ଲଗେଇବାର ଦାଇତ୍ୱ, ଏଇ ଦାଇତ୍ୱକୁ ଦିଆଯାଇଥିଲା ସୁନା ମହାପାତ୍ର ଙ୍କ ଉପରେ.....
ସୁନା ମହାପାତ୍ର ତାଙ୍କ ପ୍ରାଣରେ ବସେଇଛନ୍ତି ଜଗନ୍ନାଥ ମହାପ୍ରଭୁଙ୍କୁ ଆରାଧ୍ୟ ଦେବତା.....
ପ୍ରତ୍ୟେକ ଦିନ ଛପନଭୋଗ ତିଆରି ହବ ସନ୍ଧ୍ୟା ଧୂପ ସମୟରେ.....
ଛପନଭୋଗ ଲାଗିହଉଥିବ,,,,
ଲାଗିହେଲାବେଳେ ସେଥିରୁ କିଛି ଝଡ଼ିପଡ଼େ....
ସେ ଝଡିବା ଭାଗକୁ ସବୁ ଏକାଠି କରିଦେବେ ସୁନା ମହାପାତ୍ର, ତା ସାଙ୍ଗରେ ଆଉ କିଛି ଗୁଡ଼, ଆଉ କିଛି ଅଟା, ଆଉ କିଛି ଘିଅ ତାକୁ ମିସେଇକି ତାକୁ ସବୁ ଗୋଲି କରିଦେଇଥାନ୍ତି....
ଭୋଗ ଲାଗି ସରିବା ପରେ ଗରୁଡ଼ ପଛରେ ଠିଆହୋଇକି ତାକୁ ଦେଖେଇଦିଅନ୍ତି ଖାଲି ଏତିକି କହନ୍ତି ଜଗନ୍ନାଥେ ଖୋଆ ,,ଏତିକି କହିଦିଅନ୍ତି ନିଜେ ତାକୁ ଖାଇଦିଅନ୍ତି,,,,
ଖାଇଦେଇକି ଘରକୁ ଆସନ୍ତି....
ପ୍ରତ୍ୟେକ ଦିନ ଏ କାମ ଚାଲିଲା.....
ଯେତେବେଳେ ସେବକ ଜଣେ ଦୁଇଜଣ ଦେଖିଲେ ଇଏ କଣ ରେ.. ? ?
ଇଏ କଣ ନିଜେ ଖାଇଦେଉଛନ୍ତି.....
ସେତେବେଳେ ରାଜା ଥାନ୍ତି ପୁରୁଷୋତ୍ତମଦେବ,,,,
ଏଇ ପୁରୁଷୋତ୍ତମଦେବ ଙ୍କ ପାଖରେ ଜଣେ ସେବକ ଗୁହାରି କଲେ ମଣିମା.....
ରାଜା ଡାକିଲେ ସୁନା ମହାପାତ୍ରଙ୍କୁ,,,,
ସୁନା ମହାପାତ୍ର ଆସିଲେ କଣ କହୁଛନ୍ତି ମଣିମା.. ? ?
ମୁଁ ପରା ଛପନଭୋଗ ସେପଟେ ପ୍ରସ୍ତୁତ କରୁଛି.....
ରାଜା :- ତମ ନାଁ ରେ ଅଭିଯୋଗ ହେଇଛି ତ.....
ସୁନା ମହାପାତ୍ର:- କଣ ଅଭିଯୋଗ ହୋଇଛି ଆଜ୍ଞା.. ? ?

ସୁନା ମହାପାତ୍ର କହୁଛନ୍ତି ମୋତେ ଛାଡିଦିଅନ୍ତୁ ନା ସେପଟେ ପରା ଛପନଭୋଗ ତିଆରି ଚାଲିଛି ମୁଁ ନଗଲେ ଅସୁବିଧା ହେଇଯିବ.....

ଏ ସେବକ କହିଲେ ଇଏ ମିଛ କହୁଛନ୍ତି ଆଜ୍ଞା ଦଣ୍ଡ ପାଇବେ ବୋଲି.....

ସୁନା ମହାପାତ୍ର ଠିଆହେଇକି କହିଲେ କଣ ଦଣ୍ଡ ପାଇବି.. ?

କଣ କରିଛି ମୁଁ.. ? ?

ପଚାରିଲେ ସେବକ ରାଜା ବସିକି ଶୁଣୁଛନ୍ତି....

ସୁନା ମହାପାତ୍ର :- କହିଲେ ମୁଁ କଣ କରିଛି ଯେ ଅଧା ଭାଗରୁ ମୋତେ ଉଠେଇକି ଅଣାଗଲା.. ? ?

ଆଉ ପୁଣି ମୋ ହାତକୁ ବାନ୍ଧି ଦିଆଗଲା କଣ ପାଇଁ.. ? ?

ମୁଁ କଣ ଦୋଷ କରିଛି.... ? ? ? ?

ଏଇଠି ସେବକ କହିଲେ ମୁଁ ଅଭିଯୋଗ କରିଛି ତମ ନାଁ ରେ....

ସୁନା ମହାପାତ୍ର :- କଣ ଅଭିଯୋଗ କରିଛ.. ?

ସେବକ :- ମୁଁ ଏଇଆ ଅଭିଯୋଗ କରିଛି ତମେ ଭୋଗ ଲାଗିବା ପୂର୍ବରୁ ନିଜେ ଆଗେ ଖାଇଦେଉଛ.....

ଏଇଠି ସୁନା ମହାପାତ୍ର କହିଲେ ମୁଁ ଖାଇଦେଉଛି ଯେ ମୁଁ ପରା ଭୋଗ ଲଗେଇକି ଖାଉଛି....

ସେବକ :- ବିନା ମନ୍ତ୍ର ରେ, ଚଳୁ ଧରାହେଇନି ତମେ କେମିତି ଭୋଗ ଲଗାଉଛି, ମନ୍ତ୍ର ପଢିଛ ତମେ,,

କହୁଛ ଜଗନ୍ନାଥ ଖାଆ, ଏତିକି କହି ତମେ ଖାଉଛ,,

ଭୋଗ କେତେବେଳେ ଲଗେଇଲ...

ଏଇଠି ସୁନା ମହାପାତ୍ର କହିଲେ,

ଶୁଣ ମୁଁ ପରା ସମର୍ପଣ କରିଦେଇଛି ନା,,

ଯଉଟା ସମର୍ପଣ ହୋଇଯାଏ ସିଏ ପ୍ରସାଦ ହେଇଯାଏ....

ସମର୍ପଣ କରିଦେଲାପରେ ତ ପ୍ରସାଦ ହୋଇଗଲା ଆଉ କଣ ଥାଏ, ମୋ କାଳିଆ ସାଆନ୍ତ ଜାଣିଛନ୍ତି ମୁଁ କଣ.. ?  ଆଉ ମୁଁ ମଧ୍ୟ ଜାଣିଛି ମୋ କାଳିଆ ସାଆନ୍ତ କଣ ତେଣୁକରି ମୋ ନାଁରେ କାହିଁକି ରାଜାଙ୍କ ପାଖରେ କହୁଛ...

ରାଜା ହଠାତ କି ରାଗିଗଲେ, ରାଜା ପୁରୁଷୋତ୍ତମଦେବ କହିଲେ କଣ ତମେ ସୁନା ମହାପାତ୍ର ଜଗନ୍ନାଥଙ୍କର କୌଣସି ଅବଜ୍ଞା ମୁଁ ଯେମିତି ସହିପାରିବିନାହିଁ,,

ତମେ ଭୋଗ ଲାଗିବା ପୂର୍ବରୁ ଜଗନ୍ନାଥ ଖାଆ ବୋଲି କହି ତମେ ଆଗ ଖାଇଦେଉଛି....

ସୁନା ମହାପାତ୍ର କହିଲା ଛପନଭୋଗରୁ ଯେଉଁ ଝଡ଼ିପଡ଼େ ସେଥିରେ ମୁଁ କିଛି ଅଟା, କିଛି ଗୁଡ଼, କିଛି ଘିଅ ମିଶେଇ ତାକୁ ଗୋଲି ଟାଏ କରିଥାଏ,, ତାକୁ ଆଣିକି ମହାପ୍ରଭୁଙ୍କୁ ଟିକେ ଦେଖେଇଦିଏ ଜଗନ୍ନାଥ ଖାଆ ବୋଲି କହେ ତାପରେ ମୁଁ ନିଜେ ଖାଏ....

ମୁଁ ଯେତେବେଳେ ମହାପ୍ରଭୁଙ୍କୁ ଦେଖେଇଦିଏ ମହାପ୍ରଭୁ ଖାଉନାହାନ୍ତି କି...??

ରାଜା ରାଗିଗଲେ ଏ ସୁନା ମହାପାତ୍ର ପ୍ରଥମ ଭୁଲ କରୁଛ,,

ଭୁଲ କରିସାରିକି ପୁଣି ଆହୁରି ଧମକ ଦେଉଛ....

ସୁନା ମହାପାତ୍ର ହାତ ଯୋଡ଼ିଲେ ଡାକିଲେ ମଣିମା ଯଦି ମୋ କଥା ଆପଣଙ୍କୁ କଷ୍ଟ ଦଉଛି ଆପଣ ଯେଉଁ ଦଣ୍ଡ ଦେବେ ଦିଅନ୍ତୁ ମୁଁ କଣ କରିବି ଆଜ୍ଞା..?

ରାଜା :- ଯାଅ ସୁନା ମହାପାତ୍ର ଙ୍କୁ ନେଇ ବନ୍ଦୀ ଘରେ ପୂରେଇଦିଅ.....

ସୁନା ମହାପାତ୍ର କହିଲେ ବନ୍ଦୀ ଘରକୁ ନେବେ ଯେ ଛପନଭୋଗ ପ୍ରସ୍ତୁତ କରୁଥିଲି, ଭୋଗ ଟା ଅଧା ହେଇଛି ମଣିମା ମୁଁ ଟିକେ ଭୋଗ ପ୍ରସ୍ତୁତ କରିଦିଏ ତାପରେ ମୋତେ ବନ୍ଦୀ ଘରେ ପୂରେଇଦେବେ....

ରାଜା :- ନାଇଁ ନାଇଁ କିଛି ଶୁଣା ହବନି ଆଗେ ନେଇକି ବନ୍ଦୀ ଘରେ ପୁରାଅ....

ସୁନା ମହାପାତ୍ର ଙ୍କୁ ନେଇକି ବନ୍ଦୀ ଘରେ ପୂରେଇଦେଲେ....

ବନ୍ଦୀ ଘରେ ଥାଇ ଖିଆ ନାହିଁ ପିଆ ନାହିଁ ସୁନା ମହାପାତ୍ର ହାତକୁ ଟେକିଦେଲେ କହିଲେ କାଳିଆ ସାଆନ୍ତେ ତୁ ସବୁ ଜାଣୁ.....

ବନ୍ଦୀ ଘରେ ସୁନା ମହାପାତ୍ର ଡାକୁଛନ୍ତି ହେ କାଳିଆ ସାଆନ୍ତ ତୁମେ ଭରଷା ଠାକୁରେ,,,,

ବନ୍ଦୀ ଘରେ ପୂରେଇଦେଲ ଏବଂ ରକ୍ଷା କରିବ,

ମାରିବା ଦାୟିତ୍ୱ ତମର.....

ମୁଁ ଜାଣି ଜାଣି ଦୋଷ କରିନି ପ୍ରଭୁ ଏତିକି କହିକି ସୁନା ମହାପାତ୍ର ସୋଇଛନ୍ତି ପ୍ରଭୁଙ୍କ ଆସ୍ଥାନ କମ୍ପିଲା ନିଜେ ମହାପ୍ରଭୁ ଜଗନ୍ନାଥ ଆସିକି ବନ୍ଦୀ ଘର ଭିତରେ ଠିଆ ହେଇ ପଡିଲେ, ଅନେଇଦେଲେ  ସୁନା ମହାପାତ୍ର କିଏ..

ସ୍ୱୟଂ ମହାପ୍ରଭୁ ହାତ ଯୋଡ଼ିଦେଲେ....

ଭଗବାନ ଜଗନ୍ନାଥ ମହାପ୍ରଭୁ କହିଲେ ବ୍ୟସ୍ତ ହୁଅନି.....

ରାଜାଙ୍କୁ ରାତିରେ କହିଲେ ସ୍ୱପ୍ନରେ କହିଲେ ହେ ରାଜା ସୁନା ମହାପାତ୍ର ର କିଛି ଦୋଷ ନାହିଁ ସେ ମୋତେ ସମର୍ପଣ କରିଦେଇକି ଖାଉଛି ତାର ଦୋଷ କଣ..
ଯା ତାକୁ କାରାଗାର ରୁ ମୁକ୍ତ କର ତାକୁ ସମ୍ମାନ ଦେ ଯା.....
ରାତି ପାହିଲା ପରେ ପୁରୁଷୋତ୍ତମଦେବ ମହାରାଜ ନିଜେ ଆସିକି ସୁନା ମହାପାତ୍ର ଙ୍କୁ ମୁକୁଳେଇଲେ କ୍ଷମା ମାଗିଲେ.....
ଆଉ ଏଇ ସୁନା ମହାପାତ୍ର ଙ୍କ ପାଇଁ ଆଜି ପର୍ଯ୍ୟନ୍ତ ପ୍ରଚଳିତ ହଉଛି ସେ ଭୋଗ, ଯେଉଁ ଭୋଗ ଝଡି ପଡୁଥିଲା ସେଇ ଝଡିବା ଭାଗକୁ ନେଇ ଏତେ କାଣ୍ଡ ହେଲାନା,, ଝଡ଼ିପଡିବା ଭୋଗ ବୋଲି ତା ନାଁ ହେଲା ଝଡେଇନେଦା ବା କେହି କେହି କହନ୍ତି ଚଢେଇନେଦା ଆଜି ପର୍ଯ୍ୟନ୍ତ ସେ ଭୋଗ ଜଗନ୍ନାଥ ମହାପ୍ରଭୁ ଙ୍କ ପାଖରେ ଲାଗି ହେଉଛି.....

**ଜୟ ଜଗନ୍ନାଥ**

❋❋❋

# ଶ୍ରୀଜଗନ୍ନାଥ ମନ୍ଦିରର ନିର୍ମାତା

ଶ୍ରୀଜଗନ୍ନାଥ ମନ୍ଦିରର ନିର୍ମାତା, କୁଞ୍ଜର ଅଧୀଶ୍ୱର ଗଜପତି ମହାରାଜା ଶ୍ରୀ ଶ୍ରୀ ଅନନ୍ତବର୍ମନ ଚୋଡଗଙ୍ଗ ଦେବଙ୍କ ୯୪୮'ତମ ରାଜ୍ୟାଭିଷେକ ଦିବସର ଶୁଭେଚ୍ଛା ରାଜାଧିରାଜ, ରାଜ ପରମେଶ୍ୱର, ପରମ ଭଟ୍ଟାରକ, ତ୍ରିକଳିଙ୍ଗାଧିପତି ଓ ଗଙ୍ଗ ଚୁଡାମଣି ଚୋଡ଼ଗଙ୍ଗ ଦେବ କେବଳ ଜଣେ ପାରଙ୍ଗମ ସାମ୍ରାଜ୍ୟ ନିର୍ମାତା ଓ ସୁଦକ୍ଷ ଯୋଦ୍ଧା ନ ଥିଲେ, ସେ ଉତ୍କଳୀୟ ଧର୍ମକୀର୍ତ୍ତି ତଥା କଳା ଓ ଭାସ୍କର୍ଯ୍ୟର ପୃଷ୍ଠକ ମଧ୍ୟ ଥିଲେ । ସେ ଅନେକ ଜନହିତକର କାର୍ଯ୍ୟ କରିଥିଲେ । ବିଶାଳ ଉତ୍କଳ ସାମ୍ରାଜ୍ୟ ଗଠନ ପରେ ଶାସନ କାର୍ଯ୍ୟର ସୁବିଧା ପାଇଁ ସେ ତାଙ୍କର ରାଜଧାନୀକୁ ମୁଖଲିଙ୍ଗମ୍ଠାରୁ ଗଙ୍ଗା-କଟକକୁ ସ୍ଥାନାନ୍ତରିତ କରିଥିଲେ । ସେ ସମଗ୍ର ଉତ୍କଳକୁ ଜୟ କରି ଏବଂ ଏହାର ଶାସକ ଭାବେ ରହି ଉତ୍କଳର ସଂସ୍କୃତି, ଜନଜୀବନ ଧାରା ସହ ପୁର୍ଣାଙ୍ଗ ଭାବେ ଜଡ଼ିତ ତଥା ଜଗନ୍ନାଥ ସଂସ୍କୃତିଦ୍ୱାରା ଉଦବୁଦ୍ଧ ହୋଇ ପୁରୀଠାରେ ଜଗନ୍ନାଥ ମନ୍ଦିର ନିର୍ମାଣ କରି ଇତିହାସରେ ଅମରହୋଇ ରହିଛନ୍ତି । ଅନେକ ଅଭିଲେଖରୁ ଯାହ ଜଣାପଡେ ଚୋଡଗଙ୍ଗ ଦେବ ଜଣେ ଶୈବ ଧର୍ମାବଲମ୍ବୀ ଥିଲେ । ତଥାପି ବୈଷ୍ଣବ ଧର୍ମର ପ୍ରଚାର ଓ ପ୍ରସାର ପାଇଁ ସେ ପ୍ରାଚୀନ ଜରାଜୀର୍ଣ୍ଣ ସ୍ଥାନରେ ବର୍ତ୍ତମାନର ଜଗନ୍ନାଥ

ମନ୍ଦିର ତିଆରି ଆରମ୍ଭ କରିଥିଲେ । ସନ ୧୧୩୫ ବେଳକୁ ପୁରୀଠାରେ ସେ ଜଗନ୍ନାଥ ମନ୍ଦିର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଥିଲେ । ତାଙ୍କରି ପ୍ରଚେଷ୍ଟାରେ ପୁରୀ ଜଗନ୍ନାଥ ଧାମ ସାରା ଭାରତବର୍ଷରେ ଏକ ମହାନ ଧର୍ମପୀଠ ରୂପରେ ଅଗଣୀତ ଧର୍ମପ୍ରାଣ ଭାରତୀୟଙ୍କୁ ଆକୃଷ୍ଟ କରି ଏକତାର ବାଣୀ ଉଦ୍ଘୋଷିତ । ଏହି ମନ୍ଦିର ତାଙ୍କର ବୈଷ୍ଣବ ଧର୍ମ ପ୍ରତି ଆନୁଗତ୍ୟର ଏକ ପ୍ରାମାଣିକ ନିଦର୍ଶନ ଓ ସ୍ଥାପତ୍ୟ କଳାର ଏକ ଅକ୍ଷୟ କୀର୍ତ୍ତି । ଏତଦ୍ ବ୍ୟତୀତ ସେ ମୁଖଲିଙ୍ଗମ୍, ଶ୍ରୀକୁରମ୍ ଓ ସୀମାଞ୍ଚଳଠାରେ ବୈଷ୍ଣବ ମନ୍ଦିରଗୁଡ଼ିକ ନିର୍ମାଣ କରିଥିଲେ । ଧଉଳି ପାହାଡ ନିକଟସ୍ଥ କୌଶଲ୍ୟା ଗଙ୍ଗ ଜଳଶୟ ଚୋଡ଼ଗଙ୍ଗ ଦେବଙ୍କ ଏକ ଜନମଙ୍ଗଳ କୀର୍ତ୍ତିର ଏକ ନମୂନା । ଯାଜପୁରର ଗଙ୍ଗେଶ୍ୱର ମନ୍ଦିର ତାଙ୍କ ସମୟରେ ନିର୍ମିତ ହୋଇଥିଲା ।

ଚୋଡ଼ଗଙ୍ଗ ଦେବଙ୍କ ଉତ୍କଳ ଖଣ୍ଡକୁ ରାଜତ୍ୱ କରି ପ୍ରାୟ ୧୧୪୭ ଖ୍ରୀ:ଅ:ରେ ଇହଧାମ ତ୍ୟାଗ କରିଥିଲେ । ତାଙ୍କଦ୍ୱାରା ସ୍ଥାପିତ ସାମ୍ରାଜ୍ୟବାଦୀ ଗଙ୍ଗବଂଶ ପ୍ରାୟ ୩୨୫ ବର୍ଷ ଉତ୍କଳକୁ ରାଜତ୍ୱ କରିଥିଲା । ଓଡ଼ିଶା ସଂସ୍କୃତି ଓ ଇତିହାସରେ ଅନନ୍ତବର୍ମ ଚୋଡ଼ଗଙ୍ଗଙ୍କ ରାଜତ୍ୱ ଉଲ୍ଲେଖନୀୟ ଥିଲା ।

❋❋❋

# ଭକ୍ତ ନୀଳାମ୍ବର ଦାସ କଥା

କଳିଯୁଗର ଆଉ ଜଣେ ଭକ୍ତଙ୍କ କଥା । ଉତ୍ତରାଖଣ୍ଡରେ ତାର ଘର । ନାମ ନୀଳାମ୍ୱର ଦାସ । ଜାତିରେ ବ୍ରାହ୍ମଣ । ଗୃହସ୍ଥ ଧର୍ମରେ ଚଳୁଥାଏ । ସ୍ତ୍ରୀ, ପୁତ୍ର, କନ୍ୟାଙ୍କୁ ନେଇ ବେଶ୍ ସୁଖୀ ପରିବାର । କର୍ମ, ଧର୍ମରେ ନିଷ୍ଠା, ଦାନ କରୁଥାଏ । ଅତିଥି ଅଭ୍ୟାଗତଙ୍କ ସେବା ସତ୍କାର କରୁଥାଏ । ନିୟମିତ, ଧର୍ମରେ ନିଷ୍ଠା, ଦାନ କରୁଥାଏ । ଅତିଥି ଅଭ୍ୟାଗତଙ୍କ ସେବା ସତ୍କାର କରୁଥାଏ ନିୟମିତ ପ୍ରବୁ ନାମ ଜପେ ଏବଂ ଗୀତା ଭାଗବତ ପଢେ ।

ଦିନେ ସେ ଭାବିଲା, "ପୁତ୍ର, ଦାରା, ଧନ; ଏସବୁ ମାୟାର ବନ୍ଧନ । କେହି ନୁହଁନ୍ତି କାହାର । ସମସ୍ତେ ପର । କେହି ସାଥିରେ ଯିବେନି । କର୍ମଫଳ ଭୋଗିବାକୁ ହେବ । ଯିବାବେଳେ କେବଳ ଧର୍ମ ହିଁ ସାଥିରେ ରହିଥିବ । ଏଣୁ ଏ ଘରକରଣା, ସଂସାର ଜଞ୍ଜାଳରେ ଘାଣ୍ଟି ହୋଇ ଲାଭ କ'ଣ ? ବରଂ ପ୍ରଭି ଚରଣରେ ମନଧ୍ୟାନ ଦେଲେ ଆତ୍ମିକ ସୁଖ ମିଳିବ । ମୁକ୍ତି ବି ମିଳିବ ।" ଏମିତ ଭାବି ଠିକ୍ କଲା ସେ ସବୁ ବନ୍ଧନ କାଟି ଶ୍ରୀକ୍ଷେତ୍ର ଯିବ ଏବଂ ପ୍ରଭୁଙ୍କୁ ଦର୍ଶନ କରି ସେଇଠି ରହିବ ।

ଘରୁ ବାହାରି ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କଲା। ମନେ ମନେ ପ୍ରଭୁଙ୍କୁ ଡାକି ବାଟ ଚାଲୁଥାଏ। ଅନେକ ଦୂର ଗଲାପରେ ଏକ ଜଙ୍ଗଲ ପଡ଼ିଲା। ତାପରେ ଏକ ବଡ଼ ନଈ। ଅକାତ କାତ ପାଣି। ଜନମାନବ ଶୂନ୍ୟ। କୋଉଠି କେହି ଦେଖାଯାଉ ନଥାନ୍ତି। ନଉକା କାତ ପାଣି। ଜନମାନବ ଶୂନ୍ୟ। କୋଉଠି କେହି ଦେଖାଯାଉ ନଥାନ୍ତି। ନଉକା ଧରି ଆର ପଟରେ ନାଉରୀ ଥାଏ। ନୀଳାମ୍ବର ପାଟକରି ଡାକିଲା, "ନାଉରୀ ଭାଇ। ଶୀଘ୍ର ଏ କୂଳକୁ ଡଙ୍ଗା ଆଣ। ବେଳ ସରି ଯାଉଛି। ନଦୀ ପାରି କରିଦେଲେ ମୁଁ ଆଗକୁ ଯିବି।"

ନାଉରୀ ଦେଖିଲା କେହି କୁଆଡ଼େ ନାହାନ୍ତି। ଭାବିଲା ଯାହା ହେଉ। କେହି ନାହାନ୍ତି। ଏ ଲୋକକୁ ନାଆରେ ବସାଇ ଗଭୀର ଗଣ୍ଡକୁ ନେଇ ପାଣିକୁ ଠେଲି ଦେବି ଏବଂ ତୋର ସମସ୍ତ ଜିନିଷ ମାରିନେବି। ଆରାମରେ କିଛି ଦିନ ତ ଚଳିଯାଇପାରିବ। କୂଳକୁ ନାଆ ଆଣିଲା। ନୀଳାମ୍ବର ନାଆରେ ବସି କହିଲା, "ଭାଇ ! ମୋତେ ଜଲ୍‌ଦି ପାରିକରିଦିଆ। ତମର ଧର୍ମ ହେବ। ମୁଁ ରାତି ହେବା ପୂର୍ବରୁ ଆଗ ଗାଁରେ ପହଞ୍ଚି ଯାଇପାରିବି।" ନାଉରୀ ନାଆ ବାହି ଗଭୀର ଗଣ୍ଡ ଆଡକୁ ନେଲା। ନିଳାମ୍ବର କହିଲା, "ଭାଇ! ଏ ପଟେ କୁଆଡେ ନେଉଛ ? କୂଳ ତ ସେପଟେ ରହିଲାଣି।"

"ଆରେ ବ୍ରାହ୍ମଣ! ଏଥର ତୋର ଇଷ୍ଟ ସ୍ମରଣ କର। ଆଜି ତୋର ମୃତ୍ୟୁ ମୋ ହାତରେ ଲେଖା ଯାଇଛି। ଯାହା ଧରିଛୁ ସବୁ ମୋତେ ଦେଇଦେ। ଆଉ ଅଳ୍ପ ସମୟ ପରେ ତୋର ଜଳସମାଧି ହେବ। କେହି ତୋତେ ରକ୍ଷା କରିପାରିବେ ନାହିଁ।" ନାଉରୀର ଏପରି କଥା ଶୁଣି ନିଳାମ୍ବର ଜୀବନ ବିକଳରେ ନାରାୟଣଙ୍କୁ ଡାକିଲା। " ହେ ପ୍ରଭୁ! ହେ ଜଗତର ନାଥ। ହେ ଅରକ୍ଷ ରକ୍ଷଣ। ମୁଁ ତ ଘୋର ବିପଦରେ ପଡିଛି। ମୋତେ ଏ ନାଉରୀ କବଳରୁ ରକ୍ଷା କର। ଏ ଭବନଦୀରୁ ପାରିକର। ନ ହେଲେ ଇଏ ମୋତେ ପାଣିକୁ ଠେଲି ମାରି ଦେବ। ମୋ ଜୀବନ ତମକୁ ଲାଗିଲା ପ୍ରଭୁ।

ରତ୍ନ ସିଂହାସନ ଟଳମଳ ହେଲା। ପ୍ରଭୁ ନାରାୟଣ କ୍ଷତ୍ରୀୟ ଯୋଦ୍ଧା ବେଶ ଧରି ଯଥାଶୀଘ୍ର ନଈ କୂଳରେ ଉପସ୍ଥିତ ହେଲେ। ଧନୁରେ ଗୁଣ ଚଢାଇ ଆଦେଶ ଦେବା ଢଙ୍ଗରେ, କହିଲେ, "ହେ ନାଉରୀ। ଶୀଘ୍ର ନାଆ ନେଇ ଏ କୂଳକୁ ଆପଣ ହେଲେ..।" ନାଉରୀ କ'ଣ କରିବ କିଛି ଭାବି ନ ପାରି ଛଳନାରେ ଧୀରେ ଧୀରେ ନାଆକୁ ଏପଟ ସେପଟ ବାହି ଚାଲିଲା। କୂଳକୁ ଆସିଲା ନାହିଁ। ପ୍ରଭୁ ମନଭେଦୀ ଶର ନିକ୍ଷେପ କଲେ। ପାଟି କରି ଆଦେଶ ଦେଲେ ଜଲ୍‌ଦି ଏ କୂଳକୁ ନାଆ ଆଣ। ନ

ହେଲେ ତୋତେ ତୀର ମାରି ସେ ପୁରକୁ ପଠାଇ ଦେବି। ନାଉରୀ ଅନ୍ୟ ଉପାୟ ନ ପାଇ କୂଳକୁ ନାଆ ଆଣିଲା।

ନୀଳାମ୍ବର ନାଆରୁ ଓହ୍ଲାଇ ପ୍ରଭୁଙ୍କ ଚରଣରେ ଲୋଟିଗଲା। ପ୍ରଭୁ ନିର୍ଦ୍ଦେଶ ଦେଲେ, "ରେ ନାଉରିଆ। ତୁ କ'ଣ ଜାଣିନୁ, ମୁଁ ରାଜାଙ୍କର ଖାସ କର୍ମଚାରୀ ? ଘାଟ ପାଉଣା ନ ଦେଇ ମନ ଇଛା ନାଆ ଚଳାଉଛୁ ଆଉ ଲୋକଙ୍କୁ ଲୁଟି ଚାଲିଛୁ ? ଜାଣିଛୁ ଏହାର ପରିମାଣ କ'ଣ ? ନାଉରୀ ମଧ୍ୟ ଗୋଡ ଧରି କ୍ଷମା ମାଗିଲା। ପ୍ରଭୁ କହିଲେ, "ତୁ ଏ ବ୍ରାହ୍ମଣ ଗୋସେଇଁଙ୍କୁ ଆର ପାରିରେ ଛାଡ ଶ୍ରୀଘ୍ର ନାଆ ନେଇ ଫେରିଆ। ମୁଁ ଏଇଠି ଅପେକ୍ଷା କରୁଛି।"

ନଈ ପାରି ହୋଇ ନୀଳାମ୍ବର କିଛିଦିନ ମଧ୍ୟରେ ଯାଇ ଶ୍ରୀକ୍ଷେତ୍ରରେ ପହଞ୍ଚିଲା ଦେଖିଲା ବଡଦାଣ୍ଡରେ ତିନିରଥରେ ବିଜେ ତିନିଠାକୁର। ଗୁଣ୍ଡିଚା ଯାତ୍ରା ଚାଲିଥାଏ ଭକ୍ତମାନେ ଆନନ୍ଦରେ ରଥ ଟାଣୁଥାନ୍ତି। ସେ ମଧ୍ୟ ଟାଣିଲା। ଠାକୁରଙ୍କୁ ପ୍ରଣିପାତ କରି ନିଜକୁ ଧନ୍ୟ ମଣିଲା।

❋❋❋

# ଭକ୍ତ ଗଙ୍ଗାଧର ଦାସ କଥା

ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜୁତି ସମୟରେ ପୁରୀ ନିକଟସ୍ଥ ଗୋବିନ୍ଦପୁର ଗ୍ରାମରେ ଗଙ୍ଗାଧର ନାମରେ ଜଣେ ଭକ୍ତ ରହୁଥିଲା। ତା ସ୍ତ୍ରୀର ନାମ ଶ୍ରୀୟା। ପିଲାପିଲି କେହି ବସୁଥିଲେ। କୁଟୁଣୀ ବେପାର କରି ସେ ଚଳୁଥିଲା। ଦୁହେଁଯାକ ବେଶ୍ ସରଳ, ନିରୀହ, ଧର୍ମପରାୟଣ। ନାମଭଜନ କରନ୍ତି। ଅତିଥି ଅଭ୍ୟାଗତଙ୍କ ସେବା କରନ୍ତି। ପରୋପକାର କରି ନିଜକୁ କୃତାର୍ଥ ମଣନ୍ତି। ସର୍ବଦା ହରିପଦେ ଧ୍ୟାନ ରଖୁଥାନ୍ତି। ଶାସ୍ତ୍ର, ପୁରାଣ ପଢନ୍ତି।

ଦିନକର କଥା; ଗଙ୍ଗାଧର ବେପାର ସାରି ଘରକୁ ଫେରି ଦେଖିଲା ତା ସ୍ତ୍ରୀ ବସି ମୁଣ୍ଡରେ ହାତ ଦେଇ କାନ୍ଦୁଚି। କାନ୍ଦିବାର କାରଣ ପଚାରିବାରୁ ସେ କହିଲା, " ଶୁଣ ସ୍ୱାମୀ। ମୁଁ ତ ହତଭାଗିନୀ। ହୀନ କପାଳୀ। ମୋ ଭଗ୍ୟରେ ପିଲାଛୁଆ ନାହାନ୍ତି ତ ମୋର ଦୋଷ କ'ଣ ? ମୁଁ ଘରୁ ପଦାକୁ ବାହାରି ପାରୁନି। ମୋତେ ବାଟ ଚଲେଇ ଦେଉ ନାହାନ୍ତି। କହୁଛନ୍ତି ମୁଁ ବାଞ୍ଝୀ। ମୋ ମତରେ ତମେ ଦ୍ୱିତୀୟ ବିଭା କର ନ ହେଲେ ଆମ କୁଳର କୋଉଗରିବ ଘରୁ ପୁଅଟିଏ କିଣି ଆଣ। ତାକୁ ଆମେ ସ୍ନେହ, ଶ୍ରଦ୍ଧା ଦେଇ ପୁଅ ପରି ପାଳିବା।

ସ୍ତ୍ରୀ କଥା ଶୁଣି ଗଙ୍ଗାଧର ଶ୍ରୀକ୍ଷେତ୍ର ଗଲା। ଜଣେ ରୂପକାର ଘରୁ ସୁନ୍ଦର କୃଷ୍ଣ ପ୍ରତିମାଟି ଗଢାଇ ଆଣିଲା। ଘରେ ପହଞ୍ଚି ସ୍ତ୍ରୀକୁ ଦେଇ କହିଲା; ଏଇ ନିଅ ଆମ ପୁଅ। ଯାକୁ ଆଦର ଯତ୍ନରେ ପାଳ। ଦେଖିବ ଆମର ସବୁ ଦୁଃଖ ଉଭେଇଯିବ। ମାତା ଯଶୋଦା ସଜାଇ ପୁଅପରି ପାଳିଲା। ପୁଅକୁ ନଦେଖି ଅନ୍ନଜଳ ଗ୍ରହଣ କଲାନି। ସ୍ୱାମୀ – ସ୍ତ୍ରୀ ଦୁହେଁ ଯାକ କୃଷ୍ଣଙ୍କୁ ପୁଅ ରୂପେ ପାଳି ପୁତ୍ର ନଥିବାର ଦୁଃଖ ଭୁଲିଗଲେ। ପୂର୍ବପରି ପୂଜାର୍ଚ୍ଚନା, ଦାନ ଧର୍ମ କରି ଚଳିଲେ। ଯେତେବେଳେ ଯାହା ନୂଆ ଖାଦ୍ୟ ରାନ୍ଧିଲେ, ଫଳମୂଳ ଆଣିଲେ ବା ନୂଆ କିଛି ଦ୍ରବ୍ୟ ଆଣିଲେ ପ୍ରଥମେ କୃଷ୍ଣଙ୍କୁ ଅର୍ପଣ କଲେ। ଏମିତ କିଛି କାଳ ଗଲା। ଗଙ୍ଗାଧର ବେପାର କରିବା ପାଇଁ ବାହାରକୁ ଯିବ ବୋଲି ସ୍ଥିର କଲା। ସ୍ତ୍ରୀକୁ ସବୁ ବୁଝାଇ, ପୁଅ ଦାୟିତ୍ୱ ଦେଇ ବାହାରିଗଲା।

ଶ୍ରିୟା ଘରେ ରହି ପୁତ୍ର ସେବାରେ ମନଦେଲା। ଦାନଧର୍ମ କଲା। ନାମ ଜପିଲା। ଗଙ୍ଗାଧର ବେପାର କରି ଧନ ଅର୍ଜନ କଲେ ମଧ୍ୟ ମନରେ ଶାନ୍ତି ପାଇ ପାରଲା ନାହିଁ। ସର୍ବଦା ସ୍ତ୍ରୀ, ପୁଅଙ୍କ କଥା ମନେପଡିଲା। କ'ଣ କରିବ ? ଘରକୁ ଫେରି ଆସିବା ମନସ୍ଥ କରି ଆଗେଇ ଚାଲିଲା। ବୋଝ ମୁଣ୍ଡେଇ ଶୀଘ୍ର ଶୀଘ୍ର ଚାଲିବାରୁ ଗାଁ ମୁଣ୍ଡରେ ପହଞ୍ଚିଲା ବେଳକୁ ଭିଷଣ ଥକି ପଡିଲା। ଶୋଷରେ ତଣ୍ଟି ଶୁଖିଗଲା। ଝୁଣ୍ଟି ପଡିଲା ଯେ ତଳେ ପଡି ତାର ପ୍ରାଣ ଚାଲିଗଲା। ଲୋକମାନେ ଦେଖି ଧାଇଁ ଯାଇ ତା ସ୍ତ୍ରୀକୁ କହିଲେ। ଶ୍ରୀୟା ଏକଥା ଶୁଣି ଦୁଃଖରେ ଭାଙ୍ଗିପଡିଲା। କ'ଣ କରିବ ? ପୁଅକୁ ଘରେ ଏକା ଛାଡି କିପରି ଯିବ ? ସ୍ୱାମୀ ମନା କରିଥିଲା ପୁଅକୁ ଛାଡି ଘରୁ ବାହାରକୁ ଯିବୁନି।

ଶ୍ରୀୟା ମନେମନେ ନାରାୟଣଙ୍କୁ ସ୍ମରଣ କରି ପାଖକୁ ଯାଇ ଜଣାଇଲା; ହେ ପ୍ରଭୁ। ତମେଇ କୁହ ମୁଁ ଏବେ କ'ଣ କରିବି ? ତୁମକୁ ପୁ। ରୂପେ ପାଇ ଆମେ କେତେ ସୁଖୀ ହୋଇଥିଲୁ। ମୋ ଭାଗ୍ୟରେ ସୁଖ ନାହିଁ। ଗାଁ ମୁଣ୍ଡରେ ସ୍ୱାମୀ ମୋର ପ୍ରାଣତ୍ୟାଗ କରି ପଡି ରହିଛନ୍ତି। ଭାବଗ୍ରାହୀ କୃଷ୍ଣ ଶୂନ୍ୟବାଣୀ ଶୁଣାଇଲେ, "ଯାଅ ମାତା। ବାପାଙ୍କର କିଛି ହେବନାହିଁ। ପଥଶ୍ରମରେ ହାଲିଆ ହୋଇ ବିଶ୍ରାମ କରୁଛନ୍ତି। ତମେ ଯାଇ ତାଙ୍କୁ ଡାକ ଆଣ। କହିବ, ତମ ପୁଅ ଡାକୁଛି ଜଲ୍‌ଦି ଆସ।"

ଗଙ୍ଗାଧର ଗାଁ ମୁଣ୍ଡରେ ଯେଉଁଠି ପଡିଥିଲା ସେଠାରେ ଯାଇ ଶ୍ରୀୟା ପହଞ୍ଚିଲା। ସ୍ୱାମୀକୁ ହଲେଇ ଡାକିଲା। ସ୍ୱାମୀ ଉଠ। ତମ ପୁଅକୁ ଏକା ଘରେ ଛାଡି ଆସିଛି। ଚାଲ ଶୀଘ୍ର ଆମେ ଯାଇ ଘରେ ପହଞ୍ଚିବା। ଶ୍ରୀୟାର ଡାକ ଶୁଣି ଗଙ୍ଗାଧର ଆଖିମଳି ଉଠି ପଡିଲା। କହିଲା, "ପୁଅକୁ ଏକା ଛାଡି ଆସିଲ କାହିଁକି ? ମୁଁ ପରା ମନା କରଥିଲି ?" ଦୁହେଁ ଶୀଘ୍ର ଘରକୁ ଫେରିଲେ।

ତେଣୁ ପ୍ରଭୁ ବିଚାର କେଲେ, ଗଙ୍ଗାଧର ଆଉ ତାର ସ୍ତ୍ରୀ ତାଙ୍କୁ ପୁତ୍ର ରୂପେ ପାଇ ସୁଖୀ ହୋଇଛନ୍ତି । ସେମାନେ ସରଳ, ମନ ପବିତ୍ର, ଛନ୍ଦକପଟ ନାହିଁ । କିନ୍ତୁ ଗରିବ। ଏଣୁ ତା ଘର ଧନ୍ୟ ଧାନ୍ୟରେ ପୂରିଉଠୁ କାମନା କରି ଅନ୍ତର୍ଦ୍ଧାନ ହୋଇଗଲେ।

ଗଙ୍ଗାଧର ଏବଂ ଶ୍ରୀୟା ଘରେ ପହଞ୍ଚି ଦେଖିଲେ ସବୁକିଛି ବଦଳି ଯାଇଛି। ଚାଳଘର କୋଠା ହୋଇଯାଇଛି। ଘର ଧନଧାନ୍ୟରେ ପୂରି ରହିଛି। ମାତ୍ର ପୁତ୍ର ପ୍ରତିମା ଶ୍ରୀକୃଷ୍ଣ ନାହାନ୍ତି। ଦୁହେଁ ଅନେକ କାନ୍ଦିଲେ। ଶ୍ରୀୟାତ ବାରବାର ମୂର୍ଚ୍ଛା ଯାଉଥାଏ। ଗଙ୍ଗାଧର ମୁଣ୍ଡପିଟି କାନ୍ଦୁଥାଏ ଏବଂ କହୁଥାଏ, "ହେ ପ୍ରଭୁ! ଆମକୁ ଠକି ଦେଲ କାହିଁକି ? ଆମେ କ'ଣ ଅପରାଧ କରିଥିଲୁ ? ଆମର ଧନରତ୍ନ କ'ଣ ହେବ ? ଆମେ କ'ଣ ମାଗିଥିଲୁ ? ଆମକୁ ଧନ ଦେଇ ପର କରିଦେଲ ? ତମ ବିନା ବଞ୍ଚି ରହି ଲାଭ କ'ଣ ?" ଗଙ୍ଗାଧର ନିସ୍ତେଜ ହୋଇ ତଳେ ପଡି ରହିଲା। ସ୍ୱାମୀର ଅବସ୍ଥା ଦେଖି ଶ୍ରୀୟା ଅନେକ କାନ୍ଦିଲା।

ଜୁଇ ସଜାଇ ପତିର ଶବକୁ ରଖି ନିଆଁ ଲଗାଇ ଶ୍ରୀୟା ନିଜେ ସତୀ ହେବା ପାଇଁ ଝାସ ଦେଲା। ଲୋକମାନେ ରୁଣ୍ଡ ହୋଇ ଦେଖୁଥାନ୍ତି। ହଠାତ୍ ଦେଖାଗଲା ସ୍ୱୟଂ ନାରାୟଣ ଲକ୍ଷ୍ମୀଙ୍କ ସହିତ ଆସି ସେମାନଙ୍କୁ ନିଆଁରୁ ରକ୍ଷା କରି ଦିବ୍ୟ ରଥରେ ବସାଇ ବୈକୁଣ୍ଠପୁରକୁ ଘେନିଗଲେ।

❋❋❋

# ଭକ୍ତ କୃଷ୍ଣଦାସ ସମ୍ବାଦ

ଏହା ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ଜଣେ ଭକ୍ତର କାହଣୀ। ଏହାର ନାୟକ କୃଷ୍ଣ ଦାସ । ଜାତିରେ କରଣ । ସୁପଣ୍ଡିତ, କବି, ଗୀତିକାର, ଗାୟକ। ପରିବାର ସହିତ ରହେ । ନିଇତି ନୂଆ ନୂଆ ଗୀତ ଲେଖେ । ତାକୁ ଗାଇ ଲୋକଙ୍କୁ ଶୁଣାଏ। ସେମାନେ କିଛି କିଛି ବକ୍‌ସିସ୍ ଦିଅନ୍ତି । ସେଥିରେ ସେ ପରିବାର ପୋଷୁଥାଏ। କେବଳ ରାଧାକୃଷ୍ଣ, ଜଗନ୍ନାଥଙ୍କ ମହିମାକୁ ନେଇ ସେ ଗୀତ ଲେଖେ ଏବଂ ଖୁବ୍ ସୁମଧୁର ସୁଲଳିତ ସ୍ୱରରେ ଶୁଣାଇ ପେଟ ପୋଷେ । ପ୍ରଭୁଙ୍କ ମହିମା ପ୍ରଚାର କରିବା ସୁମଧୁର ସୁଲଳିତ ସ୍ୱରରେ ଶୁଣାଇ ପେଟ ପୋଷେ । ପ୍ରଭୁଙ୍କ ମହିମା ପ୍ରଚାର କରିବା ଥିଲା ତାର ପ୍ରଧାନ କର୍ତ୍ତବ୍ୟ । ସତ ପଥରେ ଚାଲେ । ଅତିଥି ଅଭ୍ୟାଗତଙ୍କୁ ଆଦର କରେ । ଧର୍ମ-କର୍ମରେ ବିଶ୍ୱାସ କରେ । ନିଜର ସବୁ କଥା ପ୍ରଭୁଙ୍କ ନିଷ୍ପତ୍ତିରେ ଛାଡିଦିଏ । ଆହ ପ୍ରଭୁଙ୍କୁ ସମର୍ପଣ ନ କରି ସେ ଅନ୍ନ ଛୁଏଁନା କି ପାଣି ପିଏନି।

କ୍ରମେ କୃଷ୍ଣଦାସର ଯଶଖ୍ୟାତି ଚାରିଆଡେ ପ୍ରସାରିତ ହୋଇ ଚାଲିଲା ଲୋକପ୍ରିୟତା ବଢିଲା । ବିଭିନ୍ନ ସ୍ଥାନରେ ଲୋକେ ତାକୁ ଡକାଇ ତା କଣ୍ଠରୁ ଗୀତ ଶୁଣନ୍ତି ଏବଂ ତାକୁ ସମସ୍ତେ ଚାନ୍ଦାକରି କିଛି ପାରିଶ୍ରମିକ ଦିଅନ୍ତି। ଖାଦ୍ୟ ଏବଂ ପରିପରିବା ମଧ୍ୟ ଦାନ କରନ୍ତି। ସେଥିରେ କୃଷ୍ଣଦାସର ସଂସାର ଚଲୁଥାଏ। କାହାକୁ ନିରାଶ କରେନା। ଯିଏ ଯାହା ମାଗେ ଦେବାପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରେ। ରାଜାଙ୍କ କାନରେ ଏକଥା ପଡିଲା। ଲୋକେ କହିଲେ, ମଣିମା! କୃଷ୍ଣଦାସ ଏତେ ଘରେ ଘରେ ପରିଚିତ। ସବୁରି ତୁଣ୍ଡରେ ତାର ପ୍ରଶଂସା। ତମକୁ ପଚାରେ କିଏ ? କ'ଣ କବିତା ଲେଖି ଗାଉଛି ଯେ ଲୋକଙ୍କ ମନପ୍ରାଣକୁ ମୋହୁଛି। ଲୋକେ ତାର ନାମ ନେଇ ନିଜ କାମ କରୁଛନ୍ତି। ତା ନାମ ଧରିଲେ କାଳେ ଭଗବାନ ସନ୍ତୁଷ୍ଟ ହୁଅନ୍ତି। କେବଳ ରାଧାକୃଷ୍ଣ, ଜଗନ୍ନାଥଙ୍କ ମହିମାକୁ ନେଇ ଗିତ ଲେଖେ। ନିଜ ନାମରେ ଭନିତା କରେ। ଜଣେ ଉତ୍ତମ କବି ଭାବରେ ତୟାର ଯଥେଷ୍ଟ ସୁନାମ।

ଲୋକଙ୍କ ମୁଖରୁ ଏସବୁ ଶୁଣି ରାଜା ଭାବିଲେ, ଯଦି କୃଷ୍ଣଦାସ ତାଙ୍କ ନାମରେ ଭଣିତା କରି ତାଙ୍କ ପ୍ରଶଂସାରେ ଗୀତ ଲେଖି ଲୋକଙ୍କୁ ଶୁଣାନ୍ତା ତେବେ ତାକୁ ଅନେକ ଧନରତ୍ନ ଦିଅନ୍ତେ। ରାଜକବି ଉପାଧି ଦେଇ ମୁଣ୍ଡରେ ପାଟଶାଢୀ ବାନ୍ଧି ଦିଅନ୍ତେ ଏଣୁ ଦୂତପଠାଇ ନିର୍ଦ୍ଦେଶ ଦେଲେ; ତୁ ଯିବୁ, କୃଷ୍ଣଦାସଙ୍କୁ ସାଦରେ ଡାକି ଆଣିବୁ ।

ହତଯାଇ ପହଞ୍ଚିଲା କୃଷ୍ଣଦାସଙ୍କ ଘରେ । ସେ ଧ୍ୟାନସ୍ଥ ଦେଖି ଅପେକ୍ଷା କଲା। କୃଷ୍ଣଦାସ ସାଷ୍ଟମ ହେବାରୁ ରାଜାଙ୍କ ନିର୍ଦ୍ଦେଶ ଜଣାଇଥିଲା। କୃଷ୍ଣଦାସ ଚିନ୍ତାରେ ପଡିଗଲା । ରାଜା କାହିଁକି ତାକୁ ଡାକି ପଠାଇଚନ୍ତି। ଯାହା ବି ହେଉ ଭଲମନ୍ଦ ପ୍ରଭୁ ବୁଝିବେ ଭାବି ଦୂତ ସହିତ ରାଜାଙ୍କ ପାଳକୁ ଗଲା।

ରାଜାଙ୍କ ଦରବାର ବସିଥାଏ । ମହାମନ୍ତ୍ରୀ, ରାଜପାରିଷଦ, ପଣ୍ଡିତ, ରାଜକବି, ସମସ୍ତେ ଉପସ୍ଥିତ ଥାନ୍ତି। କୃଷ୍ଣଦାସ ପ୍ରଣାମ ଜଣାଇଲା।

କୃଷ୍ଣ- ପ୍ରଣାମ ମଣିମା !

ରାଜା- ତମେ କୃଷ୍ଣ ଦାସ ?

କୃଷ୍ଣ- ହଁ ମଣିମା

ରାଜା- ତମେ ଜଣେ କବି ?

କୃଷ୍ଣ- ହଁ ଆଜ୍ଞା ମଣିମା।

ରାଜା- ତମେ କ'ଣ ଲେକ ?

କୃଷ୍ଣ- ରାଧାକୃଷ୍ଣ, ଜଗନ୍ନାଥଙ୍କ ମହିମା ସମ୍ପର୍କରେ ମଣିମା।

ରାଜା– ମୋ ଉପରେ କବିତା ଲେଖିବ ?

କୃଷ୍ଣ– ପାରିବିନି ଆଜ୍ଞା

ରାଜା– କାହିଁକି । ମୁଁ ତମକୁ ଯଥେଷ୍ଟ ଧନୀ କରିଦେବି ।

କୃଷ୍ଣ– ପାରିବିନି ମଣିମା । ମୋ ପ୍ରଭୁଙ୍କର ନିର୍ଦ୍ଦେଶ ନାହିଁ ।

ରାଜା – ମୁଁ ରାଜା । ତମେ ମୋର ପ୍ରଜା । ମୋ ବିନା ତମର ଅନ୍ୟ ପ୍ରବୁ କିଏ ?

କୃଷ୍ଣ– ମୋ ପ୍ରଭୁ ଜଗତ ଠାକୁର ଶ୍ରୀ ଜଗନ୍ନାଥ । ତାଙ୍କ ବିନା ମୁଁ ଅନ୍ୟ କାହାକୁ ମାନେନି ।

ରାଜା– ଠିକ୍ ଅଛି । ତେବେ ଯାହା ଲେଖୁଛି ସେ ସବୁ ମୋ ନାମରେ ଭଣିତା କର । ମୁଁ ତମକୁ ରାଜକବି ପଦରେ ଅବସ୍ଥାପିତ କରିବି । ଚାକର ବାକର ଖଞ୍ଜି ଦେବି । ବେଶ୍ ଆରାମରେ ରହିବ । କବିତା ଲେଖିବ । ମୋ ନାମରେ ଭଣିତା କରିବ ।

କୃଷ୍ଣ– ପାରିବିନି ମଣିମା । ମୋ ଦ୍ଵାରା ଏ କାମ ହୋଇ ପାରିବନି ।

ରାଜା– କ'ଣ ହେଲା ? ପାରିବନି ? ଅନୁରୋଧ କରୁଥିଲି । ଏବେ --- ହେଉଛି । ମୋ କଥା ମାନିବ କି ନାହିଁ ?

କୃଷ୍ଣ– ନା ମଣିମା । ମୁଁ ମୋ ପ୍ରଭୁଙ୍କ ବ୍ୟତୀତ ଆଉ କାହା କଥା ମାନେନି ।

ରାଜା– (ରାଗିଯାଇ) ମୋ ଆଦେଶକୁ ବେଖାତିର ? ଦେଖିବି କୋଉ ବୋପା କୋଉ ପ୍ରଭୁ ଆସି ତତେ ବଞ୍ଚାଇବ ? ଆରେ କିଏ ଅଛ । ଏଇଟାକୁ ବାନ୍ଧି ପକାଅ । ଶହେ ଚାବୁକ ପ୍ରହାର କର । ଘୋଷାରି ଘୋଷାରି ନେଇ କାଳକୋଠାରୀରେ ବାନ୍ଧି ରଖିଦିଅ । ଅନ,ଜଳ ଦେବ ନାହିଁ । ତାର କେଉଁ ପ୍ରଭୁ ତାକୁ ରକ୍ଷା କରିବ କରୁ ।

ରାଜାଙ୍କ ଆଦେଶ ପାଇ କର୍ମଚାରୀମାନେ କୃଷ୍ଣଦାସକୁ ମାଡମାରି ଶିକୁଳୀରେ ବାନ୍ଧି କାଳକୋଠରୀରେ ବନ୍ଦୀ କରିଦେଲେ । ହାତ, ଗୋଡରେ ବେଡି ପକାଇ ଦେଲେ ସେମିତି ସେ କୁଆଡେ ପଳାଇ ଯାଇପାରିବନି । ସେମାନେ ଚାଲିଯିବା ପରେ କୃଷ୍ଣଦାସ କାନ୍ଦି କାନ୍ଦି କହିଲା ।

"ହେ ପ୍ରଭୁ ! ତମ ମନରେ କ'ଣ ଏଇଆ ଥିଲା ? ରାଜା ଦ୍ଵାରା ମୋତେ ମାଡଖୁଆଇ ବନ୍ଦୀ କରାଇ କ'ଣ ଲାଭ ପାଇଲ ? ପାରିବତ ମୋତେ ଏ ବିପଦରୁ ରକ୍ଷା କର ନଚେତ ମୋର ମୃତ୍ୟୁ ପାଇଁ ତମେ ଦାୟୀ ରହିବ । ସାରା ଜଗତରେ ନିନ୍ଦା ପାଇବ । ତମ ପ୍ରଭୁ ପଣିଆ ଏକ ପ୍ରଶ୍ନବାଚୀ ହୋଇ ରହିଯିବ । କୃଷ୍ଣଦାସ ଜଗନ୍ନାଥଙ୍କୁ ଧ୍ୟାନକରି ନିରବରେ ବନ୍ଦୀଶାଳାରେ ବସି ରହିଲା ।

ଭକ୍ତର ଦୁଃଖରେ ତେଣେ ପ୍ରଭୁଙ୍କ ନିଦ ହଜିଗଲା। ସେବାୟତମାନେ ପହଡ ପକାଇ ଚାଲିଯିବା ପରେ ପ୍ରଭୁ ମନ୍ଦିରୁ ବାହାରି ଯାଇ ପହଞ୍ଚିଲେ ବନ୍ଦୀଶାଳାରେ। ଦ୍ୱାର ଆପେ ଖୋଲିଗଲା। କୃଷ୍ଣଦାସକୁ ଛୁଇଁ ଦେବାରୁ ତାର ବନ୍ଧନ (ଶିକୁଳୀ) ଛିଣ୍ଡିଗଲା। ତାକୁ ଆଦର କରି ତା ଆଗରେ ନନାଦି ସ୍ୱାସିଷ୍ଟ ଭୋଜନ ରଖି ପ୍ରଭୁ କହିଲେ, "ବତ୍ସ କୃଷ୍ଣ ! ତୋର ଆଉ ଭୟ କରିବାର କିଛି କାରନ ନାହିଁ। ଭୋଜନ କରି ଶାନ୍ତିରେ ଥା। ମୁଁ ଯାଉଛି ତୋର ସମସ୍ତ ପ୍ରକାର ସୁବ୍ୟବସ୍ଥା କରାଇବି।"

ପ୍ରଭୁ ଅନ୍ତର୍ଦ୍ଧାନ ହେବା ପରେ କୃଷ୍ଣଦାସ ପ୍ରକୃତିସ୍ଥ ହୋଇ ଦେଖିଲା ସେ ମୁକ୍ତ ତାଙ୍କ ଆଗରେ ଭୋଜନ ଥୁଆ ହୋଇଛି। ସବୁ ପ୍ରଭୁଙ୍କ କୃପା ଭାବି ଖାଇ ପିଇ ବିଶ୍ରାମ କଲା ତେଣେ ହୋଇଛି ରାଜାଙ୍କ ପାଖରେ ପହଞ୍ଚି ପ୍ରଭୁ ସ୍ୱାପ୍ନାଦେଶ ଦେଲେ, " ହେ ରାଜା ! କୃଷ୍ଣଦାସ ମୋର ଭକ୍ତ। ତାକୁ ଦଣ୍ଡିତ କରି ତୁ ଯେଉଁ ଅପରାଧ କରିଛୁ ତହିଁର କ୍ଷମା ନାହିଁ। ଶୀଘ୍ର ମୋ ଭକ୍ତକୁ ମୁକ୍ତ କରି ତା' ପାଇଁ ଅନ୍ନବସ୍ତ୍ରର ବ୍ୟବସ୍ଥା କରିଦେ। ତାକୁ ତୋ ଦରବାରରେ ସ୍ଥାନ ଦେ। ସେ ମୋର ମହିମା ପ୍ରଚାର କରିବ। ନ ହେଲେ... ଦେଖିବୁ।"

ସ୍ୱପ୍ନାଦେଶ ପାଇ ରାଜା ଦିବ୍ୟସିଂହ ଦେବ ତୁରନ୍ତ ଉଠି ବନ୍ଦୀ ଶାଳାକୁ ଯାଇ କୃଷ୍ଣଦାସକୁ ପ୍ରଣାମ କରି କ୍ଷମା ମାଗିଲେ । ତୁମେ ମହାନ କୃଷ୍ଣଦାସ । ପ୍ରଭୁଙ୍କର ପରମଭକ୍ତ । ମୋ ଅପରାଧ କ୍ଷମା ମାଗିଲେ । ତୁମେ ମହାନ କୃଷ୍ଣଦାସଙ୍କ ମଥାରେ ପାଟଶାଢି ବାନ୍ଧି ଦେଇ ସମ୍ମାନେ ଦରବାରକୁ ପାଛୋଟି ନେଲେ।

❋❋❋

# ଭକ୍ତ ନାରାୟଣ ଦାସ ସମ୍ବାଦ

ଗଙ୍ଗା ତଟରେ ଅବସ୍ଥିତ ବଙ୍ଗଦେଶରେ ରାଜା କୀର୍ତ୍ତିଚନ୍ଦ୍ରଙ୍କର ରାଜ୍ୟରେ ବାସ କରୁଥିଲା ଜଣେ ପରମ ଭକ୍ତ। ନାମ ତାହାର ନାରାୟଣ। ଜାତିରେ କରଣ। ତାର ସ୍ତ୍ରୀ ନାମ ମାଳତୀ। ଘରେ ସମ୍ପତ୍ତି ଅଚଳାଚଳ। ଦିବରାତି ହରିଭଜନରେ ସମୟ କାଟେ। ସମସ୍ତଙ୍କୁ ଭଲପାଏ। ଆର୍ତ୍ତ ଅସହାୟଙ୍କ ସେବା କରେ। ଦୁଃଖୀ, ରଙ୍କୀ, ଭୋକିଲାଙ୍କ ପାଟିରେ ଅନ୍ନଦିଏ। ଅନାଥମାନଙ୍କୁ ଆଶ୍ରୟ ଦିଏ। ଦାନଧର୍ମ କରେ। ସତ୍ ପଥରେ ଚାଲେ। କେହି ଆଶାୟୀ ତା ଦୁଆରୁ ଖାଲି ହାତରେ ଫେରି ଯାଏନା। ତା ସ୍ତ୍ରୀ ମଧ୍ୟ ଖୁବ୍ ଗୁଣବତୀ। ସ୍ୱାମୀ ସେବାରେ ବ୍ରତୀ। ସାଧୁ ସନ୍ଥ, ଅତିଥି ଅଭ୍ୟାଗତଙ୍କ ସେବା କରେ। ସ୍ୱାମୀ-ସ୍ତ୍ରୀ ଦୁଇ ପ୍ରାଣୀ ମିଶି ପ୍ରଭୁ ପଦରେ ଲକ୍ଷ୍ୟ ରଖି ଚଳନ୍ତି।

ଦିନେ ଶାସ୍ତ୍ରପୁରାଣ ଶୁଣୁ ଶୁଣୁ ଭାବିଲା ଏ ସଂସାର ମିଛ। ଘର, ଦ୍ୱାର, ଧନ, ସମ୍ପତ୍ତି, ସ୍ତ୍ରୀ ସନ୍ତାନ, ବନ୍ଧୁବାନ୍ଧବ ସବୁମିଛ। କେବଳ ଧର୍ମ, ପ୍ରଭୁ ନାମ ହିଁ ସତ୍ୟ, ସମ୍ପତ୍ତି ସ୍ତ୍ରୀ, ସନ୍ତାନ, ବନ୍ଧୁବାନ୍ଧବ ସବୁମିଛ। କେବଳ ଧର୍ମ, ପ୍ରଭୁ ନାମ ହିଁ ସତ୍ୟ। ଏଣୁ ସବୁକିଛି ତ୍ୟାଗ କରି ଶ୍ରୀରାମଙ୍କୁ ଆଶ୍ରାକରି ବଞ୍ଚିବା ପାଇଁ ସ୍ଥିର କଲା। ଧନସମ୍ପତ୍ତି ଠୂଳ କରି ସ୍ତ୍ରୀକୁ କହିଲା, "ଚାଲ ଆମେ ଅଯୋଧ୍ୟାକୁ ପଳାଇବା। ସେଇଠାରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ସେବା କରି ଜୀବନର ଅବଶିଷ୍ଟ କାଳ ବିତାଇ ଦେବା।" ତା ସ୍ତ୍ରୀ ଖୁସି ହୋଇ କହିଲା । "ତମେ ମୋର ସ୍ୱାମୀ। ଜୀବନ ଦେବତା। ମୁଁ ତମର ଅନୁଗାମିନୀ। ତମେ ମୋତେ ଯୁଆଡେ ନେବ ମୁଁ ସେଇଆଡେ ଯିବାକୁ ବାଧ୍ୟ। ତମର ମୋର ଗୋଟିଏ ଧର୍ମ। ଗୋଟିଏ ପ୍ରଭୁ। ତମେ ଯଦି ଅଯୋଧ୍ୟା ଯାଇ ପ୍ରଭୁ ଶ୍ରୀରାମଙ୍କ ସେବାରେ ଜୀବନ ବିତାଇବାକୁ ଚାହୁଁଛ; ମୁଁ ମନା କରିବି କାହିଁକି ? ଖୁବ୍ ଭଲ ହେବ ଆମେ ଦୁହେଁ ଯାକ ଯାଇ ଅଯୋଧ୍ୟାରେ ରହିବା। ପ୍ରଭୁଙ୍କ ସେବା କରି ଆନନ୍ଦରେ କାଳ କାଟିବା।"

ତା'ପରେ ନାରାୟଣ ଦାସ ଦୁଇଟି ବଳଦରେ ଖାଦ୍ୟ। ଧନରତ୍ନ ଆଦି ଅଖାରେ ଲଦି ଅଯୋଧ୍ୟା ଅଭିମୁଖେ ଯାତ୍ରା ଆରମ୍ଭ କରିଦେଲେ। କିଛିଦିନ ମଧ୍ୟରେ ସେମାନେ ଚିତ୍ରକୂଟରେ ପହଞ୍ଚିଗଲେ। ସେଠାରେ ରହିଲେ। ବିଭିନ୍ନ ସ୍ଥାନ ବୁଲିଲେ ସେବା କଲେ। ଦାନ ଧର୍ମ କେଲେ। ପୁଣି ସବୁ ବାନ୍ଧି ବଳଦରେ ଲଦି ଅଯୋଧ୍ୟା ପଥରେ ଚାଲିଲେ। ସାଙ୍ଗ ସାଥୀ କେହି ନାହିଁ। ସ୍ତ୍ରୀ ଓ ସ୍ୱାମୀ ଦୁଇ ପ୍ରାଣୀ। ବଳଦ

ଦୁଇଟି । ବାଟରେ ଘନ ଜଙ୍ଗଲ ପଡିଲା। ଭୟ ଲାଗିଲା। ଗୋଟିଏ ଶବର ପଲ୍ଲୀରେ ପହଞ୍ଚିଲେ। ସେଠାରେ ଲୋକଙ୍କୁ ଅଯୋଧ୍ୟା ଯିବାର ବାଟ ପଚାରି ଅଗ୍ରସର ହେଲେ। କିଛି ଚୋର ଖଣ୍ଟ ସେମାନଙ୍କୁ ଅନୁସରଣ କଲେ। ଦଶଜନ ଖଣ୍ଟ ଏକାଠି ବିଚାର କଲେ, " ସେ ଦୁଇଜଣଙ୍କ ସହିତ ସାଥୀ ହେବା। ଭୁଲ୍ ଭାଟରେ ନେଇ ନିର୍ଜନ ସ୍ଥାନରେ ମାରି ସବୁ ଧନରତ୍ନ ଲୁଟି ପଳାଇ ଆସିବା।"

ଏମିତି ବିଚାର କରି ସେମାନେ ନାରାୟଣ ଆଉ ସ୍ତ୍ରୀଙ୍କ ପାଖରେ ପହଞ୍ଚିଲେ। କହିଲେ ତମେ ମାନେ । ଅଯୋଧ୍ୟା ଯାଉଛ ତ? ଆମେବି ଯାଉଛୁ। ଚାଲ ସମସ୍ତେ ମିଶିଯିବା। ପ୍ରଭୁ ଶ୍ରୀରାମ ନାମ ଗାଇ ଆଗେଇବା। ଜୟ ଶ୍ରୀରାମ.. ଜୟ ଶ୍ରୀରାମ କହି ସେମାନେ ଆଗକୁ ଚାଲିଲେ। ନାରାୟଣ ଏବଂ ତାର ସ୍ତ୍ରୀ ପ୍ରଭୁ ଶ୍ରୀରାମଙ୍କ ଚରଣରେ ପ୍ରଣିପାତ କରି ସେମାନଙ୍କ ସହିତ ଚାଲିଲେ। କିଛି ଦୂର ଗଲାପରେ ଘନ ଜଙ୍ଗଲ ପଡିଲା। ଭୟ ସଙ୍କୁଳ ପରିବେଶ। ସେମାନଙ୍କ ମନକୁ ନାନା ଆଶଙ୍କା ଘାରିଲା। ଅଚିହ୍ନା ଲୋକଙ୍କ ଉପରେ ପୂର୍ଣ୍ଣ ବରସା ଆସୁ ନଥାଏ।

ଖଣ୍ଟମାନେ ବିଚାର କଲେ ଏ ଘୋର ଜଙ୍ଗଲରେ କେହି ତାଙ୍କୁ ରକ୍ଷା କରିବାକୁ ଆଗେଇ ଆସିବେନି। ଏବେ ଚାଲ ସେମାନଙ୍କୁ ହତ୍ୟା କରି ଧନରତ୍ନ ନେଇ ପଅଳଇବା। ଜଣେ କହିଲା ସେମାନଙ୍କ ଆଖି ତାଡି ଦେବା। ଆଉ ଜଣେ କହିଲା ସେ ପୁରୁଷ ଲୋକଟାକୁ ବାନ୍ଧି ପକାଇ ତା ଉପରେ ପଥର ଲଦିଦେବା। ତା' ମାଇକିନାକୁ ନେଇ ମନଭରି ସମସ୍ତେ ଉପଭୋଗ କରି ଶେଷ କରିଦେବା। ଧନରତ୍ନ ନିଜ ମଧ୍ୟରେ ବାଣ୍ଟିନେବା। କିଛିଦୂର ଗଲାପରେ ସେମାନେ ନାରାୟଣକୁ ବାନ୍ଧି ପକାଇ ତା ଉପରେ ପଥର ଲଦି ଦେଲେ। ତା ସ୍ତ୍ରୀକୁ କହିଲେ, "ଆସ ସୁନ୍ଦରୀ। ଦଳପତିଙ୍କ ସଙ୍ଗରେ ରଙ୍ଗ ରସ କରି ମହା ଆନନ୍ଦରେ ରହିବୁ।

ନାରାୟଣ ପ୍ରଭୁ ଶ୍ରୀରାମଙ୍କୁ କାତର ପ୍ରାର୍ଥନା କଲା। "ହେ ପ୍ରଭୁ! ଜଗତ କାରଣ। ଭକତ ଜୀବନ। ବିପଦ ତାରଣ। ତମ ବିନା ମୋର ଆଉ କିଏ ସାହାଭରସା ଅଛି ଯେ ମୋତେ ବିପଦରୁ ରକ୍ଷା କରିବ? ଦୁନିଆ ଛାଡି ତମରି ଧାମରେ ତମ ନାମ ଗାଇ ଜୀବନ ବିତାଇବା ବୋଲି ପ୍ରତିଜ୍ଞା କରି ମୋ ସ୍ତ୍ରୀକୁ ଧରି ଆସୁଥିଲି ଯେ ଖଣ୍ଟମାନେ ମୋତେ ମାଡ ଦେଇ ବାନ୍ଧି ପକାଇ ମୋ ସ୍ତ୍ରୀକୁ ଧରି ନେଇଛନ୍ତି। ନାରାୟଣ ସ୍ତ୍ରୀକୁ ଜବରଦସ୍ତ ଧରି ନେଇଛନ୍ତି। ତା ଜୀବନ ବି ତମକୁ ଲାଗିଲା ପ୍ରଭୁ।" ନାରାୟଣଙ୍କ ସ୍ତ୍ରୀ ମଧ୍ୟ ବିକଳ ହୋଇ ପ୍ରଭୁଙ୍କୁ ଡାକିଲା, " ହେ ଦୟାମୟ। ହେ ପାତକ ତାରକ। ଦୁଃଖ ନିବାରକ। ତମ ଭକ୍ତ ଆଜି ଘୋର ବିପଦରେ। ରକ୍ଷାକର ପ୍ରଭୁ।"

ପ୍ରଭୁଙ୍କ ଆସନ ଟଳମଳ ହେଲା। କ୍ଷତ୍ରିୟ ବୀର ବେଶରେ ଘୋଡା ଚଢି ଖଣ୍ଡା ଧରି ଘୋର ଜଙ୍ଗଲରେ ଉପସ୍ଥିତ ହେଲେ। ତାଙ୍କ ତେଜ ଦେଖି ଖଣ୍ଟମାନେ ପଡି ଉଠି ପଳାୟନ କଲେ। ନାରାୟଣ ପାଖକୁ ଯାଇ ତାକୁ ଉଦ୍ଧାର କଲେ। ସ୍ୱାମୀ ସ୍ତ୍ରୀ ପ୍ରଭୁଙ୍କ ପାଦତଳେ ପଡି କେତେ ନିଉଛାଳି ହେଲେ। ପ୍ରଭୁଙ୍କ ପରିଚୟ ମାଗିଲେ।

କିଏ ତମେ ବୀର ଦେବଦୂତ? ବିପଦ ସମୟରେ ଆସି ଆମର ଜୀବନ ରକ୍ଷା କଲ। ତୁମେ ନିଶ୍ଚିତ ଭାବରେ ମୋର ସେଇ ପ୍ରଭୁ ଶ୍ରୀରାମ। ଭକ୍ତ ପାଖରେ ଆଉ କପଟ କରନା ପ୍ରଭୁ। ସ୍ୱରୂପରେ ଦେଖାଦିଅ। ମୋର ଆଉ କୁଆଡେ ଯିବାର ନାହିଁ। ମୋତେ ଏଇଠି ମୁକ୍ତ କରିଦିଅ ସଂସାର ସାଗରର ଅଶାନ୍ତ ବକ୍ଷରୁ। ତା' ସ୍ତ୍ରୀ ମଧ୍ୟ ସେଇ ଏକା କଥା କହିଲା। ପ୍ରଭୁ ଭକ୍ତ ପାଖରେ ହାରମାନିଲେ। ପ୍ରିୟତମା ପତ୍ନୀ ସତୀ ଜାନକୀ, ଅନୁଜ ଲକ୍ଷ୍ମଣ ଆଉ ଦାସାନୁଦାସ ହନୁମାନଙ୍କୁ ସାଥିରେ ନେଇ ଉଭା ହେଲେ। ନାରାୟଣ ଦାସ ଏବଂ ତା'ର ସ୍ତ୍ରୀ ପ୍ରଭୁଙ୍କ ପାଦତଳେ ପଡି ପ୍ରଣିପାତ କଲେ। ସେଇଠାରେ ସେମାନେ ମୋକ୍ଷ ପାଇଗଲେ।

❋❋❋

# ଭକ୍ତ ଗୋବିନ୍ଦ ଦାସ

ଉତ୍ତରାଖଣ୍ଡ ତାର ଘର। ଜାତିରେ ବ୍ରାହ୍ମଣ। ସ୍ତ୍ରୀ, ଦୁଇପୁଅ, ଗୋଟିଏ ଝିଅକୁ ନେଇ ତାର ପରିବାର। ହରିଭକ୍ତିରେ ମନ। ସତସଙ୍ଗ କରେ। ନାମ ଭଜନ, କୀର୍ତ୍ତନରେ ସାମିଲ ହୁଏ। ଶାସ୍ତ୍ର, ପୁରାଣ ପଢିଶୁଣି ତା ମନକୁ ବେରାଗ୍ୟ ଆସିଲା। ଭାବିଲା, ଏ ଜଗତ ମିଥ୍ୟା। ପିତା , ପୁତ୍ର ସ୍ତ୍ରୀ, କନ୍ୟ, ବନ୍ଧୁବାନ୍ଧବ, ପରିବାର ସବୁ ମିଛ ବନ୍ଧନ। ମାୟା ମୋହର ସଂସାର। କହେ ନୁହେଁ କାହାର। ନିର୍ଦ୍ଦିଷ୍ଟ ସମୟ ଆସିବ ମାତ୍ରେ ସମସ୍ତେ ବିଦାୟ ନେବେ। ହୁଏତ କିଏ ଆଗ ବା କିଏ ପଛରେ ଯିବ। କେହି ଚିରକାଳ ବିଞ୍ଚି ରହି ପାରିବେନି। ବାଲ୍ୟ, କୈଶୋର, ଯୌବନ, ଜରା, ବ୍ୟାଧି ଦେଇ ବାର୍ଦ୍ଧକ୍ୟ ପହଞ୍ଚେ। ମଣିଷ ମୃତ୍ୟୁ କବଳରେ ପଡେ। ସବୁ କର୍ତ୍ତୃତ୍ୱ, ଅଧିକାର, କ୍ଷମତା ହାତରୁ ଚାଲିଯାଏ। କେହି ମନେ ରଖନ୍ତିନି। ଏଣୁ ଗୋବିନ୍ଦ ଦାସ ସ୍ଥିର କଲା ଘରଦ୍ୱାର ଛାଡି ଦେଶାନ୍ତର ଗମନ କରିବ।

ନିଜ ଘର, ପରିବାର, ଗ୍ରାମ ଛାଡି ବିଭିନ୍ନ ଅଞ୍ଚଳ ବୁଲିଲା। ଯେଉଁଠି ଯାହା ମିଳେ ତାହା ଖାଏ। ଯେଉଁଠି ରାତି ହୁଏ ସେଇଠି ବିଶ୍ରମ କରେ। ପୁଣି ସକାଳ ହେଲେ ନିତ୍ୟକର୍ମ ସାରି ଗନ୍ତବ୍ୟ ପଥରେ ଆଗେଇ ଯାଏ। ଖରା, ବର୍ଷା, ଶୀତ କାକରକୁ ଖାତିର ନ କରି ଦୁଃଖ ବିପଦର ସାମନା କରି ହରିନାମକୁ ଆଶା କରି ଚଲୁଥାଏ। କ୍ରମେ ତା'ର ଅବସ୍ଥା ଶୋଚନୀୟ ହେବାରେ ଲାଗିଲା। ତେଜଓଜ କମିଗଲା। ଶରୀର କ୍ଷୀଣ ହୋଇଗଲା। କିଏ ତାକୁ ପାଗଳତ କିଏ ଚୋର ଆଖ୍ୟାଦେଲା। ଭାଗ୍ୟକୁ ଆଦରି ନିଜର ପର୍ମଫଳ ଭୋଗ କରୁଛି ଭାବି ସବୁ ସହିଲା। କ୍ଷେତ୍ରମାନଙ୍କ ମଧ୍ୟରେ ଶ୍ରେଷ୍ଟ ଶ୍ରୀକ୍ଷେତ୍ର, ଗଙ୍ଗା, ଗୟା, କାଶୀ, ବାରଣାସି, ଅଯୋଧ୍ୟା, ବୃନ୍ଦାବନ, ଗୋପ, ମଥୁରା, ହରିଦ୍ୱାର, ରାମେଶ୍ୱର, ସେତୁବନ୍ଧ, ଲଛମନ ଆଦି ତୀର୍ଥକ୍ଷେତ୍ର ଦର୍ଶନ କରିବାର ଅଭିଳାଷ ରଖି ମନକୁ ଦୃଢ କରି ଚାଲିଥାଏ।

ଘୋର ବନସ୍ତରେ ପ୍ରବେଶ ମାତ୍ରେ ବର୍ଷାକାଳ ଆସି ପହଞ୍ଚିଗଲା। ଦୁର୍ବଳ ଶରୀର ବନସ୍ତରେ ପ୍ରବେଶ ମାତ୍ରେ ବର୍ଷାକାଳ ଆସି ପହଞ୍ଚିଗଲା। ଦୁର୍ବଳ ଶରୀର ନେଇ ବର୍ଷା ଶୀତେ ଆଘାତ ସହିତ ସେ ଆଉ ଚାଲିପାରିଲା ନାହିଁ ଗୋଟିଏ ବଡଗଛ ମୂଳେ ପଡି ରହିଲା। ପ୍ରଭୁଙ୍କ ପାଦରେ ମନଧ୍ୟାନ ଦେଇ ନିରନ୍ତର ପ୍ରାର୍ଥନା କଲା। ପ୍ରଭୁ ଲଛମନଙ୍କର ଆସନ କମ୍ପିଲା। ସେ ଏକ ଶବର ବେଶ ଧରି ଭକ୍ତ ପାଖରେ ପହଞ୍ଚିଲେ। ସାଥିରେ ନିଆଁ ଉହ୍ନେଇ ନେଇଥିଲେ। ଉତ୍ତାପ ପାଇ ଗୋବିନ୍ଦ ଶାନ୍ତି ପାଇ ଗୋବିନ୍ଦ

ଶାନ୍ତି ପାଇଲା ମାତ୍ର ଉଠିବାକୁ ଶକ୍ତି ନଥାଏ। ପ୍ରଭୁ ତାକୁ ଧରି ଉଠାଇଦେଲେ। ନିଆଁ ତେଜରେ ତା ଶରୀରକୁ ବଳ ମିଳିଲା। ପ୍ରଭୁଙ୍କ ସ୍ପର୍ଶରେ ତାର କାନ୍ତି ବଢିଲା ଆନନ୍ଦରେ ଗଦଗଦ୍ ହୋଇ କହିଲା;

ସତ କୁହ କିଏ ତୁମେ ? ଘୋର ବିପଦ ସମୟରେ ଦେବଦୂତ ପରି ଅସି ମୋତେ ରକ୍ଷା କଲ। ନିଆଁ ଜଳାଇ ମୋତେ ତାପ ଆଉ ଶକ୍ତି ଦେଲ। ମୋତେ ଉଠାଇ ବସାଇଲ। ମୁଁ ଜାଣେ ତମେ ନିଶ୍ଚୟ ମୋର ପ୍ରଭୁ ଲଛମନ। ଭକ୍ତଜନର ବାନ୍ଧବ। ତମ କୃପାରୁ ମୁଁ ଆଜି ସୁସ୍ଥ ହେଲି। ତମ ଚରଣରେ କୋଟି କୋଟି ପ୍ରଣାମ। ଆଶୀର୍ବାଦ ଦେଇ ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ। ଗୋବିନ୍ଦ ଦାସ ଭାବିଲା ପ୍ରଭୁ ଲିଭି ଯାଇଥାନ୍ତା। ସେ ବଞ୍ଚିପାରିନଥାନ୍ତା। ଘୋର ବନସ୍ତରେ ତାର କ'ଣ କରିବ। ଏମିତ ଭାବୁ ଭାବୁ ଜଣେ ବ୍ରାହ୍ମଣ ଦିବ୍ୟଭୋଜନ ଧରି ଆସିଲେ। ସାଥିରେ କ୍ଷୀରି, ଖେଚୁଡି, ଆଚାର, ଦହି, ଛେନା, ସୁସ୍ୱାଦୁ ତରକାରୀ ଆଦି ଆଣିଥିଲେ।

ଗୋବିନ୍ଦ ଦାସ ଦିବ୍ୟ ଭୋଜନ ଖାଇ ଆଶ୍ୱସ୍ତ ହେଲା। ପୁଣି କହିଲା, "ମୁଁ ଜାଣିଛି। ତମେ ମୋ ପ୍ରଭୁ। ନ ହେଲେ ମୋ ମନ କଥା ଜାଣି ଏମିତି ଦୁଃଖ, ବିପଦ ସମୟରେ ମୋର ସହାୟକ ହୋଇନଥାନ୍ତି। ମୋ ଜୀବନ ବଞ୍ଚାଇ ଦିବ୍ୟଭୋଜନ ଦେଇନଥାନ୍ତେ। ହେ ପ୍ରଭୁ। ମୋତେ ନିଜ ରୂପରେ ଦର୍ଶନ ଦିଅ। ମୋତେ ଏ ସଂସାରୁ ରକ୍ଷା କର।

ପ୍ରଭୁ ଲଛମନ ନିଜ ରୂପରେ ଉଭା। ହାତରେ ଥରିଲା ବିଶାଳ ଲୋଦଣ୍ଡ। ତେଜରେ ଉଜ୍ୱଳି ଉଠୁଥିଲା ପରିବେଶ। ଗୋବିନ୍ଦ ଦାସ ପାଦତଳେ ପଡି ପ୍ରଣାମ କଲା। ପ୍ରଭୁ କହିଲେ, " ତୁ ମୋର ଶ୍ରେଷ୍ଠ ଭକ୍ତ। ଧନ୍ୟ ତୋ ଜୀବନ। ଧନ୍ୟ ତୋର ପିତାମାତା। ଏବେ ଆଉ କିଛି ଦୁଃଖ ନାହିଁ। ସୁଖରେ ଜୀବନ ଯାପନ କର। ଗୋବିନ୍ଦ କହିଲା, "ନା ପ୍ରଭୁ ! ମୋର ଆଉ କିଛି ଦରକାର ନାହିଁ। ମୋତେ ଏ ଭବସାଗରରୁ ପାରି କରିଦିଅ।"

ସଙ୍ଗେସଙ୍ଗେ ଗୋବିନ୍ଦର ପ୍ରାଣ ଛାଡିଗଲା। ବୈକୁଣ୍ଠପୁରରେ ତାକୁ ସ୍ଥାନ ମିଳିଲା। ଦେବଦୂତମାନେ ଆସି ତାକୁ ନେଇଗଲେ।

❋❋❋

# ସର୍ବଦେବମୟ ଶ୍ରୀଜଗନ୍ନାଥ ଯେବେ ଭକ୍ତ ଗଣପତି  ଭଟ୍ଟଙ୍କ ପାଇଁ ଗଣେଶ ସାଜିଲେ

ଏହା ବହୁ ବର୍ଷ ତଳର କଥା। ମହାରାଷ୍ଟ୍ରର ପଣ୍ଡରପୁରରେ ଗଣପତି ଭଟ୍ଟ ନାମକ ଜଣେ ଅତି ନିଷ୍ଠାବାନ ବ୍ରାହ୍ମଣ ରହୁଥିଲେ। ସେ ଥିଲେ ଗଣେଶଙ୍କର ପରମ ଭକ୍ତ। ଦିନେ ସେ ଜଣେ ସାଧୁଙ୍କ ମୁଖରୁ ଶୁଣିଲେ ଯେ, ପୁରୀରେ ବିରାଜମାନ କରୁଥିବା ଶ୍ରୀଜଗନ୍ନାଥ ହେଉଛନ୍ତି ପରଂବ୍ରହ୍ମ ଏବଂ ସେ ସବୁ ରୂପରେ ପୂଜା ପାଆନ୍ତି। ଗଣପତି ଭଟ୍ଟଙ୍କ ମନରେ ପ୍ରଭୁଙ୍କୁ ଦର୍ଶନ କରିବାର ତୀବ୍ର ଇଚ୍ଛା ଜାଗ୍ରତ ହେଲା। ସେହି ସମୟରେ ପୁରୀକୁ ଯାତ୍ରା କରିବା ଅତ୍ୟନ୍ତ କଷ୍ଟକର ଥିଲା। କିନ୍ତୁ ପ୍ରଭୁଙ୍କ ପ୍ରତି ଥିବା ଅଚଳା ଭକ୍ତି ତାଙ୍କୁ ସବୁ ବାଧାବିଘ୍ନ ଅତିକ୍ରମ କରିବାକୁ ସାହସ ଦେଲା। ବହୁ ମାସର ପଦଯାତ୍ରା ପରେ ସେ ପୁରୀରେ ପହଞ୍ଚିଲେ। ଆଶ୍ଚର୍ଯ୍ୟର କଥା, ସେହି ଦିନ ଥିଲା ମହାପ୍ରଭୁଙ୍କର ବିଶ୍ୱପ୍ରସିଦ୍ଧ 'ସ୍ନାନପୂର୍ଣ୍ଣିମା'। ଏହା ଏପରି ଏକ ପବିତ୍ର ଦିନ, ଯେଉଁ ଦିନ ପ୍ରଭୁ ସର୍ବସାଧାରଣଙ୍କ ଦର୍ଶନ ପାଇଁ ସ୍ନାନ ମଣ୍ଡପକୁ ଆସନ୍ତି।

ଗଣପତି ଭଟ୍ଟ ଅତ୍ୟନ୍ତ ଆନନ୍ଦରେ ସ୍ନାନମଣ୍ଡପ ନିକଟକୁ ଗଲେ। କିନ୍ତୁ ସେଠାରେ ପହଞ୍ଚିବା ପରେ ସେ ଚକିତ ଓ ଦୁଃଖିତ ହୋଇଗଲେ। ତାଙ୍କର କଳ୍ପନାର ପ୍ରଭୁ ଗଣେଶଙ୍କ ପରିବର୍ତ୍ତେ, ସେ ଦେଖିଲେ ମହାପ୍ରଭୁ ଜଗନ୍ନାଥଙ୍କର ଅଲଗା ବିଗ୍ରହ - ବିଶାଳ ଗୋଲାକାର ଚକ୍ଷୁ, ହାତ ଅଛି କିନ୍ତୁ ପାପୁଲି ନାହିଁ, ଏବଂ ଗୋଡ ମଧ୍ୟ ନାହିଁ।

ତାଙ୍କ ମନରେ ଏକ ବଡ ଦ୍ୱନ୍ଦ୍ୱ ସୃଷ୍ଟି ହେଲା। ସେ ଭାବିଲେ, 'ସାଧୁଙ୍କ କଥା କ'ଣ ମିଥ୍ୟା ଥିଲା? ଏହି ବିଗ୍ରହ ତ ମୋର ଗଣେଶଙ୍କ ପରି ଦେଖାଯାଉ ନାହାଁନ୍ତି । ସେବାୟତମାନେ ତାଙ୍କୁ ଧକ୍କା ମାରି ବାହାର କରିଦେଲେ। ଗଣପତି ଭଟ୍ଟ ଅପମାନିତ ଓ ଭଙ୍ଗା ହୃଦୟରେ ବଡ଼ଦାଣ୍ଡରୁ ଫେରିଲେ। ସେ ସ୍ଥିର କଲେ, ଯେଉଁ ପ୍ରଭୁଙ୍କଠାରେ ତାଙ୍କର ଇଷ୍ଟ ଦେବଙ୍କ ରୂପ ନାହିଁ, ସେ ତାଙ୍କର ଦର୍ଶନ କରିବେ ନାହିଁ । ସେ ପୁରୀ ଛାଡି ଚାଲିଯିବାକୁ ପ୍ରସ୍ତୁତ ହେଲେ।

ସେ ବାହାରିବା ବେଳେ ବଡ଼ଦାଣ୍ଡରେ ଧୂଳିରେ ବସି କାନ୍ଦିଲେ, 'ହେ ପ୍ରଭୁ! ମୁଁ ତୁମକୁ ଗଣେଶ ରୂପରେ ଦେଖିବାକୁ ଆସିଥିଲି । ମୁଁ ଜାଣେ ମୁଁ ଜଣେ ପାପୀ, ସେଥିପାଇଁ ହୁଏ ତ ତୁମେ ମୋତେ ଦର୍ଶନ ଦେଉନାହଁ । ଏତିକି କହି ସେ ପ୍ରଭୁଙ୍କୁ ମୁଣ୍ଡିଆ ମାରି ପଳାଇଲେ।

କିନ୍ତୁ ସେହି ସମୟରେ ଏକ ଆଲୌକିକ ଘଟଣା ଘଟିଲା। ରାତିରେ ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ହେଲା – 'ତୁମେମାନେ ଯେଉଁ ଭକ୍ତକୁ ବାହାର କରିଦେଲ, ସେ ହେଉଛି ମୋର ପ୍ରିୟ ସଖା । ତାଙ୍କର ନିଷ୍କଳଙ୍କ ପ୍ରେମ ମୋତେ ବାନ୍ଧି ରଖିଛି। ମୁଁ ତାଙ୍କ ପାଇଁ ମୋର ରୂପ ପରିବର୍ତ୍ତେ ଗଣେଶ ରୂପ ଗ୍ରହଣ କରିବି। ସେ ଆଜି ଯେ ପର୍ଯ୍ୟନ୍ତ ମୋତେ ଦର୍ଶନ ନକରିବେ, ସେପର୍ଯ୍ୟନ୍ତ ମୁଁ କୌଣସି ଭାଗ ଗ୍ରହଣ କରିବି ନାହିଁ।

ସେ ବାୟତମାନେ ତୁରନ୍ତ ଗଣପତି ଭଟ୍ଟଙ୍କୁ ଖୋଜିବାକୁ ବାହାରିଲେ । ସେତେବେଳକୁ ସେ ପୁରୀରୁ ବହୁ ଦୂରକୁ ଚାଲିଯାଇଥିଲେ। ସେମାନେ ତାଙ୍କୁ ଖୋଜି ବୁଝାଇଲେ, 'ପ୍ରଭୁ ତୁମର ଅଭିମାନ ସହିପାରିଲେ ନାହିଁ । ସେ ତୁମକୁ ଗଣେଶ ରୂପରେ ଦେଖିବାକୁ ଅପେକ୍ଷା କରିଛନ୍ତି ।

ଗଣପତି ଭଟ୍ଟ ଯେତେବେଳେ ସ୍ନାନ ମଣ୍ଡପରେ ପହଞ୍ଚିଲେ, ସେ ଦେଖିଲେ ମହାପ୍ରଭୁଙ୍କ ବିଗ୍ରହ ପରିବର୍ତ୍ତେ, ସ୍ୱୟଂ ଗଣେଶ ବିରାଜମାନ କରିଛନ୍ତି ! ହାତରେ ଅଙ୍କୁଶ, ପାଶ ଓ ମୋଦକ। ବିଶାଳ ଶୁଣ୍ଢ ଏବଂ ତାଙ୍କୁ ଦେଖି ହସୁଛନ୍ତି । ଗଣପତି ଭଟ୍ଟ ଚକିତ ଓ ଆନନ୍ଦରେ ପ୍ରଭୁଙ୍କ ପାଦତଳେ ପଡି କ୍ଷମା ମାଗିଲେ।

ସେହି ଦିନଠାରୁ ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁ ଜଗନ୍ନାଥଙ୍କୁ 'ଗଣେଶ ବେଶ' କରାଯାଏ। ଏହା ହେଉଛି ସର୍ବଦେବ ମୟ ଜଗନ୍ନାଥଙ୍କର ଅପାର ଲୀଳା, ଯାହା ଭକ୍ତର ସେହି ଆକୁଳ ଶ୍ରଦ୍ଧାକୁ ସମ୍ମାନ କରେ।

ଭଗବାନଙ୍କ ପାଇଁ ବସ୍ତୁର ମୂଲ୍ୟ ନାହିଁ, କେବଳ ଭକ୍ତର ସେହି ଆକୁଳ ଶ୍ରଦ୍ଧା ହିଁ ସବୁଠାରୁ ବଡ଼ ସମ୍ପତ୍ତି ।

❋❋❋

# ରଘୁ ଅରକ୍ଷିତଙ୍କ ତାଳପତ୍ର ଛତା ଯେବେ ଭକ୍ତ ପାଇଁ ଖରାରେ ସିଝିଲେ ପ୍ରଭୁ

ପୁରୀର ବଡ଼ଦାଣ୍ଡରେ ରଘୁ ଅରକ୍ଷିତ ନାମକ ଜଣେ ଅତି ନିଷ୍ଠାବାନ ଭକ୍ତ ରହୁଥିଲେ। ତାଙ୍କର ଏହି ସଂସାରରେ କେହି ନଥିଲେ, ସେଥିପାଇଁ ସେ ନିଜକୁ 'ଅରକ୍ଷିତ' ବୋଲି କହୁଥିଲେ। ସେ ପ୍ରତିଦିନ ସିଂହଦ୍ୱାର ପାଖରେ ବସି ମହାପ୍ରଭୁଙ୍କ ନାମ ଜପ କରୁଥିଲେ।

ଥରେ ପୁରୀରେ ପ୍ରବଳ ଖରା ହେଉଥିଲା। ରଘୁ ଅରକ୍ଷିତ ଦେଖିଲେ ଯେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ସମୟରେ ପ୍ରଭୁ ସ୍ନାନ ମଣ୍ଡପରେ ବିରାଜମାନ କରିଛନ୍ତି। ରଘୁଙ୍କୁ ଲାଗିଲା ଯେ ପ୍ରଖର ସୂର୍ଯ୍ୟ କିରଣରେ ତାଙ୍କ କାଳିଆ ସାଆନ୍ତଙ୍କ ଶ୍ରୀମୁଖ ଶୁଖିଯାଉଛି। ସେ ସହିପାରିଲେ ନାହିଁ। ନିଜେ ଜଣେ ଅତି ଗରିବ ହୋଇଥିଲେ ମଧ୍ୟ ସେ କୁଆଡୁ ଏକ ପୁରୁଣା ତାଳପତ୍ର ଛତାଟିଏ ଧରି ଧାଇଁ ଆସିଲେ।

ରଘୁ ଅରକ୍ଷିତ ସେହି ପୁରୁଣା ଛତାଟିକୁ ଧରି ସ୍ନାନ ମଣ୍ଡପ ନିକଟକୁ ଗଲେ। ସେବାୟତମାନେ ତାଙ୍କୁ ଜଣେ ପାଗଳ ଭାବି ଧକ୍କା ମାରି ବାହାର କରିଦେଲେ। ରଘୁ ବଡ଼ଦାଣ୍ଡରେ ବସି କାନ୍ଦିଲେ, 'ହେ ପ୍ରଭୁ! ମୁଁ ଜାଣେ ମୋ ଛତାଟି ଅତି ପୁରୁଣା, କିନ୍ତୁ ତୁମକୁ ତ ଖରା ଲାଗୁଥିବ। ମୁଁ କ'ଣ ତୁମକୁ ଟିକିଏ ଛାଇ ବି ଦେଇପାରିବି ନାହିଁ?'

କିନ୍ତୁ ସେହି ସମୟରେ ଏକ ଚମତ୍କାର ଘଟିଲା। ସମସ୍ତେ ଦେଖିଲେ ଯେ ମହାପ୍ରଭୁଙ୍କ ଶ୍ରୀମୁଖ ଉପରେ ଏକ ଅଦୃଶ୍ୟ ଛାୟା ପଡ଼ିଛି। ସୂର୍ଯ୍ୟଙ୍କ ପ୍ରଖର କିରଣ ଥିଲେ ମଧ୍ୟ ପ୍ରଭୁଙ୍କ ଶରୀର ଅତି ଶୀତଳ ଦେଖାଯାଉଛି। ଅନ୍ୟପଟେ, ବାହାରେ ଧୂଳିରେ ବସିଥିବା ରଘୁଙ୍କର ସେହି ପୁରୁଣା ତାଳପତ୍ର ଛତାଟି ନିଜେ ନିଜେ ଥରିବାକୁ ଲାଗିଲା।

ରାତିରେ ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ହେଲା – 'ତୁମେମାନେ ମୋତେ ସୁନା ଛତିରେ ଛାଇ କରୁଛ ସତ, କିନ୍ତୁ ରଘୁର ସେହି ପୁରୁଣା ତାଳପତ୍ର ଛତାରେ ଯେଉଁ ଶ୍ରଦ୍ଧା ଥିଲା, ତାହା ମୋ ହୃଦୟକୁ ଶୀତଳ କରିଦେଲା। ମୁଁ ତା'ର ସେହି ଉପହାରକୁ ଗ୍ରହଣ କରିଛି। 'ପରଦିନ ସମସ୍ତେ ରଘୁ ଅରକ୍ଷିତଙ୍କ ପାଦତଳେ ପଡ଼ି କ୍ଷମା ମାଗିଲେ। ଭଗବାନଙ୍କ ପାଇଁ ବସ୍ତୁର ମୂଲ୍ୟ ନାହିଁ, କେବଳ ଭକ୍ତର ସେହି ଆକୁଳ ଶ୍ରଦ୍ଧା ହିଁ ସବୁଠାରୁ ବଡ଼ ସମ୍ପତ୍ତି।

❋❋❋

# ମହାପ୍ରଭୁଙ୍କ ନୀଳମାଧବ ରୂପ ଓ ଦରିଦ୍ର ଶବର ଭକ୍ତ

ଏହା ସେହି ସମୟର କଥା, ଯେବେ ମହାପ୍ରଭୁ ଶ୍ରୀଜଗନ୍ନାଥ ପୁରୀର ଦାରୁ ବିଗ୍ରହ ରୂପରେ ପ୍ରକଟ ହୋଇନଥିଲେ। ସେ ଜଙ୍ଗଲ ମଧ୍ୟରେ ବିଶ୍ୱାବସୁ ନାମକ ଜଣେ ଶବରଦ୍ୱାରା 'ନୀଳମାଧବ' ରୂପରେ ପୂଜା ପାଉଥିଲେ। ସେହି ଶବର ବଂଶରେ ଜଣେ ଅତି ଗରିବ କିନ୍ତୁ ପରମ ଭକ୍ତ ରହୁଥିଲା, ଯାହାର ନାମ ଥିଲା 'କୁନାବସୁ'।

କୁନାବସୁ ଜଙ୍ଗଲରୁ କନ୍ଦମୂଳ, ଫଳ ଓ ମହୁ ସଂଗ୍ରହ କରି ଜୀବନ ବିତାଉଥିଲା। ତାର ଅଧିକାଂଶ ସମୟ ପ୍ରଭୁ ନୀଳମାଧବଙ୍କ ସେବାରେ ବିତୁଥିଲା। ସେ ପ୍ରତିଦିନ ସବୁଠାରୁ ଭଲ କନ୍ଦମୂଳ ଓ ଜଙ୍ଗଲର ସ୍ୱଚ୍ଛ ପାଣି ନେଇ ପ୍ରଭୁଙ୍କ ପାଖରେ ଭୋଗ ଲଗାଉଥିଲା।

ଥରେ ଜଙ୍ଗଲରେ ବହୁତ ବଡ଼ ଦୁର୍ଭିକ୍ଷ ପଡ଼ିଲା। ମାସ ମାସ ଧରି ବର୍ଷା ହେଲା ନାହିଁ। ଜଙ୍ଗଲର ସବୁ ଗଛ ସୁଖିଗଲା, ପଶୁପକ୍ଷୀମାନେ ଭୋକିଲାରେ ମରିବାକୁ ଲାଗିଲେ। କୁନାବସୁର ପରିବାର ମଧ୍ୟ ଖାଇବାକୁ ନପାଇ ଅତି କଷ୍ଟ ପାଇଲେ। କୁନାବସୁ ପାଇଁ ସବୁଠାରୁ ବଡ଼ ଦୁଃଖର କଥା ଥିଲା ଯେ, ସେ ତାଙ୍କ 'ବଡ଼ଠାକୁର' (ନୀଳମାଧବ)ଙ୍କ ପାଇଁ କୌଣସି ଉତ୍ତମ ଭୋଗ ସଞ୍ଚୟ କରିପାରୁନଥିଲା। ସେ ନିଜେ ଓ ତାର ପରିବାର ଉପାସରେ ରହିଲେ ମଧ୍ୟ ସେ ପ୍ରଭୁଙ୍କୁ କେବଳ ପାଣି ଓ ସାମାନ୍ୟ ସୁଖା କନ୍ଦମୂଳ ଭୋଗ ଦେଉଥିଲା।

ଦିନେ କୁନାବସୁ ପ୍ରଭୁଙ୍କୁ ଭୋଗ ଦେବା ବେଳେ ମନରେ ଅତ୍ୟନ୍ତ ଅଭିମାନ ଓ ଦୁଃଖ ହେଲା। ସେ କାନ୍ଦି କାନ୍ଦି ପ୍ରଭୁଙ୍କୁ କହିଲା, 'ହେ ପ୍ରଭୁ! ତୁମେ ତ ବ୍ରହ୍ମାଣ୍ଡର ନାଥ, ମୋ ବଡ଼ଠାକୁର। ମୁଁ ଏହି ଅଳ୍ପ, ସୁଖିଲା କନ୍ଦମୂଳ ତୁମକୁ ଦେଉଛି, ଏହା କ'ଣ ତୁମ ପାଇଁ ଉଚିତ ? କିନ୍ତୁ ମୁଁ କ'ଣ କରିବି, ମୋ ପାଖରେ କିଛି ନାହିଁ।' ଏତିକି କହି ସେ ପ୍ରଭୁଙ୍କ ସାମ୍ନାରେ ବସି ରହିଲା। ତାର ଆଖିରୁ ଲୁହ ଝରିଲା ଏବଂ ସେ ସେହି କନ୍ଦମୂଳଗୁଡ଼ିକୁ ସେଇଠି ରଖି ମୁଣ୍ଡିଆ ମାରି ପଳାଇଲା। ସେ ମନେ ମନେ ସ୍ଥିର କଲା, ଯେ ପର୍ଯ୍ୟନ୍ତ ସେ ପ୍ରଭୁଙ୍କ ପାଇଁ ଭଲ ଭୋଗ ଆଣି ପାରିବ ନାହିଁ, ସେ ନିଜେ ମଧ୍ୟ ଜଳ ଗ୍ରହଣ କରିବ ନାହିଁ।

ସେହିଦିନ ରାତିରେ, ପୁରୀର ଗଜପତି ମହାରାଜାଙ୍କୁ ଏକ ସ୍ୱପ୍ନାଦେଶ ହେଲା – 'ମହାରାଜା! ଜଙ୍ଗଲର ଗଭୀର ମଧ୍ୟରେ ମୋର ପରମ ଭକ୍ତ କୁନାବସୁ ଉପାସରେ ରହିଛି। ତା'ର ଶ୍ରଦ୍ଧା ମୋତେ ବାନ୍ଧି ରଖିଛି। ତୁମେ ତୁରନ୍ତ ରାଜଭଣ୍ଡାରରୁ ଉତ୍ତମ ଚାଉଳ, ଡାଲି, ସୁନା, ଲୁଗା ଓ ଅଳଙ୍କାର ନେଇ ସେହି ଜଙ୍ଗଲକୁ ଯାଅ। କୁନାବସୁକୁ ସାହାଯ୍ୟ କର ଏବଂ ତା'ର ହାତରେ ମୋତେ ଭୋଗ ଲଗାଅ।'

ଗଜପତି ମହାରାଜା ଏହା ଶୁଣି ଚକିତ ହୋଇଗଲେ। ସେ ତୁରନ୍ତ ରାଜସୈନ୍ୟ ଓ ରାଜଭଣ୍ଡାରର ସବୁ ସାମଗ୍ରୀ ନେଇ ଜଙ୍ଗଲ ଅଭିମୁଖେ ବାହାରିଲେ। ବହୁ ଖୋଜାଖୋଜି ପରେ ସେମାନେ କୁନାବସୁର ଛୋଟ କୁଡ଼ିଆ ପାଇଲେ। କୁନାବସୁ ସେତେବେଳକୁ ଭୋକରେ ଓ ପ୍ରଭୁଙ୍କ ଅଭିମାନରେ ଦୁର୍ବଳ ହୋଇଯାଇଥିଲା।

ଗଜପତି ମହାରାଜା କୁନାବସୁର ଭକ୍ତି ଦେଖି ନତମସ୍ତକ ହେଲେ। ସେ ସବୁ ରାଜକୀୟ ସାମଗ୍ରୀ ତାକୁ ଅର୍ପଣ କଲେ। କୁନାବସୁ ବୁଝିପାରିଲା ଯେ ଏହା ସବୁ ତା'ର ବଡ଼ଠାକୁରଙ୍କ ଲୀଳା। ସେହିଦିନଠାରୁ କୁନାବସୁ ପ୍ରତିଦିନ ସେହି ରାଜଭଣ୍ଡାରରୁ ଅଣାଯାଇଥିବା ଉତ୍ତମ ସାମଗ୍ରୀରୁ ପ୍ରଭୁ ନୀଳମାଧବଙ୍କୁ ଅତ୍ୟନ୍ତ ଶ୍ରଦ୍ଧାରେ ଓ ରାଜଭୋଗ ଶୈଳୀରେ ପୂଜା କରିବାକୁ ଲାଗିଲା। ଏହା ହେଉଛି ଭକ୍ତିର ଅସଲ ମୂଲ୍ୟ, ଯାହା ଭଗବାନଙ୍କୁ ଧନୀ ଓ ଗରିବର ପାର୍ଥକ୍ୟ ଭୁଲାଇ ଦିଏ।

ଭଗବାନ କେବଳ ଭକ୍ତର ସଚ୍ଚୋଟ ହୃଦୟ, ଶ୍ରଦ୍ଧା ଓ ନିଷ୍କଳଙ୍କ ପ୍ରେମକୁ ଚାହାଁନ୍ତି। ଭକ୍ତର ଅଭିମାନ ଓ ଲୁହ ପ୍ରଭୁଙ୍କୁ ଆସନରୁ ଉଠାଇ ଭକ୍ତର ଦ୍ୱାରକୁ ଧାଇଁବାକୁ ବାଧ କରେ।

❋❋❋

# ମହାପ୍ରଭୁଙ୍କ ହାତର ସୁନା ବଳା ଓ ଗରିବ ଭକ୍ତ

ବହୁ ବର୍ଷ ପୂର୍ବେ ପୁରୀରେ ଜଣେ ଅତି ଗରିବ ବ୍ରାହ୍ମଣ ରହୁଥିଲେ। ସେ ମହାପ୍ରଭୁଙ୍କର ଏକନିଷ୍ଠ ଭକ୍ତ ଥିଲେ, କିନ୍ତୁ ଦାରିଦ୍ର୍ୟ ଯାଗୁଁ ତାଙ୍କ ପରିବାର ଅନେକ ସମୟରେ ଉପାସରେ ରହୁଥିଲେ। ଦିନେ ଘରେ ଖାଇବାକୁ ମୁଠାଏ ଚାଉଳ ବି ନଥିଲା, ପିଲାମାନେ ଭୋକରେ କାନ୍ଦୁଥିଲେ। ଉପାୟଶୂନ୍ୟ ହୋଇ ବ୍ରାହ୍ମଣ ଜଣକ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ସାମ୍ନାରେ ଠିଆ ହୋଇ କାନ୍ଦି କାନ୍ଦି କହିଲେ, 'ହେ ପ୍ରଭୁ! ତୁମେ ଜଗତର ନାଥ, ମୋ ପିଲାମାନେ ଆଜି ଉପାସରେ ଅଛନ୍ତି, ମୁଁ କେମିତି ସହିବି ?'

ସେହିଦିନ ରାତିରେ ମନ୍ଦିର ବନ୍ଦ ହେବା ପରେ, ଜଣେ ତେଜସ୍ୱୀ ବାଳକ ସେହି ବ୍ରାହ୍ମଣଙ୍କ କୁଡ଼ିଆକୁ ଆସିଲେ। ସେ ତାଙ୍କ ହାତରେ ଏକ ସୁନା ବଳା ଧରିଥିଲେ। ବାଳକ ଜଣକ ବ୍ରାହ୍ମଣଙ୍କ ସ୍ତ୍ରୀଙ୍କୁ କହିଲେ, 'ମା' ! ମହାପ୍ରଭୁ ଏହି ବଳାଟି ପଠାଇଛନ୍ତି, ଏହାକୁ ବିକ୍ରି କରି ଘର ପାଇଁ ଖାଦ୍ୟ ଓ ସାମଗ୍ରୀ କିଣିନିଅ।' ବ୍ରାହ୍ମଣ ଦମ୍ପତି ଏହାକୁ ପ୍ରଭୁଙ୍କ କୃପା ମାନି ଗ୍ରହଣ କଲେ।

ପରଦିନ ସକାଳେ ମନ୍ଦିର ଦ୍ୱାର ଖୋଲିବା ପରେ ସେବାୟତମାନେ ଦେଖିଲେ ଯେ ମହାପ୍ରଭୁଙ୍କ ଶ୍ରୀହସ୍ତରୁ ଗୋଟିଏ ସୁନା ବଳା ଗାୟବ ଅଛି ! ଚାରିଆଡ଼େ ହଇଚଇ ସୃଷ୍ଟି ହେଲା। ଖୋଜାଖୋଜି କରିବା ପରେ ଜଣାପଡ଼ିଲା ଯେ ବ୍ରାହ୍ମଣ ଜଣକ ସେହି ବଳାଟିକୁ ବଣିଆ ପାଖରେ ବିକ୍ରି କରିବାକୁ ଚେଷ୍ଟା କରୁଛନ୍ତି। ରାଜାଙ୍କ ସୈନ୍ୟମାନେ ବ୍ରାହ୍ମଣଙ୍କୁ ଚୋର ଭାବି ବନ୍ଦୀ କଲେ।

ବ୍ରାହ୍ମଣ କାନ୍ଦି କାନ୍ଦି କହୁଥିଲେ, 'ମୁଁ ଚୋରି କରିନି, ଜଣେ ବାଳକ ଏହା ମୋତେ ଦେଇଛନ୍ତି।' କିନ୍ତୁ କେହି ବିଶ୍ୱାସ କଲେ ନାହିଁ। ସେହି ରାତିରେ ପୁରୀ ଗଜପତି ମହାରାଜାଙ୍କୁ ସ୍ୱପ୍ନାଦେଶ ହେଲା– 'ମହାରାଜା ! ସେହି ବ୍ରାହ୍ମଣ ନିର୍ଦ୍ଦୋଷ। ତାଙ୍କ ପିଲାମାନଙ୍କ ଭୋକ ସହି ନପାରି ମୁଁ ନିଜେ ଯାଇ ମୋ ହାତର ବଳା ତାଙ୍କୁ ଦେଇ ଆସିଛି। ଭକ୍ତର ଦୁଃଖ ମୋ ଦୁଃଖ।'

ରାଜା ତୁରନ୍ତ ବ୍ରାହ୍ମଣଙ୍କୁ ମୁକ୍ତ କଲେ ଏବଂ ତାଙ୍କ ଭକ୍ତି ଆଗରେ ନତମସ୍ତକ ହେଲେ। ସେହିଦିନଠାରୁ ସେହି ବ୍ରାହ୍ମଣଙ୍କ ପରିବାରର ସମସ୍ତ ଦାୟିତ୍ୱ ମନ୍ଦିର ପ୍ରଶାସନ ତରଫରୁ ନିଆଗଲା।

ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଭକ୍ତ ବତ୍ସଳ। ଭକ୍ତର ଆଖିରୁ ଲୁହ ଝରିଲେ, ପ୍ରଭୁ ସିଂହାସନରେ ସ୍ଥିର ହୋଇ ବସି ରହିପାରନ୍ତି ନାହିଁ।

❋❋❋

# ମହାପ୍ରଭୁଙ୍କ ନୂଆ ଲୁଗା ଓ ଭକ୍ତ ବଳରାମ ଦାସ

ପୁରୀର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଭକ୍ତ ବଳରାମ ଦାସ। ସେ ମହାପ୍ରଭୁଙ୍କୁ ଏତେ ଭଲ ପାଉଥିଲେ ଯେ, ନିଜକୁ ପ୍ରଭୁଙ୍କର ଜଣେ ଅତି ନିଜର ସଖା ବୋଲି ମାନୁଥିଲେ।

ଥରେ ଶୀତ ଦିନେ ବଳରାମ ଦାସ ଦେଖିଲେ ଯେ ସେବାୟତମାନେ ମହାପ୍ରଭୁଙ୍କୁ ପୁରୁଣା ଏବଂ ଚିରା ଲୁଗାରେ ଘୋଡ଼ାଇଛନ୍ତି। ଏହା ଦେଖି ତାଙ୍କ ହୃଦୟ କାନ୍ଦି ଉଠିଲା। ସେ ଭାବିଲେ, 'ମୋ କାଳିଆ ସାଆନ୍ତ କ'ଣ ଏତେ ଗରିବ ଯେ ଏହି ଚିରା ଲୁଗା ପିନ୍ଧିବେ ?'

ବଳରାମ ଦାସ ନିଜ ପାଖରେ ଥିବା ସମସ୍ତ ସଞ୍ଚିତ ଅର୍ଥ ଦେଇ ଏକ ଅତି ମୂଲ୍ୟବାନ ଏବଂ ସୁନ୍ଦର ପାଟ ବସ୍ତ୍ର କିଣି ଆଣିଲେ। ସେ ସେବାୟତମାନଙ୍କୁ ଅନୁରାଧ କଲେ ଏହି ଲୁଗାଟିକୁ ପ୍ରଭୁଙ୍କୁ ପିନ୍ଧାଇବା ପାଇଁ। କିନ୍ତୁ ସେବାୟତମାନେ ତାଙ୍କୁ ଉପହାସ କଲେ ଏବଂ କହିଲେ, 'ତୁମେ ଜଣେ ସାଧାରଣ ଲୋକ, ତୁମର ଏହି ଲୁଗା ପ୍ରଭୁ କାହିଁକି ପିନ୍ଧିବେ ? ମନ୍ଦିରର ନିଜସ୍ୱ ପରମ୍ପରା ଅଛି।'

ବଳରାମ ଦାସ ଅପମାନିତ ହୋଇ ସମୁଦ୍ର କୂଳକୁ ଚାଲିଗଲେ। ସେ ସେଠାରେ ବାଲିରେ ଏକ ଜଗନ୍ନାଥ ମୂର୍ତ୍ତି ଗଢ଼ିଲେ ଏବଂ ସେହି ପାଟ ବସ୍ତ୍ରଟିକୁ ସେହି ବାଲି ମୂର୍ତ୍ତି ଉପରେ ଘୋଡ଼ାଇ ଦେଇ କାନ୍ଦି କାନ୍ଦି କହିଲେ, 'ପ୍ରଭୁ! ଯଦି ତୁମେ ମୋତେ ଭଲ ପାଅ, ତେବେ ଏହି ଲୁଗାଟିକୁ ଗ୍ରହଣ କର।'

ସେହିଦିନ ରାତିରେ ଏକ ଚମତ୍କାର ଘଟଣା ଘଟିଲା। ପରଦିନ ସକାଳେ ଯେତେବେଳେ ସେବାୟତମାନେ ମନ୍ଦିର ଦ୍ୱାର ଖୋଲିଲେ, ସେମାନେ ଦେଖିଲେ ଯେ ମହାପ୍ରଭୁଙ୍କ ଶରୀରରେ ସେହି ବଳରାମ ଦାସଙ୍କ ଦ୍ୱାରା ଅଣାଯାଇଥିବା ସେହି ମୂଲ୍ୟବାନ ପାଟ ବସ୍ତ୍ରଟି ରହିଛି ! ଆଉ ମନ୍ଦିରର ନିଜସ୍ୱ ଲୁଗାଗୁଡ଼ିକ ତଳେ ପଡ଼ିଛି।

ସେବାୟତମାନେ ଦୌଡ଼ି ଦୌଡ଼ି ସମୁଦ୍ର କୂଳକୁ ଗଲେ ଏବଂ ଦେଖିଲେ ବଳରାମ ଦାସ ଗଢ଼ିଥିବା ବାଲି ମୂର୍ତ୍ତି ଉପରେ କୌଣସି ଲୁଗା ନାହିଁ। ସେମାନେ ବୁଝିପାରିଲେ ଯେ ମହାପ୍ରଭୁ ନିଜେ ସମୁଦ୍ର କୂଳକୁ ଯାଇ ତାଙ୍କ ଭକ୍ତର ଉପହାରକୁ ଗ୍ରହଣ କରିଛନ୍ତି।

ଭଗବାନ କୌଣସି ନିୟମ କିମ୍ବା ପରମ୍ପରାରେ ବନ୍ଧା ନୁହନ୍ତି। ସେ କେବଳ ତାଙ୍କ ଭକ୍ତର ଶ୍ରଦ୍ଧା ଓ ନିଷ୍କଳଙ୍କ ପ୍ରେମରେ ବଶୀଭୂତ।

❋❋❋

# ମହାପ୍ରଭୁଙ୍କ କାନଫୁଲ ଓ ଭକ୍ତ ଦାସିଆ ବାଉରୀ

ପୁରୀଠାରୁ କିଛି ଦୂରରେ ଥିବା ଏକ ଛୋଟ ଗାଁରେ ରହୁଥିଲେ ଭକ୍ତ ଦାସିଆ ବାଉରୀ। ସେ ଜାତିରେ ଶୂଦ୍ର ଥିଲେ, କିନ୍ତୁ ତାଙ୍କ ହୃଦୟରେ ମହାପ୍ରଭୁଙ୍କ ପାଇଁ ଥିବା ଭକ୍ତି ଥିଲା ଅତୁଳନୀୟ। ସେ ସମୟରେ ଜାତିପ୍ରଥା ଯୋଗୁଁ ତାଙ୍କୁ ମନ୍ଦିର ଭିତରକୁ ଯିବାକୁ ଅନୁମତି ନଥିଲା।

ଥରେ ଦାସିଆ ବାଉରୀ ଇଚ୍ଛା କଲେ ମହାପ୍ରଭୁଙ୍କୁ କିଛି ଭେଟି ଦେବେ। ତାଙ୍କ ବାଡ଼ିରେ ଗୋଟିଏ ବଡ଼ ନଡ଼ିଆ ହୋଇଥିଲା। ସେ ସେହି ନଡ଼ିଆଟିକୁ ନେଇ ପୁରୀ ଅଭିମୁଖେ ବାହାରିଲେ। କିନ୍ତୁ ମନ୍ଦିର ପାଖରେ ପହଞ୍ଚି ସେ ସାହସ କରିପାରିଲେ ନାହିଁ ଭିତରକୁ ଯିବାକୁ। ସେ ସିଂହଦ୍ୱାର ପାଖରେ ଜଣେ ବ୍ରାହ୍ମଣଙ୍କୁ ଦେଖିଲେ ଏବଂ କହିଲେ, 'ପଣ୍ଡିତ ମହାଶୟ ମୋର ଏହି ନଡ଼ିଆଟିକୁ ମହାପ୍ରଭୁଙ୍କ ପାଖରେ ଲାଗି କରିଦେବେ କି? କିନ୍ତୁ ଗୋଟିଏ ସର୍ତ୍ତ, ଯଦି ପ୍ରଭୁ ନିଜେ ହାତ ବଢ଼ାଇ ଏହାକୁ ଗ୍ରହଣ କରିବେ, ତେବେ ଯାଇ ଆପଣ ଦେବେ।'

ପଣ୍ଡିତ ଜଣକ ହସିଲେ ଏବଂ କହିଲେ, 'କୋଷ୍ଠର ମୂର୍ତ୍ତି କ'ଣ ହାତ ବଢ଼ାଇ ନଡ଼ିଆ ନେବେ?' ତଥାପି ସେ ଦାସିଆର କଥା ରଖିବାକୁ ନଡ଼ିଆଟିକୁ ନେଇ ଗର୍ଭଗୃହକୁ ଗଲେ। ସେ ମହାପ୍ରଭୁଙ୍କ ସାମ୍ନାରେ ଠିଆ ହୋଇ ମନେ ମନେ କହିଲେ, 'ହେ ପ୍ରଭୁ! ତୁମର ଜଣେ ଭକ୍ତ ବାହାରେ ଅପେକ୍ଷା କରିଛି, ଯଦି ପାରୁଛ ନିଜ ହାତ ବଢ଼ାଇ ଏହି ନଡ଼ିଆଟିକୁ ନେଇଯାଅ।'

ଆଶ୍ଚର୍ଯ୍ୟର କଥା! ସମସ୍ତଙ୍କ ସାମ୍ନାରେ ମହାପ୍ରଭୁଙ୍କ ଶ୍ରୀହସ୍ତ ଲମ୍ବି ଆସିଲା ଏବଂ ସେହି ନଡ଼ିଆଟିକୁ ଗ୍ରହଣ କରିନେଲେ। ପଣ୍ଡିତ ଜଣକ ଏହା ଦେଖି ଚକିତ ହୋଇଗଲେ।

ସେହି ଦିନ ରାତିରେ ମହାପ୍ରଭୁଙ୍କର ଗୋଟିଏ ସୁନା କାନଫୁଲ ହଜିଯାଇଥିବା ସେବାୟତମାନେ ଜାଣିବାକୁ ପାଇଲେ। ଚାରିଆଡ଼େ ଖୋଜାଖାଜି ଚାଲିଲା। ଶେଷରେ ଜଣାପଡ଼ିଲା ଯେ ସେହି କାନଫୁଲଟି ଦାସିଆ ବାଉରୀଙ୍କ କୁଡ଼ିଆରେ ଅଛି।

ସେବାୟତମାନେ ଦାସିଆଙ୍କୁ ଚୋର ଭାବି ଧରିବାକୁ ଗଲେ। କିନ୍ତୁ ଦାସିଆ କହିଲେ, 'ପ୍ରଭୁ ମୋର ନଡ଼ିଆ ଖାଇବାକୁ ଆସିଥିଲେ, ହୁଏତ ସେତେବେଳେ ତାଙ୍କ କାନଫୁଲଟି ଏଠାରେ ଖସି ପଡ଼ିଛି।'

ସେବାୟତମାନେ ଯେତେବେଳେ ଦାସିଆଙ୍କ ଭକ୍ତି ଦେଖିଲେ, ସେମାନେ ବୁଝିପାରିଲେ ଯେ ମହାପ୍ରଭୁ କେବଳ ଭକ୍ତର ଶ୍ରଦ୍ଧାକୁ ଭୋକିଲା। ସେହିଦିନଠାରୁ ଦାସିଆ ବାଉରୀଙ୍କ ନାମ ଜଗନ୍ନାଥ ସଂସ୍କୃତିରେ ଅମର ହୋଇ ରହିଲା।

ଭଗବାନଙ୍କ ପାଖରେ କୌଣସି ଜାତି, ଧର୍ମ କିମ୍ବା ବର୍ଣ୍ଣର ଭେଦଭାବ ନଥାଏ। ଯିଏ ନିଷ୍କାମ ଭାବେ ତାଙ୍କୁ ଡାକେ, ପ୍ରଭୁ ନିଜେ ଧାଇଁ ଆସନ୍ତି ତା'ର ଭେଟି ଗ୍ରହଣ କରିବାକୁ।

❋❋❋

# ମୁଠାଏ ଶାଗ ଓ ମହାପ୍ରଭୁଙ୍କ ଡୋରି

ଶ୍ରୀକ୍ଷେତ୍ର ଧାମଠାରୁ ଦୂରରେ ଏକ ନିପଟ ମଫସଲ ଗାଁରେ ଜଣେ ଅତି ଗରିବ ବୃଦ୍ଧା ରହୁଥିଲେ। ଗାଁ ଲୋକେ ତାଙ୍କୁ 'ଶାଗବାଲୀ ଆଈ' ବୋଲି ଡାକୁଥିଲେ। ତାଙ୍କର କେହି ନଥିଲେ, କେବଳ ଘର କୋଣରେ ଥିବା ଏକ ଛୋଟ ପଥରର ଚିତ୍ରପଟ — ଯାହାଙ୍କୁ ସେ ମହାପ୍ରଭୁ ଜଗନ୍ନାଥ ବୋଲି ମାନି ସାରା ଜୀବନ ପୂଜା କରି ଆସୁଥିଲେ। ତାଙ୍କର ସମ୍ବଳ ଥିଲା ତାଙ୍କ ବାଡ଼ିର କୋଶିଳା ଶାଗ।

ଜୀବନର ଶେଷ ସମୟ ପାଖେଇ ଆସୁଥିଲା। ଶାଗବାଲୀ ଆଈଙ୍କର ବହୁ ଦିନର ଇଚ୍ଛା ଥିଲା ଥରୁଟିଏ ପୁରୀ ଯାଇ, ମହାପ୍ରଭୁଙ୍କୁ ନିଜ ହାତରେ ରୋଷେଇ କରି ଶାଗ ଭଜା ଖୁଆଇବେ। ଏଥିପାଇଁ ସେ ପ୍ରତିଦିନ ସବୁଠାରୁ ଭଲ ଶାଗ ମୁଠାଏ ବାଛି ଅତି ଯତନରେ ଏକ ଶୁଖିଲା ତାଳପତ୍ର ଠୋଲାରେ ସଞ୍ଚି ରଖୁଥିଲେ। କିନ୍ତୁ ଗରିବ ଆଈଙ୍କ ପାଖରେ ପୁରୀ ଯିବାକୁ ଖର୍ଚ୍ଚ ନଥିଲା, କି ତାଙ୍କ ଦେହରେ ବଳ ନଥିଲା।

ଦିନେ ଗାଁର କିଛି ଲୋକ ରଥଯାତ୍ରା ଦେଖିବାକୁ ପୁରୀ ବାହାରିଲେ। ଶାଗବାଲୀ ଆଈ ଦୌଡ଼ି ଦୌଡ଼ି ସିମାନଙ୍କ ପାଖକୁ ଗଲେ ଏବଂ ଅତି କାକୁତି ମିନତି ହୋଇ ସେହି ଶୁଖିଲା ଶାଗ ଠୋଲାଟି ସେମାନଙ୍କୁ ବଢ଼ାଇ ଦେଲେ। ସେ କହିଲେ, 'ବାପାମାନେ! ମୋର ତ ଶରୀର ଚଳୁନି। ତୁମେମାନେ ତ ପୁରୀ ଯାଉଛ, ମୋର ଏଇ ଶାଗ ଠୋଲାଟିକୁ ନେଇ ସେ ବଡ଼ଠାକୁରଙ୍କୁ ଦେଇଦେବ। କହିବ — ମୋ ଶାଗବାଲୀ ଆଈ ପଠାଇଛି।'

ଗାଁ ଲୋକେ ତାଙ୍କ କଥାକୁ ଗୁରୁତ୍ୱ ଦେଲେ ନାହିଁ। ଜଣେ କହିଲେ, 'ଏଇ ଶୁଖିଲା ଶାଗ ଖାଇବେ ବଡ଼ଠାକୁର? ସେଠି ଛପନ ଭୋଗ ଲାଗୁଛି!' ସେମାନେ ଶାଗ ଠୋଲାଟିକୁ ସେଠାରେ ଛାଡି ଚାଲିଗଲେ। ଆଈ ନିରାଶ ହୋଇ ଫେରିଲେ ଏବଂ ନିଜ ଠାକୁରଙ୍କ ଆଗରେ ବସି କାନ୍ଦିବାକୁ ଲାଗିଲେ, 'ହେ ପ୍ରଭୁ! ମୁଁ ତ ଗରିବ, ମୋର ଗଣ୍ଠିଧନ ଆପଣ କାହିଁକି ଗ୍ରହଣ କରିବେ?'

ପରଦିନ, ପୁରୀ ଶ୍ରୀମନ୍ଦିରର ବଡ଼ପଣ୍ଡାଙ୍କୁ ଏକ ଅଦ୍ଭୁତ ସ୍ୱପ୍ନାଦେଶ ହେଲା। ମହାପ୍ରଭୁ ଜଗନ୍ନାଥ ସ୍ୱପ୍ନରେ ଆସି କହିଲେ, 'ବଡ଼ପଣ୍ଡା! ମୁଁ ଆଜି ବଡ଼ ଭୋକିଲା ଅଛି। ମୋ ପାଇଁ ଦୂର ଗାଁରୁ ମୋ ଶାଗବାଲୀ ଆଈ ଶାଗ ପଠାଇଛି। ତାହା ମୋ ପାଖରେ ପହଞ୍ଚିନି।'

ବଡ଼ପଣ୍ଡା ଆଶ୍ଚର୍ଯ୍ୟ ହୋଇ ତୁରନ୍ତ ରାଜାଙ୍କୁ ଜଣାଇଲେ। ସେହି ଗାଁ ଲୋକଙ୍କୁ ଖୋଜାଗଲା। ସେମାନେ ନିଜ ଭୁଲ ବୁଝିପାରିଲେ ଏବଂ ଯେଉଁଠାରେ ଛାଡିଥିଲେ ଶାଗ ଠୋଲାକୁ ଖୋଜି ଆଣିଲେ। ଯେତେବେଳେ ସେବାୟତମାନେ ସେହି ଶୁଖିଲା ଶାଗକୁ ରୋଷେଇ କରି ମହାପ୍ରଭୁଙ୍କ ଆଗରେ ଭୋଗ ଲଗାଇଲେ, ଦେଖାଗଲା ଯେ ସେଦିନ ମହାପ୍ରଭୁଙ୍କ ମୁଖମଣ୍ଡଳ ଅଧିକ ପ୍ରସନ୍ନ ଓ ଆନନ୍ଦିତ ଦେଖାଯାଉଥିଲା।

ଶେଷରେ, ମହାପ୍ରଭୁଙ୍କ ନିର୍ଦ୍ଦେଶରେ ଏକ ସୁସଜ୍ଜିତ ପାଲିଙ୍କି ସେହି ଗାଁକୁ ଗଲା ଏବଂ ଶାଗବାଲୀ ଆଈଙ୍କୁ ସମ୍ମାନର ସହିତ ଶ୍ରୀକ୍ଷେତ୍ରକୁ ଅଣାଗଲା। ଆଈ ପ୍ରଭୁଙ୍କୁ ଦେଖି ଧନ୍ୟ ହେଲେ ଏବଂ ସେହିଦିନୁ ଶ୍ରୀମନ୍ଦିରର ମହାପ୍ରସାଦରେ 'ଶାଗ ଭଜା'ର ଏକ ବିଶେଷ ପରମ୍ପରା ଆରମ୍ଭ ହେଲା।

ଭଗବାନଙ୍କ ପାଖରେ ଭୋଗର ମୁଲ୍ୟ ନଥାଏ, ଥାଏ କେବଳ ଭକ୍ତର ସଚ୍ଚୋଟ ଭକ୍ତି ଓ ସମର୍ପଣ। ସେ ମହାପ୍ରସାଦ ହେଉ କିମ୍ବା ମୁଠାଏ ଶାଗ, ପ୍ରଭୁଙ୍କ ପାଇଁ ତାହା ଅମୃତ।

❋❋❋

# ଭକ୍ତ ନାରାୟଣ ମୁଦୁଲି ଓ ପ୍ରଭୁଙ୍କ କାଠ ଖଡ଼ୁ

ଭକ୍ତ ନାରାୟଣ ମୁଦୁଲି: ଯେବେ ଭକ୍ତ ପାଇଁ ନିଜେ କାଠ କାଟିଲେ ମହାପ୍ରଭୁ କୋଇଲି ବୈକୁଣ୍ଠର ଆଲୌକିକ ରହସ୍ୟ: ଯେବେ ବଢ଼େଇ ସାଜିଲେ ଜଗତର ନାଥ ବହୁ ବର୍ଷ ପୂର୍ବେ ପୁରୀରେ ନାରାୟଣ ମୁଦୁଲି ନାମକ ଜଣେ ବୃଦ୍ଧ ବଢ଼େଇ ରହୁଥିଲେ। ସେ ସାରା ଜୀବନ ପ୍ରଭୁଙ୍କ ରଥ ତିଆରି କାମରେ ନିଜକୁ ନିୟୋଜିତ କରିଥିଲେ। ବୟସ ହେବା ପରେ ତାଙ୍କର ଆଖିକୁ ଭଲ ଦେଖାଗଲା ନାହିଁ ଏବଂ ହାତ ଥରିଲା, କିନ୍ତୁ ତାଙ୍କର ଶେଷ ଇଚ୍ଛା ଥିଲା ପ୍ରଭୁଙ୍କ ପାଇଁ ଏକ ସୁନ୍ଦର କାଠ ଖଡ଼ୁ ତିଆରି କରିବାକୁ।

ନାରାୟଣ କାଠ ଧରି ବସିଲେ ସତ, କିନ୍ତୁ ଆଖିକୁ ଦେଖା ନ ଯିବାରୁ ସେ ସୁନ୍ଦର ଭାବେ ଖୋଦେଇ କରିପାରିଲେ ନାହିଁ। ସେ କାନ୍ଦି କାନ୍ଦି ଶୋଇପଡ଼ିଲେ ଏବଂ କହିଲେ, 'ପ୍ରଭୁ! ମୁଁ ତୁମ ପାଇଁ ଶେଷ ଭେଟିଟିଏ ପ୍ରସ୍ତୁତ କରିପାରୁନି, ମୋତେ କ୍ଷମା କରିଦିଅ।'

କୁହାଯାଏ ଯେ, ସେହି ରାତିରେ ଜଣେ ଅଜଣା ଯୁବକ ବଢ଼େଇ ନାରାୟଣଙ୍କ କୁଡ଼ିଆକୁ ଆସିଲେ। ସେ ନିଜେ ବସି କାଠ ଧରି ଏତେ ସୁନ୍ଦର ଖଡ଼ୁଟିଏ ତିଆରି କରିଦେଲେ ଯାହା ଦୁନିଆରେ କେଉଁଠି ନଥିଲା। ସକାଳୁ ଯେତେବେଳେ ନାରାୟଣ ଉଠିଲେ, ସେହି ଅଦ୍ଭୁତ କାରୁକାର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ।

ନାରାୟଣ ଯେତେବେଳେ ସେହି ଖଡ଼ୁଟିକୁ ମନ୍ଦିରକୁ ନେଇଗଲେ, ସେବାୟତମାନେ ଦେଖିଲେ ଯେ ପ୍ରଭୁଙ୍କ ଶ୍ରୀଅଙ୍ଗରେ ଥିବା ପୁରୁଣା ଅଳଙ୍କାର ଆପେ ଆପେ ଢିଲା ହୋଇଯାଉଛି, ଯେମିତି କି ପ୍ରଭୁ ସେହି କାଠ ଖଡ଼ୁଟିକୁ ପିନ୍ଧିବାକୁ ଅପେକ୍ଷା କରିଛନ୍ତି। ସେହିଦିନ ରାତିରେ ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ହେଲା – ମୋ ଭକ୍ତ ନାରାୟଣ ପାଇଁ ମୁଁ ନିଜେ ବଢ଼େଇ ସାଜି ସେହି ଖଡ଼ୁ ତିଆରି କରିଥିଲି।'

ଯଦି ଆପଣ ବି ମାନନ୍ତି ଯେ ଭଗବାନ ଭକ୍ତର କାମ ନିଜେ କରିଦିଅନ୍ତି, ତେବେ କମେଣ୍ଟରେ 'ଜୟ ଜଗନ୍ନାଥ' ଲେଖି ଶେୟାର କରନ୍ତୁ।

❋❋❋

# ଯେବେ ଭକ୍ତର ଶ୍ରଦ୍ଧା ପାଇଁ ଚିରା କପଡ଼ା ପିନ୍ଧିଲେ ପ୍ରଭୁ

ଗରିବର ଶ୍ରଦ୍ଧା ଆଗରେ ଫିକା ପଡ଼ିଲା ରାଜକୀୟ ବେଶ: ଭକ୍ତ ପୁଇଁର ସେହି ଅଲୌକିକ କାଞ୍ଚିଲା।

ପୁରୀ ନିକଟସ୍ଥ ଏକ ଗାଁରେ ପୁଇଁ ନାମକ ଜଣେ ବୟସ୍କା ଭକ୍ତ ରହୁଥିଲେ। ସେ ଖୁବ୍ ଗରିବ ଥିଲେ, କିନ୍ତୁ ପ୍ରଭୁ ଜଗନ୍ନାଥଙ୍କୁ ନିଜ ପୁଅ ପରି ମାନୁଥିଲେ। ସେ ବହୁ କଷ୍ଟରେ ସୂତା କାଟି ପ୍ରଭୁଙ୍କ ପାଇଁ ଏକ କାଞ୍ଚିଲା (ଏକ ପ୍ରକାର କପଡ଼ା ବା ଜାକେଟ୍) ତିଆରି କରିଥିଲେ।

ପୁଇଁ ସେହି ଚିରା-ମଇଳା ଦିଶୁଥିବା କାଞ୍ଚିଲାଟିକୁ ଧରି ମନ୍ଦିରକୁ ଆସିଲେ। ସେ ସେବାୟତମାନଙ୍କୁ ଅନୁରୋଧ କଲେ, 'ବାପା! ମୋ କାଳିଆ ପାଇଁ ଏଇଟା ନିଅ, ତାକୁ ପିନ୍ଧାଇ ଦେବ।' କିନ୍ତୁ ସେବାୟତମାନେ ତାଙ୍କୁ ଉପହାସ କଲେ, 'ପ୍ରଭୁ ତ ସୁନା-ରୂପାର ପାଟ ବସ୍ତ୍ର ପିନ୍ଧନ୍ତି, ତୁମର ଏହି ସାମାନ୍ୟ କପଡ଼ା ସେ କାହିଁକି ପିନ୍ଧିବେ ?' ସେମାନେ ତାଙ୍କୁ ମନ୍ଦିରରୁ ବାହାର କରିଦେଲେ।

ସେହି ରାତିରେ ଯେତେବେଳେ ପ୍ରଭୁଙ୍କୁ ବଡ଼ ସିଂହାର ବେଶ କରାଗଲା, କୌଣସି ବି ଦାମୀ ପାଟ ବସ୍ତ୍ର ପ୍ରଭୁଙ୍କ ଶ୍ରୀ ଅଙ୍ଗରେ ରହିଲା ନାହିଁ। ଯେତେଥର ପିନ୍ଧାଇଲେ ବି ତାହା ଖସି ପଡୁଥିଲା। ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ହେଲା - ମୋ ଭକ୍ତ ପାଇଁ ମୋ ପାଇଁ ଶ୍ରଦ୍ଧାରେ କାଞ୍ଚିଲା ଆଣିଥିଲା, ତାହା ନ ପିନ୍ଧିଲେ ମୁଁ ଆଜି ଅନ୍ୟ କୌଣସି ବେଶ ହେବି ନାହିଁ।'

ରାତି ଅଧରେ ସେବାୟତମାନେ ପୁଇଁଙ୍କୁ ଖୋଜି ଖୋଜି ଗଲେ ଏବଂ ତାଙ୍କ ପାଖରୁ ସେହି ସାମାନ୍ୟ କାଞ୍ଚିଲାଟିକୁ ସମ୍ମାନର ସହ ଆଣିଲେ। ପ୍ରଭୁ ସେହି କପଡ଼ାଟିକୁ ଧାରଣ କରି ଅତି ସୁନ୍ଦର ଦେଖାଗଲେ। ପ୍ରଭୁ ପ୍ରମାଣ କଲେ ଯେ ସେ ମୂଲ୍ୟବାନ ବସ୍ତ୍ର ନୁହେଁ, କେବଳ ଭକ୍ତର ମମତାକୁ ଭୋକିଲା।

ଯଦି ଆପଣ ବି ମାନନ୍ତି ଯେ ଭଗବାନ କେବଳ ସ୍ନେହର ବଶୀଭୂତ, ତେବେ କମେଣ୍ଟରେ 'ଜୟ ଜଗନ୍ନାଥ' ଲେଖି ଶେୟାର କରନ୍ତୁ।

❋❋❋

# ଯେବେ ଭକ୍ତର ଖାଇବା ପାଇଁ ନିଜ ଗହଣା ବନ୍ଧା ରଖିଲେ ପ୍ରଭୁ

ଭକ୍ତର ଭୋକ ସହିପାରିଲେନି କାଳିଆ ସାଆନ୍ତ: ସୁନା ବାଜୁବନ୍ଧର ସେହି ଅଲୌକିକ ରହସ୍ୟ

ବହୁ ବର୍ଷ ପୂର୍ବେ ପୁରୀରେ କାଳିଆ ନାମକ ଜଣେ ଅତି ଗରିବ କିନ୍ତୁ ନିଷ୍ଠାପର ଭକ୍ତ ରହୁଥିଲେ। ସେ ଦିନସାରା ମନ୍ଦିର ବାହାରେ ବସି ପ୍ରଭୁଙ୍କ ନାମ ଜପ କରୁଥିଲେ। ଦିନେ ଏମିତି ସମୟ ଆସିଲା ଯେ, କାଳିଆଙ୍କ ପାଖରେ ଖାଇବାକୁ କିଛି ରହିଲା ନାହିଁ। ଦୁଇ ଦିନ ଧରି ସେ ଉପାସରେ ରହି ପ୍ରଭୁଙ୍କୁ କହିଲେ, 'ପ୍ରଭୁ! ତୁମେ ତ ଜଗତର ନାଥ, ତୁମ ଭକ୍ତ ଆଜି ଉପାସରେ ଅଛି।'

ସେହିଦିନ ରାତିରେ, ଯେତେବେଳେ କାଳିଆ ଉପାସରେ ଶୋଇଥିଲେ, ଜଣେ ସୁନ୍ଦର ବାଳକ (ଯିଏ ଦେଖିବାକୁ ମନ୍ଦିରର ସେବକ ପରି) ଏକ ସୁନା ଥାଳିରେ ଅତି ସୁଆଦିଆ ମହାପ୍ରସାଦ ଧରି ତାଙ୍କ ପାଖକୁ ଆସିଲେ। ବାଳକ ଜଣକ କହିଲେ, 'ଏହାକୁ ଖାଇଦିଅ କାଳିଆ, ପ୍ରଭୁ ତୁମ ପାଇଁ ପଠାଇଛନ୍ତି।'

ପରଦିନ ସକାଳେ ମନ୍ଦିର ଦ୍ୱାର ଖୋଲିବା ପରେ ସେବାୟତମାନେ ଦେଖିଲେ ଯେ, ପ୍ରଭୁଙ୍କ ଶ୍ରୀଅଙ୍ଗରୁ ଏକ ସୁନା ବାଜୁବନ୍ଧ ଗାୟବ ଅଛି। ମନ୍ଦିରରେ ଚହଳ ପଡ଼ିଗଲା। ଖୋଜାଖାଜି କରିବା ପରେ ଦେଖାଗଲା ଯେ, ସେହି ବାଜୁବନ୍ଧଟି ବାହାରେ ଶୋଇଥିବା ଭକ୍ତ କାଳିଆଙ୍କ ପାଖରେ ଥିବା ଏକ ଦୋକାନୀ ପାଖରେ ଅଛି।

ସମସ୍ତେ କାଳିଆଙ୍କୁ ଚୋର ଭାବି ଧରିଲେ। କିନ୍ତୁ ସେହି ସମୟରେ ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ହେଲା – 'କାଳିଆ ଚୋର ନୁହେଁ। ମୋ ଭକ୍ତ ଉପାସରେ ଥିଲା, ତାକୁ ଖାଦ୍ୟ ଦେବା ପାଇଁ ମୁଁ ନିଜେ ଯାଇଥିଲି ଏବଂ ସେହି ଖାଦ୍ୟ ବଦଳରେ ମୋର ବାଜୁବନ୍ଧଟିକୁ ସେଠାରେ ବନ୍ଧା ରଖି ଆସିଥିଲି।' ଏହା ଶୁଣି ସମସ୍ତଙ୍କ ଆଖିରୁ ଲୁହ ବହିଗଲା।

ଯଦି ଆପଣ ବି ମାନନ୍ତି ଯେ ଭଗବାନ ନିଜ ଭକ୍ତକୁ କେବେ ବି ଏକା ଛାଡ଼ନ୍ତି ନାହିଁ, ତେବେ କମେଣ୍ଟରେ 'ଜୟ ଜଗନ୍ନାଥ' ଲେଖି ଶେୟାର କରନ୍ତୁ। ?

❋❋❋

# ଯେବେ ଭକ୍ତର ଶେଷ ଇଚ୍ଛା ପୂରଣ ପାଇଁ ରାତିରେ ବେଶ ବଦଳାଇଲେ ପ୍ରଭୁ

ରାତିର ଅନ୍ଧକାରରେ ପ୍ରଭୁଙ୍କ ଗୁପ୍ତ ଲୀଳା: ନାଗାର୍ଜୁନ ବେଶର ସେହି ଅଲୌକିକ ରହସ୍ୟ।

ଶ୍ରୀଜଗନ୍ନାଥଙ୍କ ସବୁ ବେଶ ଦିନରେ ହୁଏ, କିନ୍ତୁ ନାଗାର୍ଜୁନ ବେଶ (ବା ପର୍ଶୁରାମ ବେଶ) ଏକ ବିରଳ ବେଶ, ଯାହା କେବଳ ପଞ୍ଚୁକ ସମୟରେ ମଳ ତିଥି ପଡ଼ିଲେ ହୁଏ। ଏହି ବେଶ ସହ ଜଡ଼ିତ ଅଛି ଜଣେ ନିଷ୍ପାପର ସାଧୁଙ୍କ କାହାଣୀ।

ବହୁ ବର୍ଷ ପୂର୍ବେ, ଜଣେ ବୟସ୍କ ନାଗା ସାଧୁ (ଯାହାଙ୍କୁ ସ୍ଥାନୀୟ ଲୋକେ ନାଗାର୍ଜୁନ ବୋଲି ଡାକୁଥିଲେ) ପୁରୀ ଆସିଥିଲେ। ତାଙ୍କର ଇଚ୍ଛା ଥିଲା ପ୍ରଭୁଙ୍କୁ ଏକ ଯୋଦ୍ଧା ବେଶରେ ଦେଖିବାକୁ, କିନ୍ତୁ ସେ ଜାଣିନଥିଲେ ଯେ ସେହି ବେଶ ହେବାକୁ ଆହୁରି ବହୁତ ବର୍ଷ ବାକି ଅଛି। ସେ ଶ୍ରୀମନ୍ଦିରର ବେଢ଼ାରେ ବସି ତପସ୍ୟା କରିବାକୁ ଲାଗିଲେ ଏବଂ ପ୍ରଭୁଙ୍କୁ ଡାକିଲେ, 'ହେ ପ୍ରଭୁ! ମୋର ଶେଷ ସମୟ ନିକଟେଇ ଆସୁଛି, ମୋତେ ଥରେ ସେହି ବେଶରେ ଦର୍ଶନ ଦିଅ।'

ସାଧୁଙ୍କ ଆକୁଳ ଡାକ ଶୁଣି କାଳିଆ ସାଆନ୍ତ ଆଉ ରହିପାରିଲେନି। କୁହାଯାଏ ଯେ, ଦିନେ ରାତିରେ ମନ୍ଦିରର ଦ୍ୱାର ବନ୍ଦ ହେବା ପରେ, ସ୍ୱୟଂ ଜଗନ୍ନାଥ ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ଦେଲେ, ମୋର ଭକ୍ତ ବାହାରେ ଡାକୁଛି, ମୋତେ ଏବେ ନାଗାର୍ଜୁନ ବେଶ କର। ତା'ର ଶେଷ ଇଚ୍ଛା ପୂରଣ ହେଉ।' ରାତିର ଅନ୍ଧକାରରେ, କେବଳ କିଛି ସେବାୟତଙ୍କ ଉପସ୍ଥିତିରେ, ପ୍ରଭୁଙ୍କର ସେହି ବିରଳ, ଯୋଦ୍ଧା ବେଶ (ହଳ, ମୂଷଳ, ଶର, ଚାପ ଧାରଣ କରି) କରାଗଲା।

ସାଧୁ ନାଗାର୍ଜୁନଙ୍କୁ ଗୁପ୍ତରେ ମନ୍ଦିର ଭିତରକୁ ନିଆଗଲା। ସେ ଯେତେବେଳେ ପ୍ରଭୁଙ୍କର ସେହି ଅଲୌକିକ ରୂପ ଦେଖିଲେ, ତାଙ୍କ ଆଖିରୁ ଲୁହ ବହିଗଲା। ସେହି ମୁହୂର୍ତ୍ତରେ ସେ ପ୍ରଭୁଙ୍କ ପାଦତଳେ ନିଜର ପ୍ରାଣ ତ୍ୟାଗ କଲେ। କୁହାଯାଏ, ସେହି ବେଶରେ ପ୍ରଭୁଙ୍କର ଏକ ଦିବ୍ୟ ଶକ୍ତି ସେହିଦିନୁ ଏହି ବେଶକୁ ଅଧିକ ରହସ୍ୟମୟ କରିଛି।

ଯଦି ଆପଣ ବି ମାନନ୍ତି ଯେ ଭଗବାନ ଆମର ଛୋଟ ଛୋଟ ଇଚ୍ଛାକୁ ବି ମାନି ନିଅନ୍ତି, ତେବେ କମେଣ୍ଟରେ 'ଜୟ ଜଗନ୍ନାଥ' ଲେଖି ଶେୟାର କରନ୍ତୁ।

❋❋❋

# ଯେବେ ଭକ୍ତ ପାଇଁ ବାଲି ତଳୁ ଶୁଭିଲା ହରିନାମ

ସମୁଦ୍ର କୂଳରେ ଭକ୍ତର ସମାଧି: ଯେବେ ଭକ୍ତର ଶେଷ ଇଚ୍ଛା ପୂରଣ କଲେ ମହାପ୍ରଭୁ ।

ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପରମ ଶିଷ୍ୟ ଯବନ ହରିଦାସ (ଯିଏ ହରିଦାସ ଠାକୁର ଭାବେ ପରିଚିତ) ପୁରୀରେ ରହୁଥିଲେ। ସେ ଜଣେ ଅଣହିନ୍ଦୁ ପରିବାରରେ ଜନ୍ମ ହୋଇଥିବାରୁ ନିଜକୁ ମନ୍ଦିର ଭିତରକୁ ଯିବାକୁ ଅଯୋଗ୍ୟ ମଣୁଥିଲେ। ସେ ସବୁବେଳେ ସମୁଦ୍ର କୂଳରେ ବସି ନୀଳଚକ୍ରକୁ ଚାହିଁ ଲକ୍ଷେ ନାମ ଜପ କରୁଥିଲେ। ତାଙ୍କର ଗୋଟିଏ ଇଚ୍ଛା ଥିଲା - ସେ ଯେମିତି ପ୍ରଭୁଙ୍କ ଦର୍ଶନ କରିପାରିବେ ଏବଂ ତାଙ୍କର ଶେଷ ସମୟ ଯେମିତି ଶ୍ରୀକ୍ଷେତ୍ରରେ ହିଁ କଟିବ।

କୁହାଯାଏ ଯେ, ହରିଦାସଙ୍କ ଭକ୍ତିରେ ପ୍ରସନ୍ନ ହୋଇ ସ୍ୱୟଂ ଜଗନ୍ନାଥ ପ୍ରତିଦିନ ସନ୍ଧ୍ୟାରେ ମନ୍ଦିରର ମହାପ୍ରସାଦ ଧରି ତାଙ୍କ କୁଡ଼ିଆକୁ ଯାଉଥିଲେ। ହରିଦାସଙ୍କ ପାଇଁ ପ୍ରଭୁ ନିଜେ ସେବକ ସାଜିଥିଲେ।

ଯେତେବେଳେ ହରିଦାସଙ୍କ ମୃତ୍ୟୁ ହେଲା, ଶ୍ରୀଚୈତନ୍ୟ ନିଜେ ତାଙ୍କ ଶରୀରକୁ ସମୁଦ୍ର କୂଳରେ ସମାଧି ଦେଇଥିଲେ (ଯାହା ଆଜି 'ହରିଦାସ ସମାଧି' ଭାବେ ଜଣାଶୁଣା)। ସେହି ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିଲା - ସମାଧି ଭିତରୁ ମଧ୍ୟ 'ହରେ କୃଷ୍ଣ' ମନ୍ତ୍ରର ଧ୍ୱନି ଶୁଣାଯାଉଥିଲା, ଯାହା ପ୍ରମାଣ କରୁଥିଲା ଯେ ପ୍ରଭୁ ତାଙ୍କ ଭକ୍ତଙ୍କୁ ମୃତ୍ୟୁ ପରେ ବି ପାଖରେ ରଖିଛନ୍ତି।

ଯଦି ଆପଣ ମଧ୍ୟ ଭାବୁଛନ୍ତି ଯେ ଭକ୍ତି ଆଗରେ ସବୁ ପ୍ରତିବନ୍ଧକ ହାରିଯାଏ, ତେବେ କମେଣ୍ଟରେ 'ଜୟ ଜଗନ୍ନାଥ' ଲେଖି ଶେୟାର କରନ୍ତୁ।

❋❋❋

# ଯେବେ ଭକ୍ତ ପାଇଁ ପଇଡ଼ ଚୋରି କଲେ ଭଗବାନ

ଭକ୍ତର ତୃଷ୍ଣା ମେଣ୍ଟାଇଲେ ପ୍ରଭୁ: ପଇଡ ଚୋରିର ସେହି ଅଲୌକିକ ରାତି ଜଗନ୍ନାଥ ସଂସ୍କୃତିରେ ପ୍ରଭୁ ଏବଂ ଭକ୍ତର ସମ୍ପର୍କ ଅତି ନିବିଡ଼ । ପୁରୀର ଭକ୍ତ ନୀଳକଣ୍ଠ ଦିନେ ଖରାଦିନେ ପ୍ରବଳ ଶୋଷରେ ଆକୁଳ ହେଉଥିଲେ । ତାଙ୍କର ଇଚ୍ଛା ହେଉଥିଲା ପ୍ରଭୁଙ୍କୁ ଅର୍ପଣ କରାଯାଇଥିବା ମିଠା ପଇଡ଼ ପାଣି ପିଇବାକୁ ।

ନୀଳକଣ୍ଠ ଗରିବ ଥିଲେ, ତାଙ୍କ ପାଖରେ ପଇଡ଼ କିଣିବାକୁ ପଇସା ନଥିଲା । ସେ ମନେ ମନେ କହିଲେ, 'ହେ ପ୍ରଭୁ ! ତୁମକୁ ତ ରତ୍ନ ସିଂହାସନରେ ସବୁ ମିଳୁଛି, ମୋତେ ଟିକେ ପଇଡ଼ ପାଣି ମିଳନ୍ତା ନାହିଁ ?'

ସେହି ରାତିରେ ମନ୍ଦିରର ବେଢ଼ା ଭିତରେ ଥିବା ପଇଡ଼ ଗଛରୁ ଗୋଟିଏ ପଇଡ଼ ଆପେ ଆପେ ଖସିଲା । ଜଣେ ସେବାୟତ ବେଶରେ ପ୍ରଭୁ ନିଜେ ସେହି ପଇଡ଼ଟିକୁ ନେଇ ନୀଳକଣ୍ଠଙ୍କ ପାଖରେ ପହଞ୍ଚିଲେ ଏବଂ କହିଲେ, 'ନିଅ, ଏହା ମହାପ୍ରଭୁଙ୍କ ପ୍ରସାଦ ।'

ପରଦିନ ସକାଳେ ଦେଖାଗଲା ଯେ ପ୍ରଭୁଙ୍କ ରତ୍ନ ସିଂହାସନ ପାଖରେ ଏକ କଟା ପଇଡ଼ ପଡ଼ିଛି । ମନ୍ଦିରରେ ହଇଚଇ ସୃଷ୍ଟି ହେଲା – କିଏ ପଇଡ଼ ଚୋରି କଲା ? କିନ୍ତୁ ସେହି ଦିନ ରାତିରେ ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ହେଲା, ମୋ ଭକ୍ତ ନୀଳକଣ୍ଠ ଶୋଷିଲା ଥିଲା, ତେଣୁ ମୁଁ ନିଜେ ତାକୁ ପଇଡ଼ ଦେଇଛି । ତାକୁ ଚୋର କୁହ ନାହିଁ ।'

ଯଦି ଆପଣ ବି ମାନନ୍ତି ଯେ ଭଗବାନ ଆମର ଛୋଟ ଛୋଟ ଇଚ୍ଛାକୁ ବି ମାନି ନିଅନ୍ତି, ତେବେ କମେଣ୍ଟରେ 'ଜୟ ଜଗନ୍ନାଥ' ଲେଖି ଶେୟାର କରନ୍ତୁ ।

❋❋❋

# ଶୀର୍ଷକ: ଦେବର୍ଷି ନାରଦ - ଭକ୍ତି, ଜ୍ଞାନ ଓ ସଞ୍ଚାରର ଅନନ୍ୟ ପ୍ରତୀକ

ନାରାୟଣ.. ନାରାୟଣ..

ପ୍ରାଚୀନ ପୁରାଣ ଅନୁସାରେ ଦେବର୍ଷି ନାରଦ ହେଉଛନ୍ତି ସେହି ଦିବ୍ୟ ଚରିତ୍ର, ଯିଏ ଭକ୍ତି ମାର୍ଗର ପଥପ୍ରଦର୍ଶକ। ତାଙ୍କ ହାତରେ ମହତୀ ବୀଣା ଏବଂ ମୁଖରେ ସର୍ବଦା ହରି ନାମ। ନିଜର ପୂର୍ବ ଜନ୍ମର ସାଧନା ବଳରେ ସେ କିପରି ବ୍ରହ୍ମାଙ୍କ ମାନସପୁତ୍ର ହେଲେ ଏବଂ ତ୍ରିଲୋକରେ ଧର୍ମ ସ୍ଥାପନ ପାଇଁ ନିଜକୁ ନିୟୋଜିତ କଲେ ସେହି ବିଷୟରେ ଏକ ସୁନ୍ଦର ଆଲୋକପାତ କରିଛନ୍ତି ଶ୍ରୀ ବାବାଜୀ ଚରଣ ଦାସ। ଆସନ୍ତୁ ଜାଣିବା ତ୍ରିଲୋକୀ ସଞ୍ଚାରୀ ଦେବର୍ଷି ନାରଦଙ୍କ ଜୀବନୀର କିଛି ଅଜଣା କଥା...

ଦେବର୍ଷି ନାରଦଙ୍କ ଜୀବନୀରୁ ଅଳ୍ପ କିଛି କଥା

ବାବାଜୀ ଚରଣ ଦାସ

ଦେବର୍ଷି ନାରଦ ହିନ୍ଦୁ ପୁରାଣରେ ଭକ୍ତି, ଜ୍ଞାନ, ସଂଗୀତ ଓ ସଞ୍ଚାରର ପ୍ରତୀକ। ସେ ବ୍ରହ୍ମାଙ୍କ ମାନସପୁତ୍ର, ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ଓ ତ୍ରିଲୋକୀ ସଞ୍ଚାରୀ। ନାରଦ ପୁରାଣ, ଭାଗବତ ଓ ମହାଭାରତରେ ତାଙ୍କ ଜୀବନ ବିସ୍ତାରିତ ଭାବେ ବର୍ଣ୍ଣିତ।

ନାରଦଙ୍କ ପୂର୍ବ ଜନ୍ମ ଉପନିଷଦ ଓ ଭାଗବତରେ ବର୍ଣ୍ଣିତ। ସେ ଥିଲେ ଏକ ଦାସୀର ପୁତ୍ର। ତାଙ୍କ ମା ଜଣେ ଋଷିଙ୍କ ଆଶ୍ରମରେ ସେବା କରୁଥିଲେ। ନାରଦ ଛୋଟ ବୟସରୁ ହିଁ ସେହି ଋଷିମାନଙ୍କ ସେବା କରି ଭାଗବତ ଧର୍ମ ଓ ହରିକଥା ଶୁଣୁଥିଲେ। ଏକ ବର୍ଷା ଋତୁରେ ଋଷିମାନେ ଚାତୁର୍ମାସ୍ୟ ବ୍ରତ ପାଳନ କଲେ। ନାରଦ ସେମାନଙ୍କ ଏକାନ୍ତ ସେବା କରି ଭଗବାନଙ୍କ ନାମ ଜପ କରିବା ଶିଖିଲେ।

ଦିନେ ସାପ କାମୁଡ଼ାରେ ତାଙ୍କ ମା ମରିଗଲେ। ନାରଦ ଏକା ହୋଇ ଜଙ୍ଗଲକୁ ଗଲେ ଏବଂ ଏକ ପିପ୍ପଳ ବୃକ୍ଷ ତଳେ ବସି ଭଗବାନଙ୍କୁ ଧ୍ୟାନ କଲେ। ଭଗବାନ ବିଷ୍ଣୁ ତାଙ୍କୁ ଦର୍ଶନ ଦେଇ କହିଲେ, 'ଏ ଜନ୍ମରେ ତୁମେ ମୋତେ ପ୍ରାପ୍ତ କରିବ ନାହିଁ, କିନ୍ତୁ ତୁମର ଭକ୍ତି ପାଇଁ ତୁମେ ମୋର ପ୍ରିୟ ହୋଇ ରହିବ। ପରଜନ୍ମରେ

ତୁମେ ବ୍ରହ୍ମାଙ୍କ ମାନସପୁତ୍ର ହୋଇ ଜନ୍ମ ନେବ।' ଏହି ଘଟଣା ପରେ ନାରଦ ଶରୀର ତ୍ୟାଗ କରି ପର ଜନ୍ମରେ ବ୍ରହ୍ମାଙ୍କ ମାନସପୁତ୍ର ରୂପେ ଜ ନ୍ମ ନେଲେ। ଦେବର୍ଷି ରୂପେ ନାରଦ ହେଉଛନ୍ତି ତ୍ରିଲୋକୀ ସଞ୍ଚାରୀ। ତାଙ୍କ ହାତରେ ବୀଣା, ମୁଖରେ ସର୍ବଦା 'ନାରାୟଣ, ନାରାୟଣ' ଜପ। ସେ ଦେବଲୋକ, ମର୍ତ୍ତ୍ୟଲୋକ, ପାତାଳ ଲୋକ ସବୁଠିକୁ ଯାଆନ୍ତି।

ନାରଦ ହେଉଛନ୍ତି ଭକ୍ତି ସୂତ୍ର ରଚୟିତା। ସେ ପ୍ରହ୍ଲାଦ, ଧ୍ରୁବ, ବାଲ୍ମୀକି, ଅଜାମିଳ ପରି ଭକ୍ତମାନଙ୍କୁ ଭଗବତ ମାର୍ଗ ଦେଖାଇଲେ। ପ୍ରହ୍ଲାଦକୁ ମାତୃଗର୍ଭରେ ହିଁ ନାରାୟଣ ନାମ ଶିଖାଇଥିଲେ। ନାରଦ ସଙ୍ଗୀତ ଶାସ୍ତ୍ରର ଜନକ। ତାଙ୍କ ବୀଣାର ନାମ ମହତୀ। ତାଙ୍କ ସଙ୍ଗୀତରେ ଦେବତା ମଧ୍ୟ ଆକର୍ଷିତ ହୁଅନ୍ତି।

ସେ ସମୟର ସୂଚନାଦାତା। ସେ ଦେବତାମାନଙ୍କ ମଧ୍ୟରେ ସମାଚାର ପହଞ୍ଚାନ୍ତି। ରାମାୟଣରେ ବାଲ୍ମୀକିଙ୍କୁ ରାମ କଥା କହି ରାମାୟଣ ରଚନା କରାଇଲେ। ମହାଭାରତରେ ଯୁଧିଷ୍ଠିରଙ୍କୁ ରାଜଧର୍ମ ଶିଖାଇଲେ।

ନାରଦଙ୍କୁ ଅନେକେ 'କଳହପ୍ରିୟ' ବୋଲି କୁହନ୍ତି। କିନ୍ତୁ ତାଙ୍କର ଉଦ୍ଦେଶ୍ୟ କଳହ ସୃଷ୍ଟି ନୁହେଁ, ବରଂ ଧର୍ମ ସ୍ଥାପନ କରିବା। ଦକ୍ଷ ପ୍ରଜାପତିଙ୍କ ପୁତ୍ରମାନେ ସଂସାର ବନ୍ଧନରେ ପଡ଼ିବା ପୂର୍ବରୁ ନାରଦ ସେମାନଙ୍କୁ ବୈରାଗ୍ୟ ଉପଦେଶ ଦେଲେ। ଦକ୍ଷ ରାଗି ଗଲେ, କିନ୍ତୁ ପରେ ବୁଝିଲେ ଯେ ନାରଦ ଆତ୍ମକଲ୍ୟାଣ ପାଇଁ ହିଁ ଏପରି କରିଛନ୍ତି।

ବିଷ୍ଣୁଙ୍କ ମାୟା –ନାରଦ ଅହଂକାର କଲେ ଯେ ସେ ସବୁଠାରୁ ବଡ଼ ଭକ୍ତ। ବିଷ୍ଣୁ ତାଙ୍କୁ ମାୟାରେ ମୋହିତ କରି ଜଣେ ରାଜକୁମାରୀ ସହ ବିବାହ କରାଇଲେ। ବିବାହ ସମୟରେ ବିଷ୍ଣୁ ମାୟା ହଟାଇ ଦେଲେ। ନାରଦ ବୁଝିଲେ ଯେ ସଂସାର ମାୟାର ପ୍ରଭାବ କେତେ ବଡ଼। ସେବେଠାରୁ ସେ ସମ୍ପୂର୍ଣ୍ଣ ବୈରାଗୀ ହାଇଗଲେ।

ସେ ଭକ୍ତି ମାର୍ଗର ପ୍ରବର୍ତ୍ତକ। ନାରଦ ଭକ୍ତି ଯୋଗର ପ୍ରଚାର କରିଥିଲେ। 'ନାରଦ ଭକ୍ତି ସୂତ୍ର' ଭକ୍ତିର ନିର୍ଦ୍ଦେଶାବଳୀ। ସେ କହନ୍ତି, 'ସୋ ପରାନୁରକ୍ତିରୀଶ୍ୱରେ' ଅର୍ଥାତ୍ ଭଗବାନଙ୍କ ପ୍ରତି ପରମ ପ୍ରେମ ହିଁ ଭକ୍ତି।

ସେ ହେଉଛନ୍ତି ସଞ୍ଚାର ପ୍ରତୀକ।ନାରଦ ହେଉଛନ୍ତି ପ୍ରାଚୀନ କାଳର ସାମ୍ବାଦିକ। ସେ ତିନି ଲୋକର ଖବର ନେଇ ଧର୍ମ ଓ ନ୍ୟାୟର ପ୍ରଚାର କରନ୍ତି।

ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଦାସଙ୍କ ଭାଗବତ ମହାପୁରାଣ ଓ ଅଚ୍ୟୁତାନନ୍ଦଙ୍କ ଶୂନ୍ୟ ସଂହିତାରେ ନାରଦ ଚରିତ୍ର ବହୁବାର ଆସିଛି। ପୁରୀରେ ଦେବସ୍ନାନ ପୂର୍ଣ୍ଣିମାରେ ନାରଦ ବେଶ ଦେଖିବାକୁ ମିଳେ।

ଦେବର୍ଷି ନାରଦ କେବଳ ଜଣେ ଋଷି ନୁହଁନ୍ତି, ସେ ଭକ୍ତି, ଜ୍ଞାନ ଓ ସେବାର ଜୀବନ୍ତ ଉଦାହରଣ। ତାଙ୍କ ଜୀବନ ଶିଖାଏ ଯେ ଭକ୍ତିରେ ଜନ୍ମ, ବର୍ଣ୍ଣ, ସାମାଜିକ ସ୍ଥିତିର କୌଣସି ବନ୍ଧନ ନାହିଁ। ସେ ଆମକୁ ଶିଖାନ୍ତି ଯେ ଭଗବାନଙ୍କ ନାମ ଜପ, ସତସଙ୍ଗ ଓ ନିଃସ୍ୱାର୍ଥ ସେବା ହିଁ ମୁକ୍ତିର ପଥ।

ଲେଖକ: ବାବାଜୀ ଚରଣ ଦାସ
ଠିକଣା: ପଞ୍ଚସଖା ନଗର, ଭୁବନେଶ୍ୱର (ବର୍ତ୍ତମାନ ନାଇଡା)
ସାଦର ଉପସ୍ଥାପନା: ସୁଭାଷ ଚନ୍ଦ୍ର ମଲ୍ଲିକ୍
(ସଦାନନ୍ଦ ମଲ୍ଲିକ୍ ସ୍ମୃତି ସମ୍ମାନ)

❋❋❋

# ଭକ୍ତ ଗୋପାଳର ଅତୁଟ ବିଶ୍ୱାସ

କମଳାବତୀ ନଗରୀରେ ଗୋପାଳ ନାମକ ଜଣେ ସରଳ ଏବଂ ନିରକ୍ଷର ଗଉଡ଼ ରହୁଥିଲା। ସେ ଦିନସାରା ଗାଇ ଚରାଉଥିଲା ଏବଂ ସହଜ ଭାବରେ 'ରାମ-ରାମ' ନାମ ଜପ କରୁଥିଲା। ଯେତେବେଳେ ଲୋକମାନେ ତା'ର ପରିହାସ କରୁଥିଲେ, ଜଣେ ସନ୍ଥ ତା'ର ପକ୍ଷ ରଖି କହିଥିଲେ ଯେ ନାମ ଜପର ମହିମା ଯୋଗୁଁ ସେ ନିଶ୍ଚୟ ଗୁରୁଙ୍କୁ ପ୍ରାପ୍ତ କରିବ।

ଗୋପାଳ ମନରେ ଗୁରୁଙ୍କୁ ଭେଟିବା ପାଇଁ ପ୍ରବଳ ଇଚ୍ଛା ଜାଗ୍ରତ ହେଲା। ଦିନେ ଜଣେ ସନ୍ଥ ଆସିବା ପରେ ସେ ତାଙ୍କୁ ହିଁ ନିଜର ଗୁରୁ ବୋଲି ମାନିନେଲା। ଗୋପାଳର ପ୍ରାର୍ଥନା ରକ୍ଷା କରି ସନ୍ଥ ତାକୁ ଏକ ସରଳ ନିୟମ ଦେଲେ: 'ଯାହା କିଛି ବି ଖାଇବ, ପ୍ରଥମେ ଭଗବାନ ଗୋବିନ୍ଦଙ୍କୁ ଭୋଗ ଲଗାଇବା ପରେ ହିଁ ଖାଇବ।'

ପରଦିନ ଯେତେବେଳେ ଗୋପାଳ ଭୋଜନ କରିବାକୁ ବସିଲା, ସେ ଶ୍ରଦ୍ଧାର ସହ ଭଗବାନଙ୍କୁ ଡାକିଲା। କିନ୍ତୁ ଯେତେବେଳେ ସାକ୍ଷାତ ଭଗବାନ ଭୋଗ ଖାଇବାକୁ ଆସିଲେ ନାହିଁ, ଗୁରୁଙ୍କ ଆଜ୍ଞା ଯୋଗୁଁ ଗୋପାଳ ଭୋଜନ କଲା ନାହିଁ। ସେ ଭାବିଲା ଯେ ଭଗବାନଙ୍କ ବିନା ସେ ଅନ୍ନ ଗ୍ରହଣ କରିବ ନାହିଁ।

ଏହିପରି ଭାବରେ ଦେଖୁ ଦେଖୁ ସତାଇଶ (୨୭) ଦିନ ବିତିଗଲା। ଗୋପାଳ ଭୋକ-ଶୋଷରେ ଅତ୍ୟନ୍ତ ଦୁର୍ବଳ ହୋଇଗଲା, କିନ୍ତୁ ତା'ର ବିଶ୍ୱାସ ଅଟଳ ରହିଲା। ଶେଷରେ, ତା'ର ନିଷ୍କାମ ଭକ୍ତି ଏବଂ ଜିଦ୍ ଆଗରେ ଭଗବାନ ତରଳିଗଲେ। ପ୍ରଭୁ ସ୍ୱୟଂ ପ୍ରକଟ ହେଲେ,ଗୋପାଳର ରୁଟି ଖାଇଲେ ଏବଂ ତାକୁ ଦର୍ଶନ ଦେଇ ଧନ୍ୟ କଲେ।

ଭଗବାନଙ୍କ ପ୍ରସାଦ ଗ୍ରହଣ କରିବା ମାତ୍ରେ ଗୋପାଳର ସମସ୍ତ ଶାରୀରିକ ଏବଂ ମାନସିକ ଦୁର୍ବଳତା ଦୂର ହୋଇଗଲା। ଏହି କଥା ଶିକ୍ଷା ଦିଏ ଯେ ଈଶ୍ୱରଙ୍କୁ ପାଇବା ପାଇଁ ପାଣ୍ଡିତ୍ୟର ନୁହେଁ, ବରଂ ସରଳତା ଏବଂ ଅତୁଟ ବିଶ୍ୱାସର ଆବଶ୍ୟକତା ରହିଛି।

ମାର୍ଗଦର୍ଶକ - ଶ୍ରୀ ହିତ ପ୍ରେମାନନ୍ଦ ଗୋବିନ୍ଦ ଶରଣ ଜୀ ମହାରାଜ

❋❋❋

# ମହାଲକ୍ଷ୍ମୀଙ୍କ ଅଭିଶାପ ପୁରୀ ଶ୍ରୀମନ୍ଦିର ଛାଡି କାହିଁକି ଚାଲିଗଲେ ମହାଲକ୍ଷ୍ମୀ

ନୀଳାଚଳ ଧାମର ପବିତ୍ର ଭୂମିରେ ଏମିତି ଏକ ଘଟଣା ଘଟିଥିଲା, ଯାହା ଦେବତାଙ୍କଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କୁ ଚକିତ କରିଦେଇଥିଲା। ଏହା ସେହି ସମୟର କଥା, ଯେତେବେଳେ ଅହଙ୍କାର ପ୍ରେମକୁ ପ୍ରତ୍ୟାଖ୍ୟାନ କରିଥିଲା... ଏବଂ ପରେ ସେହି ପ୍ରେମ ସମଗ୍ର ବ୍ରହ୍ମାଣ୍ଡକୁ ନତମସ୍ତକ କରିଦେଇଥିଲା।

ଦିନେ ମାତା ଲକ୍ଷ୍ମୀ ନଗର ଭ୍ରମଣରେ ବାହାରିଥିଲେ। କିଏ ତାଙ୍କର ପ୍ରକୃତ ଭକ୍ତ, ତାହା ଦେଖିବା ପାଇଁ ସେ ଆସିଥିଲେ। ପ୍ରାସାଦ, ମନ୍ଦିର ଏବଂ ଧନୀ ଲୋକଙ୍କ ଘର ଦେଇ ଯିବାବେଳେ, ଯେତେବେଳେ ସେ ସହରର ବାହାର ଭାଗରେ ପହଞ୍ଚିଲେ, ସେଠାରେ ସେ ଏକ ଛୋଟ କୁଡ଼ିଆ ଦେଖିବାକୁ ପାଇଲେ।

ସେହି କୁଡ଼ିଆରେ ଶ୍ରିୟା ନାମକ ଜଣେ ମହିଳା ରହୁଥିଲେ- ଯାହାଙ୍କୁ ସମାଜ 'ଅସ୍ପୃଶ୍ୟ' ବୋଲି କହୁଥିଲା। କିନ୍ତୁ ତାଙ୍କ ଘର... ଅତି ସ୍ୱଚ୍ଛ, ସୁଗନ୍ଧିତ ଏବଂ ଭକ୍ତିରେ ପରିପୂର୍ଣ୍ଣ ଥିଲା। ସେ ଗୋବରରେ ଅଗଣା ଲିପିଥିଲେ, ସୁନ୍ଦର ଝୋଟି ଚିତା ପକାଇଥିଲେ ଏବଂ ତାଙ୍କ ଆଖିରେ ପ୍ରଭୁଙ୍କ ପ୍ରତି ଅପାର ଭକ୍ତି ଥିଲା।

ଲକ୍ଷ୍ମୀଙ୍କ ହୃଦୟ ସେହି ପ୍ରେମରେ ତରଳିଗଲା। ସେ ସେହି କୁଡ଼ିଆ ଭିତରକୁ ଗଲେ, ଶ୍ରିୟାଙ୍କ ଭକ୍ତିପୂତ ନୈବେଦ୍ୟ ଗ୍ରହଣ କଲେ ଏବଂ ତାଙ୍କୁ ଆଶୀର୍ବାଦ ଦେଇ ଫେରି ଆସିଲେ।

କିନ୍ତୁ ମନ୍ଦିର ଦ୍ୱାରରେ ତାଙ୍କର ସମ୍ମୁଖୀନ ହେଲେ ବଳରାମ -ଯାହାଙ୍କୁ ଏଠାରେ ବଡ଼ଠାକୁର ବା ଦାଉ ସାଆନ୍ତ କୁହାଯାଏ। ତାଙ୍କ ମୁହଁ କ୍ରୋଧରେ ଲାଲ୍ ପଡ଼ିଯାଇଥିଲା। ସେ ଗର୍ଜନ କରିଲେ-

'ଅଟକି ଯାଅ ଲକ୍ଷ୍ମୀ ! ତୁମେ ଆଉ ଏହି ମନ୍ଦିରରେ ପ୍ରବେଶ କରିପାରିବ ନାହିଁ। ତୁମେ ଜଣେ ଚଣ୍ଡାଳୁଣୀ ଘରକୁ ଯାଇଥିଲ, ତେଣୁ ତୁମେ ଅପବିତ୍ର ହୋଇଯାଇଛ !'

ଏହା ଶୁଣି ସେଠାରେ ଠିଆ ହୋଇଥିବା ପ୍ରଭୁ ଜଗନ୍ନାଥ (କାଳିଆ ଠାକୁର) ମୌନ ହୋଇଗଲେ। ଏପଟେ ପତ୍ନୀ ଏବଂ ସେପଟେ ବଡ଼ ଭାଇ- ସେ କିଛି କହିପାରିଲେ ନାହିଁ।

ଅପମାନିତ ହୋଇ ଲକ୍ଷ୍ମୀଙ୍କ ଆଖିରୁ ଲୁହ ଝରିପଡ଼ିଲା। ସେ କହିଲେ-

'ଠିକ୍ ଅଛି, ମୁଁ ଚାଲିଯାଉଛି। କିନ୍ତୁ ମନେରଖ-ଆଜିଠାରୁ ତୁମେ ଦୁଇ ଭାଇ ଅନ୍ନର ଗୋଟିଏ ଦାନା ପାଇଁ ମଧ୍ୟ ତରସିବ। ଯେ ପର୍ଯ୍ୟନ୍ତ ତୁମେ ନିଜେ ଜଣେ ଚଣ୍ଡାଳ ହାତରୁ ଖାଦ୍ୟ ଗ୍ରହଣ ନକରିଛ, ସେ ପର୍ଯ୍ୟନ୍ତ ତୁମର ଭୋକ ମେଣ୍ଟିବ ନାହିଁ।'

ଏତିକି କହି ସେ ଅନ୍ତର୍ଦ୍ଧାନ ହୋଇଗଲେ। ଦାଉ ସାଆନ୍ତ ଏହାକୁ ହାଲୁକା ଭାବେ ନେଇଥିଲେ। ତାଙ୍କର ବିଶ୍ୱାସ ଥିଲା କି ଭଗବାନଙ୍କୁ କେହି କେବ ଭୋକିଲା ରଖିପାରିବେ ନାହିଁ। କିନ୍ତୁ ପରଦିନ... ସବୁକିଛି ବଦଳିଗଲା।

ମନ୍ଦିରର ସମସ୍ତ ବୈଭବ ଉଭେଇଗଲା। ସୁନା-ରୁପା, ଭୋଗ, ରାଷେଇ ଶାଳ - ସବୁ ଶୂନ୍ୟ ହୋଇଗଲା। ଏପରିକି ସେମାନଙ୍କ ପିନ୍ଧା ବସ୍ତ୍ର ମଧ୍ୟ ଚିରା କନା ପାଲଟିଗଲା। ଭୋକ ଓ ଶୋଷରେ ଆତୁର ହୋଇ ଦୁଇ ଭାଇ ଭିକାରୀ ପରି ରାସ୍ତାରେ ବୁଲିଲେ।

ସେମାନେ ଦ୍ୱାର ଦ୍ୱାର ବୁଲି କହିଲେ- 'ମାଆ, କିଛି ଖାଇବାକୁ ଦିଅ..."

କିନ୍ତୁ ଲୋକମାନେ ସେମାନଙ୍କୁ ଧିକ୍କାର କରି ଘଉଡ଼ାଇ ଦେଲେ। ଦୁଇ ଦିନ ବିତିଗଲା। ଶେଷରେ ଭୋକ ସେମାନଙ୍କ ଅହଙ୍କାର ଭାଙ୍ଗିଦେଲା।

ଶେଷରେ ସେମାନେ ଏକ କୁଡ଼ିଆ ପାଖରେ ପହଞ୍ଚିଲେ, ଯେଉଁଠାରୁ ସୁଆଦିଆ ଭୋଜନର ବାସ୍ନା ଆସୁଥିଲା। ସେମାନେ ଡାକିଲେ-'ଆମକୁ କିଛି ଖାଇବାକୁ ଦିଅ..."

ଭିତରୁ ଜଣେ ସ୍ତ୍ରୀ ଲୋକ ଆସି କହିଲେ- 'ମୁଁ ଜଣେ ଚଣ୍ଡାଳୁଣୀ... ଆପଣ ମୋ ହାତରୁ କିପରି ଖାଇବେ ?"

ଏହା ଶୁଣିବା ମାତ୍ରେ ବଳରାମଙ୍କ ମନରେ ଲକ୍ଷ୍ମୀଙ୍କ ଅଭିଶାପ ଗୁଞ୍ଜରି ଉଠିଲା। ସେ ଆଣ୍ଠୁ ମାଡ଼ି ବସିପଡ଼ିଲେ ଏବଂ କହିଲେ- 'ମାଆ... ଭୋକର କୌଣସି ଜାତି ନଥାଏ। ଆମକୁ କ୍ଷମା କରିଦିଅ... ଆମକୁ ଖାଦ୍ୟ ଦିଅ..."

ଠିକ୍ ସେତିକି ବେଳେ ସେହି ସ୍ତ୍ରୀ ଲୋକ ଜଣଙ୍କ ହସିଲେ ଏବଂ ମୁହଁ ଉଠାଇଲେ। ସେ କେହି ସାଧାରଣ ନାରୀ ନଥିଲେ, ସେ ସ୍ୱୟଂ ମାତା ଲକ୍ଷ୍ମୀ ଥିଲେ। ନିଜ ଭାଇମାନଙ୍କ ଅବସ୍ଥା ଦେଖି ତାଙ୍କ ଆଖି ମଧ୍ୟ ଓଦା ହୋଇଗଲା। ସେ ନିଜ ହାତରେ ସେମାନଙ୍କୁ ଭୋଜନ କରାଇଲେ।

ଦାଉ ସାଆନ୍ତ କାନ୍ଦି ପକାଇଲେ– "ମୋତେ କ୍ଷମା କରିଦିଅ... ମୁଁ ମଣିଷ ଭିତରେ ଭେଦଭାବ କରିଥିଲି।'

ସେତେବେଳେ ପ୍ରଭୁ ଜଗନ୍ନାଥ କହିଲେ 'ଆଜିଠାରୁ ମୋ ମନ୍ଦିରରେ କୌଣସି ଉଚ୍ଚ-ନୀଚ ଭେଦଭାବ ରହିବ ନାହିଁ। ଯିଏ ପ୍ରେମରେ ଡାକିବ, ମୁଁ ତା' ପାଖକୁ ଯିବି।"

ଏହି ଲୀଳା ପାଇଁ ଆଜି ମଧ୍ୟ ପୁରୀ ଜଗନ୍ନାଥ ମନ୍ଦିରରେ ଆନନ୍ଦ ବଜାର ବସେ ମହାପ୍ରସାଦକୁ ସମସ୍ତେ ବିନା ଭେଦଭାବରେ ଏକାଠି ବସି ଖାଇଥାନ୍ତି।

ଏହି କଥା ଆମକୁ ଶିକ୍ଷା ଦିଏ:

ଅହଙ୍କାର ଭଗବାନଙ୍କୁ ମଧ୍ୟ ତଳକୁ ଖସାଇ ଦିଏ, କିନ୍ତୁ ପ୍ରେମ ଭଗବାନଙ୍କୁ ମଧ୍ୟ ନୁଆଇଁ ଦିଏ।

ପ୍ରକୃତ ଭକ୍ତିରେ କେହି ଉଚ୍ଚ ନୁହେଁ କି ନୀଚ ନୁହେଁ।

ଭଗବାନଙ୍କ ପାଇଁ କେବଳ ଗୋଟିଏ ଜିନିଷ ଗୁରୁତ୍ୱପୂର୍ଣ୍ଣ – ତାହା ହେଉଛି ନିଷ୍କପଟ ପ୍ରେମ।

ଜୟ ମା' ଲକ୍ଷ୍ମୀ । ଜୟ ଜଗନ୍ନାଥ

❋❋❋

# ସଚ୍ଚା ଅନୁତାପ ହିଁ ସବୁଠାରୁ ବଡ଼ ପରିବର୍ତ୍ତନ

ଓଡ଼ିଶାର ପବିତ୍ର ଧାମ ଜଗନ୍ନାଥ ପୁରୀରେ ଅବସ୍ଥିତ ଜଗନ୍ନାଥ ମନ୍ଦିର କେବଳ ଭକ୍ତିର କେନ୍ଦ୍ର ନୁହେଁ, ବରଂ ଏହା ଚମତ୍କାରର ଭୂମି ମଧ୍ୟ। କୁହାଯାଏ ଯେ ଏଠାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ଖାଲି ହାତରେ ଫେରନ୍ତି ନାହିଁ। ସେ ଭକ୍ତ ହୁଅନ୍ତୁ କିମ୍ବା ପାପୀ।

ବହୁ ସମୟ ପୂର୍ବର କଥା। ସେହି ପୁରୀ ନଗରୀରେ ଜଣେ କୁଖ୍ୟାତ ଚୋର ରହୁଥିଲା- ତା' ନାମ ଥିଲା ମାଧବ। ସେ ଗରିବ ନିଶ୍ଚୟ ଥିଲା, କିନ୍ତୁ ତା'ର ଅଭ୍ୟାସ ଖରାପ ଥିଲା। ମନ୍ଦିର, ଘର ଏବଂ ରାସ୍ତାଘାଟରେ ଲୋକଙ୍କୁ ଲୁଟିବା ହିଁ ଥିଲା ତା'ର କାମ। ତାକୁ ନା ଭଗବାନଙ୍କୁ ଭୟ ଥିଲା, ନା ପାପ-ପୁଣ୍ୟର କୌଣସି ଚିନ୍ତା ଥିଲା।

ଏକଦା ତା' ନଜର ଜଗନ୍ନାଥ ମନ୍ଦିର ଉପରେ ପଡ଼ିଲା। ସେ ଭାବିଲା-

'ଏଠାରେ ତ ପ୍ରତିଦିନ ସୁନା, ରୁପା ଏବଂ ମୂଲ୍ୟବାନ ଅଳଙ୍କାର ଅର୍ପଣ କରାଯାଉଛି... ଯଦି ଗୋଟିଏ ରାତି ଭିତରକୁ ପଶିଯାଏ, ତେବେ ଜୀବନ ସୁଧୁରିଯିବ !'

ସେହି ରାତିରେ, ଅନ୍ଧାରର ସୁଯୋଗ ନେଇ ସେ ମନ୍ଦିର ପଛ କାନ୍ଥ ଡେଇଁ ଭିତରକୁ ପଶିଗଲା। ଚାରିଆଡ଼େ ନିସ୍ତବ୍ଧତା... କେବଳ ଦୂରରୁ ଶୁଭୁଥିବା ଶଙ୍ଖ ଓ ଘଣ୍ଟାର ମୃଦୁ ଧ୍ୱନି। ସେ ଧୀରେ ଧୀରେ ଗର୍ଭଗୃହ ଆଡ଼କୁ ଆଗେଇଲା।

ଯେମିତି ସେ ଭଗବାନ ଜଗନ୍ନାଥଙ୍କ ସମ୍ମୁଖରେ ପହଞ୍ଚିଲା, ତା'ର ହୃଦସ୍ପନ୍ଦନ ହଠାତ୍ ବଢ଼ିଗଲା। ସାମ୍ନାରେ ବିଶାଳ ଚକାଡୋଳା ବିଶିଷ୍ଟ ପ୍ରଭୁ ଏମିତି ଚାହୁଁଥିଲେ, ସତେ ଯେମିତି ସେ ସବୁକିଛି ଜାଣିଛନ୍ତି।

ଚୋର ମନେ ମନେ ଭାବିଲା-

'ଭୟ କାହିଁକି ? ମୁଁ ତ ଚୋରି କରିବାକୁ ଆସିଛି..."

ସେ ଆଗକୁ ବଢ଼ିଲା ଏବଂ ଅଳଙ୍କାର ଆଡ଼କୁ ହାତ ବଢ଼ାଇଲା... କିନ୍ତୁ ସେତିକି ବେଳେ ଏକ ଅଦ୍ଭୁତ ଘଟଣା ଘଟିଲା। ତା'ର ହାତ ସେଇଠି ଅଟକି ଗଲା। ସତେ ଯେମିତି କୌଣସି ଅଦୃଶ୍ୟ ଶକ୍ତି ତାକୁ ରୋକି ଦେଇଛି।

ହଠାତ୍ ତାକୁ ନିଜ ଭିତରୁ ଏକ ସ୍ୱର ଶୁଣାଗଲା-

'ମାଧବ... ତୁ କ'ଣ ନେବାକୁ ଆସିଛୁ?

ଚୋର ଡରିଗଲା। ସେ ଚାରିଆଡ଼କୁ ଚାହିଁଲା... କିନ୍ତୁ କେହି ନଥିଲେ।

ସେହି ସ୍ୱର ପୁଣି ଶଭିଲା।

'ତୁ ଧନ ନେବାକୁ ଆସିଛୁ... କିନ୍ତୁ ତୁ କେବେ ଭାବିଛୁ, ତୋତେ ପ୍ରକୃତରେ କେଉଁ ଧନ ଦରକାର?

ମାଧବର ଶରୀର ଥରିବାକୁ ଲାଗିଲା। ତା' ଜୀବନର ସମସ୍ତ ପାପ ଯେମିତି ତା' ଆଖି ଆଗରେ ନାଚିଗଲା। ସେ ପ୍ରଥମ ଥର ପାଇଁ ନିଜକୁ ନେଇ ଭୟଭୀତ ହେଲା। ତା' ଆଖିରୁ ଲୁହ ବୋହିବାକୁ ଲାଗିଲା। ସେ ସେଇଠି ଭଗବାନଙ୍କ ଚରଣରେ ଲୋଟିପଡ଼ି କାନ୍ଦିବାକୁ ଲାଗିଲା–

'ପ୍ରଭୁ... ମୁଁ ଜୀବନସାରା ଭୁଲ୍ କାମ କରିଛି... ମାତେ କ୍ଷମା କରିଦିଅନ୍ତୁ... ମାତେ ସଠିକ୍ ପଥ ଦେଖାନ୍ତୁ...'

ସେହି ମୁହୂର୍ତ୍ତରେ ଗର୍ଭଗୃହରେ ଏକ ଦିବ୍ୟ ଆଲାକ ଖେଳିଗଲା। ମାଧବକୁ ଅନୁଭବ ହେଲା ସତେ ଯେମିତି ଭଗବାନ ନିଜେ ହସୁଛନ୍ତି। ସେହି ରାତିରେ ସେ କିଛି ବି ଚାରି କରି ନେଇଗଲା ନାହିଁ... ବରଂ କିଛି ଅଲଗା ଜିନିଷ ନେଇଗଲା– ଅନୁତାପ ଏବଂ ଭକ୍ତି।

ପରଦିନ ଠାରୁ ସବୁକିଛି ବଦଳିଗଲା। ସେହି ଚୋର ଏବେ ମନ୍ଦିର ପାହାଚରେ ବସି 'ଜୟ ଜଗନ୍ନାଥ' ଜପିବାକୁ ଲାଗିଲା। ସେ ଚୋରି ଛାଡ଼ିଦେଲା ଏବଂ ସେବା ଆରମ୍ଭ କଲା। ଯେଉଁ ଲୋକମାନେ ଦିନେ ତାକୁ ଘୃଣା କରୁଥିଲେ, ଏବେ ତାକୁ ସମ୍ମାନ ଦେବାକୁ ଲାଗିଲେ। ସେ ପ୍ରତିଦିନ ମନ୍ଦିର ସଫା କରୁଥିଲା, ଭକ୍ତମାନଙ୍କୁ ସାହାଯ୍ୟ କରୁଥିଲା ଏବଂ ନିଜ ପାପର ପ୍ରାୟଶ୍ଚିତ କରୁଥିଲା। ଅନେକ ବର୍ଷ ପରେ ଯେତେବେଳେ ତା'ର ମୃତ୍ୟୁ ହେଲା, ଲୋକେ କହିଲେ–

'ଏ ସେହି ଚୋର ଥିଲା... ଯାହାକୁ ଭଗବାନ ନିଜେ ନିଜର ଭକ୍ତ ବନାଇଦେଲେ।"

କୌଣସି ବି ମଣିଷ ଏତେ ପାପୀ ନୁହେଁ ଯେ ଭଗବାନ ତାକୁ ଗ୍ରହଣ କରିବେ ନାହିଁ।

ସଚ୍ଚା ଅନୁତାପ ହିଁ ସବୁଠାରୁ ବଡ଼ ପରିବର୍ତ୍ତନ ଆଣିଥାଏ।

ଭଗବାନ ଦଣ୍ଡ ଦିଅନ୍ତି ନାହିଁ... ବରଂ ରାସ୍ତା ଦେଖାନ୍ତି।

ଜୟ ଜଗନ୍ନାଥ! ??

❋❋❋

# ଭକ୍ତ ହାଡ଼ି ଦାସ

ସେଦିନ ଦର୍ପଣୀ ରାଜଦରବାର ପଡୁଛି ଉଠୁଛି । ରାଜା ଗୁଲଜାର ହୋସେନ କୌଣସି କାରଣରୁ ଉତ୍ତୋଜିତ ହୋଇ ପଡ଼ିଛନ୍ତି । ଏହି ସମୟରେ ପ୍ରବେଶ କଲେ ସେଠାରେ ହାଡ଼ି ଦାସ । ହାଡ଼ି ଦାସଙ୍କୁ ଦେଖି ରାଜା ଆହୁରି ଉତ୍ତୋଜିତ ହୋଇ ଉଠିଲେ ଆଉ ପଚାରିଲେ , ' କିଏ , କିଏରେ ତୁ , କାହାକୁ ନ କହି ଦରବାରକୁ ପଶି ଆସିଲୁ କେମିତି ? ସାହସ ତ କମ୍ ନୁହେଁ ? '' ମଣିମା ! ମୁଁ ହାଡ଼ି ଦାସ । ହଜୁରଙ୍କ ହୁକୁମରେ ହାଜର ହୋଇଛି । ' ରାଜା ପୁଣି ଚିତ୍କାର କରି କହି ଉଠିଲେ , '' ତୁ , ତୁ ହେଉଛୁ ସେହି ହାଡ଼ିଆ ? ସାତ ବର୍ଷ ହେଲାଣି ବାହାସାହା ହୋଇ ଛତିଆ ଗ୍ରାମର ସେଇ ହୁଡ଼ି ଉପରେ ମହା ଆନନ୍ଦରେ ରହିଛୁ ନା ? ହେଲେ କାଣି କଉଡ଼ିଟିଏ ଖଜଣା ବାବଦକୁ ପୈଠ କରୁ ନାହୁଁ । ହଁ , ପୁଣି କ'ଣ ସେଠି ଗୋଟେ ଲୀଳା ଲଗେଇଛୁ , ତୁ କୁଆଡ଼େ ହିନ୍ଦୁ ଧର୍ମକୁ ଧ୍ୱଂସ କରିଦେବାକୁ ବସିଛୁ ? ତା ' ନାଁରେ ବ୍ରାହ୍ମଣ ଗୋସେଇଁମାନେ ଅଭିଯୋଗ କରିଛନ୍ତି । ତୁ ଜାତିଅଜାତି , ଛୁଆଁଅଛୁଆଁ , କିଛି ମାନୁ ନାହୁଁ । ସମସ୍ତଙ୍କ ସହିତ ମିଳାମିଶା କରି ଖିଆପିଆ କରୁଛୁ । ତୁ ଧର୍ମଦ୍ରୋହୀ , ତୋତେ ଆଜି ଛାଡ଼ିବି ନାହିଁ । ସନ୍ଧ୍ୟାବେଳକୁ ବ୍ରାହ୍ମଣ ଗୋସେଇଁମାନେ ଆସିବେ । ତୋରି ବିଚାର ସେମାନଙ୍କ ଆଗରେ ହେବ।'' ଏତିକି କହି ରାଜା ପିଆଦାକୁ ଆଦେଶ ଦେଲେ ' ଏଇ ହାଡ଼ିଆ କମାରକୁ ନେଇଯାଆ ଅଗଣା ବାହାରେ ଖରାରେ ତାକୁ ପାଣି ବାତ ମୁଣ୍ଡାଇ ଠିଆ କରିଦିଅ । ସଞ୍ଜବେଳକୁ ତା'ର ବିଚାର ହେବ । '' ପିଆଦା ହାଡ଼ି ଦାସଙ୍କୁ ନେଇଯାଇ ବାହାରେ ପାଣିକାତ ମୁଣ୍ଡେଇ ଠିଆ କରିଦେଲା । ରାଜା ଦରବାର ସାରି ଖାଇବାକୁ ଗଲେ । ଖାଇପିଇ ସାରି ଆରାମ କରିବାକୁ ଗଲେ। ହେଲେ ଏ କ'ଣ ହେଲା ? ରାଜାଙ୍କ ପେଟ ଖୁବ୍ ଜୋରରେ ମାରିଲା । ସେ ସମ୍ଭାଳି ପାରିଲେ ନାହିଁ । ଉଚ୍ଚସ୍ୱରରେ ଚିତ୍କାର କରିବାରେ ଲାଗିଲେ । ଉଆସରେ ବିଶାଦର ଛାୟା ଖେଳି ଗଲା । ରାଜାଙ୍କର ବୁଢ଼ୀ ମା ' ଥିଲେ । ସେ ପୁଅର ଅବସ୍ଥା ଦେଖି ବିଚଳିତ ହୋଇପଡ଼ିଲେ । ବ୍ୟସ୍ତ ହୋଇ ଘରୁ ବାହାରକୁ ଓ ବାହାରୁ ଘରକୁ ଏମିତି ହେଉଥାନ୍ତି । ତାଙ୍କର ହଠାତ୍ ନଜର ପଡ଼ିଗଲା ଅଗଣା ଆଡ଼େ । ଦେଖିଲେ ଟାଣ ଖରାରେ ହାଡ଼ି ଦାସେ ପାଣିକାତ ମୁଣ୍ଡେଇ ଠିଆ ହୋଇଛନ୍ତି । ସେ ହାଡ଼ି ଦାସଙ୍କୁ ଚିହ୍ନନ୍ତି ଆଉ ଜାଣନ୍ତି । ହାଡ଼ି ଦାସଙ୍କ ପାଖକୁ ଯାଇ ପଚାରିଲେ , '' କିଏ ବାପ ! ହାଡ଼ି ଦାସେ କି ? ତୁମକ ଏପରି ଦଣ୍ଡ କିଏ ଦେଲା ? '' ହାଡ଼ି ଦାସେ ହସି ହସି

କହିଲେ , ' ମା ! ରାଜାଙ୍କ ଆଦେଶ ମାନି ମୁଁ ଏଠାରେ ଏପରି ଠିଆ ହୋଇଛି ସିନା ମୋତେ କିଛି କଷ୍ଟ ହେଉନି । ତୁମେ ଘର ଭିତରକୁ ଯାଅ ମାଆ ! ' ହାଡ଼ି ଦାସଙ୍କ କଥା ଶୁଣି ରାଜାଙ୍କ ମା ' କହିଲେ , ସେଇଟା ରାଜା ଗୋଜା , ତା'ମୁଣ୍ଡରେ କ'ଣ ବୁଦ୍ଧି ଅଛି ? ସେଇଥିପାଇଁ ସେ ଏତେକଷ୍ଟ ପାଉଛି । ଏତିକି କହି ବୁଢ଼ୀ ହାଡ଼ି ଦାସଙ୍କ ମୁଣ୍ଡରୁ ପାଣିଗରାଟି ଓହ୍ଲାଇ ଦେଇ ତାଙ୍କର ସେବା ଯତ୍ନ କଲେ। ଚର୍ଚ୍ଚା କରିବାର ବନ୍ଦୋବସ୍ତରେ ଲାଗି ପଡ଼ିଲେ। ହଠାତ୍ ରାଜାଙ୍କ ପେଟମରା ବନ୍ଦ ହୋଇଗଲା । ରାଜା ଗୁଲଜାର ହୋସେନା ମା'ଙ୍କଠାରୁ ହାଡ଼ି ଦାସଙ୍କ ପ୍ରକୃତ ପରିଚୟ ଓ ତାଙ୍କର ମହିମା ଶୁଣି ବହୁତ ଖୁସି ହେଲେ । ହାଡ଼ି ଦାସଙ୍କୁ ପାଖକୁ ଡାକି ବାରମ୍ବାର କ୍ଷମାଭିକ୍ଷା କଲେ । ରାଜା ହାଡ଼ି ଦାସଙ୍କୁ ବିନମ୍ର ଭାବରେ କହିଲେ , '' ମହାଭାଗ ! ଆପଣଙ୍କ ବିରୋଧରେ ବ୍ରାହ୍ମଣମାନେ ଅଭିଯୋଗ ଆଣିଛନ୍ତି । ଆପଣ ନିର୍ଦ୍ଦୋଷ ବୋଲି ଆପଣଙ୍କର ପ୍ରମାଣ ଉପସ୍ଥାପିତ କରିବେ , ସେଥିପାଇଁ ମୁଁ ଆପଣଙ୍କୁ ଅନୁରୋଧ କରୁଛି ।' ହାଡ଼ି ଦାସେ କହିଲେ , ମୁଁ ନିର୍ଦ୍ଦୋଷ ବୋଲି ମୁଁ କ'ଣ ପ୍ରମାଣ ଦେବି ? ସେସବୁ ଜଗତର ନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଇଚ୍ଛା , ମୁଁ ତାଙ୍କର ଛାର ସେବକମାତ୍ର । '' ସମୟ ସନ୍ଧ୍ୟା । ରାଜଦରବାରରେ ଭୀଷଣ ଭିଡ଼ । ଜନଗହଳିରେ ସ୍ଥାନଟି ଫାଟି ପଡୁଛି । ହାଡ଼ି ଦାସ ପରୀକ୍ଷା ଦେବେ ବ୍ରାହ୍ମଣମାନଙ୍କ ସମ୍ମୁଖରେ । ଗୋଟିଏ ପକ୍ଷରେ ହାଡ଼ି ଦାସ। ଅନ୍ୟପକ୍ଷରେ କେତେଜଣ ରକ୍ଷଣଶୀଳ ବ୍ରାହ୍ମଣ । ଆଉ ବିଚାରକ ଦର୍ପଣୀରେ ରାଜା ଗୁଲଜାର ହୋସେନ । ରାଜା ହାଡ଼ି ଦାସଙ୍କୁ କହିଲେ , ବ୍ରାହ୍ମଣମାନଙ୍କର ଅଭିଯୋଗ ହେଲା , ଆପଣ ଜାତିଭେଦ ନମାନି ସମସ୍ତ ଜାତିର ଲୋକଙ୍କ ସହ ମିଶି ଖାଇବା ପିଇବା କରୁଛନ୍ତି । ନାମ ଭଜନ କରୁଛନ୍ତି । ଆପଣଙ୍କ ସହ ରହିଛନ୍ତି ବ୍ରାହ୍ମଣ, ତେଲି, ପାଣ, ମାଳି ଓ କଣ୍ଡରା ଆଦି ଜାତିର ଲୋକ । ଏହାଦ୍ୱାରା ହିନ୍ଦୁଧର୍ମ କଳୁଷିତ ହେଉଛି । ଏଥିରୁ ଯଥାଶୀଘ୍ର ନିବୃତ୍ତ ହେବା ପାଇଁ ବ୍ରାହ୍ମଣମାନେ ଆପଣଙ୍କ ନାମରେ ଅଭିଯୋଗ ଆଣିଛନ୍ତି । ଏ ସମ୍ପର୍କରେ ଆପଣଙ୍କର କିଛି କହିବାର ଥିଲେ ଶୀଘ୍ର ପ୍ରକାଶ କରନ୍ତୁ । ହାଡ଼ି ଦାସେ କହିଲେ , '' ମଣିମା ' ଆପଣ ଠିକ୍ କହିଛନ୍ତି। ମୋ' ସମ୍ପର୍କରେ ଆସିଥିବା ଅଭିଯୋଗ ସମ୍ପର୍କରେ ମୁଁ କହୁଛି ଯେ, ମୋର ପ୍ରଥମ ସାଙ୍ଗ ନୀଳାଦ୍ରି ନନ୍ଦ ଜାତିରେ ବ୍ରାହ୍ମଣ । ଦ୍ୱିତୀୟ ସାଙ୍ଗ ମଦନ ସାହୁ ଜାତିରେ ତେଲି। ତୃତୀୟ ସାଙ୍ଗ ହରି ମଳିକ ଜାତିରେ ପାଣ । ଚତୁର୍ଥ ସାଙ୍ଗ ରାମ ରଣା ଜାତିରେ ମାଳି ଆଉ ପଞ୍ଚମ ସାଙ୍ଗ କୃଷ୍ଣ ମଳିକ ଜାତିରେ କଣ୍ଡରା । ଆହୁରି ଅନେକ ଜାତିର ଲୋକେ ମଧ୍ୟ ଛତିଆର ସେଇ ହୁଡ଼ିଠାରେ ଥିବା ବରଗଛ ପାଖକୁ ଆସନ୍ତି । ଆମେ ଏକାଠି

ହୋଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଭଜନ କରୁ । ତା'ପରେ ଏକାଠି ବସି ମହାପ୍ରସାଦ ସେବନ କରୁ ମଣିମା ! ଆପଣ ତ ଜାଣନ୍ତି ଆଉ ଏଇ ବ୍ରାହ୍ମଣ ଗୋସେଇଁମାନେ ବି ଭଲ କରି ଜାଣନ୍ତି , ଆମର ପୁଣ୍ୟପୀଠ ଶ୍ରୀକ୍ଷେତ୍ର ପୁରୀଠାରେ ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଭୋଗକୁ ମହାପ୍ରସାଦ ଭାବରେ ଆଚାଣ୍ଡାଳ ବ୍ରାହ୍ମଣ ସମସ୍ତେ ଜାତି - ବର୍ଣ୍ଣ - ଧର୍ମ ନିର୍ବିଶେଷରେ ସେବା କରନ୍ତି । ସେଠାରେ ତ କାଇଁ ଜାତିଭେଦର ବିଚାର ନାହିଁ । ମୁଁ ସେଇ ଜଗନ୍ନାଥ ମହାପ୍ରଭୁଙ୍କୁ ପ୍ରଣାମ କରି ମୋର ଗୁରୁଭାଇମାନଙ୍କ ସହ ଏକାଠି ବସି ସେବନ କରୁଛି । ଏଥିରେ ଜାତି କେମିତି ନଷ୍ଟ ହେଲା , ପାପ କେମିତି ହେଲା ଆଉ ଧର୍ମ କିପରି ଭାବରେ କଳୁଷିତ ହେଲା ? କାଇଁ ମୁଁ ତ କିଛି ବୁଝିପାରୁ ନାହିଁ ? ବ୍ରାହ୍ମଣମାନଙ୍କୁ ପଚାରିଲେ , '' ହାଡ଼ି ଦାସ ଯାହା କହିଲେ , ସେ ସମ୍ପର୍କରେ ଆପଣଙ୍କର କିଛି କହିବାର ଅଛି କି ? ' ହାଡ଼ି ଦାସଙ୍କ କଥାକୁ କାଟି ଜଣେ ବ୍ରାହ୍ମଣ କହିଲେ , ' ପୁରୀରେ ଶ୍ରୀଜଗନ୍ନାଥଙ୍କ ପାଖରେ ହେଉଥିବା ଭାଗକୁ ମହାପ୍ରସାଦ କୁହାଯାଏ । ଜଗନ୍ନାଥଙ୍କ କୈବଲ୍ୟ ମହାପ୍ରସାଦରେ ଜାତିଭେଦର ବିଚାର ନାହିଁ । ହେଲେ ଏହିଠାରୁ - ଛତିଆରୁ ଯେଉଁ ଭୋଗ ହାଡ଼ି ଦାସେ କରୁଛନ୍ତି ଜଗନ୍ନାଥ ନାମରେ , ତାହା ମହାପ୍ରସାଦ ହୋଇଯାଏ ନାହିଁ । ଏଣୁ ହାଡ଼ି ଦାସେ ମହାପ୍ରସାଦ ସେବନ କରୁଥିବାର ଯାହା କହୁଛନ୍ତି ତାହା ସମ୍ପୂର୍ଣ୍ଣ ଭ୍ରମାତ୍ମକ ଓ ମିଥ୍ୟା । ରାଜା ହାଡ଼ି ଦାସଙ୍କୁ କହିଲେ , ' ଶୁଣିଲେ ତ ? ଆପଣ ଯେଉଁ ଭୋଗକୁ ମହାପ୍ରସାଦ ବୋଲି କହୁଛନ୍ତି ତାହା ମିଥ୍ୟା ବୋଲି ବ୍ରାହ୍ମଣମାନେ କହୁଛନ୍ତି । ହାଡ଼ି ଦାସେ କହିଲେ , '' ମୁଁ ମିଥ୍ୟା କହୁ ନାହିଁ । ଆମେମାନେ ମହାପ୍ରସାଦ ସେବନ କରୁ , ଶ୍ରୀଜଗନ୍ନାଥଙ୍କ କୈବଲ୍ୟ ମହାପ୍ରସାଦ ବ୍ୟତୀତ ଅନ୍ୟ କିଛି ଆମେ ସେବନ କରୁ ନାହୁଁ । ହାଡ଼ି ଦାସଙ୍କ କଥା ଶୁଣି ବ୍ରାହ୍ମଣମାନେ ତୀବ୍ର ସ୍ୱର ଉତ୍ତୋଳନ କରି କହିଲେ , '' ଖାଲି କହି ଦେଲେ କଥାଟା ସତ ବୋଲି ପ୍ରମାଣିତ ହୋଇଯିବ ନାହିଁ । ଆପଣ ସବୁବେଳେ ମହାପ୍ରସାଦ ସେବନ କରୁଥିବାର ପ୍ରମାଣ ଦିଅନ୍ତୁ । '' ରାଜା ମଧ୍ୟ ବ୍ରାହ୍ମଣମାନଙ୍କ ସ୍ୱରରେ ସ୍ୱର ମିଳାଇ କହିଲେ , ହଁ ହଁ ଆପଣ ସର୍ବଦା ମହାପ୍ରସାଦ ସେବନ କରନ୍ତି ବୋଲି ତା'ର ପ୍ରମାଣ ଦେଇପାରିବେ ତ ? ତେବେ ଆଗେଇ ଆସନ୍ତୁ ହେ ହାଡ଼ି ଦାସ ମହାଶୟ । '' ହାଡ଼ି ଦାସେ ନିର୍ବିକାର ଚିତ୍ତରେ ଦୃଢ଼ ଆଧ୍ୟାତ୍ମିକ ଶକ୍ତି ବଳରେ ଉତ୍ତର ଦେଲେ , ହଁ ମଣିମା ! ଆପଣଙ୍କ ଆଦେଶରେ ମୁଁ ପ୍ରମାଣ ଦେବାକୁ ପ୍ରସ୍ତୁତ । '' ରାଜା କହିଲେ , '' ତେବେ ଆପଣଙ୍କର ସତ୍ୟତା ଶୀଘ୍ର ପ୍ରତିପାଦନ କରନ୍ତୁ । ହାଡ଼ି ଦାସେ କଂସା , ପିତ୍ତଳ ବା ରସର ବାସନ ବ୍ୟବହାର କରନ୍ତି ନାହିଁ । ସେ ବ୍ୟବହାର

କରନ୍ତି କାଠ ତିଆରି ବାସନ । ପ୍ରଭୁ ଜଗନ୍ନାଥଙ୍କୁ ସ୍ମରଣ କରି କାଠ ବାସନଟି ଝୁଲାରୁ ବାହାର କରି ତଳେ ରଖିଲେ । ତା'ପରେ ସେ ସେହି ଶୂନ୍ୟ ବାସନଟିକୁ ଶୂନ୍ୟକୁ ଉଠାଇ ଟେକି ଧରି କହିଲେ , '' ହେ ଜଗନ୍ନାଥ ମହାପ୍ରଭୁ ! ଏ ପରୀକ୍ଷା ମୋର ନୁହେଁ । ଏ ପରୀକ୍ଷା ହେଉଛି ତୋର । ତୁ ହେଉଛୁ ଭକ୍ତ ହିତକାରୀ । ଭକ୍ତର ମର୍ଯ୍ୟାଦା ରକ୍ଷାକାରୀ । ତା ' ବିନୁ ଅନ୍ୟଗତି ନାହିଁ । ହେ ଭାବଗ୍ରାହି ! ହେ ଅନ୍ତର୍ଯ୍ୟାମି ! ହେ ମାୟାଧର ! ହେ ବଳିଆରଭୁଜ ! ଭକ୍ତର ମନବାଞ୍ଛା ପୂରଣ କର । ଏ କ'ଣ ? ଶୂନ୍ୟ ବାସନ ଯେ ମହାପ୍ରସାଦରେ ପରିପୂର୍ଣ୍ଣ । ମହାପ୍ରସାଦର ସ୍ୱର୍ଗୀୟ ମହକରେ ଚତୁର୍ଦ୍ଦିଗ ଆମାଦିତ ହୋଇ ଉଠୁଛି । ତଳକୁ ହାତକରି ହାଡ଼ି ଦାସେ କହିଲେ, ' ହେ , ବ୍ରାହ୍ମଣ ଗୋସେଇଁମାନେ ନିଅନ୍ତୁ , ଏଇ ମହାପ୍ରସାଦରୁ ଟିକିଏ ଟିକିଏ ସେବନ କରନ୍ତୁ । ' ବ୍ରାହ୍ମଣମାନେ ଭୟରେ ଆତଙ୍କିତ ହୋଇ ଉଠିଲେ । ସେମାନେ ହାଡ଼ି ଦାସଙ୍କ ହସ୍ତରୁ ମହାପ୍ରସାଦ ଗ୍ରହଣ କରିବା ପାଇଁ କୁଣ୍ଠାବୋଧ କଲେ । ରାଜା ଗୁଲଜାର ହୋସେନ୍ ବ୍ରାହ୍ମଣମାନଙ୍କୁ ତାଗିଦ୍ କହିଲେ , '' ଦେଖନ୍ତୁ ଆପଣମାନେ ହାଡ଼ି ଦାସଙ୍କଠାରୁ ଯେଉଁ ପ୍ରମାଣ ଚାହୁଁଥିଲେ ତାହା ଏବେ ମିଳିଗଲା । ଆଉ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମହାପ୍ରସାଦକୁ ଅବମାନନା କରନ୍ତୁ ନାହିଁ । ବାସ୍ ଏତିକି କଥାରେ ବ୍ରାହ୍ମଣମାନଙ୍କ ଅହଙ୍କାର ପାଣି ଫୋଟକା ପରି କେଉଁ ଆଡ଼େ ମିଳେଇ ଗଲା । ସେମାନେ ହାଡ଼ି ଦାସଙ୍କ ହସ୍ତରୁ ମହାପ୍ରସାଦ ଗ୍ରହଣ କରିବା ପାଇଁ ବାଧ୍ୟ ହେଲେ । ହାଡ଼ି ଦାସଙ୍କ ଅପୂର୍ବ ମହାତ୍ମ୍ୟ ଦେଖି ରାଜା ଗୁଲଜାର ହୋସେନ୍ ଅତ୍ୟନ୍ତ ମୁଗ୍ଧ ହୋଇଗଲେ । ସେ ହାଡ଼ି ଦାସଙ୍କୁ କିଛି ଧନ ଦୌଲତ ଦାନ କରିବା ପାଇଁ ମନ ବଳାଇଲେ । କିନ୍ତୁ ହାଡ଼ି ଦାସ ମୁକ୍ତ କଣ୍ଠରେ କହିଲେ, ମୋର ଧନ ଦୌଲତ କିଛି ଦରକାର ନାହିଁ । ହେଲେ ରାଜା କି ଛାଡ଼ିବାର ଲୋକ ! ସେ ହାଡ଼ି ଦାସଙ୍କ ପାଖରେ ବହୁ ଅନୁନୟ ବିନୟ ହେଲେ। ରାଜାଙ୍କ ଶ୍ରଦ୍ଧା ଓ ଭକ୍ତିରେ ସନ୍ତୁଷ୍ଟ ହୋଇ ମହାତ୍ମା ହାଡ଼ି ଦାସ କହିଲେ, '' ଯଦି ମଣିମା କିଛି ଦେବାକୁ ଚାହୁଁଛନ୍ତି, ତେବେ ଛତିଆ ଗ୍ରାମର ହୁଡ଼ିଉପର ବରଗଛ ତଳେ ମୁଁ ଯେଉଁଠି ଆଶ୍ରମ କରି ରହିଛି ତାକୁ ମୋ ' ନାମରେ କରି ଦିଅନ୍ତୁ । ତାହା ଭବିଷ୍ୟତରେ ହେବ ଅଭିନବ ' ଶ୍ରୀକ୍ଷେତ୍ର ' । ଆଉ ଆପଣଙ୍କ ନାମ ଚିର ଦିନ ପାଇଁ ରହିବ । ରାଜା ଆନନ୍ଦରେ ସେହି ସାତଗୁଣ୍ଠ ଜମିକୁ ନିଷ୍କର ସ୍ୱତ୍ୱ ଭାବରେ ହାଡ଼ି ଦାସଙ୍କୁ ପ୍ରଦାନ କଲେ। ଆଜି ସେହି ସ୍ଥାନ ଛତିଆବଟ ପୁଣ୍ୟ ପବିତ୍ର କ୍ଷେତ୍ର ଭାବରେ ସମଗ୍ର ଦେଶରେ ସୁବିଖ୍ୟାତ। ଏହି ଘଟଣା ଘଟିବା ପରେ ହାଡ଼ି ଦାସଙ୍କର ମହିମା ଚାରିଆଡ଼େ ବ୍ୟାପିଗଲା। ପ୍ରତିଦିନ ଶହ ଶହ ଲୋକ

ହାଡ଼ି ଦାସଙ୍କ ପାଖରେ ଆସି ଉପସ୍ଥିତ ହେଲେ । ପ୍ରଭୁଙ୍କ ଜଣାଣ ଭଜନରେ ମୋତି ରହିଲେ । ଏହି ଘଟଣା ଘଟିବାର କିଛି ଦିନ ପରର କଥା ଥରେ ଛତିଆର ନୀଳାଦ୍ରି ନନ୍ଦଙ୍କ ପରିବାରର ଲୋକେ ପୁରୀ ଶ୍ରୀକ୍ଷେତ୍ରକୁ ବାହାରିଲେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦର୍ଶନ ପାଇଁ ଏକଥା ହାଡ଼ି ଦାସଙ୍କ ମା ' ଦେବକୀ ଦେଈଙ୍କ କାନରେ ପଡ଼ିଲା । ସେ ପୁଅକୁ କହିଲେ, '' ବାପା ହାଡ଼ିଆ ! ନନ୍ଦଘର ପୁରୀ ଯାଉଛନ୍ତି । ମୁଁ ଟିକିଏ ତାଙ୍କ ସହ ଯାଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆସନ୍ତି । ହାଡ଼ି ଦାସେ କହିଲେ, ଏଥିରେ ପଚାରିବାର କ'ଣ ଅଛି ? ସେମାନେ ଯିବେ, ତୁ ସେମାନଙ୍କ ସାଙ୍ଗରେ ଯିବୁ । ମା ' କହିଲେ , '' ସେମାନେ ପରା ଆସନ୍ତା କାଲି ସକାଳେ ଯିବେ।' ହାଡ଼ି ଦାସେ କହିଲେ, '' ହଉ ଠିକ୍ ଅଛି । ତା ' ବୋହୂକୁ କହିଦେ, ତୋ ପାଇଁ କିଛି ଚାଉଳ ଛତୁଆ ଦେଇ ଦେଲେ ସାଙ୍ଗରେ ନେଇଯିବୁ । ବାଟରେ ଖାଇବୁ । ହାଡ଼ି ଦାସଙ୍କର ଧର୍ମପତ୍ନୀ ପଦ୍ମାବତୀ । ଶାଶୁଙ୍କ ପାଇଁ କିଛି ଚାଉଳ ଛତୁଆ କରି ଠାକୁର ଘରେ ନେଇ ରଖି ଦେଲେ । ତା'ପରଦିନ ବଡ଼ି ଭୋରରୁ ବୁଢ଼ୀ ଉଠିଲେ । ପୁଅକୁ କହିଲେ , ' ହାଡ଼ିଆ ! ମୁଁ ଯାଉଛି ଗାଧୋଇ । ଆମେ ସକାଳୁ ସକାଳୁ ପୁରୀ ବାହାରି ପଡ଼ିବୁ । ' ହାଡ଼ି ଦାସେ କହିଲେ , '' ବୋଉ ! ତୁ ଝଅଟ ଗାଧୋଇ କରି ଆସି – ଠାକୁର ଘରଟିକୁ ଗୋମୟରେ ଲିପି ଦେଇ ତିନି ଖଣ୍ଡି ପିଢା ପକେଇ ଦେବୁ । ଆଉ ତା ଛତୁଆ ଗଣ୍ଡାକ ନେଇ କରି ଯିବୁ ।ବୁଢ଼ୀ ଗାଧୋଇପାଧୋଇ ଆସି ଠାକୁର ଘର କବାଟ ଖୋଲି ଦେଲେ । ହେଲେ ଏ କ'ଣ ? ବୁଢ଼ୀ ବଡ଼ ଆଶ୍ଚର୍ଯ୍ୟ ହୋଇଗଲେ । ପୁରୀ ମନ୍ଦିର ପରି ତିନିଠାକୁର ସାକ୍ଷାତ ରତ୍ନ ସିଂହାସନରେ ବିରାଜମାନ କରିଛନ୍ତି । ପାଇଶିପାବଚ୍ଛ ପଡ଼ିଛି । ଯେମିତି ଅବିକଳ ପୁରୀ ଶ୍ରୀମନ୍ଦିର ସେଠାକୁ ଉଠି ଆସିଛି। ହାଡ଼ିଦାସଙ୍କ ମା' ବୁଢ଼ୀ ଆନନ୍ଦରେ ବିଭୋର ହୋଇ ଉଠିଲେ। ଏତିକିବେଳେ ନନ୍ଦ ଘର ଲୋକେ ବୁଢ଼ୀଙ୍କୁ ଡାକିବାକୁ ଆସି ପହଞ୍ଚିଲେ । ସେମାନେ ବି ଠାକୁରଙ୍କୁ ଦର୍ଶନ କରି ଆତ୍ମହରା ହୋଇପଡ଼ିଲେ। ପ୍ରଭୁଙ୍କର କି ମାୟା! ଏତିକିବେଳେ ହାଡ଼ି ଦାସ ସେଠାରେ ଆସି ପହଞ୍ଚିଲେ । ସେ ମା'ଙ୍କୁ କହିଲେ , '' ବୋଉ ! ଏଠାରେ ପ୍ରତିଷ୍ଠା ହେବ ନୂତନ ନୀଳାଞ୍ଚଳ । ଏହାକୁ ପ୍ରତିଷ୍ଠା କରିବେ ପ୍ରଭୁ ସ୍ୱୟଂ ଜଗନ୍ନାଥ । ମୋର ମନସ୍କାମନା ପୂରଣ ହେବ । ଛତିଆବଟ ନିତ୍ୟନୂତନ ଗୋଲୋକ ବୈକୁଣ୍ଠ ହେବ ବୋଲି ହାଡ଼ି ଦାସେ ତାଙ୍କ ଭକ୍ତମାନଙ୍କୁ କହିଲେ । ହାଡ଼ି ଦାସେ ଆଉ ନାହାନ୍ତି । ସେ ଷାଠିଏ ବର୍ଷ ବୟସରେ ୧୮୪୫ ମାର୍ଗଶୀର ମାସରେ ସେଠାରେ ଇହଲୀଳା ସାଙ୍ଗ କରିଛନ୍ତି । ତାଙ୍କର ସମାଧି ସେଠାରେ ବିଦ୍ୟମାନ । ସେହି ମହାପୁରୁଷ ୧୭୮୫

ମସିହା ମକର ସଂକ୍ରାନ୍ତି ତିଥିରେ ଯାଜପୁର ଜିଲ୍ଲା ଛତିଆ ନିକଟବର୍ତ୍ତୀ ଚମ୍ପାପୁର ( କଟକ ଜିଲ୍ଲା ) ଗ୍ରାମର ଏକ ଗରିବ କମାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚେମେଇ ଓଝା ଓ ମାତାଙ୍କ ନାମ ଦେବକୀ ଦେଈ। ସେ ଅପର୍ତ୍ତିଆଣୀ ଥିବାରୁ ତାଙ୍କର ନାମ ହାଡ଼ି ଥିଲା । ସେ କୌଳିକ ବୃତ୍ତି କରି ପେଟ ପୋଷୁଥିଲେ । ଜଣେ ପଣ୍ଡିମା ସାଧୁଙ୍କଠାରୁ ଦୀକ୍ଷା ନେବା ପରେ 'ହାଡ଼ି ଦାସ ' ନାମରେ ପରିଚିତ ହେଲେ । ସେ ବିବାହ କରିଥିଲେ । ତାଙ୍କର ଘର ସଂସାର ଥିଲା। ତାଙ୍କ ସ୍ତ୍ରୀଙ୍କ ନାମ ପଦ୍ମାବତୀ । ହାଡ଼ି ଦାସେ ଥିଲେ ଜଣେ ମହାପୁରୁଷ । ବହୁ ଶାସ୍ତ୍ର ପୁରାଣ ସେ ଲେଖି ଯାଇଛନ୍ତି । ମାଳିକା ହେଉଛି ତାଙ୍କର ପ୍ରସିଦ୍ଧ ରଚନା । ଅଭିନବ 'ଶ୍ରୀକ୍ଷେତ୍ର ଛତିଆବଟ' ତାଙ୍କର ସାଧନାର ସିଦ୍ଧି ପୀଠ । ଏହା ବର୍ତ୍ତମାନ ଭାରତ ପ୍ରସିଦ୍ଧ ।

❋❋❋

# ଈଶ୍ୱରଙ୍କ କୃପା ଓ ନିମିତ୍ତ ଭାବ
# ପ୍ରେରଣାଦାୟୀ କାହାଣୀ

ଦାନେ ଦାନେ ପେ ଲିଖା ହୈ ଖାନେ ୱାଲେ କା ନାମ

ଜଣେ ସେଠ୍‌ଜୀ ଏକ ଧାର୍ମିକ ସ୍ଥାନରେ ଭଣ୍ଡାରା (ଅନ୍ନଦାନ) କରୁଥିଲେ। ଥରେ ଜଣେ ସନ୍ଥ ସେଠାକୁ ପ୍ରସାଦ ସେବନ କରିବାକୁ ଆସିଲେ। ସେ ଦେଖିଲେ ଯେ ସେଠ୍‌ଜୀଙ୍କ ମନରେ ଅହଂକାର ଭାବ ଜାଗ୍ରତ ହେଉଛି। ସେତେବେଳେ ସନ୍ଥ କହିଲେ, 'ସେଠ୍‌ଜୀ! ତାଙ୍କ (ଈଶ୍ୱରଙ୍କ) କୃପା ବିନା ଆମେ କିଛି ବି କରିପାରିବା ନାହିଁ। ଯଦି ତାଙ୍କର କୃପା ନଥାଏ, ତେବେ ଖୁଆଇବା ତ ଦୂରର କଥା, ସାମ୍ନାରେ ପରସା ଯାଇଥିବା ଥାଳି, ଅବା ହାତରେ ଧରିଥିବା ଗ୍ରାସ ମଧ୍ୟ ପାଟିକୁ ଯାଇପାରେ ନାହିଁ।' ସନ୍ଥ ଆହୁରି କହିଲେ, 'ସେଠ୍‌ଜୀ! ଆପଣ ସର୍ବଦା ଏହାହିଁ ଭାବନ୍ତୁ ଯେ' ଦାନେ ଦାନେ ପେ ଲିଖା ହୈ ଖାନେ 'ୱାଲେ କା ନାମ' (ପ୍ରତିଟି ଦାନାରେ ଖାଉଥିବା ଲୋକର ନାମ ଲେଖାଥାଏ)। ଏହା ତ ସେହି ପରମାତ୍ମାଙ୍କ ମହାନତା ଯେ କାମ ସେ ନିଜେ କରୁଛନ୍ତି କିନ୍ତୁ ନାମ ଆମକୁ ଦେଉଛନ୍ତି! ସେଠ୍‌ଜୀ, ଯେଉଁ କାମ ଈଶ୍ୱରଙ୍କୁ କରିବାର ଅଛି ସେ ତ ନିଶ୍ଚୟ କରିବେ, ଆପଣ କେବଳ ଏତିକି ଭାବନ୍ତୁ ଯେ ଏହି ଶୁଭ କର୍ମ ପାଇଁ ସେ ଆପଣଙ୍କୁ ବାଛିଛନ୍ତି, ଏହାହିଁ ଆପଣଙ୍କର ପରମ ସୌଭାଗ୍ୟ! 'ସନ୍ଥ ଏତିକି କହି ଚାଲିଗଲେ, କିନ୍ତୁ ସେଠ୍‌ଜୀଙ୍କୁ ଏହି କଥା ହଜମ ହେଲା ନାହିଁ ଯେ 'କ'ଣ ପ୍ରତିଟି ଦାନାରେ ଖାଉଥିବା ଲୋକର ନାମ ଲେଖାଥାଏ?' ସେଠ୍‌ଜୀଙ୍କୁ ଭୋକ ଲାଗୁଥିଲା, ସେ ଭଣ୍ଡାର ଘରକୁ ଯାଇ ନିଜ ପାଇଁ ଏକ ଥାଳି ଭୋଜନ ବାଢ଼ିଲେ ଏବଂ ମନେ ମନେ ଭାବିଲେ — 'ଏହି ଭୋଜନ ଉପରେ ତ ମୋର ନାମ ଲେଖାଅଛି, ଦେଖୁଛି ମତେ କିଏ ଅଟକାଉଛି... ?'

ସେଠ୍‌ଜୀ ଯେମିତି ପ୍ରଥମ ଗ୍ରାସଟି ହାତକୁ ନେଇଛନ୍ତି, ତାଙ୍କର ଅନ୍ୟ ହାତରେ ଥିବା ଫୋନ୍ ବାଜି ଉଠିଲା। ଫୋନ୍ ଉଠାଇବାରୁ ଖବର ମିଳିଲା ଯେ ତାଙ୍କ ପୁଅର ଆକ୍ସିଡେଣ୍ଟ ହୋଇଯାଇଛି ଏବଂ ସେ ହସ୍ପିଟାଲରେ ଭର୍ତ୍ତି ଅଛି। ସେଠ୍‌ଜୀ ସଙ୍ଗେ ସଙ୍ଗେ ସେଠାରୁ ବାହାରିଗଲେ।

ହସ୍ପିଟାଲରେ ସେଠ୍‌ଜୀଙ୍କ ପତ୍ନୀ କହିଲେ ଯେ ପୁଅ ଏବେ ଠିକ୍ ଅଛି। ପୁଅକୁ ସୁସ୍ଥ ଦେଖିବା ପରେ ସେଠ୍‌ଜୀ ଆଶ୍ୱସ୍ତ ହେଲେ। ସେଠ୍‌ଜୀ ଭୋକରେ ବ୍ୟାକୁଳ

ଥିଲେ, ପତ୍ନୀଙ୍କ ହାତରେ ଚାଉଳ ପ୍ରସାଦର ଏକ ଦାନା (ଖଲି) ଥିଲା । ସେଠ୍‌ଜୀ ସେହି ଦାନାଟି ନେଇ ପ୍ରସାଦ ଖାଇବାକୁ ଲାଗିଲେ । ଖାଇ ସାରିବା ପରେ ସେଠ୍‌ଜୀ ପଚାରିଲେ, 'ଆରେ ! ତୁମେ ଖାଇଲ କି ନାହିଁ ?' ପତ୍ନୀ କହିଲେ, 'ମୁଁ ତ ନିଜ ପାଇଁ ଆଣିଥିଲି, କିନ୍ତୁ ବୋଧହୁଏ ଏହି ପ୍ରସାଦ ଉପରେ ଈଶ୍ୱର ଆପଣଙ୍କ ନାମ ଲେଖିଥିଲେ !'

ଏବେ ସେଠ୍‌ଜୀଙ୍କୁ ସନ୍ଥଙ୍କର ସେହି ସବୁ କଥା ମନେ ପଡ଼ିଲା । ସେହି ଦିନଠାରୁ ସେ ନିଜ ଜୀବନରେ କେବେ ବି କୌଣସି କାମ ନିଜ ନାମରେ କଲେ ନାହିଁ, ସବୁକିଛି ଈଶ୍ୱରଙ୍କ ନାମରେ ହିଁ କଲେ ।

ଶିକ୍ଷା:

ଜୀବନରେ ସର୍ବଦା ମନେ ରଖନ୍ତୁ ଯେ ଯଦି କୌଣସି ଭଲ କାମ ବା ବିଶେଷ କର୍ମ ସମ୍ପନ୍ନ ହୁଏ, ତେବେ କେବେବି ଭାବନ୍ତୁ ନାହିଁ ଯେ 'ମୁଁ କରୁଛି !' କେବଳ ଏତିକି ଭାବନ୍ତୁ ଯେ 'ମୋର ଈଶ୍ୱ ମୋ ଦ୍ୱାରା କରାଉଛନ୍ତି ।' ଯିଏ ଏହି ଭୁଲ୍ କରେ ଯେ 'ମୁଁ କରୁଛି', ସେ ଈଶ୍ୱରଙ୍କଠାରୁ ଦୂରେଇ ଯାଏ । ଯଦି ଈଶ୍ୱରଙ୍କ ସାନ୍ନିଧ୍ୟ ଚାହୁଁଥାନ୍ତି, ତେବେ ସବୁବେଳେ ଏହା ବୁଝନ୍ତୁ ଯେ– ମୁଁ କରୁନାହିଁ, ମୁଁ କିଛି ନୁହେଁ; ଯାହା କିଛି ଅଛି ସେହି ଈଶ୍ୱର ହିଁ ଅଟନ୍ତି ଏବଂ ସେ ମତେ କେବଳ ଏକ 'ନିମିତ୍ତ' (ମାଧ୍ୟମ) ସଜାଇଛନ୍ତି ।

ପ୍ରାର୍ଥନା:

ନିଜ ଚରଣର ଭକ୍ତି ହେ ନାଥ, ମତେ ଦେଇଦିଅ !
ବାଣୀରେ ବି ଶକ୍ତି ହେ ନାଥ, ମତେ ଦେଇଦିଅ !
ତୁମ ସେବା ମିଳୁଥାଉ, ଏତିକି କୃପା କରିଦିଅ !!

❋❋❋

# ଉତ୍କଳାଧିପତି ମହାରାଜା ପ୍ରତାପରୁଦ୍ରଙ୍କ ରାଜଦରବାର

ସେଦିନ ଏକ ଅପୂର୍ବ ସ୍ତବ୍ଧତାରେ ବୁଡ଼ି ରହିଥିଲା। ଦରବାରକୁ ଆସିଥାନ୍ତି ଜଣେ ଅହଂକାରୀ ବୈଦେଶିକ ପଣ୍ଡିତ। ତାଙ୍କର ଗର୍ବିତ ପଦଚାରଣା ଓ ତାଚ୍ଛଲ୍ୟଭରା ଦୃଷ୍ଟିରେ ଉତ୍କଳର ଶ୍ରେଷ୍ଠ ବିଦ୍ୱାନମାନଙ୍କ ପ୍ରତି ଅବଜ୍ଞା ସ୍ପଷ୍ଟ ବାରି ହୋଇପଡୁଥିଲା। ସଭାମଧ୍ୟରେ ଠିଆ ହୋଇ ସେ ଏକ ବିକଟାଳ ଅଟ୍ଟହାସ୍ୟ କଲେ ଏବଂ ଗମ୍ଭୀର ସ୍ୱରରେ ମହାରାଜା ଓ ଉପସ୍ଥିତ ସମସ୍ତ ବିଦ୍ୱାନମାନଙ୍କୁ ଆହ୍ୱାନ ଦେଲେ।

"ହେ ଉତ୍କଳର ନାମଜାଦା ପଣ୍ଡିତଗଣ! ଶାସ୍ତ୍ର ଓ ବେଦର ସମସ୍ତ ଜ୍ଞାନର ଅଧିକାରୀ ବୋଲି ଆପଣମାନେ ଗର୍ବ କରନ୍ତି। ଯଦି ପ୍ରକୃତରେ ଆପଣଙ୍କର ଜ୍ଞାନ ଅଛି, ତେବେ ମୋର ଗୋଟିଏ ସାମାନ୍ୟ ପ୍ରଶ୍ନର ଉତ୍ତର ଦିଅନ୍ତୁ–

'ଏଣେ ଅଛି ତେଣେ ନାହିଁ,<br>
ଏଣେ ନାହିଁ ତେଣେ ନାହିଁ,<br>
ଏବଂ ଏଣେ ଅଛି ତେଣେ ଅଛି। "ଏହାର ପ୍ରକୃତ ମର୍ମ କ'ଣ?"

ଦରବାରରେ କାହାରି ତୁଣ୍ଡରୁ ବାକ୍ୟ ସ୍ଫୁରୁନଥିଲା। ପୁଣିଥରେ ଅଟ୍ଟହାସ୍ୟ କରି ବୈଦେଶିକ ପଣ୍ଡିତ ଘୋଷଣା କଲେ, 'ମୁଁ ଆପଣମାନଙ୍କୁ ସାତ ଦିନର ସମୟ ଦେଉଛି। ଯଦି ସପ୍ତମ ଦିବସର ସୂର୍ଯ୍ୟୋଦୟ ସୁଦ୍ଧା ଆପଣମାନେ ଏହି ପ୍ରଶ୍ନର ଯଥାର୍ଥ ଉତ୍ତର ଦେବାରେ ବିଫଳ ହୁଅନ୍ତି, ତେବେ ଉତ୍କଳର ସମସ୍ତ ପଣ୍ଡିତ ନିଜର ପରାଜୟ ସ୍ୱୀକାର କରିବେ ଏବଂ ମୋର ଶ୍ରେଷ୍ଠତ୍ୱ ମାନିନେବେ।'

ଦରବାରରେ ଶ୍ମଶାନର ନୀରବତା ଖେଳିଗଲା। ଉତ୍କଳର ଗୌରବ ରକ୍ଷା କରିବାକୁ ଯାଇ ଦିନ ଗଡ଼ି ଚାଲିଲା। ନବଦ୍ୱୀପରୁ କାଶୀ ପର୍ଯ୍ୟନ୍ତ ସବୁ ପୁରାଣ, ଉପନିଷଦ, ତର୍କଶା ଖୋଲାଗଲା। ରାଜ୍ୟର ମୁଖ୍ୟ ବିଦ୍ୱାନ ପଣ୍ଡିତ ବିଦ୍ୟାଧରଙ୍କ ଆଖିରୁ ନିଦ ହଜିଯାଇଥିଲା। ଛଅ ଦିନ ଅତୀତ ହେଲା। ଶାସ୍ତ୍ରର ଶୁଷ୍କ ପୃଷ୍ଠାରେ ଖୋଜୁଥିଲେ ଜୀବନର ସ୍ପନ୍ଦନ, କିନ୍ତୁ ପ୍ରାପ୍ତ ହେଉଥିଲା କେବଳ ଶୂନ୍ୟତା। ହତାଶାରେ ଭାଙ୍ଗି ପଡ଼ିଥିବା ପଣ୍ଡିତ ବିଦ୍ୟାଧର ଷଷ୍ଠ ରାତ୍ରିର ଅନ୍ଧକାରରେ ନିଜ ପ୍ରାସାଦ ତ୍ୟାଗ କରି ନଗର ଭ୍ରମଣରେ ବାହାରି ପଡ଼ିଲେ। ମାତୃଭୂମିର ସମ୍ମାନ ଧୂଳିସାତ୍ ହେବାର ଚିନ୍ତା ତାଙ୍କୁ ଖାଇ ଯାଉଥିଲା।

ରାତ୍ରିର ନିସ୍ତବ୍ଧ ନଗରୀ। ବୁଲୁବୁଲୁ ବିଦ୍ୟାଧର ପହଞ୍ଚିଲେ ନଗରର ସବୁଠୁ ଧନୀ ସୌଦାଗରଙ୍କ ଉଆସ ଆଗରେ। ରାତି ଅଧରେ ବି ସେଠାରେ ଉତ୍ସବର କୋଳାହଳ। ସୁବର୍ଣ୍ଣ ପାତ୍ରରେ ମଦିରା ଢଳା ଯାଉଛି। କିନ୍ତୁ ଠିକ୍ ସେହି ସମୟରେ ପ୍ରାସାଦର ଦ୍ୱାରଦେଶରୁ ଜଣେ ବୃଦ୍ଧ, କ୍ଷୁଧାର୍ତ୍ତ ଭିକ୍ଷୁକକୁ ନିର୍ଦ୍ଦୟ ଭାବରେ ପ୍ରହାର କରି ତଡ଼ିଦିଆଗଲା। ସୌଦାଗର ନିଜେ ଗର୍ବରେ କହୁଥିଲେ, ମୋ ଧନରେ କେବଳ ମୋର ଅଧିକାର।"

ବିଦ୍ୟାଧର ସେହି ଦୃଶ୍ୟକୁ କିଛି ସମୟ ନିରେଖି ଚାହିଁଲେ। ତାଙ୍କ ଭାରାକ୍ରାନ୍ତ ଆଖିରେ ହଠାତ୍ ଏକ ବିଦ୍ୟୁତ୍ ଖେଳିଗଲା। ସେ ଅସ୍ଫୁଟ ସ୍ୱରରେ କେବଳ ଏତିକି କହିଲେ

'ଏଣେ ଅଛି, ତେଣେ ନାହିଁ!'

ଏହା କହି ସେ କିଛି ଭାବି ଆଗକୁ ବଢ଼ିଗଲେ।

ପାଦ ଆଗକୁ ବଢ଼ିଲା। ନଗରର ଶେଷ ମୁଣ୍ଡରେ ଶ୍ମଶାନ କଡ଼ରେ ଗୋଟିଏ ଭଙ୍ଗା କୁଡ଼ିଆ। ଭିତରୁ କାହାର ଯନ୍ତ୍ରଣାଦାୟକ କାନ୍ଦ ଓ କୁତ୍ସିତ ଗାଳିଗୁଲଜ ଶୁଭୁଥିଲା। ଜଣେ ବ୍ୟାଧିଗ୍ରସ୍ତ, ଦରିଦ୍ର ଲୋକ ନିଜ ଭାଗ୍ୟକୁ ନିନ୍ଦିବା ସହ ବାଟରେ ଯାଉଥିବା ଅନ୍ୟମାନଙ୍କୁ ଈର୍ଷାରେ ଅଭିଶାପ ଦେଉଥିଲା। ତା' ପାଖରେ କାହାରି ପାଇଁ ଟିକିଏ ବି ସହାନୁଭୂତି ନଥିଲା।

ବିଦ୍ୟାଧର ଅଟକିଗଲେ। ସେହି ଲୋକଟିର କ୍ରୋଧିତ ଚେହେରାକୁ ଦେଖି ଏକ ଦୀର୍ଘଶ୍ୱାସ ଛାଡ଼ିଲେ। ତାଙ୍କ ତୁଣ୍ଡରୁ ବାହାରି ଆସିଲା—

"ଏଣେ ନାହିଁ, ତେଣେ ନାହିଁ!"

ଏହା କହି ବିନା କୌଣସି ବାକ୍ୟବ୍ୟୟରେ ସେ ପୁଣି ନିଜ ପଥରେ ଆଗେଇଲେ। ରାତ୍ରିର ଶେଷ ପ୍ରହର। ପୂର୍ବ ଆକାଶରେ ପାହାନ୍ତିଆ ତାରା ମିଟିମିଟି ହୋଇ ଜଳୁଥାଏ। ଭାବନାରେ ମଗ୍ନ ଥାଇ କ୍ଲାନ୍ତ ବିଦ୍ୟାଧର ଏକ ବିଶାଳ ପାନ୍ଥନିବାସର ପିଣ୍ଡା ତଳେ ଆସି ଠିଆ ହେଲେ।

ପାନ୍ଥନିବାସର ଉଷୁମ ପିଣ୍ଡାରେ ବସିଥାନ୍ତି ଜଣେ ସମ୍ଭ୍ରାନ୍ତ ତଥା ସ୍ୱଚ୍ଛଳ ପଥଚାରୀ। ପ୍ରତ୍ୟୁଷରୁ ଉଠି ସେ ନିଜର ସାଥୀରେ ଆଣିଥିବା ଚୁଡ଼ା, ଗୁଡ଼ ଓ ସୁମିଷ୍ଟ

ଖାଦ୍ୟର ପୁଡ଼ିଆଟି ଖୋଲିଛନ୍ତି। ଖାଦ୍ୟର ବାସ୍ନାରେ ପିଣ୍ଡା ତଳେ କୁଣ୍ଡେଇମୁଣ୍ଡେଇ ହୋଇ ଶୋଇଥିବା ଦୁଇଟି ଅନାଥ ଭିକାରୀ ପିଲା ଓ ଶୀତରେ ଥରୁଥିବା ଦୁଇଟି ବୁଲା କୁକୁର ଲାଞ୍ଜ ହଲାଇ ସେଠାରେ ପହଞ୍ଚିଗଲେ। ବିଦ୍ୟାଧର ଭାବିଲେ, ଏହି ଲୋକଟି ବିରକ୍ତ ହୋଇ ଏମାନଙ୍କୁ ଘଉଡ଼ାଇ ଦେବେ।

କିନ୍ତୁ ଲୋକଟିର ମୁହଁରେ କୌଣସି ବିରକ୍ତି ଭାବ ନଥିଲା। ସେ ହସି ହସି ନିଜ ଖାଦ୍ୟରୁ ଅଧାରୁ ଅଧିକ ଭୋଗ ସେହି ଅନାଥ ପିଲା ଦୁଇଟିଙ୍କ ହାତକୁ ବଢ଼ାଇଦେଲେ ଏବଂ ଆଉ କିଛି ଅଂଶ କୁକୁରମାନଙ୍କ ଆଗରେ ପକାଇଲେ। ସେ ନିଜେ ଖୁସିରେ ଖାଉଥିଲେ ଏବଂ ଅନ୍ୟକୁ ବି ଖୁଆଉଥିଲେ।

ଏହି ଅପୂର୍ବ ଦୃଶ୍ୟ ଦେଖି ବିଦ୍ୟାଧରଙ୍କ ଶୁଷ୍କ ଓଷ୍ଠରେ ଏକ ପ୍ରଶାନ୍ତ ହସ ଫୁଟିଉଠିଲା। ସେ ଆଖି ବନ୍ଦ କରି, ହାତ ଯୋଡ଼ି କହିଲେ—

‘ଏଣେ ଅଛି, ତେଣେ ଅଛି !”

ତାଙ୍କୁ ତାଙ୍କର ଲକ୍ଷ୍ୟ ମିଳିଯାଇଥିଲା।

ସପ୍ତମ ଦିବସର ପ୍ରଭାତ। ରାଜଦରବାର ଲୋକାରଣ୍ୟ। ବୈଦେଶିକ ପଣ୍ଡିତଙ୍କ ମୁହଁରେ ଏକ ବିଜୟୀ ତଥା ଅହଂକାରୀ ହସ, ସେ ଭାବୁଥାନ୍ତି ଉତ୍କଳର ପରାଜୟ ଆଜି ସୁନିଶ୍ଚିତ। ମହାରାଜା ପ୍ରତାପରୁଦ୍ର ସିଂହାସନ ଉପରେ ବିବ୍ରତ ଦିଶୁଥାନ୍ତି। ଦରବାରରେ ଉତ୍କଣ୍ଠା ଚରମ ସୀମାରେ ପହଞ୍ଚିଥିଲା। ଠିକ୍ ସେତିକିବେଳେ ଉଜାଗର ଓ ଶ୍ରାନ୍ତ, କିନ୍ତୁ ଆତ୍ମବିଶ୍ୱାସରେ ଭରା ପଣ୍ଡିତ ବିଦ୍ୟାଧର ସଭାଗୃହରେ ପ୍ରବେଶ କଲେ।

ମହାରାଜାଙ୍କୁ ପ୍ରଣାମ କରି ସେ ସିଧା ସେହି ବୈଦେଶିକ ପଣ୍ଡିତଙ୍କ ଆଖିରେ ଆଖି ମିଶାଇଲେ। ସାରା ଦରବାର ନିଶ୍ଚଳ ଓ ଶାନ୍ତ ଥିଲା।

ବିଦ୍ୟାଧର ଗମ୍ଭୀର ସ୍ୱରରେ କହିଲେ, ‘ହେ ଅହଂକାରୀ ବିଦ୍ୱାନ ! ଆପଣଙ୍କ ପ୍ରଶ୍ନର ଉତ୍ତର କୌଣସି ଶୁଷ୍କ ପୋଥି ବା ଶାସ୍ତ୍ରରେ ନଥିଲା, ଥିଲା ଏହି ମାନବ ସମାଜର ନଗ୍ନ ବାସ୍ତବତାରେ। ଶୁଣନ୍ତୁ ଆପଣଙ୍କ ପ୍ରଶ୍ନର ମର୍ମ।‘

ସେ ଟିକିଏ ଅଟକି କହିଲେ, ‘ଗତରାତିରେ ମୁଁ ଜଣେ ଧନୀ ସୌଦାଗରକୁ ଦେଖିଲି, ଯିଏ ନିଜର ଅମାପ ସମ୍ପତ୍ତି ଭିତରେ ବୁଡ଼ି ରହି ମଧ୍ୟ ଜଣେ ଭୋକିଲାକୁ ନିର୍ଦ୍ଦୟ ଭାବେ ତଡ଼ିଦେଲା। ଅର୍ଥାତ୍ ତା’ ପାଖରେ ଏ ଜନ୍ମରେ ସୁଖଭୋଗର ସବୁ

ଉପାଦାନ ଅଛି, କିନ୍ତୁ ହୃଦୟରେ ଦୟା ବା ପୁଣ୍ୟ ନାହିଁ। ତେଣୁ ପରଜନ୍ମ ପାଇଁ ସେ ସମ୍ପୂର୍ଣ୍ଣ ଶୂନ୍ୟ। ଏହା ହିଁ ହେଉଛି ଆପଣଙ୍କ ପ୍ରଥମ ପ୍ରଶ୍ନର ଅର୍ଥ —

'ଏଣେ ଅଛି, ତେଣେ ନାହିଁ।"

ଦରବାରର ଲୋକେ ମନ୍ତ୍ରମୁଗ୍ଧ ହୋଇ ଶୁଣୁଥାନ୍ତି। ବିଦ୍ୟାଧର ପୁଣି କହିଲେ, 'ତା'ପରେ ମୁଁ ଦେଖିଲି ଜଣେ ବ୍ୟାଧିଗ୍ରସ୍ତ, ଦରିଦ୍ର ଲୋକକୁ । ଯିଏ ନିଜ ଭାଗ୍ୟକୁ ନିନ୍ଦିବା ସହ ସମସ୍ତଙ୍କୁ କେବଳ ଈର୍ଷାରେ ଅଭିଶାପ ଦେଉଥିଲା । ତା' ପାଖରେ ନା ଏ ଜନ୍ମରେ ସମ୍ପତ୍ତି ବା ସୁଖ ଅଛି, ନା ତା' ହୃଦୟରେ ଏତେଟିକିଏ ଦୟା ଅଛି ଯାହା ତା'ର ପରଜନ୍ମକୁ ସୁଧାରିପାରିବ। ସେ ଏ ଜନ୍ମରେ ବି ଦରିଦ୍ର, ପରଜନ୍ମରେ ବି ଦରିଦ୍ର ହୋଇ ରହିବ।

ଏହାର ଅର୍ଥ — "ଏଣେ ନାହିଁ, ତେଣେ ନାହିଁ।"

ବୈଦେଶିକ ପଣ୍ଡିତଙ୍କ ମୁହଁରୁ ତାଚ୍ଛଲ୍ୟର ହସ ଉଭେଇ ଯିବାକୁ ଲାଗିଲା।

ବିଦ୍ୟାଧରଙ୍କ କଣ୍ଠସ୍ୱର ଏବେ ଅଧିକ ଦୃଢ଼ ହୋଇଥିଲା, 'ଶେଷରେ ମୁଁ ଭେଟିଲି ଜଣେ ସାଧାରଣ ପଥଚାରୀଙ୍କୁ। ତାଙ୍କ ପାଖରେ ସୀମିତ ଖାଦ୍ୟ ଥିଲେ ବି, ସେ ନିଜେ ଖାଇବା ସହ ଅଧା ଖାଦ୍ୟ ଅନାଥ ପିଲା ଓ ବୁଲା କୁକୁରଙ୍କୁ ହସି ହସି ବାଣ୍ଟିଦେଲେ। ଏ ଜନ୍ମରେ ତାଙ୍କ ପାଖରେ ଆତ୍ମସନ୍ତୋଷ, ଆନନ୍ଦ ଓ ଆବଶ୍ୟକୀୟ ଆହାର ଅଛି, ଏବଂ ତାଙ୍କର ଏହି ନିଃସ୍ୱାର୍ଥପର ଦାନ ଯୋଗୁଁ ତାଙ୍କର ପରଜନ୍ମ ମଧ୍ୟ ପୁଣ୍ୟରେ ପୂର୍ଣ୍ଣ ହୋଇଗଲା।

ଅର୍ଥାତ୍ ତାଙ୍କର— 'ଏଣେ ଅଛି, ତେଣେ ଅଛି।"

ତାଙ୍କର ବ୍ୟାଖ୍ୟା ଶେଷ ହେବା ବେଳକୁ ବୈଦେଶିକ ପଣ୍ଡିତଙ୍କ ସମସ୍ତ ଅହଂକାର ଚୂର୍ଣ୍ଣ ହୋଇଯାଇଥିଲା। ବିସ୍ମୟ ଓ ଲଜ୍ଜାରେ ସେ ନିଜ ମୁଣ୍ଡ ତଳକୁ କଲେ ଏବଂ ଉତ୍କଳୀୟ ଜ୍ଞାନ ଆଗରେ ପରାଜୟ ସ୍ୱୀକାର କଲେ। ମହାରାଜା ପ୍ରତାପରୁଦ୍ର ସିଂହାସନରୁ ଓହ୍ଲାଇ ଆସି ଆନନ୍ଦାଶ୍ରୁ ସହ ବିଦ୍ୟାଧରଙ୍କୁ ଆଲିଙ୍ଗନ କଲେ। ସାରା ଦରବାର ବିଦ୍ୟାଧରଙ୍କ ଜୟଗାନରେ ପ୍ରକମ୍ପିତ ହୋଇଉଠିଲା।

❋❋❋

# ଭକ୍ତିର ଶକ୍ତି ଓ ଭଗବାନଙ୍କ ପ୍ରେମ

ସେ ଜଣେ ଗରିବ ମହିଳା ଥିଲେ, ଯିଏ ପ୍ରତିଦିନ ଶ୍ରୀମନ୍ଦିର ବାହାରେ ବସି ପ୍ରଭୁ ଜଗନ୍ନାଥଙ୍କୁ ମନେ ମନେ ଡାକୁଥିଲେ। ତାଙ୍କ ପାଖରେ ପ୍ରଭୁଙ୍କୁ ଦେବା ପାଇଁ ଦାମୀ ଭୋଗ କିମ୍ବା ସୁନା ଗହଣା ନଥିଲା।

ଦିନେ ସେ ତାଙ୍କ ଫଟୋ କାନିରେ କିଛି ଶୁଖିଲା କାଳି ନେଇ ଆସିଥିଲେ। ସେ ଭୟ କରୁଥିଲେ କି ଏହି ସାମାନ୍ୟ ଭାଗକୁ କଣ ମହାପ୍ରଭୁ ଗ୍ରହଣ କରିବେ ? କିନ୍ତୁ ତାଙ୍କ ମନରେ ଏକ ଅତୁଟ ବିଶ୍ୱାସ ଥିଲା। ସେ ଆଖି ବନ୍ଦ କରି ଯେତେବେଳେ ପ୍ରଭୁଙ୍କୁ ସେହି କାଳି ଅର୍ପଣ କଲେ, ମନେ ହେଲା ସତେ ଯେମିତି କଳାଠାକୁର ସ୍ୱୟଂ ତାଙ୍କ ହାତରୁ ସେହି ଫଳ ଖାଉଛନ୍ତି।

ଶିକ୍ଷା: ଭଗବାନ କେବେ ବି ଆପଣଙ୍କ ଧନ କିମ୍ବା ବଡ଼ ଭୋଗ ଦେଖନ୍ତି ନାହିଁ। ସେ କେବଳ ଆପଣଙ୍କ ମନର ନିର୍ମଳ ଭକ୍ତି ଓ ଭଲପାଇବା ଖୋଜନ୍ତି। ଯଦି ମନରେ ସଚ୍ଚା ଶ୍ରଦ୍ଧା ଅଛି, ତେବେ ସେ ଅଧା କୋଳିରେ ବି ସନ୍ତୁଷ୍ଟ ହୋଇଯାଆନ୍ତି।

❋❋❋

# ଭାବଗ୍ରାହୀ ଜନାର୍ଦ୍ଦନ: ମା'ର ଶ୍ରଦ୍ଧା ଓ ମହାପ୍ରଭୁଙ୍କ ଦିବ୍ୟ ପ୍ରେମ

ଆମେ ଭାବୁ ଯେ ମହାପ୍ରଭୁ କେବଳ ବଡ଼ ବଡ଼ ରାଜା କିମ୍ବା ଧନୀଙ୍କ ଭୋଗ ଗ୍ରହଣ କରନ୍ତି, କିନ୍ତୁ ପ୍ରକୃତରେ ସେ ହେଉଛନ୍ତି 'ଭାବର ଠାକୁର"।

ଛବିରେ ଥିବା ଏହି ବୃଦ୍ଧା ମା' ପ୍ରତିଦିନ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସନ୍ତି। ବୟସ ହୋଇଗଲାଣି, ଆଖିକୁ ଭଲ ଦେଖାଯାଉନି, କିନ୍ତୁ ମନରେ ଅଛି ଅତୁଟ ବିଶ୍ୱାସ। ସେ ନିଜ ହାତରେ କିଛି ଫୁଲ ଆଉ ଟିକିଏ ଭୋଗ ଧରି ମନ୍ଦିର କୋଣରେ ବସିରହନ୍ତି। ସେ ଭାବନ୍ତି, 'ମୁଁ ତ ଗରିବ ମଣିଷ, ମୋ ଭୋଗକୁ ପ୍ରଭୁ କାହିଁକି ଗ୍ରହଣ କରିବେ ?"

ଦିନେ ମନ୍ଦିରର ଜଣେ ସେବାୟତ ସ୍ୱପ୍ନରେ ଦେଖିଲେ ଯେ ମହାପ୍ରଭୁ କହୁଛନ୍ତି, 'ମୁଁ ଆଜି ବହୁତ ଭୋକିଲା ଅଛି, ସେହି ବୃଦ୍ଧା ମା' ଯେଉଁ ଭୋଗ ଆଣିଛି, ସେଥିରେ ମୋର ଅସଲି ଶାନ୍ତି ଅଛି।" ସେବାୟତ ଦୌଡ଼ି ଯାଇ ଦେଖିଲେ, ମା' ଚୁପଚାପ୍ କୋଣରେ ବସି ଆଖିରୁ ଲୁହ ଝରାଉଛନ୍ତି। ସେବାୟତ ଯେତେବେଳେ ମା'ଙ୍କ ହାତରୁ ସେହି ସାମାନ୍ୟ ଭୋଗ ନେଇ ପ୍ରଭୁଙ୍କ ପାଖରେ ଅର୍ପଣ କଲେ, ସେତେବେଳେ ମା'ଙ୍କ ମୁହଁରେ ଯେଉଁ ହସ ଫୁଟିଲା, ତାହା ସତେ ଯେମିତି ସ୍ୱର୍ଗୀୟ ସୁଖ ଥିଲା। ଏହା ପ୍ରମାଣ କରେ ଯେ ଜଗନ୍ନାଥ କେବଳ ବଡ଼ ପର୍ବରେ ନାହାନ୍ତି, ସେ ପ୍ରତିଟି ଭକ୍ତର ଶ୍ରଦ୍ଧା ଭିତରେ ବାସ କରନ୍ତି।

ଯଦି ଆପଣ ବି ମହାପ୍ରଭୁଙ୍କ ଏହି ଦିବ୍ୟ ପ୍ରେମକୁ ବିଶ୍ୱାସ କରନ୍ତି, ତେବେ 'ଜୟ ଜଗନ୍ନାଥ' ଲେଖି ଏହି କାହାଣୀଟିକୁ ଶେୟାର କରନ୍ତୁ।

❋❋❋

# ମାଣିକ ଗୌଡୁଣୀ ଓ କାଳିଆ ସାଆନ୍ତ: ଭକ୍ତ ପାଇଁ ଭଗବାନଙ୍କ ଅପୂର୍ବ ଲୀଳା

ପ୍ରଭୁ ଜଗନ୍ନାଥ କେବଳ ମନ୍ଦିରର ରତ୍ନ ସିଂହାସନରେ ନାହାନ୍ତି, ସେ ତାଙ୍କ ଭକ୍ତଙ୍କ ହୃଦୟରେ ବାସ କରନ୍ତି। ଏହି କାହାଣୀ ସେହି ସମୟର ଯେତେବେଳେ ପ୍ରଭୁ ନିଜେ ଜଣେ ସାଧାରଣ ସୈନିକ ବେଶରେ ଆସିଥିଲେ।

କାଞ୍ଚି ଅଭିଯାନ: - ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ଯୁଦ୍ଧ ପାଇଁ ଯାଉଥାନ୍ତି। ସେହି ସମୟରେ ଦୁଇଜଣ ସୈନିକ, ଜଣେ କଳା ଘୋଡ଼ାରେ (ଜଗନ୍ନାଥ) ଏବଂ ଜଣେ ଧଳା ଘୋଡ଼ାରେ (ବଳଭଦ୍ର), ଚିଲିକା କୂଳରେ ଯାଉଥିଲେ।

ମାଣିକ ସହିତ ଭେଟ:-ଖରାରେ ଶୋଷିଲା ହୋଇ ପ୍ରଭୁ ଦେଖିଲେ ମାଣିକ ଗୌଡୁଣୀ ଦହି ବିକିବାକୁ ଯାଉଛି। ପ୍ରଭୁ ତାକୁ ଅଟକାଇ ଦହି ପିଇଲେ। ମାଣିକ ଜାଣିନଥିଲା ସେମାନେ ସ୍ୱୟଂ ଭଗବାନ। ଯେତେବେଳେ ମାଣିକ ପଇସା ମାଗିଲା, ପ୍ରଭୁଙ୍କ ପାଖରେ ପଇସା ନଥିଲା। ସେ ନିଜ ହାତରୁ ଏକ ମୂଲ୍ୟବାନ ରତ୍ନ ମୁଦି ତାକୁ ଦେଇ କହିଲେ, 'ଆମ ପଛରେ ଗଜପତି ଆସୁଛନ୍ତି, ତାଙ୍କୁ ଏହି ମୁଦି ଦେଖାଇ ପଇସା ନେଇଯିବୁ।"

ଗଜପତିଙ୍କ ବିଶ୍ୱାସ:-ଯେତେବେଳେ ଗଜପତି ସେହି ସ୍ଥାନରେ ପହଞ୍ଚିଲେ, ମାଣିକ ତାଙ୍କୁ ମୁଦିଟି ଦେଖାଇଲା। ଗଜପତି ସେହି ରତ୍ନମୁଦି ଦେଖି ଚକିତ ହୋଇଗଲେ, କାରଣ ତାହା ସ୍ୱୟଂ ଜଗନ୍ନାଥଙ୍କର ଥିଲା। ସେ ବୁଝିଗଲେ କି ପ୍ରଭୁ ତାଙ୍କ ଆଗେ ଆଗେ ଯୁଦ୍ଧକୁ ଯାଉଛନ୍ତି।

ମାଣିକର ଭାଗ୍ୟ:- ପ୍ରଭୁଙ୍କ ସ୍ପର୍ଶ ପାଇ ମାଣିକ ଧନ୍ୟ ହୋଇଗଲା। ତା' ନାମରେ ଆଜି ବି ଚିଲିକା କୂଳରେ 'ମାଣିକପାଟଣା' ଗାଁ ଅଛି। ପ୍ରଭୁ ଦେଖାଇଲେ କି ସେ କେବଳ ଛପନ ଭୋଗ ନୁହେଁ, ମାଣିକ ଭଳି ଗରିବ ଭକ୍ତର ଶ୍ରଦ୍ଧା ଦହିକୁ ମଧ୍ୟ ସେତିକି ଭଲ ପାଆନ୍ତି ।

ଯଦି ଆପଣଙ୍କୁ ପ୍ରଭୁଙ୍କ ଏହି ଲୀଳା ପସନ୍ଦ ଆସିଲା, ତେବେ କମେଣ୍ଟରେ 'ଜୟ ଜଗନ୍ନାଥ' ଲେଖି ଶେୟାର କରନ୍ତୁ।

❋❋❋

# ଯେବେ କବିଙ୍କ ବଦଳରେ ପ୍ରଭୁ ଲେଖିଲେ କବିତା !

ଭକ୍ତର ଅସମାପ୍ତ କବିତା ପୂରଣ କଲେ ସ୍ୱୟଂ ଭଗବାନ: ଭକ୍ତିର ଏକ ଅନନ୍ୟ ଉଦାହରଣ

ବିଶ୍ୱପ୍ରସିଦ୍ଧ 'ଗୀତଗୋବିନ୍ଦ'ର ରଚୟିତା କବି ଜୟଦେବ ଥିଲେ ପ୍ରଭୁ ଜଗନ୍ନାଥଙ୍କର ଅନନ୍ୟ ଭକ୍ତ। ଏହି କାହାଣୀଟି ଦର୍ଶାଏ ଯେ ପ୍ରଭୁ ନିଜ ଭକ୍ତର ସମ୍ମାନ ରଖିବା ପାଇଁ କିଭଳି ନିଜେ ଲେଖନୀ ଧରିଥିଲେ।

ଜୟଦେବ 'ଗୀତ ଗୋବିନ୍ଦ' ଲେଖୁଥିବା ସମୟରେ ଏକ ଧାଡ଼ି ଲେଖିବାକୁ ଯାଇ ଅଟକି ଗଲେ। ସେ ଲେଖିବାକୁ ଚାହୁଁଥିଲେ ଯେ ଶ୍ରୀକୃଷ୍ଣ ରାଧାରାଣୀଙ୍କ ଚରଣ ସ୍ପର୍ଶ କରୁଛନ୍ତି ("ଦେହି ପଦପଲ୍ଲବ ମୁଦାରମ୍")। କିନ୍ତୁ ଭଗବାନ କେମିତି ଭକ୍ତର ଚରଣ ସ୍ପର୍ଶ କରିବେ, ଏହା ଭାବି ସେ ସନ୍ଦେହରେ ପଡ଼ିଲେ ଏବଂ ସେହି ଧାଡ଼ିଟିକୁ କାଟିଦେଇ ସ୍ନାନ କରିବାକୁ ଚାଲିଗଲେ।

ଜୟଦେବ ଗଲା ପରେ, ସ୍ୱୟଂ ଜଗନ୍ନାଥ ଜୟଦେବଙ୍କ ବେଶ ଧରି ତାଙ୍କ ଘରକୁ ଆସିଲେ। ସେ ଜୟଦେବଙ୍କ ପତ୍ନୀ ପଦ୍ମାବତୀଙ୍କୁ ଖାତାଟି ମାଗିଲେ ଏବଂ ସେହି କଟାଯାଇଥିବା ଧାଡ଼ିଟିକୁ ପୁଣିଥରେ ସୁନ୍ଦର ଭାବରେ ଲେଖିଦେଲେ। ପ୍ରଭୁ ଦର୍ଶାଇଲେ ଯେ ଭକ୍ତ ଆଗରେ ଭଗବାନ ସବୁବେଳେ ନତମସ୍ତକ।

ପ୍ରକୃତ ଜୟଦେବ ସ୍ନାନ ସାରି ଫେରିବା ପରେ ଯେତେବେଳେ ନିଜ ହାତଲେଖା ଖାତା ଦେଖିଲେ, ସେ ସ୍ତବ୍ଧ ହୋଇଗଲେ। ସେ ବୁଝିପାରିଲେ ଯେ ସ୍ୱୟଂ ଜଗନ୍ନାଥ ତାଙ୍କ ଘରକୁ ଆସିଥିଲେ। ସେ ନିଜ ପତ୍ନୀଙ୍କୁ କହିଲେ, 'ତୁମେ ଧନ୍ୟ, ତୁମେ ପ୍ରଭୁଙ୍କୁ ସ୍ୱଚକ୍ଷୁରେ ଦେଖିଛ।"

ଯଦି ଆପଣ ବି ଭାବୁଛନ୍ତି ଯେ ପ୍ରଭୁ ଭକ୍ତିର ବଶୀଭୂତ, ତେବେ କମେଣ୍ଟରେ 'ଜୟ ଜଗନ୍ନାଥ' ଲେଖି ଏହି ଦୁର୍ଲଭ କାହାଣୀଟିକୁ ଶେୟାର କରନ୍ତୁ।

❋❋❋

# ଯେବେ ବାଲି ରଥରେ ବିଜେ କଲେ ଜଗନ୍ନାଥ

ଗର୍ବୀର ଅହଙ୍କାର ଭାଙ୍ଗିଲେ କାଳିଆ: ଭକ୍ତ ବଳରାମ ଦାସଙ୍କ ଅତୁଟ ଭକ୍ତି

ଜଗନ୍ନାଥ ସଂସ୍କୃତିର ପଞ୍ଚସଖାଙ୍କ ମଧ୍ୟରୁ ବଳରାମ ଦାସ ଥିଲେ ଜଣେ ଅନନ୍ୟ ଭକ୍ତ। ଦିନେ ରଥଯାତ୍ରା ସମୟରେ ବଳରାମ ଦାସ ପ୍ରଭୁଙ୍କ ରଥକୁ ଚଢ଼ିବାକୁ ଚେଷ୍ଟା କରୁଥିବା ବେଳେ ସେଠାରେ ଥିବା ପଣ୍ଡା ଓ ସେବାୟତମାନେ ତାଙ୍କୁ ଅପମାନିତ କରି ରଥରୁ ତଳକୁ ଠେଲି ଦେଇଥିଲେ।

ଅପମାନିତ ହୋଇ ବଳରାମ ଦାସ କାନ୍ଦି କାନ୍ଦି ସମୁଦ୍ରକୂଳକୁ (ବାଙ୍କୀ ମୁହାଣ) ଚାଲିଗଲେ। ସେଠାରେ ସେ ବାଲିରେ ତିନୋଟି ରଥ ତିଆରି କରି ପ୍ରଭୁଙ୍କୁ ଆକୁଳ ହୋଇ ଡାକିଲେ, 'ହେ ପ୍ରଭୁ! ଯଦି ମୁଁ ତୁମର ପ୍ରକୃତ ଭକ୍ତ, ତେବେ ଏହି ବାଲି ରଥକୁ ଆସି ବିଜେ କର।"

ଭକ୍ତର ଡାକ ଶୁଣି ପ୍ରଭୁ ଜଗନ୍ନାଥ ବଡ଼ଦାଣ୍ଡର ନନ୍ଦିଘୋଷ ରଥ ଛାଡ଼ି ବଳରାମ ଦାସଙ୍କ ବୋଲି ରଥରେ ଆସି ବିଜେ କଲେ। ସେପଟେ ବଡ଼ଦାଣ୍ଡରେ ରଥ ଏକାଦି ଚକ ବି ବୁଲିଲା ନାହିଁ। ଶହ ଶହ ଲୋକ ଓ ହାତୀ ଟାଣିଲେ ମଧ୍ୟ ରଥ ଗୋଟିଏ ପାଦ ଆଗକୁ ଗଲାନାହିଁ।

ପରେ ଗଜପତି ମହାରାଜା ସ୍ୱପ୍ନାଦେଶ ପାଇଲେ ଯେ, ପ୍ରଭୁ ବର୍ତ୍ତମାନ ବଡ଼ଦାଣ୍ଡର ରଥରେ ନାହାନ୍ତି, ସେ ତାଙ୍କ ଭକ୍ତ ବଳରାମଙ୍କ ପାଖରେ ବାଲି ରଥରେ ଅଛନ୍ତି। ଗଜପତି ନିଜେ ସମୁଦ୍ର କୂଳକୁ ଯାଇ ବଳରାମ ଦାସଙ୍କୁ କ୍ଷମା ମାଗି ସସମ୍ମାନେ ଫେରାଇ ଆଣିବା ପରେ ହିଁ ରଥ ଆଗକୁ ବଢ଼ିଥିଲା।

ଯଦି ଆପଣ ବି ମାନନ୍ତି ଯେ ପ୍ରଭୁ ଜଗନ୍ନାଥ ହେଉଛନ୍ତି 'ଭାବଗ୍ରାହୀ', ତେବେ କମେଣ୍ଟରେ 'ଜୟ ଜଗନ୍ନାଥ' ଲେଖି ଶେୟାର କରନ୍ତୁ।

❋❋❋

# କାହାର ଆରାଧ୍ୟ ଅଧିକ ଗରିମାମୟ ? ମର୍ଯ୍ୟାଦା ପୁରୁଷୋତ୍ତୋମ ଶ୍ରୀରାମ ନା ଲୀଳାମୟ ଶ୍ରୀକୃଷ୍ଣ ?

ବ୍ରଜଧାମରେ ମହାକବି ସୁରଦାସ ଏବଂ ଗୋସ୍ୱାମୀ ତୁଳସୀଦାସଙ୍କ ମଧ୍ୟରେ ସଂଘଟିତ ଏକ ସୁମଧୁର ତଥା ରସାତ୍ମକ ତର୍କର ଅପୂର୍ବ ବୃତ୍ତାନ୍ତ... ପାଠ କରନ୍ତୁ ଏହି ଆଧ୍ୟାତ୍ମିକ ଓ ମନୋମୁଗ୍ଧକର କାହାଣୀ

ଏକଦା ସନ୍ଥଶିରାମଣି ଗାସ୍ୱାମୀ ତୁଳସୀଦାସ ସୁରଦାସଙ୍କୁ ସାକ୍ଷାତ କରିବା ନିମନ୍ତେ ପୁଣ୍ୟତୀର୍ଥ ବ୍ରଜଭୂମିରେ ପଦାର୍ପଣ କଲେ। ଉଭୟ ମହାତ୍ମା ପରସ୍ପରଙ୍କର ଗୁଣଗାନ ସହ ସତସଙ୍ଗରେ ନିମଗ୍ନ ହେଲେ। କିଛି କାଳ ଅତିବାହିତ ହେବା ପରେ, ତୁଳସୀଦାସଙ୍କ ମନରେ ଏକ ସାମାନ୍ୟ କୌତୁକ ଜାତ ହେଲା...

ସେ ସୁରଦାସଙ୍କୁ ସମ୍ବୋଧନ କରି କହିଲେ- "ହେ ସୁର ବାବା ! ଆପଣ ସେହି ଚଞ୍ଚଳ କାହ୍ନାଙ୍କ ମାୟାରେ କିଆଁ ବାନ୍ଧି ହୋଇଛନ୍ତି ? ଆମ୍ଭ ଆରାଧ୍ୟ ଶ୍ରୀରାମଙ୍କ ଶରଣାପନ୍ନ ହୁଅନ୍ତୁ। ଆମ୍ଭ ପ୍ରଭୁ ଅତ୍ୟନ୍ତ ସରଳ ତଥା ସତ୍ୟନିଷ୍ଠ, କିନ୍ତୁ ଆପଣଙ୍କ କାହ୍ନାଙ୍କର ନିଜ ବାକ୍ୟରେ କୌଣସି ସ୍ଥିରତା ନାହିଁ !'

ଏହି ବାକ୍ୟ ଶ୍ରବଣ କରି ସୁରଦାସଙ୍କ ହୃଦୟରେ ସାମାନ୍ୟ କ୍ଷୋଭ ଜାତ ହେଲା। ପରିଶେଷରେ ଉଭୟେ ସିଦ୍ଧାନ୍ତ ନେଲେ ଯେ, ଆଜି ତରାଜୁରେ ତଉଲ କରାଯାଇ ପରୀକ୍ଷା କରାଯିବ ଯେ ପ୍ରକୃତରେ କାହାର ଇଷ୍ଟଦେବ ଅଧିକ ଗରିମାମୟ ବା ଭାରୀ !

ଏକ ବୃକ୍ଷର ଶାଖାରେ ତରାଜୁଟିଏ ଝୁଲାଇ ଦିଆଗଲା।

ସୁରଦାସ ତରାଜୁର ଗାଟିଏ ପାର୍ଶ୍ୱରେ ପ୍ରଭୁ ଶ୍ରୀକୃଷ୍ଣଙ୍କର ଶ୍ରୀବିଗ୍ରହକୁ ଧାରଣ କରି ଉପବେଶନ କଲେ ଏବଂ ପ୍ରାର୍ଥନା କଲେ, 'ମୋର ପରମୋରାଧ୍ୟ ଗୋପାଳ, ଆଜି ଏହି କିଙ୍କରର ମାନ ରକ୍ଷା କରନ୍ତୁ ପ୍ରଭୁ !'

ଅପର ପାର୍ଶ୍ୱରେ ତୁଳସୀଦାସ ଶ୍ରୀ ସୀତାରାମଙ୍କର ମୂର୍ତ୍ତି ସହ ଉପବିଷ୍ଟ ହୋଇ କହିଲେ, 'ଜୟ ମୋର ଶ୍ରୀସୀତାରାମ, ନିଜ ଭକ୍ତର ମର୍ଯ୍ୟାଦା ରକ୍ଷା କରନ୍ତୁ !"

କିଛି କ୍ଷଣ ତରାଜୁଟି ଉର୍ଦ୍ଧ୍ୱ ଏବଂ ନିମ୍ନଗାମୀ ହେବାକୁ ଲାଗିଲା, ମାତ୍ର ଯେତେବେଳେ ତାହା ସ୍ଥିର ହେଲା... ଅତୀବ ଆଶ୍ଚର୍ଯ୍ୟର ବିଷୟ ! ତୁଳସୀଦାସଙ୍କ ପାର୍ଶ୍ୱଟି ଅଧିକ ଭାରୀ ପ୍ରତୀତ ହେଲା !

ସୁରଦାସ ମର୍ମାହତ ହେଲେ। ସେ ଅତ୍ୟନ୍ତ ବିଷର୍ଣ୍ଣ ଚିତ୍ତରେ ନିଜ କୁଟୀରକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ କାତର ସ୍ୱରରେ ଶ୍ରୀକୃଷ୍ଣଙ୍କୁ ଗୁହାରି କଲେ - 'ହେ ଦୀନବନ୍ଧୁ ! ମୁଁ ଆଜୀବନ ଆପଣଙ୍କ ନିକଟରେ କିଛି ଲାଳସା ରଖି ନାହିଁ, ସଦାସର୍ବଦା କେବଳ ଆପଣଙ୍କର ନାମ ସଂକୀର୍ତ୍ତନ କରିଛି, ତଥାପି ଆଜି ଆପଣ ନିଜ ଦାସର ମାନ ରକ୍ଷା କଲେ ନାହିଁ।

ଭକ୍ତର ଏତାଦୃଶ ଆକୁଳ ଆହ୍ୱାନ ଶ୍ରବଣ କରି କରୁଣାସାଗର ଶ୍ରୀକୃଷ୍ଣ ତତ୍କ୍ଷଣାତ୍ ଆବିର୍ଭୂତ ହେଲେ ! ସେ ଅତ୍ୟନ୍ତ ସ୍ନେହଭରାରେ ସୁରଦାସଙ୍କ ବଦନମଣ୍ଡଳକୁ ନିଜ କରକମଳରେ ସ୍ପର୍ଶ କରି ମୃଦୁହାସ୍ୟ ସହ କହିଲେ- 'ହେ ବାବା ! ଏଥିରେ ମୋର କି ଦୋଷ ? ଆପଣ ଅକାରଣରେ ମୋତେ ଦୋଷାରୋପ କରୁଛନ୍ତି !'

ସୁରଦାସ ସାମାନ୍ୟ କ୍ରୋଧିତ ହୋଇ ଉତ୍ତର ଦେଲେ- 'ହଁ ପ୍ରଭୁ, ସମସ୍ତ ଅପରାଧ ମୋର, ଯେ ମୁଁ ଆପଣଙ୍କ ଭଳି ଛଳିଆଙ୍କର ଆରାଧନା କଲି !'

ଅନନ୍ତର ନଟଖଟ କାହ୍ନା ଅତୀବ ନିରୀହତାର ସହିତ ପ୍ରଶ୍ନ କଲେ - 'ହେଉ ବାବା, ମୋତେ ଗୋଟିଏ କଥା କହନ୍ତୁ... ଦୁଇ ଜଣ ବ୍ୟକ୍ତି ଅଧିକ ଓଜନିଆ ହେବେ ନା ତିନି ଜଣ ?'

ସୁରଦାସ କିଞ୍ଚିତ ଦ୍ୱନ୍ଦରେ ପଡ଼ି କହିଲେ, 'ଏବେ କ'ଣ ମୋତେ ସାଧାରଣ ଗଣିତ ଶିଖାଇବେ ? ଏହା ସର୍ବବିଦିତ ଯେ ତିନି ଜଣଙ୍କର ଓଜନ ନିଶ୍ଚିତ ରୂପେ ଅଧିକ ହେବ।'

ଶ୍ରୀକୃଷ୍ଣ ହାସ୍ୟରାଳ କରି କହିଲେ- 'ତେବେ ତରାଜୁରେ ଉପବେଶନ ସମୟରେ ଆପଣ କି ପ୍ରାର୍ଥନା କରିଥିଲେ ? 'ହେ ଗୋପାଳ ଜୀ, କିଛି ଲାଜ ରଖ !' ଅର୍ଥାତ୍ ଏଥିରେ ଜଣେ ମୁଁ ଏବଂ ଅନ୍ୟ ଜଣକ ଆପଣ... ସର୍ବମୋଟ ଦୁଇ ଜଣ ! ? ?

ମାତ୍ର ଯେତେବେଳେ ତୁଳସୀ ବାବା ବସିଲେ, ସେ ଉଚ୍ଚାରଣ କଲେ, 'ଜୟ ଶ୍ରୀ ସୀତାରାମ, ସମ୍ମାନ ରଖ !' ଅର୍ଥାତ୍ ଜଣେ ଜଗନ୍ମାତା ସୀତା, ଜଣେ ଶ୍ରୀରାମ ଏବଂ ତୃତୀୟରେ ସ୍ୱୟଂ ତୁଳସୀଦାସ... ଏହିପରି ଭାବରେ ତିନି ଜଣ ହୋଇଗଲେ !

ଏବେ ଆପଣ ହିଁ ବିଚାର କରନ୍ତୁ କାହାର ପାର୍ଶ୍ୱ ଅଧିକ ଭାରୀ ହେବ ? ଯଦି ଆପଣ ସେହି ସମୟରେ 'ମୋର ରାଧେଶ୍ୟାମ' ବୋଲି ସମ୍ବୋଧନ କରିଥାନ୍ତେ, ତେବେ ଆପଣଙ୍କ ପାର୍ଶ୍ୱରେ ମଧ୍ୟ ତିନି ଜଣ ଉପସ୍ଥିତ ରହିଥାନ୍ତେ ଏବଂ ଉଭୟ ପାର୍ଶ୍ୱର ଓଜନ ସମାନ ରହିଥାନ୍ତା !'

ଭଗବାନଙ୍କର ଏହିପରି ମଧୁର ତଥା ତାତ୍ତ୍ୱିକ ବାଣୀ ଶ୍ରବଣ କରି ସୁରଦାସ ନିଜର ତ୍ରୁଟି ହୃଦୟଙ୍ଗମ କରିପାରିଲେ । ସେ ତୁରନ୍ତ କ୍ଷମା ପ୍ରାର୍ଥନା କରି, ପୁନର୍ବାର ମୂର୍ତ୍ତି ଧାରଣ ପୂର୍ବକ ବାହାରକୁ ଆସି ତୁଳସୀଦାସଙ୍କୁ କହିଲେ – 'ହେ ତୁଳସୀଦାସ ! ଆସନ୍ତୁ, ଆଉ ଥରେ ଏହି ପରୀକ୍ଷା କରିବା !'

ଗୋସ୍ୱାମୀ ତୁଳସୀଦାସ ମୃଦୁ ହସିଲେ ଏବଂ ପ୍ରଭୁଙ୍କର ଏହି ଲୀଳାକୁ ବୁଝିପାରି ସ୍ନେହଭରା କଣ୍ଠରେ କହିଲେ – 'ଥାଉ ବାବା, ଆଉ ପ୍ରୟୋଜନ ନାହିଁ ! ମୁଁ ଭଲଭାବରେ ଜାଣିଗଲିଣି ଯେ ଆପଣ ବର୍ତ୍ତମାନ କାହା ନିକଟରୁ କି ଶିକ୍ଷା ଲାଭ କରି ଆସୁଛନ୍ତି !' ଏହାପରେ ଉଭୟ ମହାମାନବ ଦିବ୍ୟ ପ୍ରେମଭାବରେ ପରସ୍ପରକୁ ଆଲିଙ୍ଗନ କଲେ ।

❋❋❋

# ପ୍ରତିଦିନ ଜଣେ ଶିଷ୍ୟ ତାଙ୍କ ଗୁରୁଜୀଙ୍କୁ କହୁଥିଲେ

ଗୁରୁଜୀ,ମୋର ଭାଗ୍ୟ ବହୁତ ଖରାପ। ଯେତେ ଶ୍ରମ କରୁଛି, ସବୁଥିରେ ହାରୁଛି।

ଦିନେ ଗୁରୁଜୀ ତାଙ୍କୁ ଖେତକୁ ନେଇଗଲେ। ସେଠାରେ ଗୋଟିଏ ବଡ଼ ପାଥର ପଡ଼ିଥିଲା। ଗୁରୁଜୀ କହିଲେ — 'ଏହାକୁ ଟିକେ ଆଗକୁ ହଟାଅ। ଶିଷ୍ୟ ସମସ୍ତ ଶକ୍ତି ଲଗାଇଲେ, କିନ୍ତୁ ପଥର ହଲିଲା ନାହିଁ।

ଥକ୍କିଯାଇ ବିଚରା ଶିଷ୍ୟ କହିଲେ — 'ଗୁରୁଜୀ, ଏହା ମୋ ପକ୍ଷରେ ନୁହେଁ।'

ଗୁରୁଜୀ ହସି କହିଲେ —

'ତୁମେ ସମସ୍ତ ଶକ୍ତି ଲଗାଇଲା, କିନ୍ତୁ ଗୋଟିଏ କାମ କରିଲ ନାହିଁ।'

ଶିଷ୍ୟ ପଚାରିଲା — 'କଣ, ଗୁରୁଜୀ ?'

ଗୁରୁଜୀ କହିଲେ — ମୋ ପାଖରୁ ସାହାଯ୍ୟ ମାଗିଲା ନାହିଁ।'

ତାପରେ ଦୁହେଁ ମିଶି ପଥରକୁ ସହଜରେ ହଟାଇଦେଲେ।

ଗୁରୁଜୀ କହିଲେ —

'ଜୀବନରେ ହାର ଏଇଥି ପାଇଁ ମିଳେ ନାହିଁ ଯେ ତୁମେ ଦୁର୍ବଳ,

ହାର ଏହିପାଇଁ ମିଳେ ଯେ ତୁମେ ସବୁ କିଛି ଏକାକୀ ଲଢୁଛ।'

ସହଯୋଗ ମାଗିବା ଦୁର୍ବଳତା ନୁହେଁ, ଏହା ହେଉଛି ଜଣେ ପରମ ଶିଷ୍ୟର ବୁଦ୍ଧିମତା।

ଗୁରୁ ହିଁ ସାକ୍ଷାତ ଈଶ୍ୱର ଗୁରୁଙ୍କୁ ମଣିବ ନର। ତେଣୁ ଜୀବନର ପ୍ରତେକ କଠିନ ପରିସ୍ଥିତିରେ ଗୁରୁଙ୍କ ସାହାଯ୍ୟ ପାଇଁ ସ୍ମରଣ କରିବା ଉଚିତ୍।

ଗୁରୁ ହେ ଶରଣ ଓଁ ଗୁରୁ ଦେବାୟ ନମଃ

❋❋❋

# କେନ୍ଦୁଝର ଇତିହାସ

କେନ୍ଦୁଝର ରଥର କାହାଣୀ ଓ ଗଜପତିଙ୍କ ବୟାନ

ଓଡ଼ିଶାର ପରମ ଆରାଧ୍ୟ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବେଠୁ ଆରମ୍ଭ ହେଲା ତାହା କହିବା ସହଜ ନୁହେଁ । ଐତିହାସିକ ସତ୍ୟନାରାୟଣ ରାଜଗୁରୁ ୧୨୩୦ ମସିହା ପରଠାରୁ ପୁରୀଠାରେ ରଥଯାତ୍ରା ହେବା ମତ ଦିଅନ୍ତି । ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର ଗଡ଼ଜାତ ମାନଙ୍କରେ ରଥଯାତ୍ରା ହେଉଥିବାର କୌଣସି ପ୍ରମାଣ ନାହିଁ ।

୧୬୨୩ ମସିହା । କେନ୍ଦୁଝର ମହାରାଜା ଶ୍ରୀଗୋବିନ୍ଦ ଚନ୍ଦ୍ର ଭଞ୍ଜଦେବ ରଥଯାତ୍ରା ଦେଖିବାକୁ ପୁରୀ ଯାଇଥାନ୍ତି । ଗଜପତି ଥାଆନ୍ତି ନରସିଂହ ଦେବ । ରଥଯାତ୍ରା ସୁରୁଖୁରୁରେ ସରିଲା । ଏହି ବର୍ଷ ଅହମ୍ମଦ ବେଗ୍ ନାମକ ଜଣେ ବିଧର୍ମୀ ପୁରୀ ଆକ୍ରମଣ କଲା । ବିଧର୍ମୀଙ୍କ ବାରମ୍ବାର ପୁରୀ ଆକ୍ରମଣ ରଥଯାତ୍ରାରେ ବାଧକ ହେଉଥାଏ। ଚିନ୍ତା କରି ଗଜପତି ମହାରାଜା ଅନ୍ୟ ଗଡ଼ଜାତ ମାନଙ୍କରେ ରଥଯାତ୍ରା କରିବାକୁ ଅନୁମତି ଦେଲେ । ପରବର୍ଷ ଅର୍ଥାତ ୧୬୨୪ ମସିହାରେ କେନ୍ଦୁଝର ରାଜ୍ୟରେ ପ୍ରଥମ ଥର ପାଇଁ ରଥଯାତ୍ରା ଅନୁଷ୍ଠିତ ହେଲା। ରଥନିର୍ମାଣ ଶାସ୍ତ୍ରୀୟ ବିଧି ଅନୁସାରେ ରଥ ନିର୍ମାଣ କରାଯାଇଥିଲା ।

❋❋❋

# ସପ୍ତର୍ଷିମଣ୍ଡଳର ସାତଋଷି

ଅନ୍ଧାର ରାତିରେ ଯେତେବେଳେ ମଣିଷ ବାଟ ଭୁଲିଯାଏ, ସପ୍ତର୍ଷି ମଣ୍ଡଳ ହିଁ 'ଧ୍ରୁବ ତାରା'କୁ ଚିହ୍ନିବାରେ ସାହାଯ୍ୟ କରେ। ଠିକ୍ ସେହିପରି, ଅଜ୍ଞାନର ଅନ୍ଧକାରରେ ବାଟ ହୁଡ଼ିଥିବା ମାନବ ଜାତିକୁ ଧର୍ମ ଏବଂ ସତ୍ୟର ମାର୍ଗ ଦେଖାଇବା ପାଇଁ ବ୍ରହ୍ମା ଓ ଶିବ ସପ୍ତର୍ଷି ମଣ୍ଡଳ ର ସାତୋଟି ଋଷି ଙ୍କୁ ସାତୋଟି ତାରା ରୂପରେ ଆକାଶରେ ଚିରସ୍ଥାୟୀ ସ୍ଥାନ ଦେଇଛନ୍ତି। ପ୍ରତ୍ୟେକ କଳ୍ପ ଓ ମନ୍ୱନ୍ତରରେ ସେମାନେ ପୃଥିବୀରେ ବେଦଜ୍ଞାନକୁ ବଞ୍ଚାଇ ରଖନ୍ତି। ପ୍ରତ୍ୟେକ ଋଷି ଆମ ପାଇଁ କ'ଣ କରିଛନ୍ତି ଏବଂ ସେମାନଙ୍କୁ କାହିଁକି ଏହି ସ୍ଥାନ ମିଳିଲା, ତାହାର ସ୍ୱତନ୍ତ୍ର କାରଣ ଚାଲନ୍ତୁ ଆମେ ଜାଣିବା।

୧. ମହର୍ଷି ମରୀଚି – 'ସୃଷ୍ଟିର ପ୍ରଥମ ଅଲୋକ'

ଆମ ପାଇଁ କ'ଣ କରିଛନ୍ତି:

ମରୀଚି ଶବ୍ଦର ଅର୍ଥ ହେଉଛି ଆଲୋକର କିରଣ। ସେ ହେଉଛନ୍ତି ମହର୍ଷି କଶ୍ୟପଙ୍କ ପିତା। ଯଦି କଶ୍ୟପ ମୁନି ନଥାନ୍ତେ, ତେବେ ପୃଥିବୀରେ ଦେବତା, ମଣିଷ, ପଶୁ, ପକ୍ଷୀ ବା ଗଛଲତା କିଛି ବି ସୃଷ୍ଟି ହୋଇନଥାନ୍ତେ। ମାନବ ଜାତିର ଉତ୍ପତ୍ତିର ସେ ହେଉଛନ୍ତି ଆଦି ମୂଳଦୁଆ।

ଆକାଶରେ ସ୍ଥାନର କାରଣ:

ସୃଷ୍ଟିର ପ୍ରଥମ ବିସ୍ତାର ତାଙ୍କରି ମାଧ୍ୟମରେ ହୋଇଥିଲା। ବ୍ରହ୍ମାଣ୍ଡର ରଚନା ଏବଂ ବିକାଶରେ ତାଙ୍କର ମୂଳ ଯୋଗଦାନ ଥିବାରୁ, ବ୍ରହ୍ମା ତାଙ୍କୁ ଆକାଶରେ ଏକ ଚିରସ୍ଥାୟୀ ଦୀପଶିଖା ଭାବରେ ସ୍ଥାପିତ କଲେ, ଯାହା ସୃଷ୍ଟିର ଆରମ୍ଭକୁ ଦର୍ଶାଏ।

୨. ମହର୍ଷି ବଶିଷ୍ଠ – 'ମନ ନିୟନ୍ତ୍ରଣ ଓ ମାର୍ଗଦର୍ଶନର ପ୍ରତୀକ'

ଆମ ପାଇଁ କ'ଣ କରିଛନ୍ତି:

ସେ ମାନବ ସମାଜକୁ 'ଯୋଗ ବଶିଷ୍ଠ' ନାମକ ମହାନ ଗ୍ରନ୍ଥ ଦେଇଛନ୍ତି, ଯେଉଁଥିରେ ପ୍ରଭୁ ଶ୍ରୀରାମଙ୍କୁ ଦିଆଯାଇଥିବା ଆଧ୍ୟାତ୍ମିକ ଜ୍ଞାନ ରହିଛି। ଆମେ କିପରି ନିଜର ଚଞ୍ଚଳ ମନକୁ ନିୟନ୍ତ୍ରଣ କରି ଶାନ୍ତି ପାଇପାରିବା, ସେ ବିଦ୍ୟା ତାଙ୍କରି ଅବଦାନ। ଅହଂକାର ଉପରେ କ୍ଷମାର ବିଜୟ ସେ ବିଶ୍ୱାମିତ୍ରଙ୍କ ସହହୋଇଥିବା ବିବାଦରୁ ପ୍ରମାଣିତ କରିଥିଲେ।

ଆକାଶରେ ସ୍ଥାନର କାରଣ: ଜଣେ ଆଦର୍ଶ ଗୁରୁ କିପରି ହେବା ଉଚିତ୍ ଏବଂ ରାଗ, ଅହଂକାର ଓ ପ୍ରତିଶୋଧ ପରାୟଣତାକୁ କିପରି ଜୟ କରାଯାଏ, ତାହାର ସର୍ବୋଚ୍ଚ ଉଦାହରଣ ହେଉଛନ୍ତି ବଶିଷ୍ଠ। ଏହି ନିଷ୍କାମ ସ୍ୱାଭାବ ଓ ଅସୀମ କ୍ଷମାଶୀଳତା ପାଇଁ ତାଙ୍କୁ ଓ ତାଙ୍କ ପତ୍ନୀ ଅରୁନ୍ଧତୀଙ୍କୁ ମଣ୍ଡଳରେ ସ୍ଥାନ ମିଳିଛି।

୩. ମହର୍ଷି ଅଙ୍ଗିରା – 'ଜ୍ଞାନ ଏବଂ ବିଜ୍ଞାନର ଆଧାର'

ଆମ ପାଇଁ କ'ଣ କରିଛନ୍ତି:

ଋଗ୍‌ବେଦର ନବମ ମଣ୍ଡଳ ଏବଂ ବିଶେଷ କରି ଅଥର୍ବ ବେଦ୍‌ର ଅଧିକାଂଶ ଭାଗ ମହର୍ଷି ଅଙ୍ଗିରା ଓ ତାଙ୍କ ବଂଶଧରମାନଙ୍କ ଦ୍ୱାରା ରଚିତ। ଆୟୁର୍ବେଦ, ଚିକିତ୍ସା ବିଜ୍ଞାନ, ବାସ୍ତୁଶାସ୍ତ୍ର ଏବଂ ଯଜ୍ଞର ବ୍ୟବହାର ପ୍ରୟୋଗ ସେ ହିଁ ମାନବ ସମାଜକୁ ଶିଖାଇଥିଲେ। ଦେବଗୁରୁ ବୃହସ୍ପତି ତାଙ୍କର ପୁତ୍ର ଅଟନ୍ତି।

ଆକାଶରେ ସ୍ଥାନର କାରଣ: ମନୁଷ୍ୟ କେବଳ ଧ୍ୟାନରେ ବସିଲେ ଚଳିବ ନାହିଁ, ବ୍ୟବହାରିକ ଜୀବନରେ ବିଜ୍ଞାନ ଓ ରୋଗ ନିବାରଣ ମଧ୍ୟ ଦରକାର। ଭୌତିକ ଏବଂ ଆଧ୍ୟାତ୍ମିକ ବିଜ୍ଞାନ ମଧ୍ୟରେ ସନ୍ତୁଳନ ଆଣିଥିବାରୁ, ତାଙ୍କୁ ଏହି ସ୍ୱର୍ଗୀୟ ସମ୍ମାନ ଦିଆଯାଇଛି।

୪.ମହର୍ଷି ଅତ୍ରି – 'ଗୃହସ୍ଥ ଧର୍ମ ଓ ସନ୍ତୁଳନର ପ୍ରତୀକ'

ଆମ ପାଇଁ କ'ଣ କରିଛନ୍ତି: ସନ୍ନ୍ୟାସ ନ ନେଇ ମଧ୍ୟ ସଂସାରରେ ରହି କିପରି ପରମାତ୍ମାଙ୍କୁ ପାଇହେବ, ସେ ଏବଂ ତାଙ୍କ ପତ୍ନୀ ଅନସୂୟା ତାହା ପ୍ରମାଣ କରିଛନ୍ତି। ସେ ଋଗ୍ବେଦର ପଞ୍ଚମ ମଣ୍ଡଳର ରଚୟିତା। ତାଙ୍କର ତପାବଳ ଏତେ ଅଧିକ ଥିଲା ଯେ, ସ୍ୱୟଂ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ଆସି ତାଙ୍କ ଘରେ ଦତ୍ତାତ୍ରେୟ ରୂପରେ ଜନ୍ମ ନେବାକୁ ପଡ଼ିଥିଲା।

ଆକାଶରେ ସ୍ଥାନର କାରଣ:ପରିବାର (ଗୃହସ୍ଥ ଜୀବନ) ମଧ୍ୟରେ ରହି ନିଃସ୍ୱାର୍ଥପର ପ୍ରେମ ଏବଂ କଠୋର ତପସ୍ୟା ମଧ୍ୟରେ ଥିବା ସନ୍ତୁଳନର ପ୍ରତୀକ ହେଉଛନ୍ତି ଅତ୍ରି। ପାରିବାରିକ ମୂଲ୍ୟବୋଧ ଏବଂ ଅତିଥି ସତ୍କାରର ସର୍ବୋଚ୍ଚ ମାନଦଣ୍ଡ ସ୍ଥାପନ କରିଥିବାରୁ ସେ ଆକାଶରେ ସ୍ଥାନିତ।

୫. ମହର୍ଷି ପୁଲସ୍ତ୍ୟ – 'ଇତିହାସ ଏବଂ ପୁରାଣର ସଂରକ୍ଷକ'

ଆମ ପାଇଁ କ'ଣ କରିଛନ୍ତି:ଆମର ପୁରାତନ ଗ୍ରନ୍ଥ, ସୃଷ୍ଟିର ରହସ୍ୟ ଏବଂ

'ବିଷ୍ଣୁ ପୁରାଣ' ଭଳି ଅମୂଲ୍ୟ ଜ୍ଞାନକୁ ଲୋପ ପାଇବାରୁ ସେ ରକ୍ଷା କରିଥିଲେ। ଯଦି ସେ ପରାଶର ମୁନି (ବ୍ୟାସଦେବଙ୍କ ପିତା) ଙ୍କୁ ଏହି ଜ୍ଞାନ ଦେଇନଥାନ୍ତେ, ତେବେ ଆମ ପାଖରେ ଆଜି କୌଣସି ପୌରାଣିକ ଇତିହାସ ନଥାନ୍ତା।

ଆକାଶରେ ସ୍ଥାନର କାରଣ: ଅତୀତର ଜ୍ଞାନକୁ ସୁରକ୍ଷିତ ରଖି ଆଗାମୀ ପିଢ଼ିକୁ ହସ୍ତାନ୍ତର କରିବା ଥିଲା ତାଙ୍କର ସବୁଠାରୁ ବଡ଼ ଧର୍ମ। ସଂସ୍କୃତି ଓ ଜ୍ଞାନର ସଂରକ୍ଷଣ ଦିଗରେ ତାଙ୍କର ଅବଦାନ ଅତୁଳନୀୟ ଥିବାରୁ, ଜ୍ଞାନର ପ୍ରତୀକ ସ୍ୱରୂପ ତାଙ୍କୁ ନକ୍ଷତ୍ର ମଣ୍ଡଳରେ ସ୍ଥାନ ମିଳିଛି।

୬. ମହର୍ଷି ପୁଲହ - 'ସର୍ବଭୂତ ହିତ (ଜୀବ ଦୟା) ର ପ୍ରତୀକ'

ଆମ ପାଇଁ କ'ଣ କରିଛନ୍ତି:ସେ ମଣିଷମାନଙ୍କୁ ପ୍ରକୃତି ସହ ଯୋଡ଼ି ହୋଇ ବଞ୍ଚିବା ଶିଖାଇଥିଲେ। ସେ ଜଙ୍ଗଲ, ପଶୁ, ପକ୍ଷୀ ଏବଂ ଗଛଲତାଙ୍କୁ ନିଜ ସନ୍ତାନ ପରି ଦେଖୁଥିଲେ। ତାଙ୍କ ମତରେ ସମସ୍ତଙ୍କ ଭିତରେ ଈଶ୍ୱର ଅଛନ୍ତି।

ଆକାଶରେ ସ୍ଥାନର କାରଣ: ଯେଉଁ ହୃଦୟରେ ସମସ୍ତ ପ୍ରାଣୀଙ୍କ ପାଇଁ ଦୟା ଓ କ୍ଷମା ଥାଏ, ସେଠାରେ ସ୍ୱୟଂ ନାରାୟଣ ବାସ କରନ୍ତି। ମହର୍ଷି ପୁଲହଙ୍କର ନିଷ୍କପଟ ଏବଂ ଅହିଂସା ପୂର୍ଣ୍ଣ ଜୀବନଶୈଳୀ କାରଣରୁ ବ୍ରହ୍ମାଣ୍ଡରେ ତାଙ୍କୁ ଉଚ୍ଚ ଆସନ ଦିଆଯାଇଛି, ଯାହା ମଣିଷକୁ ଦୟାବାନ ହେବାକୁ ପ୍ରେରଣା ଦିଏ।

୭. ମହର୍ଷି କ୍ରତୁ - 'କର୍ମ ଏବଂ ଯଜ୍ଞର ଆଧାର'

ଆମ ପାଇଁ କ'ଣ କରିଛନ୍ତି: ବୈଦିକ କାଳରେ ପରିବେଶକୁ ଶୁଦ୍ଧ ରଖିବା ଏବଂ ଦେବତାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଯେଉଁ ଯଜ୍ଞ ବ୍ୟବସ୍ଥା ଥିଲା, ତାହା ମହର୍ଷି କ୍ରତୁଙ୍କ ବିନା ଅସମ୍ପୂର୍ଣ୍ଣ। ସେ ବିଶ୍ୱର କଲ୍ୟାଣ ପାଇଁ ଅନେକ ବୃହତ୍ ଯଜ୍ଞ କରିଥିଲେ। ତାଙ୍କର ୬୦ ହଜାର ଶିଷ୍ୟ (ବାଲଖିଲ୍ୟ ଋଷି) ସୂର୍ଯ୍ୟ ଦେବଙ୍କୁ ତାଙ୍କ ଗତିପଥରେ ସାହାଯ୍ୟ କରନ୍ତି, ଯାହାଦ୍ୱାରା ପୃଥିବୀରେ ଦିନ ଏବଂ ରାତିର ଚକ୍ର ଠିକ୍ ଭାବରେ ଚାଲେ।

ଆକାଶରେ ସ୍ଥାନର କାରଣ:ନିଷ୍କାମ କର୍ମ ଏବଂ ନିରନ୍ତର ସେବାର ପ୍ରତୀକ ହେଉଛନ୍ତି କ୍ରତୁ। ସମଗ୍ର ବ୍ରହ୍ମାଣ୍ଡ ଯେପରି ଗୋଟିଏ ନିୟମରେ ବାନ୍ଧି ହୋଇ ଚାଲିବ, ସେଥିପାଇଁ ତାଙ୍କୁ ବ୍ରହ୍ମାଣ୍ଡର ମଣ୍ଡଳରେ ସ୍ଥାପିତ କରାଯାଇଛି।

ସଂକ୍ଷେପରେ କହିବାକୁ ଗଲେ, ଏହି ସାତ ଜଣ ମହର୍ଷି ସମ୍ପୂର୍ଣ୍ଣ ମାନବ ଜୀବନର ସାତୋଟି ସ୍ତମ୍ଭ—

ଜ୍ଞାନ,
ବିଜ୍ଞାନ,
ଦୟା,
କର୍ମ,
ପରିବାର,
ଗୁରୁଭକ୍ତି ଏବଂ
ସୃଷ୍ଟି  କୁ ଦର୍ଶାନ୍ତି।

ସେମାନେ ଆମ ଉପରେ ଏତେ ବଡ଼ ଉପକାର କରିଛନ୍ତି ଯେ, ସେମାନଙ୍କ ଗୁଣଗାନ କରିବା ପାଇଁ ହିଁ ସେମାନଙ୍କୁ ଆକାଶରେ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି, ଯାହାଦ୍ୱାରା ମଣିଷ ଯେତେଦିନ ଯାଏଁ ଆକାଶକୁ ଚାହିଁବ, ସେତେଦିନ ଯାଏଁ ତାଙ୍କର ଏହି ମହାନ କର୍ମକୁ ମନେ ରଖିବ।

❋❋❋

# ସାବିତ୍ରୀ ଏବଂ ସତ୍ୟବାନଙ୍କ ସମ୍ପୂର୍ଣ୍ଣ କାହାଣୀ

ପ୍ରାଚୀନ କାଳରେ ଅଶ୍ୱପତି ନାମକ ଜଣେ ପ୍ରତାପୀ ରାଜା ଥିଲେ। ତାଙ୍କ ରାଜ୍ୟରେ ସୁଖ-ସମୃଦ୍ଧି ତ ଥିଲା, କିନ୍ତୁ ତାଙ୍କୁ ସନ୍ତାନ ସୁଖ ପ୍ରାପ୍ତ ହୋଇନଥିଲା। ବର୍ଷ ବର୍ଷ ଧରି ସେ ତପସ୍ୟା ଏବଂ ଯଜ୍ଞ କରିଥିଲେ, ତା'ପରେ ଦେବୀ ସାବିତ୍ରୀଙ୍କ କୃପାରୁ ସେ ଏକ କନ୍ୟା ପ୍ରାପ୍ତ କଲେ— ଯାହାର ନାମ ରଖାଗଲା ସାବିତ୍ରୀ।

ସାବିତ୍ରୀଙ୍କ ଯୌବନ ଏବଂ ବର-ଚୟନ

ସାବିତ୍ରୀ ଅତ୍ୟନ୍ତ ସୁନ୍ଦର, ତେଜସ୍ୱୀ ଏବଂ ବୁଦ୍ଧିମତୀ ଥିଲେ। ଯେତେବେଳେ ତାଙ୍କର ବିବାହର ସମୟ ଆସିଲା, କୌଣସି ରାଜକୁମାର ତାଙ୍କ ଯୋଗ୍ୟ ଲାଗିଲେ ନାହିଁ।

ସେତେବେଳେ ତାଙ୍କ ପିତା କହିଲେ —

'ତୁମେ ନିଜ ପାଇଁ ନିଜେ ବର ବାଛ।'

ସାବିତ୍ରୀ ବଣ ବଣ ବୁଲି ଗୋଟିଏ ଦିନ ଏପରି ଏକ ସ୍ଥାନରେ ପହଞ୍ଚିଲେ ଏବଂ ସେଠାରେ ସେ ଦେଖିଲେ ଜଣେ ସାଧାରଣ ବେଶରେ ଥିବା, କିନ୍ତୁ ତେଜସ୍ୱୀ ତଥା ଧର୍ମପରାୟଣ ଯୁବକ— ସତ୍ୟବାନ।

ସେ ଜଣେ ବନବାସୀ ରାଜକୁମାର ଥିଲେ, ଯାହାଙ୍କ ପିତା ଦ୍ୟୁମତ୍ସେନ ନିଜ ରାଜ୍ୟ ହରାଇ ବଣରେ ଜୀବନ ବିତାଉଥିଲେ।

ସାବିତ୍ରୀ ମନେ ମନେ ସତ୍ୟବାନଙ୍କୁ ନିଜର ସ୍ୱାମୀ ଭାବରେ ଗ୍ରହଣ କରିନେଲେ।

ଭବିଷ୍ୟବାଣୀ ଏବଂ କଠିନ ନିଷ୍ପତ୍ତି।

ଯେତେବେଳେ ସାବିତ୍ରୀ ନିଜ ପିତାଙ୍କୁ ଏକଥା ଜଣାଇଲେ, ସେତେବେଳେ ଦରବାରରେ ଉପସ୍ଥିତ ଥିବା ଦେବର୍ଷି ନାରଦ କହିଲେ —

'ସତ୍ୟବାନ ଗୁଣରେ ଶ୍ରେଷ୍ଠ, କିନ୍ତୁ ତାଙ୍କର ଆୟୁଷ ବହୁତ କମ୍। ବିବାହର ଠିକ୍ ଗୋଟିଏ ବର୍ଷ ପରେ ତାଙ୍କର ମୃତ୍ୟୁ ସୁନିଶ୍ଚିତ।'

ଏହା ଶୁଣି ରାଜା ଅଶ୍ୱପତି ଚିନ୍ତିତ ହୋଇପଡ଼ିଲେ ଏବଂ ସାବିତ୍ରୀଙ୍କୁ ନିଷ୍ପତ୍ତି ବଦଳାଇବାକୁ କହିଲେ।

କିନ୍ତୁ ସାବିତ୍ରୀ ଦୃଢ଼ ସ୍ୱରରେ କହିଲେ—

'ମୁଁ ଥରେ ଯାହାଙ୍କୁ ସ୍ୱାମୀ ଭାବରେ ମାନି ନେଇଛି, ତାହାକୁ ବଦଳାଇ ପାରିବି ନାହିଁ।'

ତାଙ୍କର ଏହି ଅଟଳ ନିଷ୍ଠା ଆଗରେ ସମସ୍ତେ ମୁଣ୍ଡ ନୁଆଁଇଲେ, ଏବଂ ସାବିତ୍ରୀଙ୍କ ବିବାହ ସତ୍ୟବାନଙ୍କ ସହିତ ସମ୍ପନ୍ନ ହେଲା।

ବଣର ଜୀବନ ଏବଂ ପ୍ରତୀକ୍ଷା

ବିବାହ ପରେ ସାବିତ୍ରୀ ନିଜ ସ୍ୱାମୀ ଏବଂ ଶାଶୁ-ଶ୍ୱଶୁରଙ୍କ ସହିତ ବଣରେ ରହିବାକୁ ଲାଗିଲେ। ସେ ସେବା, ପ୍ରେମ ଏବଂ ଧର୍ମର ପାଳନ କରିଚାଲିଲେ।

ଯେମିତି ଯେମିତି ଗୋଟିଏ ବର୍ଷ ପୂରଣ ହେବାକୁ ଲାଗିଲା, ସାବିତ୍ରୀଙ୍କୁ ନାରଦଙ୍କ ଭବିଷ୍ୟବାଣୀ ମନେ ପଡ଼ିବାକୁ ଲାଗିଲା।

ମୃତ୍ୟୁ ଦିନର ତିନି ଦିନ ପୂର୍ବରୁ ସେ କଠୋର ବ୍ରତ ଓ ଉପବାସ କଲେ।

ମୃତ୍ୟୁର ଦିନ

ନିର୍ଦ୍ଧାରିତ ଦିନ ଆସିଲା। ସତ୍ୟବାନ କାଠ ହାଣିବା ପାଇଁ ଜଙ୍ଗଲକୁ ଗଲେ, ଏବଂ ସାବିତ୍ରୀ ମଧ୍ୟ ତାଙ୍କ ସହିତ ଗଲେ।

ହଠାତ୍ ସତ୍ୟବାନଙ୍କ ମୁଣ୍ଡ ବୁଲାଇଲା ଏବଂ ସେ କହିଲେ—

'ସାବିତ୍ରୀ, ମୋ ମୁଣ୍ଡ ବହୁତ ବିନ୍ଧୁଛି।'

ସାବିତ୍ରୀ ତାଙ୍କୁ ନିଜ କୋଳରେ ଶୁଆଇ ଦେଲେ... ଏବଂ କିଛି କ୍ଷଣ ମଧ୍ୟରେ ତାଙ୍କ ଶରୀର ନିସ୍ତେଜ ହୋଇଗଲା।

ସେତିକିବେଳେ ସେଠାରେ ପ୍ରକଟ ହେଲେ ଯମରାଜ — ଯିଏ ସତ୍ୟବାନଙ୍କ ପ୍ରାଣ ନେବାକୁ ଆସିଥିଲେ।

ଯମରାଜଙ୍କ ପଛେ ପଛେ ସାବିତ୍ରୀ

ଯମରାଜ ସତ୍ୟବାନଙ୍କ ପ୍ରାଣ ନେଇ ଆଗକୁ ବଢ଼ିଲେ, କିନ୍ତୁ ସାବିତ୍ରୀ ମଧ୍ୟ ତାଙ୍କ ପଛେ ପଛେ ଚାଲିବାକୁ ଲାଗିଲେ।

ଯମରାଜ କହିଲେ —

'ଏବେ ଫେରିଯାଅ, ଏହା ପ୍ରକୃତିର ନିୟମ ଅଟେ।'

ସାବିତ୍ରୀ ବିନମ୍ରତାର ସହିତ ଉତ୍ତର ଦେଲେ—

ମୋ ସ୍ୱାମୀ ଯେଉଁଠାକୁ ଯିବେ, ମୋର ସ୍ଥାନ ମଧ୍ୟ ସେଇଠି।'

ତାଙ୍କର ନିଷ୍ଠା ଏବଂ ମଧୁର ବାଣୀରେ ପ୍ରଭାବିତ ହୋଇ ଯମରାଜ ତାଙ୍କୁ ଏକ ବରଦାନ ଦେଲେ — କିନ୍ତୁ ସତ୍ୟବାନଙ୍କ ଜୀବନ ନୁହେଁ।

ତିନୋଟି ବରଦାନ

ସାବିତ୍ରୀ ବହୁତ ବୁଦ୍ଧିମାନର ସହିତ ବରଦାନ ମାଗିଲେ:

ନିଜ ଶ୍ୱଶୁର ଦ୍ୟୁମତ୍ସେନଙ୍କ ପାଇଁ: ତାଙ୍କ ଆଖି ଜ୍ୟୋତି ଏବଂ ହରାଇଥିବା ରାଜ୍ୟ
ନିଜ ପିତାଙ୍କ ପାଇଁ: ଶହେ ପୁତ୍ରର ଆଶୀର୍ବାଦ
ଶେଷରେ ନିଜ ପାଇଁ: 'ଶହେ ପୁତ୍ରର ମାତା ହେବାର' ବରଦାନ
ଯମରାଜ 'ତଥାସ୍ତୁ' କହିଦେଲେ।
ବୁଦ୍ଧିମତ୍ତାର ବିଜୟ
ତା'ପରେ ସାବିତ୍ରୀ ଶାନ୍ତ ସ୍ୱରରେ କହିଲେ—
'ପ୍ରଭୁ, ଆପଣ ମୋତେ ଶହେ ପୁତ୍ରର ମାତା ହେବାର ବର ଦେଇଛନ୍ତି, କିନ୍ତୁ ଏହା କିପରି ସମ୍ଭବ ହେବ ଯେତେବେଳେ ମୋର ସ୍ୱାମୀ ହିଁ ଜୀବିତ ରହିବେ ନାହିଁ?'
ଯମରାଜ ନିଜ କଥାରେ ନିଜେ ଫସିଗଲେ।
ସେ ସାବିତ୍ରୀଙ୍କ ଅଦ୍ଭୁତ ବୁଦ୍ଧି, ପ୍ରେମ ଏବଂ ନିଷ୍ଠାକୁ ଦେଖି ପ୍ରସନ୍ନ ହୋଇ ସତ୍ୟବାନଙ୍କ ପ୍ରାଣ ଫେରାଇ ଦେଲେ।
ପୁନର୍ଜନ୍ମ ଭଳି ଜୀବନ
ସତ୍ୟବାନ ପୁଣିଥରେ ଜୀବିତ ହୋଇଉଠିଲେ।
ତାଙ୍କ ପିତାଙ୍କୁ ରାଜ୍ୟ ଏବଂ ଦୃଷ୍ଟିଶକ୍ତି ଫେରି ମିଳିଲା।
ଏବଂ ସାବିତ୍ରୀ ନିଜ ସ୍ୱାମୀଙ୍କ ସହିତ ସୁଖମୟ ଜୀବନ ବ୍ୟତୀତ କଲେ।
କାହାଣୀର ମହତ୍ତ୍।
ଏହି କାହାଣୀ ଆମକୁ ଶିକ୍ଷା ଦିଏ:
ସଚ୍ଚା ପ୍ରେମ ମୃତ୍ୟୁ ଠାରୁ ମଧ୍ୟ ବଡ ହୋଇଥାଏ।
ବୁଦ୍ଧିମତ୍ତା ଏବଂ ଧୈର୍ଯ୍ୟ ଦ୍ୱାରା ଅସମ୍ଭବ ମଧ୍ୟ ସମ୍ଭବ ହୋଇପାରେ।
ଜଣେ ନାରୀର ଶକ୍ତି ଏବଂ ସମର୍ପଣ ଅଦ୍ଭୁତ ହୋଇଥାଏ।
ଏହି କାହାଣୀର ସ୍ମୃତିରେ ବଟ ସାବିତ୍ରୀ ବ୍ରତ ପାଳନ କରାଯାଏ, ଯେଉଁଠାରେ ମହିଳାମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ ପାଇଁ ବ୍ରତ ରଖନ୍ତି ଏବଂ ବର ଗଛର (ବଟ ବୃକ୍ଷ) ପୂଜା କରନ୍ତି।

***

# ଦେବତାମାନଙ୍କ ଅହଂକାରକୁ ଭଙ୍ଗ କରିଥିଲା ଏକ ଛୋଟ ଛଣ

ଏହି କାହାଣୀରେ ଭଗବାନ ଶିବ ଜଣେ ରହସ୍ୟମୟ ଯକ୍ଷ ରୂପ ଧାରଣ କରି ଦେବତାମାନଙ୍କ ଅହଂକାର ଭଙ୍ଗ କରିଥିଲେ ।

ସମୁଦ୍ର ମନ୍ଥନ ପରେ ଯେତେବେଳେ ଦେବତାମାନେ ଅମୃତ ପାଇ, ସେମାନେ ନିଜକୁ ସବୁଠାରୁ ଶକ୍ତିଶାଳୀ ଭାବିବାକୁ ଲାଗିଲେ ।

ଇନ୍ଦ୍ରଦେବ, ଅଗ୍ନିଦେବ, ବାୟୁଦେବ ଓ ଅନ୍ୟ ଦେବତାମାନଙ୍କ ମନରେ ଧୀରେ ଧୀରେ ଅହଂକାର ଜନ୍ମ ନେଲା ।

ସେମାନେ ଭାବିଲେ — ''ଅସୁରମାନଙ୍କ ଉପରେ ବିଜୟ କେବଳ ଆମର ଶକ୍ତିରେ ସମ୍ଭବ ହୋଇଛି ।''

ଦେବତାମାନଙ୍କ ଏହି ବଢୁଥିବା ଅହଙ୍କାରକୁ ଦେଖି ଭଗବାନ ଶିବ ତାଙ୍କୁ ଉଚିତ୍ ଶିକ୍ଷା ଦେବାକୁ ନିଷ୍ପତ୍ତି କଲେ ।

ସେ ଜଣେ ରହସ୍ୟମୟ ଯକ୍ଷର ରୂପ ଧାରଣ କରି ଦେବତାମାନଙ୍କ ସାମ୍ନାରେ ପ୍ରକଟ ହେଲେ ।

ଯକ୍ଷ ପଚାରିଲେ — ''ତୁମେ କେଉଁ କଥାରେ ଏତେ ଗର୍ବ କରୁଛ ?''

ଦେବତାମାନେ କହିଲେ —

'ଆମେ ସଂସାରର ସବୁଠାରୁ ଶକ୍ତିଶାଳୀ । ଆମ ପାଇଁ କିଛି ଅସମ୍ଭବ ନୁହେଁ ।'

ତା'ପରେ ଯକ୍ଷ ଭୂମିରୁ ଏକ ଛୋଟ ଛଣ ଉଠାଇ ସେମାନଙ୍କ ସାମ୍ନାରେ ରଖି କହିଲେ —

'ଯଦି ତୁମେ ଏତେ ଶକ୍ତିଶାଳୀ, ତେବେ ଏହି ଛଣକୁ ଜଳାଇ ଦେଖାଅ କିମ୍ବା କାଟି ଦେଖାଅ ।'

ସବୁଠାରୁ ପ୍ରଥମେ ଅଗ୍ନିଦେବ ଆଗକୁ ଆସିଲେ । ସେ ନିଜର ସମସ୍ତ ଅଗ୍ନିଶକ୍ତି କିନ୍ତୁ ସେହି ଛୋଟ ଛଣଟିକୁ ଜଳାଇ ପାରିଲେ ନାହିଁ ।

ତା'ପରେ ବାୟୁଦେବ ଆସିଲେ । ସେ କହିଲେ 'ମୁଁ ପର୍ବତକୁ ମଧ୍ୟ ଉଡ଼ାଇ ପାରେ ଏହି ଛୋଟ ଛଣ କଣ ସେ ଅଟହାସ୍ୟ କରି କହିଲେ ।' କିନ୍ତୁ ସମସ୍ତ ଶକ୍ତି ଲଗାଇବା ପରେ ମଧ୍ୟ ସେହି ଛଣଟି ହଲା ନାହିଁ ।

ଶେଷରେ ଇନ୍ଦ୍ରଦେବ ନିଜ ବଜ୍ର ସହିତ ଆଗକୁ ବଢିଲେ କିନ୍ତୁ ସେ ମଧ୍ୟ ସେହି ଛଣକୁ ଦୁଇଖଣ୍ଡ ପାରିଲେ ନାହିଁ ।

ସମସ୍ତ ଦେବତା ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । ସେମାନଙ୍କ ଅହଂକାର ମୁହୂର୍ତ୍ତରେ ଭଙ୍ଗ ହୋଇଗଲା ।

ଏହି ସମୟରେ ସେହି ରହସ୍ୟମୟ ଯକ୍ଷ ଅଦୃଶ୍ୟ ହୋଇଗଲେ ଏବଂ ଆକାଶବାଣୀ ହେଲା —

''ସେ ଅନ୍ୟ କେହି ନୁହେଁ... ସ୍ୱୟଂ ମହାଦେବ ଥିଲେ ।''

ଦେବତାମାନେ ବୁଝିଗଲେ ଯେ ତାଙ୍କର ସମସ୍ତ ଶକ୍ତି ମଧ୍ୟ ଭଗବାନ ଶିବଙ୍କ କୃପାରୁ ମିଳିଛି ।

ସେମାନେ ଲଜ୍ଜିତ ହୋଇ ମହାଦେବଙ୍କୁ କ୍ଷମା ମାଗିଲେ ।

ଏହି କାରଣରୁ ଭଗବାନ ଶିବଙ୍କ ଏହି ରୂପକୁ ''ଯକ୍ଷେଶ୍ୱର ଅବତାର'ବୋଲି କୁହାଯାଏ

ଯିଏ ଏକ ଛୋଟ ଛଣ ଦ୍ୱାରା ଦେବତାମାନଙ୍କ ଅହଂକାରକୁ ଭଙ୍ଗ କରିଥିଲେ ।

ଭକ୍ତିରେ ଲେଖନ୍ତୁ — ହର ହର ମହାଦେବ

❋❋❋

# ସନ୍ଥ ମଲୁକ ଦାସଙ୍କ 'ହଠ' ଏବଂ ତାଙ୍କ ଅତୁଟ ବିଶ୍ୱାସର କାହାଣୀ ଯେତିକି ଆଶ୍ଚର୍ଯ୍ୟଜନକ, ସେତିକି ଶିକ୍ଷଣୀୟ ମଧ୍ୟ।

ମଲୂକ ଦାସ ନିଜ କୁଟୀରରେ ଭଜନ-କୀର୍ତ୍ତନ କରୁଥିଲେ । ଯେଉଁ ସାଧୁ-ସନ୍ଥମାନେ ତାଙ୍କ ପାଖକୁ ଆସୁଥିଲେ, ସେ ସେମାନଙ୍କୁ ଭୋଜନ କରାଉଥିଲେ । ଏହି ସେବା କାର୍ଯ୍ୟରେ ବହୁତ ଖର୍ଚ୍ଚ ହେଉଥିଲା । ଥରେ ଆଶ୍ରମରେ ଶସ୍ୟ ଶେଷ ହୋଇଗଲା ଏବଂ ବହୁ ସଂଖ୍ୟାରେ ସାଧୁ ଏକାଠି ହୋଇଗଲେ । ମଲୂକ ଦାସ ଗାଁର ଜଣେ ଧନୀ ବେପାରି (ବଣିଆ)ଙ୍କଠାରୁ ଧାରରେ ଶସ୍ୟ ଏବଂ ଘିଅ ନେଇ ଆସିଲେ । ସେ ପ୍ରତିଶ୍ରୁତି ଦେଲେ ଯେ, "ଯେତେବେଳେ ଭଗବାନ ପଠାଇବେ, ମୁଁ ଶୁଝିଦେବି ।"

ସମୟ ବିତିଗଲା, କିନ୍ତୁ ମଲୂକ ଦାସଙ୍କ ପାଖକୁ ଟଙ୍କା କେଉଁଠୁ ଆସିବ? ସେ ତ କେବଳ ରାମ-ନାମରେ ଲୀନ ଥିଲେ । ବେପାରି ଜଣକ ବ୍ୟତିବ୍ୟସ୍ତ ହୋଇଗଲା । ସେ ଗାଁ ସାରା ପାଟି କରି କହିଲା — 'ମଲୂକ ଦାସ ଜଣେ ଭଣ୍ଡ! ସାଧୁମାନଙ୍କୁ ଖୁଆଇବା ପାଇଁ ସେ ମୋ ଟଙ୍କା ହଡ଼ପ କରିଦେଲା ।'

ଦିନେ ବେପାରୀ କୁଟୀରକୁ ଆସି ମଲୂକ ଦାସଙ୍କୁ ଅପମାନିତ କରି କହିଲା:

'ଯଦି ତୁମ ରାମ କଣେ କଣେ ବିଦ୍ୟମାନ ଏବଂ ସେ ତୁମକୁ ପାଳୁଛନ୍ତି, ତେବେ ତାଙ୍କୁ କୁହ ମୋ ଋଣ ଶୁଝିଦେବାକୁ! ନଚେତ୍ କାଲି ମୁଁ ତୁମକୁ ରାଜ ଦରବାରକୁ ଘୋଷାରି ନେବି ।'

ମଲୂକ ଦାସ ଶାନ୍ତ ରହିଲେ । ସେ କେବଳ ଏତିକି କହିଲେ, 'ମୋ ରାମ ସବୁ ଦେଖୁଛନ୍ତି, ସେ କେବେ କାହାର ପ୍ରାପ୍ୟ ମାରନ୍ତି ନାହିଁ ।'

ସେହି ରାତିରେ, ବେପାରି ଜଣକ ନିଜ ଦୋକାନ ବନ୍ଦ କରୁଥିବା ସମୟରେ ଜଣେ ଶ୍ୟାମଳ ବର୍ଣ୍ଣର ସୁନ୍ଦର ଯୁବକ ହାତରେ ଏକ ପୁଟୁଳି ଧରି ସେଠାରେ ପହଞ୍ଚିଲେ । ସେହି ଯୁବକ ଜଣକ ରେଶମୀ ଧୋତି ପିନ୍ଧିଥିଲେ ଏବଂ ମଥାରେ ତିଳକ ଲଗାଇଥିଲେ । ଯୁବକ ଜଣକ କହିଲେ:

'ସେଠ୍‌ଜୀ, ମୁଁ ମଲୂକ ଦାସଙ୍କ ସେବକ । ସେ ଏହି ଧନ ପଠାଇଛନ୍ତି ଏବଂ କହିଛନ୍ତି ଯେ ଆପଣଙ୍କର ପାଇ ପାଇ ହିସାବ ଚୁକ୍ତା କରିଦେବାକୁ । ଆପଣ ନିଜର ଖାତା ବାହାର କରନ୍ତୁ ଏବଂ ରସିଦ ଦେଇ ଦିଅନ୍ତୁ ।'

ବେପାରି ହିସାବ କଲା । ମୂଳଧନ ଏବଂ ସୁଧ ମିଶାଇ ଯେତିକି ଟଙ୍କା ହେଉଥିଲା, ସେହି ଯୁବକ ଜଣକ ସୁନା ମୋହରରେ ଭର୍ତ୍ତି ଏକ ପୁଟୁଳି ଟେବୁଲ ଉପରେ ରଖିଦେଲେ । ସେହି ଅର୍ଥ ଆବଶ୍ୟକତାଠାରୁ ଢେର ଅଧିକ ଥିଲା । ବେପାରୀ ଲୋଭ ଏବଂ ଆଶ୍ଚର୍ଯ୍ୟରେ ପଡ଼ିଗଲା । ସେ ରସିଦରେ 'ହିସାବ ଚୁକ୍ତା' ବୋଲି ଲେଖିଦେଲା । ଯେମିତି ବେପାରୀ ରସିଦ ଦେବା ପାଇଁ ବୁଲିଲା, ସେହି ଯୁବକ ଜଣକ ସେଠାରୁ ଅଦୃଶ୍ୟ ହୋଇଯାଇଥିଲେ !

ପରଦିନ ସକାଳେ ବେପାରି ଗର୍ବର ସହ ମଲୂକ ଦାସଙ୍କ କୁଟୀରରେ ପହଞ୍ଚିଲା । ତାକୁ ଲାଗିଲା ଯେ ମଲୂକ ଦାସ କେଉଁଠୁ ଟଙ୍କା ଯୋଗାଡ଼ କରିଦେଇଛନ୍ତି । ସେ କହିଲା, 'ମଲୂକ ଦାସ ! ତୁମ ସେବକ ରାତିରେ ସବୁ ଟଙ୍କା ଶୁଝି ଦେଇଛି, ଏବେ ଆଉ କୌଣସି ଅଭିଯୋଗ ନାହିଁ ।'

ମଲୂକ ଦାସ ଆଶ୍ଚର୍ଯ୍ୟ ହୋଇଗଲେ । ସେ କହିଲେ, 'ମୋ ସେବକ ? ମୋର ତ କେହି ସେବକ ନାହାନ୍ତି ! ଆଉ ମୋ ପାଖରେ ତ ଫୁଟି କଉଡ଼ିଟିଏ ବି ନଥିଲା ।'

ଯେତେବେଳେ ବେପାରି ସେହି ରସିଦ ଦେଖାଇଲା ଏବଂ ସେହି ସୁନା ମୋହରଗୁଡ଼ିକର ବର୍ଣ୍ଣନା କଲା, ମଲୂକ ଦାସଙ୍କ ଆଖିରୁ ଲୁହ ଝରିବାକୁ ଲାଗିଲା । ସେ ବୁଝିଗଲେ ଯେ ତାଙ୍କ 'ରାମ' ନିଜେ ମଜଦୁର କିମ୍ବା ମୁନିମ୍ ବେଶରେ ଆସି ତାଙ୍କ ସମ୍ମାନ ରକ୍ଷା କରିଛନ୍ତି ।

ଏହି ଘଟଣା ମାଧ୍ୟମରେ ମଲୂକ ଦାସ ସମାଜକୁ ବୁଝାଇଲେ ଯେ:

**୧. ଭରସା:** ଯେତେବେଳେ ଆପଣ କୌଣସି ଭଲ କାମ (ସେବା) ପାଇଁ ଋଣ ନିଅନ୍ତି ଏବଂ ଆପଣଙ୍କ ଉଦ୍ଦେଶ୍ୟ ସ୍ୱଚ୍ଛ ଥାଏ, ତେବେ ତାହାର ଦାୟିତ୍ୱ ସ୍ୱୟଂ ଭଗବାନ ନିଅନ୍ତି ।

**୨.ଅହଂକାର ତ୍ୟାଗ:** ମଲୂକ ଦାସ କେବେ କହିନଥିଲେ ଯେ 'ମୁଁ ଖୁଆଉଛି,' ସେ ସବୁବେଳେ ଏହା କହୁଥିଲେ ଯେ 'ରାମ ଜୀ ଖୁଆଉଛନ୍ତି ।"

ମଲୂକ ଦାସଙ୍କ ପ୍ରତିଟି କାହାଣୀ ଆମକୁ ଗୋଟିଏ କେନ୍ଦ୍ରବିନ୍ଦୁକୁ ନେଇଯାଏ — ସମର୍ପଣ ।

'ଆମେ ନିଜ ପରିଶ୍ରମ ଉପରେ ଭରସା କରୁ, କିନ୍ତୁ ସେହି ପରିଶ୍ରମର ଫଳ ଏବଂ ସୁଯୋଗ ଦେବାବାଲା ଅନ୍ୟ କେହି ଅଟନ୍ତି ।"

***

# ଓଡ଼ିଶାର ଏକ ଛୋଟ ଗାଁ ଚନ୍ଦନପୁର

ଚନ୍ଦନପୁରରେ ଆକାଶ ନାମକ ଜଣେ ଯୁବକ ରହୁଥିଲା । ସେ ପରିଶ୍ରମୀ ତ ଥିଲା, କିନ୍ତୁ ତା'ର ଏକ ଖରାପ ଅଭ୍ୟାସ ଥିଲା । ସେ ସବୁବେଳେ ଅନ୍ୟମାନଙ୍କ ଜିନିଷ ଉପରେ ନଜର ରଖୁଥିଲା । କାହା ପାଖରେ କେତେ ଧନ ଅଛି, କାହାର ଜମି ବଡ଼, କାହା ଘରେ କଣ ସାମାନ ଅଛି — ଏହିସବୁ କଥା ତା' ମନରେ ଘୁରି ବୁଲୁଥିଲା । ସେହି ସମୟରେ ପାଖ ଗାଁ ଗୋପାଳପୁରରେ ସାଗର ନାମକ ଜଣେ ଯୁବକ ରହୁଥିଲା । ସାଗର ସାଧାରଣ ଜୀବନ ବିତାଉଥିଲା, କିନ୍ତୁ ସେ ବହୁତ ବୁଦ୍ଧିମାନ ଏବଂ ସନ୍ତୁଷ୍ଟ ସ୍ୱଭାବର ଥିଲା । ସେ ସବୁବେଳେ କହୁଥିଲା, ''ମଣିଷ ପ୍ରଥମେ ନିଜକୁ ବୁଝିବା ଉଚିତ୍, ତେବେ ଯାଇ ଜୀବନ ସଫଳ ହେବ ।''

ଦିନେ ଦୁଇଟି ଯାକ ଗାଁର ଲୋକମାନେ ପାଖରେ ହେଉଥିବା ଏକ ବଡ଼ ମେଳାକୁ ଯିବା ପାଇଁ ସ୍ଥିର କଲେ । ସୌଭାଗ୍ୟବଶତଃ, ବାଟରେ ଆକାଶ ଏବଂ ସାଗରଙ୍କର ଦେଖା ହୋଇଗଲା । ଦୁହେଁ ଏକାଠି ଯାତ୍ରା ଆରମ୍ଭ କଲେ । ବାଟ ବହୁତ ଲମ୍ବା ଥିଲା, ତେଣୁ ସେମାନଙ୍କ ମଧ୍ୟରେ ବହୁତ କଥାବାର୍ତ୍ତା ମଧ୍ୟ ହେଲା । ଆକାଶ ମନେ ମନେ ଭାବୁଥିଲା ଯେ ସାଗର ବହୁତ ଶାନ୍ତ ରହୁଛି, ନିଶ୍ଚୟ ତା' ପାଖରେ କିଛି ମୂଲ୍ୟବାନ ଜିନିଷ ଥିବ । ସେ ସ୍ଥିର କଲା ଯେ ସୁଯୋଗ ମିଳିବା ମାତ୍ରେ ସେ ସାଗରର ପୁଟୁଳିଟିକୁ ଯାଞ୍ଚ କରିବ ।

ରାତିରେ ଯେତେବେଳେ ଦୁହେଁ କୌଣସି ଗଛ ମୂଳେ ବିଶ୍ରାମ କରୁଥିଲେ, ଆକାଶ ଚୋରି କରି ସାଗରର ଗଣ୍ଠିଲି ଖୋଜୁଥିଲା । କିନ୍ତୁ ପ୍ରତିଥର ତାକୁ କିଛି ମିଳୁନଥିଲା । ସାତ ଦିନ ଧରି ଯାତ୍ରା ଚାଲିଲା ଏବଂ ଆକାଶ ପ୍ରତିଦିନ ଏହିପରି ଚେଷ୍ଟା କରୁଥିଲା । ସେ ଆଶ୍ଚର୍ଯ୍ୟ ହେଉଥିଲା ଯେ ଏତେ ଶାନ୍ତ ଏବଂ ନିଶ୍ଚିନ୍ତ ମଣିଷ ଜଣକ ଖାଲି ହାତରେ କିପରି ଯାତ୍ରା କରିପାରୁଛି !

ସପ୍ତମ ଦିନ ମେଳା ଶେଷ ହେଲା ଏବଂ ଦୁହିଁଙ୍କୁ ନିଜ ନିଜ ଗାଁକୁ ଫେରିବାକୁ ହେଲା । ବିଦାୟ ନେବା ସମୟରେ ଆକାଶ ଆଉ ରହିପାରିଲା ନାହିଁ । ସେ ହସି କରି କହିଲା, ''ଭାଇ ସାଗର, ସତ କୁହ । ତୁମ ପାଖରେ କଣ କିଛି ମୂଲ୍ୟବାନ ଜିନିଷ ନଥିଲା ? ମୁଁ ପୂରା ଯାତ୍ରା ସାରା ଅନେକ ଥର ତୁମ ପୁଟୁଳି ଦେଖିଲି, କିନ୍ତୁ କିଛି ମିଳିଲା ନାହିଁ ।''

ସାଗର ସାମାନ୍ୟ ହସିଲା ଏବଂ କହିଲା,

''ବନ୍ଧୁ, ମୋ ପାଖରେ ରୁପା ମୁଦ୍ରା ଭର୍ତ୍ତି ଏକ ମୁଣି ଏବଂ ଏକ ମୂଲ୍ୟବାନ ହୀରା ଥିଲା ।''

ଆକାଶ ଆଶ୍ଚର୍ଯ୍ୟ ହୋଇଗଲା ।

''ତେବେ ମତେ ମିଳିଲା ନାହିଁ କାହିଁକି ?''

ସାଗର ଶାନ୍ତ ସ୍ୱରରେ କହିଲା,

''କାରଣ ଯେତେବେଳେ ବି ମୁଁ ବାହାରକୁ ଯାଉଥିଲି, ମୁଁ ସେହି ମୁଣି ଏବଂ ହୀରାଟିକୁ ତୁମରି ପୁଟୁଳି ଭିତରେ ରଖିଦେଉଥିଲି । ତୁମେ ସବୁବେଳେ ମୋ ଗଣ୍ଠିଲି ଖୋଜୁଥିଲ, କିନ୍ତୁ କେବେ ନିଜ ପୁଟୁଳିକୁ ଦେଖିଲ ନାହିଁ ।''

ଏହା ଶୁଣି ଆକାଶ ଲଜ୍ଜାରେ ମୁଣ୍ଡ ନୁଆଇଁ ଠିଆ ହୋଇ ରହିଲା । ତାକୁ ନିଜର ଭୁଲ୍ ବୁଝାପଡ଼ିଗଲା । ସେ ସବୁବେଳେ ଅନ୍ୟମାନଙ୍କ ଭିତରେ ଅଭାବ ଏବଂ ସମ୍ପତ୍ତି ଖୋଜୁଥିଲା, କିନ୍ତୁ କେବେ ନିଜ ଭିତରେ ଦେଖିବାକୁ ଚେଷ୍ଟା କରିନଥିଲା ।

ସାଗର ଯାଉ ଯାଉ କହିଲା,

''ମଣିଷର ସବୁଠାରୁ ବଡ଼ ଭୁଲ ହେଉଛି ଯେ ସେ ଅନ୍ୟମାନଙ୍କୁ ଚିହ୍ନିବାରେ ନିଜ ଜୀବନ ବିତାଇ ଦିଏ ଏବଂ ନିଜକୁ ବୁଝିବା ପାଇଁ ସମୟ ବାହାର କରିପାରେ ନାହିଁ । ଯେଉଁଦିନ ମଣିଷ ନିଜର ଦୋଷ ଚିହ୍ନିଯାଏ, ସେହି ଦିନଠାରୁ ତା'ର ଜୀବନ ବଦଳିଯାଏ ।''

ସେହି ଦିନଠାରୁ ଆକାଶ ସମ୍ପୂର୍ଣ୍ଣ ବଦଳିଗଲା । ସେ ଅନ୍ୟମାନଙ୍କ ସହ ନିଜକୁ ତୁଳନା କରିବା ଛାଡ଼ିଦେ ଲା ଏବଂ ନିଜ କାମ, ନିଜ ପରିବାର ଏବଂ ନିଜ ଜୀବନକୁ ଉନ୍ନତ କରିବାରେ ଲାଗିପଡ଼ିଲା । ଧୀରେ ଧୀରେ ସେ ନିଜ ଗାଁର ଜଣେ ସମ୍ମାନିତ ବ୍ୟକ୍ତି ହୋଇଗଲା ।

ଶିକ୍ଷା:

ଅନ୍ୟମାନଙ୍କର ଦୋଷ ଖୋଜିବା ଅପେକ୍ଷା ନିଜକୁ ଚିହ୍ନିବା ଭଲ ।

ଯିଏ ନିଜ ମନକୁ ନିୟନ୍ତ୍ରଣ କରିନିଏ, ତା' ଜୀବନରେ ସୁଖ ଏବଂ ଶାନ୍ତି ଆପେ ଆପେ ଚାଲିଆସେ ।

ସର୍ବଦା ପ୍ରସନ୍ନ ରୁହନ୍ତୁ ।

ଯାହା ପ୍ରାପ୍ତ, ତାହା ପର୍ଯ୍ୟାପ୍ତ ।।

❋❋❋

# ମୃତ୍ୟୁ ସମୟର ସାମାନ୍ୟ ଆସକ୍ତି କିପରି ଜଣେ ସିଦ୍ଧ ଗୁରୁଙ୍କୁ 'କୀଟ' ବନାଇପାରେ ? ସନ୍ତ ଚତୁରଦାସ (ଖୋଜୀ ଜୀ) ଏବଂ ତାଙ୍କ ଗୁରୁଙ୍କ ରହସ୍ୟମୟ କଥା !

ସନ୍ତ ଚତୁରଦାସ ଜୀ ନିଜ ଗୁରୁଦେବଙ୍କ ସେବାରେ ସମ୍ପୂର୍ଣ୍ଣ ସମର୍ପିତ ଥିଲେ । ଦିନେ ତାଙ୍କ ଗୁରୁଦେବ ଲଘୁଶଙ୍କା କରୁଥିଲେ ଏବଂ ଚତୁରଦାସ ଜୀ ପାଖରେ ଜଳ ଧରି ଛିଡ଼ା ହୋଇଥିଲେ । ହଠାତ୍ ଗୁରୁଦେବ ଏକ ଅଶ୍ୱ (ପିପଳ) ଗଛକୁ ଚାହି ଜୋରରେ ହସିବାକୁ ଲାଗିଲେ । ଯେତେବେଳେ ଶିଷ୍ୟ ଏହି ହସର କାରଣ ପଚାରିଲେ, ଗୁରୁଦେବ ତାଙ୍କୁ ଗାଳି ଦେଇ କହିଲେ — 'ତୁମେ କିପରି ଶିଷ୍ୟ ଯେ ନିଜ ଗୁରୁଙ୍କ ମନୋଭାବକୁ ବୁଝିପାରୁ ନାହଁ? ଯେ ପର୍ଯ୍ୟନ୍ତ ମୋ ହସର ପ୍ରକୃତ କାରଣ ଖୋଜି ଆଣିନାହଁ, ସେ ପର୍ଯ୍ୟନ୍ତ ମୋତେ ନିଜ ମୁହଁ ଦେଖାଇବ ନାହିଁ!'

**କବୀର ଦାସଙ୍କ ଆବିର୍ଭାବ:**

ଗୁରୁଙ୍କ ବିଚ୍ଛେଦରେ ଚତୁରଦାସ ଜୀ ଦ୍ୱାର ଦ୍ୱାର ବୁଲିଲେ । ନିରାଶ ହୋଇ ଯେତେବେଳେ ସେ ଏକ ନିର୍ଜନ ଜଙ୍ଗଲରେ ଅନ୍ନ-ଜଳ ତ୍ୟାଗ କରି ପ୍ରାଣ ଦେବାକୁ ନିଷ୍ପତ୍ତି ନେଲେ, ସେତେବେଳେ ତାଙ୍କ ନିଷ୍ଠା ଦେଖି ଭଗବାନ ସ୍ୱୟଂ ସନ୍ତ କବୀର ଦାସଙ୍କୁ ତାଙ୍କ ପାଖକୁ ପଠାଇଲେ ।

କବୀର ଦାସ ଜୀ ସେହି ରହସ୍ୟ ଖୋଲି କହିଲେ — 'ସେହି ସମୟରେ ଗୁରୁଦେବ ଦେଖିଥିଲେ ଯେ ଲଘୁଶଙ୍କାର ଧାରରେ ଅଶ୍ୱତଥ ଗଛର ଏକ କ୍ଷୁଦ୍ର ମଞ୍ଜି ଭାସି ଯାଉଥିଲା । ସେ ଏହା ଭାବି ହସିଥିଲେ ଯେ, ଏହି ଛୋଟ ମଞ୍ଜି ଭିତରେ ଏକ ବିଶାଳ ଗଛ ଲୁଚି ରହିଛି । ଯେପର୍ଯ୍ୟନ୍ତ ଏହି ମଞ୍ଜିଟି ଗଛ ସହିତ ଜଡ଼ିତ ଥିଲା, ସେ ପର୍ଯ୍ୟନ୍ତ ପୂଜନୀୟ ଥିଲା, କିନ୍ତୁ ଅଲଗା ହେବା ମାତ୍ରେ ଅପରିଷ୍କାର ସ୍ଥାନରେ ଭାସିଗଲା ।'

**ସାରକଥା:** ଏହା ହିଁ ଜୀବ ଏବଂ ବ୍ରହ୍ମର ପ୍ରତୀକ । ଯେତେବେଳେ ଜୀବ ପରମାତ୍ମାଙ୍କଠାରୁ ଅଲଗା ହୁଏ, ସେତେବେଳେ ସେ ବିଷୟ-ବିକାରର ଅନ୍ଧକାରରେ ଭଟକିଯାଏ ।

**'ଖୋଜୀ ଜୀ' ନାମ ପ୍ରାପ୍ତି:**

ଯେତେବେଳେ ଚତୁରଦାସ ଜୀ ଫେରିଆସି ଏହି ଉତ୍ତର ଶୁଣାଇଲେ, ଗୁରୁଦେବ ଅତ୍ୟନ୍ତ ପ୍ରସନ୍ନ ହେଲେ । ସେ କହିଲେ, 'କବୀର ଦାସଙ୍କ ଦର୍ଶନ ପାଇ ତୁମେ ମଧ୍ୟ ଏବେ ସିଦ୍ଧ ହୋଇଯାଇଛ ।' ଗୁରୁଙ୍କ ମନର କଥା ଖୋଜି ଆଣିଥିବାରୁ ତାଙ୍କ ନାମ 'ଖୋଜୀ ଜୀ' ପଡ଼ିଲା ।

**ଅନ୍ତିମ ସମୟର ଆସକ୍ତି: ଯେତେବେଳେ ଗୁରୁ କୀଟ ହେଲେ:**

ସମୟ ବିତିଗଲା ଏବଂ ଗୁରୁଦେବଙ୍କ ଅନ୍ତିମ ସମୟ ଆସିଲା । ସେ କହିଥିଲେ ଯେ ତାଙ୍କର ଭଗବତ ପ୍ରାପ୍ତି (ମୁକ୍ତି) ହେଲେ ଆଶ୍ରମର ଘଣ୍ଟା ଆପେ ଆପେ ବାଜି ଉଠିବ । କିନ୍ତୁ ଦେହ ତ୍ୟାଗ ପରେ ମଧ୍ୟ ଘଣ୍ଟା ବାଜିଲା ନାହିଁ । ସମସ୍ତେ ଚିନ୍ତିତ ଥିଲେ ।

ଯେତେବେଳେ ଖୋଜୀ ଜୀ ସେଠାରେ ପହଞ୍ଚିଲେ, ସେ ଦେଖିଲେ ଯେ ଗୁରୁଦେବଙ୍କ ଶରୀର ଏକ ଆମ୍ବ ଗଛ ତଳେ ଥିଲା ଏବଂ ଉପରେ ଏକ ସୁନ୍ଦର ପାଚିଲା ଆମ୍ବ ଝୁଲୁଥିଲା । ଖୋଜୀ ଜୀ ତୁରନ୍ତ ସେହି ଆମ୍ବଟିକୁ ତୋଳିଲେ । ସେଥିମଧ୍ୟରୁ ଏକ କୀଟ ବାହାରିଲା ଏବଂ ଦେଖୁ ଦେଖୁ ଅଦୃଶ୍ୟ ହୋଇଗଲା... ଏବଂ ସେତିକି ବେଳେ ଆଶ୍ରମର ଘଣ୍ଟା ନିଜେ ନିଜେ ବାଜି ଉଠିଲା !

ପ୍ରକୃତରେ, ଅନ୍ତିମ ସମୟରେ ଗୁରୁଦେବଙ୍କ ଦୃଷ୍ଟି ଏବଂ ଆସକ୍ତି ସେହି ପାଚିଲା ଆମ୍ବରେ ଅଟକି ଯାଇଥିଲା, ଯେଉଁ କାରଣରୁ ତାଙ୍କୁ ସେହି ଆମ୍ବ ଭିତରେ କୀଟ ଯୋନିରେ ଜନ୍ମ ନେବାକୁ ପଡ଼ିଥିଲା । ଖୋଜୀ ଜୀ ନିଜର ସିଦ୍ଧ ଅବସ୍ଥା ଦ୍ୱାରା ଏହା ଜାଣିପାରିଥିଲେ ଏବଂ ନିଜ ଗୁରୁଙ୍କୁ ମୁକ୍ତ କରିଥିଲେ ।

ଏହି ଅଦ୍ଭୁତ କାହାଣୀରୁ ଆମକୁ କି ଶିକ୍ଷା ମିଳେ ?

**ମନର ଚଞ୍ଚଳତା:** ଅନ୍ତିମ ସମୟରେ ମନ ଯେଉଁଠି ଅଟକିଯାଏ, ମଣିଷର ସେହିଭଳି ଗତି ହୁଏ । ତେଣୁ ଜୀବନସାରା ପ୍ରଭୁଙ୍କ ନାମ ସ୍ମରଣ କରିବା ଉଚିତ, ଯେପରି ଶେଷ ସମୟରେ ସଂସାର ପ୍ରତି କୌଣସି ମୋହ ନ ରୁହେ ।

**ଗୁରୁଙ୍କ ମହିମା ଏବଂ ଶିଷ୍ୟର ନିଷ୍ଠା:** ସଚ୍ଚା ଗୁରୁ-ଭକ୍ତି ଶିଷ୍ୟକୁ ଏତେ ସାମର୍ଥ୍ୟବାନ କରିଦିଏ ଯେ ସେ ନିଜ ଗୁରୁଙ୍କ ମୁକ୍ତି ମାର୍ଗର ସୂକ୍ଷ୍ମ ବାଧାକୁ ମଧ୍ୟ ଦୂର କରିପାରେ ।

**ସମର୍ପଣର ଫଳ:** ଯେଉଁ ଶିଷ୍ୟ ଗୁରୁଙ୍କ ଆଜ୍ଞାକୁ ସର୍ବୋପରି ମାନେ, ଗୁରୁ ତାଙ୍କୁ ନିଜ ଅପେକ୍ଷା ମଧ୍ୟ ଅଧିକ ମହିମାଶାଳୀ କରିଦିଅନ୍ତି ।

❋❋❋

# କର୍ମର ଫଳ: ଏକ ଶିକ୍ଷଣୀୟ କାହାଣୀ

ଜଣେ ବହୁତ ଧର୍ମାତ୍ମା, ନ୍ୟାୟପ୍ରିୟ ଏବଂ ଭଗବଦ୍-ଭକ୍ତ ରାଜା ଥିଲେ । ସେ ଠାକୁରଜୀଙ୍କର ଏକ ମନ୍ଦିର ନିର୍ମାଣ କରାଇଥିଲେ ଏବଂ ଜଣେ ବ୍ରାହ୍ମଣଙ୍କୁ ତାର ପୂଜକ ଭାବରେ ନିଯୁକ୍ତ କରିଥିଲେ । ସେହି ବ୍ରାହ୍ମଣ ମଧ୍ୟ ବହୁତ ସଦାଚାରୀ, ଧର୍ମାତ୍ମା ଏବଂ ସନ୍ତୋଷୀ ଥିଲେ । ସେ ରାଜାଙ୍କଠାରୁ କେବେହେଲେ କିଛି ମାଗୁନଥିଲେ, ରାଜା ମଧ୍ୟ ତାଙ୍କ ସ୍ୱଭାବରେ ବହୁତ ପ୍ରସନ୍ନ ଥିଲେ ।

ରାଜାଙ୍କ ମନ୍ଦିରରେ ପୂଜା କରୁ କରୁ ତାଙ୍କର କୋଡ଼ିଏ ବର୍ଷ ବିତିଗଲା । ସେ କେବେବି ରାଜାଙ୍କୁ କୌଣସି ପ୍ରକାରର ପ୍ରଶ୍ନ କରିନଥିଲେ । କିଛି ଦିନ ପରେ ରାଜାଙ୍କର ଗୋଟିଏ ପୁତ୍ର ସନ୍ତାନ ଜାତ ହେଲା । ରାଜା ତାଙ୍କୁ ପାଠ ପଢ଼ାଇ ବିଦ୍ୱାନ କରାଇଲେ ଏବଂ ବଡ଼ ହେବା ପରେ ତାଙ୍କର ବିବାହ ଏକ ସୁନ୍ଦରୀ ରାଜକନ୍ୟାଙ୍କ ସହିତ କରାଇଦେଲେ । ବିବାହ କରି ଯେଉଁଦିନ ରାଜକନ୍ୟାଙ୍କୁ ନିଜ ରାଜପ୍ରାସାଦକୁ ଆଣିଲେ, ସେହି ରାତିରେ ରାଜକୁମାରୀଙ୍କୁ ନିଦ ହେଲା ନାହିଁ । ସେ ଏଣେତେଣେ ବୁଲିବାକୁ ଲାଗିଲେ ଏବଂ ଯେତେବେଳେ ନିଜ ସ୍ୱାମୀଙ୍କ ପଲଙ୍କ ପାଖକୁ ଆସିଲେ, ସେ ଦେଖିଲେ ଯେ ହୀରା-ଜହରତ ଖଚିତ ମୁଠା ଥିବା ଗୋଟିଏ ଖଣ୍ଡା ପଡ଼ିଛି ।

ଯେତେବେଳେ ସେହି ରାଜକନ୍ୟା ଦେଖିବା ପାଇଁ ଖଣ୍ଡାଟିକୁ ଖୋପରୁ ବାହାର କଲେ, ସେତେବେଳେ ତୀକ୍ଷ୍ଣ ଧାର ଏବଂ ବିଜୁଳି ପରି ଚମକୁଥିବା ଖଣ୍ଡାଟିକୁ ଦେଖି ସେ ଭୟଭୀତ ହୋଇଗଲେ ଏବଂ ଡରରେ ତାଙ୍କ ହାତରୁ ଖଣ୍ଡାଟି ଖସିପଡ଼ିଲା ଯାହା ରାଜକୁମାରଙ୍କ ବେକରେ ଯାଇ ବାଜିଲା । ରାଜକୁମାରଙ୍କ ମୁଣ୍ଡ କଟିଗଲା ଏବଂ ସେ ମୃତ୍ୟୁବରଣ କଲେ । ରାଜକନ୍ୟା ସ୍ୱାମୀଙ୍କ ମୃତ୍ୟୁରେ ବହୁତ ଶୋକ କରିବାକୁ ଲାଗିଲେ ।

ସେହି ରାଜକନ୍ୟା ପରମେଶ୍ୱରଙ୍କୁ ପ୍ରାର୍ଥନା କଲେ ଯେ, 'ହେ ପ୍ରଭୁ ମୋ ଦ୍ୱାରା ହଠାତ୍ ଏହି ପାପ କିପରି ହୋଇଗଲା ? ସ୍ୱାମୀଙ୍କର ମୃତ୍ୟୁ ମୋରି ହାତରେ ହୋଇଗଲା । ଆପଣ ତ ସବୁ ଜାଣନ୍ତି । କିନ୍ତୁ ସଭାରେ ମୁଁ ସତ୍ୟ କହିପାରିବି ନାହିଁ । କାରଣ ଏହାଦ୍ୱାର ମୋର ପିତାମାତା ଏବଂ ଶାଶୁ-ଶ୍ୱଶୁର ସମସ୍ତଙ୍କୁ କଳଙ୍କ ଲାଗିବ । ଏହା ସହିତ ଏହି କଥା ଉପରେ କେହି ବିଶ୍ୱାସ ମଧ୍ୟ କରିବେ ନାହିଁ ।'

ସକାଳେ ଯେତେବେଳେ ପୂଜକ କୂଅ ପାଖକୁ ସ୍ନାନ କରିବାକୁ ଆସିଲେ, ସେତେବେଳେ ରାଜକନ୍ୟା ତାଙ୍କୁ ଦେଖି ବିଳାପ କରିବା ଆରମ୍ଭ କଲେ ଏବଂ

ଏହିପରି କହିବାକୁ ଲାଗିଲେ: ମୋ ସ୍ୱାମୀଙ୍କୁ କେହି ଜଣେ ମାରିଦେଇଛି । 'ଲୋକମାନେ ଏକାଠି ହୋଇଗଲେ ଏବଂ ରାଜା ମହାଶୟ ଆସି ପଚାରିବାକୁ ଲାଗିଲେ: 'କିଏ ମାରିଛି ?' କନ୍ୟା କହିଲେ – 'ମୁଁ ଜାଣିନାହିଁ ସେ କିଏ ଥିଲା । କିନ୍ତୁ ତାକୁ ଠାକୁରଜୀଙ୍କ ମନ୍ଦିରକୁ ଯାଉଥିବାର ଦେଖିଥିଲି । 'ରାଜାଙ୍କ ସମେତ ସମସ୍ତ ଲୋକ ଠାକୁରଜୀଙ୍କ ମନ୍ଦିରକୁ ଆସିଲେ ତ ବ୍ରାହ୍ମଣଙ୍କୁ ପୂଜା କରୁଥିବାର ଦେଖିଲେ ।

ଆଉ କଣ, ପୂଜକଙ୍କୁ ଧରାଗଲା ଏବଂ ପଚରାଗଲା ଯେ, 'ଆପଣ ରାଜକୁମାରଙ୍କୁ କାହିଁକି ମାରିଲେ ?' ବ୍ରାହ୍ମଣ କହିଲେ: 'ମୁଁ ରାଜକୁମାରଙ୍କୁ ମାରିନାହିଁ । ମୁଁ ତ ତାଙ୍କର ରାଜପ୍ରାସାଦ ବି ଦେଖିନାହିଁ । ଏଥିରେ ଈଶ୍ୱର ସାକ୍ଷୀ ଅଛନ୍ତି । ବିନା ଦେଖି କାହା ଉପରେ ଅପରାଧ ଦୋଷ ଲଦିବା ଠିକ୍ ନୁହେଁ ।' ବ୍ରାହ୍ମଣଙ୍କର କୌଣସି କଥା କେହି ଶୁଣୁନଥିଲେ । କିଏ କଣ କହୁଥିଲା ତ କିଏ ଆଉ କଣ.... ରାଜାଙ୍କ ହୃଦୟରେ ବାରମ୍ବାର ବିଚାର ଆସୁଥିଲା ଯେ ଏହି ବ୍ରାହ୍ମଣ ନିର୍ଦ୍ଦୋଷ ଅଟନ୍ତି କିନ୍ତୁ ବହୁତ ଲୋକଙ୍କ କହିବା ପରେ ରାଜା ବିଚାର କରିବାକୁ ଲାଗିଲେ ।

ବହୁତ ସମୟ ବିଚାର କରିବା ପରେ ରାଜା ବ୍ରାହ୍ମଣଙ୍କୁ କହିଲେ:– 'ମୁଁ ତୁମକୁ ପ୍ରାଣଦଣ୍ଡ ତ ଦେଇପାରିବି ନାହିଁ, କିନ୍ତୁ ଯେଉଁ ହାତରେ ତୁମେ ମୋ ପୁତ୍ରକୁ ଖଣ୍ଡାରେ ମାରିଛ, ତୋର ସେହି ହାତ କାଟିବାକୁ ଆଦେଶ ଦେଉଛି ।' ଏପରି କହି ରାଜା ତାଙ୍କର ହାତ କାଟିଦେଲେ । ଏଥିରେ ବ୍ରାହ୍ମଣ ବହୁତ ଦୁଃଖିତ ହେଲେ ଏବଂ ରାଜାଙ୍କୁ ଅଧର୍ମୀ ଭାବି ସେହି ଦେଶ ଛାଡ଼ି ବିଦେଶକୁ ଗୁଲିଗଲେ । ସେଠାରେ ସେ ଖୋଜିବାକୁ ଲାଗିଲେ ଯେ କୌଣସି ବିଦ୍ୱା ଜ୍ୟୋତିଷ ମିଳିଲେ ବିନା କୌଣସି ଅପରାଧରେ ହାତ କଟିବାର କାରଣ ତାଙ୍କୁ ପଚାରିବି ।

କେହି ଜଣେ ତାଙ୍କୁ କହିଲେ ଯେ କାଶୀରେ ଜଣେ ବିଦ୍ୱା ଜ୍ୟୋତିଷ ରୁହନ୍ତି । ତା'ପରେ ସେ ତାଙ୍କ ଘରେ ପହଞ୍ଚିଲେ । ଜ୍ୟୋତିଷ କୁଆଡ଼େ ବାହାରକୁ ଯାଇଥିଲେ, ସେ ତାଙ୍କର ଧର୍ମପତ୍ନୀଙ୍କୁ ପଚାରିଲେ: 'ମାତାଜୀ ! ଆପଣଙ୍କ ସ୍ୱାମୀ ଜ୍ୟୋତିଷଜୀ ମହାରାଜ କେଉଁଆଡେ ଯାଇଛନ୍ତି ?' ତେବେ ସେହି ସ୍ତ୍ରୀ ନିଜ ମୁଖରୁ ଅଯୋଗ୍ୟ, ଅସହ୍ୟ କଟୁବଚନ କହିଲେ, ଯାହା ଶୁଣି ସେହି ବ୍ରାହ୍ମଣ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ମନେ ମନେ କହିବାକୁ ଲାଗିଲେ ଯେ 'ମୁଁ ତ ମୋ ହାତ କଟିବାର କାରଣ ପଚାରିବାକୁ ଆସିଥିଲି, କିନ୍ତୁ ଏବେ ଏମାନଙ୍କର ଅବସ୍ଥା ପ୍ରଥମେ ପଚାରିବି ।'

ଏତିକି ବେଳେ ଜ୍ୟୋତିଷଜୀ ଆସିଗଲେ । ଘରେ ପ୍ରବେଶ କରୁ କରୁ ବ୍ରାହ୍ମଣୀ ଅନେକ କଟୁବଚନ କହି ତାଙ୍କୁ ତିରସ୍କାର କଲେ । କିନ୍ତୁ ଜ୍ୟୋତିଷଜୀ ଚୁପ୍ ରହିଲେ ଏବଂ ନିଜ ସ୍ତ୍ରୀଙ୍କୁ କିଛି ବି କହିଲେ ନାହିଁ । କିଛି ସମୟ ପରେ ସେ ନିଜ ଆସନରେ ଆସି ବସିଲେ । ବ୍ରାହ୍ମଣଙ୍କୁ ଦେଖି ଜ୍ୟୋତିଷ ତାଙ୍କୁ କହିଲେ: 'କହନ୍ତୁ, ବ୍ରାହ୍ମଣ ଦେବତା! କିପରି ଆସିବା ହେଲା ?' ବ୍ରାହ୍ମଣ କହିଲେ– 'ଆସିଥିଲି ତ ମୋ ନିଜ ବିଷୟରେ ପଚାରିବା ପାଇଁ, କିନ୍ତୁ ପ୍ରଥମେ ଆପଣ ନିଜ କଥା କୁହନ୍ତୁ ଯେ ଆପଣଙ୍କ ପତ୍ନୀ ନିଜ ତୁଣ୍ଡରେ ଆପଣଙ୍କୁ ଏତେ ତିରସ୍କାର କାହିଁକି କରୁଛନ୍ତି ? ଯାହା କାହା ଦ୍ୱାରା ବି ସହ୍ୟ ହେବ ନାହିଁ ଏବଂ ଆପଣ ସହି ନେଉଛନ୍ତି, ଏହାର କାରଣ କଣ ?'

ଜ୍ୟୋତିଷ ଜୀ କହିଲେ– 'ଏ ମୋର ପତ୍ନୀ ନୁହେଁ, ମୋର କର୍ମ । ଦୁନିଆରେ ଯାହାକୁ ବି ଦେଖୁଛ ଅର୍ଥାତ୍ ଭାଇ, ପୁତ୍ର, ଶିଷ୍ୟ, ପିତା, ଗୁରୁ, ସମ୍ପର୍କୀୟ– ଯାହା କିଛି ବି ଅଛି, ସବୁ ନିଜର କର୍ମ ହିଁ ଅଟେ । ଏ ପତ୍ନୀ ନୁହେଁ, ମୋର କରାଯାଇଥିବା ପୂର୍ବ ଜନ୍ମର କର୍ମ ହିଁ ଅଟେ ଏବଂ ଏହା ନ ଭାଗିଲେ କଟିବ ନାହିଁ ।'

'ନିଜର କରାଯାଇଥିବା ଯାହା କିଛି ବି ଶୁଭ-ଅଶୁଭ କର୍ମ ଅଛି, ତାହା ଅବଶ୍ୟ ହିଁ ଭୋଗିବାକୁ ପଡ଼େ । ବିନା ଭୋଗି ଶହ ଶହ-କୋଟି କୋଟି କଳ୍ପ ବିତିଗଲେ ମଧ୍ୟ କର୍ମ ଟଳି ପାରିବ ନାହିଁ । ତେଣୁ ମୁଁ ମୋର କର୍ମ ଖୁସି ଭୋଗୁଛି ଏବଂ ନିଜ ସ୍ତ୍ରୀକୁ ଗାଳି ମଧ୍ୟ କରୁନାହିଁ, ଯାହାଦ୍ୱାରା ଆଗକୁ ଏହି କର୍ମର ଫଳ ନ ଭୋଗିବାକୁ ପଡ଼ିବ ।'

ବ୍ରାହ୍ମଣ ପଚାରିଲେ, 'ମହାରାଜ ! ଆପଣ କଣ କର୍ମ କରିଥିଲେ ?'

ଜ୍ୟୋତିଷଜୀ କହିଲେ– 'ଶୁଣନ୍ତୁ, ପୂର୍ବଜନ୍ମରେ ମୁଁ ଏକ କାଉ ଥିଲି ଏବଂ ମୋର ପତ୍ନୀ ଗୋଧୀ ଥିଲା । ଏହାର ପିଠିରେ ଏକ ଘା' ହୋଇଥିଲା, ଘା'ର ଯନ୍ତ୍ରଣାରୁ ଏ ବହୁତ ଦୁଃଖୀ ଏବଂ ଦୁର୍ବଳ ମଧ୍ୟ ହୋଇଯାଇଥିଲା । ଘା'ରେ ପୋକ ପଡ଼ିଯାଇଥିଲେ ଯାହାକୁ ଖାଇବା ପାଇଁ ମୁଁ ତାର ଘା'ରେ ଥଣ୍ଟ ମାରୁଥିଲି ଏବଂ ପୋକଗୁଡ଼ିକୁ ଖାଉଥିଲି । ଏଥିରୁ ଯେତେବେଳେ ଯନ୍ତ୍ରଣା କାରଣରୁ ଏ ଡେଉଁଥିଲା, ଶେଷରେ ଅତିଷ୍ଠ ହୋଇ ଏ ଗାଁରୁ ଦଶ-ବାର ମାଇଲ ଦୂର ଜଙ୍ଗଲକୁ ଗୁଳିଗଲା । ସେଠାରେ ମଧ୍ୟ ତାକୁ ଦେଖିବା ମାତ୍ରେ ମୁଁ ତା' ପିଠିରେ ଜୋରରେ ଥଣ୍ଟ ମାରିବାରୁ ମୋର ଥଣ୍ଟ ତାର ହାଡ଼ରେ ପଶିଗଲା । ଏଥିପାଇଁ ସେ ଅନେକ ପ୍ରୟାସ କଲା, ତଥାପି ଥଣ୍ଟ ବାହାରିଲା ନାହିଁ ।'

'ମୁଁ ମଧ୍ୟ ଅଣ୍ଟ ବାହାର କରିବା ପାଇଁ ବହୁତ ଚେଷ୍ଟା କଲି କିନ୍ତୁ ବାହାରିଲା ନାହିଁ । ତା'ପରେ ସେ ଗଙ୍ଗାଜୀରେ ପ୍ରବେଶ କଲା ଏହା ଭାବି ଯେ ପାଣିର ଭୟରୁ ହିଁ ଏହି ଦୁଷ୍ଟ ମୋତେ ଛାଡ଼ିଦେବ । କିନ୍ତୁ ସେଠାରେ ମଧ୍ୟ ମୁଁ ମୋର ଅଣ୍ଟ ବାହାର କରିପାରିଲି ନାହିଁ । ଶେଷରେ ସେ ବଡ଼ ସ୍ରୋତରେ ପ୍ରବେଶ କଲା । ଗଙ୍ଗାର ସ୍ରୋତ ପ୍ରଖର ଥିବାରୁ ଆମେ ଦୁହେଁ ଭାସିଗଲୁ ଏବଂ ମଝିରେ ହିଁ ମରିଗଲୁ । ତା'ପରେ ଗଙ୍ଗାଜୀଙ୍କ ପ୍ରଭାବରୁ ଏ ତ ବ୍ରାହ୍ମଣୀ ହେଲା ଏବଂ ମୁଁ ବହୁତ ବଡ଼ ଜ୍ୟୋତିଷ ହେଲି । ଏବେ ସେ ହିଁ ମୋର ପତ୍ନୀ ହୋଇଛି ।' 'ଯିଏ କିଛି ଦିନ ଆହୁରି ନିଜ ମୁଖରୁ ଗାଳି ବାହାର କରି ମୋତେ ଦୁଃଖ ଦେବ, କିନ୍ତୁ ମୁଁ ଅଣ୍ଟ ଏହାକୁ କଷ୍ଟ ଦେବା ପାଇଁ ମାରିନଥିଲି । ତେଣୁ ଏହାର ବୁଝିବା ଶକ୍ତି ମଧ୍ୟ ଠିକ୍ ହେବ ଏବଂ ମୁଁ ମଧ୍ୟ ମୋର ପୂର୍ବକର୍ମର ଫଳ ଭାବି ସହ୍ୟ କରୁଥିବି । ଏହାର ଦୋଷ ମାନୁନାହିଁ କାରଣ ଏହା କରାଯାଇଥିବା କର୍ମର ହିଁ ଫଳ । ସେଥିପାଇଁ ମୁଁ ଶାନ୍ତ ରହୁଛି ଏବଂ ପ୍ରତୀକ୍ଷାରେ ଅଛି ଯେ କେବେ ତ ଏହାର ସ୍ୱାଭାବ ଭଲ ହେବ । ଏବେ ନିଜର ପ୍ରଶ୍ନ ପଚାର ?' ବ୍ରାହ୍ମଣ ନିଜର ସବୁ ଘଟଣା ଶୁଣାଇଲେ ଏବଂ ପଚାରିଲେ:- 'ଅଧର୍ମୀ ପାପୀ ରାଜା ମୋ ପରି ନିରପରାଧର ହାତ କାହିଁକି କାଟିଦେଲେ ?'

ଜ୍ୟାତିଷଜୀ କହିଲେ- 'ରାଜା ଆପଣଙ୍କ ହାତ କାଟିନାହାଁନ୍ତି, ଆପଣଙ୍କ କର୍ମ ହିଁ ଆପଣଙ୍କ ହାତ କାଟିଛି ।' ବ୍ରାହ୍ମଣ ପଚାରିଲେ, 'କି ପ୍ରକାରର କେଉଁ କର୍ମ ?'

ଜ୍ୟୋତିଷଜୀ କହିଲେ- 'ପୂର୍ବଜନ୍ମରେ ଆପଣ ଜଣେ ତପସ୍ୱୀ ଥିଲେ ଏବଂ ରାଜକନ୍ୟା ଗାଈ ଥିଲେ ତଥା ରାଜକୁମାର କଂସେଇ ଥିଲା । ସେହି କଂସେଇ ଯେତେବେଳେ ଗାଈକୁ ମାରିବାକୁ ଲାଗିଲା, ସେତେବେଳେ ବିଚାରୀ ଗାଈ ଜୀବନ ବଞ୍ଚାଇ ଆପଣଙ୍କ ସାମ୍ନାରେ ଜଙ୍ଗଲକୁ ଦୌଡ଼ି ପଳାଇଲା । ପଛରୁ କଂସେଇ ଆସିଲା ଏବଂ ଆପଣଙ୍କୁ ପଚାରିଲା ଯେ 'ଏପଟେ କୌଣସି ଗାଈ ତ ଯାଇନାହିଁ ?'

'ଆପଣ ଯେଉଁ ଦିଗକୁ ଗାଈ ଯାଇଥିଲା, ସେହି ଦିଗକୁ ନିଜ ହାତରେ ଇସାରା କଲେ ତ ସେହି କଂସେଇ ଯାଇ ଗାଈକୁ ମାରିଦେଲା । ଏତିକି ବେଳେ ଜଙ୍ଗଲରୁ ବାଘ ଆସିଲା ଏବଂ ଗାଈ ଓ କଂସେଇ ଉଭୟଙ୍କୁ ଖାଇଦେଲା । କଂସେଇକୁ ରାଜକୁମାର ଏବଂ ଗାଈକୁ ରାଜକନ୍ୟାର ଜନ୍ମ ମିଳିଲା ଏବଂ ପୂର୍ବଜନ୍ମର କରାଯାଇଥିବା ସେହି କର୍ମ ଗୋଟିଏ ରାତି ପାଇଁ ସେମାନଙ୍କୁ ଏକାଠି କଲା । କାରଣ କଂସେଇ ଗାଈକୁ

ଅସ୍ତ୍ରରେ ମାରିଥିଲା, ଏହି କାରଣରୁ ରାଜକନ୍ୟାଙ୍କ ହାତରୁ ଅଜାଣତରେ ହିଁ ଖଣ୍ଡା ଖସିଯିବାରୁ ରାଜକୁମାରଙ୍କ ମୁଣ୍ଡ କଟିଗଲା ଏବଂ ସେ ମରିଗଲା ।'

'ଏହିପରି ଭାବରେ ନିଜର ଫଳ ଦେଇ କର୍ମ ନିବୃତ୍ତ ହୋଇଗଲା । ତୁମେ ଯେଉଁ ହାତର ଇସାରା ରୂପକ କର୍ମ କରିଥିଲ, ସେହି ପାପକର୍ମ ତୁମର ହାତ କଟାଇ ଦେଇଛି । ଏଥିରେ ତୁମର ହିଁ ଦୋଷ ଅଛି ଅନ୍ୟ କାହାର ନୁହେଁ, ଏପରି ନିଶ୍ଚୟ କରି ସୁଖପୂର୍ବକ ରୁହ । କେତେ ସହଜ ଅଟେ ଜ୍ଞାନ ସଂଯୁକ୍ତ ଜୀବନ ! ଯଦି ଆମେ ଏହି କର୍ମ ସିଦ୍ଧାନ୍ତକୁ ମାନିନେବା ଏବଂ ଜାଣିନେବା ତେବେ ପୂର୍ବକୃତ ଘୋରରୁ ଘୋର କର୍ମର ଫଳ ଭୋଗୁଥିବା ବେଳେ ମଧ୍ୟ ଆମେ ଦୁଃଖୀ ହେବା ନାହିଁ । ବରଂ ନିଜ ଚିତ୍ତର ସମତା ବଜାୟ ରଖିବାରେ ସଫଳ ହେବା ।'

❋❋❋

# ଜଣେ ବୃଦ୍ଧା ଥିଲେ

ଜଣେ ବୃଦ୍ଧା ଥିଲେ । ସେ ପ୍ରତି ରବିବାର ସକାଳେ ଗୋବରରେ ଘର ଲିପି ଶୁଦ୍ଧ କରୁଥିଲେ, ସ୍ନାନ କରୁଥିଲେ, ଭଗବାନଙ୍କୁ ପୂଜା କରୁଥିଲେ, ଭଗବାନଙ୍କୁ ଭୋଗ ଲଗାଉଥିଲେ ଏବଂ ତା'ପରେ ନିଜେ ଖାଉଥିଲେ । ଏଥିଯାଗୁଁ ତାଙ୍କ ଉପରେ ଭଗବାନଙ୍କ କୃପା ଥିଲା । ତାଙ୍କର କୌଣସି ପ୍ରକାରର ଦୁଃଖ କିମ୍ବା କଷ୍ଟ ନଥିଲା ସେ ଆନନ୍ଦରେ ନିଜ ଜୀବନ ଅତିବାହିତ କରୁଥିଲେ ।

ତାଙ୍କର ପଡ଼ୋଶୀ, ଯାହାଙ୍କ ଘରୁ ବୃଦ୍ଧା ଗୋବର ଆଣୁଥିଲେ, ସେ ତାଙ୍କୁ ଈର୍ଷା କରିବାକୁ ଲାଗିଲେ ଏବଂ ନିଜ ଗାଈକୁ ଭିତରେ ବନ୍ଦ କରିଦେଲେ ଯାହାଫଳରେ ବୃଦ୍ଧା ଗୋବର ନେଇପାରିବେ ନାହିଁ । ଏହି କାରଣରୁ ରବିବାର ଦିନ ବୁଢ଼ୀ ନିଜ ଘର ଲିପି ପାରିଲେ ନାହିଁ । ସେ ପୂଜା କରିପାରିଲେ ନାହିଁ, ନା ଖାଦ୍ୟ ତିଆରି କରିପାରିଲେ, ନା ଭଗବାନଙ୍କୁ ଭୋଗ ଲଗାଇ ପାରିଲେ ଆଉ ନା ସେ ନିଜେ ଖାଇଲେ । ରାତିରେ ସେ ଭୋକିଲା ଶୋଇପଡ଼ିଲେ । ତାଙ୍କ ସ୍ୱପ୍ନରେ ଭଗବାନ ଆସିଲେ ଏବଂ ଭୋଗ ନ ଲଗାଇବାର କାରଣ ପଚାରିବାରୁ ସେ କହିଲେ ଯେ ଗୋବର ନ ମିଳିବା କାରଣରୁ ସେ ଭୋଗ ଲଗାଇ ପାରିଲେ ନାହିଁ ।

ଭଗବାନ କହିଲେ – 'ହେ ମାତା! ତୁମେ ପ୍ରତି ରବିବାର ପୂରା ଘର ଗୋବରରେ ଲିପି, ଖାଦ୍ୟ ପ୍ରସ୍ତୁତ କରି ମୋତେ ଭୋଗ ଲଗାଇବା ପରେ ଖାଉଛ, ଏଥିରେ ମୁଁ ବହୁତ ପ୍ରସନ୍ନ ଅଟେ । ମୁଁ ଦରିଦ୍ରଙ୍କୁ ଧନ ଏବଂ ବାଞ୍ଝ ସ୍ତ୍ରୀମାନଙ୍କୁ ପୁତ୍ର ଦେଇ ସେମାନଙ୍କର ଦୁଃଖ ଦୂର କରେ । ତେଣୁ ମୁଁ ତୁମକୁ ସମସ୍ତ ଇଚ୍ଛା ପୂରଣ କରୁଥିବା ଏକ ଗାଈ ଦେଉଛି ।'

ଏହା କହି ଭଗବାନ ଅନ୍ତର୍ଦ୍ଧାନ ହୋଇଗଲେ । ସକାଳେ ଯେତେବେଳେ ବୃଦ୍ଧାଙ୍କ ଆଖି ଖୋଲିଲା, ସେ ଦେଖିଲେ ଯେ ଅଗଣାରେ ଏକ ଅତି ସୁନ୍ଦର ଗାଈ ଏବଂ ବାଛୁରୀ ବନ୍ଧା ହୋଇଥିଲେ । ଏହା ଦେଖି ବୃଦ୍ଧା ବହୁତ ଖୁସି ହେଲେ । ସେ ଗାଈ ଓ ବାଛୁରୀ ପାଇଁ ଚୋରାର ବ୍ୟବସ୍ଥା କରିଦେଲେ । ଯେତେବେଳେ ପଡ଼ୋଶୀ ସେଠାରେ ଗାଈ ଏବଂ ବାଛୁରୀକୁ ଦେଖିଲେ, ସେ ବହୁତ ଈର୍ଷାନ୍ୱିତ ହେଲେ । ସେତେବେଳେ ସେ ଦେଖିଲେ ଯେ ଗାଈ ସୁନା ଗୋବର ଦେଲା । ସେ ଚୁପଚାପ୍ ଯାଇ ସୁନାର ଗୋବର ଉଠାଇ ଆଣିଲେ ଏବଂ ତା' ସ୍ଥାନରେ ନିଜ ଗାଈର ଗୋବର ରଖିଦେଲେ । ଏହିପରି ସେ ପ୍ରତିଦିନ ବୃଦ୍ଧାଙ୍କ ନଜର ବଞ୍ଚାଇ ସୁନାର ଗୋବର ନେଇଯାଉଥିଲେ ।

ନିଜ ଭକ୍ତ ସହିତ ଚାଲାକି ହେଉଥିବାର ଦେଖି ଭଗବାନ ଜୋରରେ ଝଡ଼-ପବନ ବୁହାଇଦେଲେ । ଡରିଯାଇ ବୃଦ୍ଧା ଗାଈ ଏବଂ ବାଛୁରୀକୁ ଭିତରେ ବାନ୍ଧିଦେଲେ । ସକାଳେ ଗାଈ ସୁନାର ଗୋବର ଦେବାରୁ ସେ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ପ୍ରତିଦିନ ଗାଈକୁ ଭିତରେ ହିଁ ବାନ୍ଧିବାକୁ ଲାଗିଲେ । ଏଥିରେ ପଡ଼ୋଶୀ ଅତିମାତ୍ରାରେ ରାଗିଗଲେ । ତାଙ୍କୁ କୌଣସି ଉପାୟ ନ ମିଳିବାରୁ ସେ ଇର୍ଷା ବଶତଃ ରାଜାଙ୍କ ନିକଟରେ ଅଭିଯୋଗ କରି କହିଲେ ଯେ, 'ଏପରି ଗାଈ ତ କେବଳ ରାଜାଙ୍କ ପାଖରେ ରହିବା ଉଚିତ୍ । କାରଣ ରାଜା ପ୍ରଜାଙ୍କ ଦେଖାଶୁଣା କରନ୍ତି । ବୁଢ଼ୀ ଏତେ ସୁନାରେ କ'ଣ କରିବ !'

ରାଜା ନିଜ ସୈନିକମାନଙ୍କୁ ସେହି ଗାଈକୁ ଆଣିବାକୁ ଆଦେଶ ଦେଲେ । ବୃଦ୍ଧା ସକାଳେ ଭଗବାନଙ୍କୁ ଭୋଗ ଲଗାଇବା ପରେ ଯେମିତି ଖାଇବାକୁ ବସିଛନ୍ତି, ରାଜାଙ୍କ ସୈନିକମାନେ ସେଠାରେ ପହଞ୍ଚିଗଲେ ଏବଂ ଗାଈ-ବାଛୁରୀକୁ ନେଇଗଲେ । ବୃଦ୍ଧା ବହୁତ କାନ୍ଦିଲେ, ନେହୁରା ହେଲେ, ପଡ଼ୋଶୀମାନଙ୍କୁ ସାହାଯ୍ୟ ପାଇଁ ଗୁହାରି କଲେ କିନ୍ତୁ କିଛି ହୋଇପାରିଲା ନାହିଁ ।

ବୃଦ୍ଧା ଦିନସାରା ଗାଈର ବିୟୋଗରେ କାନ୍ଦୁଥିଲେ ଏବଂ ସେ ଖାଇପାରିଲେ ନାହିଁ । ରାତିସାରା ଭୋକିଲା ଓ ଶୋଷିଲା ରହି ଭଗବାନଙ୍କ ନିକଟରେ ଗାଈକୁ ଫେରାଇ ଆଣିବା ପାଇଁ ପ୍ରାର୍ଥନା କରୁଥିଲେ । ରାଜା ଗାଈକୁ ଦେଖି ବହୁତ ଖୁସି ହେଲେ । କିନ୍ତୁ ପରଦିନ ହିଁ ତାଙ୍କର ଖୁସି ଉଭେଇଗଲା ଯେତେବେଳେ ସେ ଦେଖିଲେ ଯେ ସକାଳେ ଦୁର୍ଗନ୍ଧରେ ପୂରା ମହଲ ଭରିଯାଇଛି । ଗାଈଟି ପୂରା ମହଲକୁ ଦୁର୍ଗନ୍ଧଯୁକ୍ତ ଗୋବରରେ ଭରି ଦେଇଥିଲା । ରାଜା ଭୟଭୀତ ହୋଇଗଲେ । ରାତିରେ ସ୍ୱପ୍ନରେ ଆସି ଭଗବାନ ରାଜାଙ୍କୁ କହିଲେ – 'ହେ ରାଜନ ! ବୃଦ୍ଧାଙ୍କର ରବିବାର ବ୍ରତରେ ପ୍ରସନ୍ନ ହୋଇ ମୁଁ ତାଙ୍କୁ ଏହି ଗାଈ ଦେଇଥିଲି । ଗାଈଟିକୁ ସେହି ବୃଦ୍ଧାଙ୍କୁ ଫେରାଇ ଦେବାରେ ହିଁ ତୁମର ମଙ୍ଗଳ ଅଛି ।'

ସକାଳେ ରାଜା ବୃଦ୍ଧାଙ୍କୁ ଡକାଇ ସମ୍ମାନର ସହିତ ଗାଈ ଓ ବାଛୁରୀ ଫେରାଇ ଦେଲେ ଏବଂ ତା'ସହିତ ବହୁତ ଧନ ଦେଲେ ତଥା ନିଜ କାର୍ଯ୍ୟ ପାଇଁ କ୍ଷମା ମାଗିଲେ । ରାଜା ଈର୍ଷାପରାୟଣ ପଡ଼ୋଶୀଙ୍କୁ ଡକାଇ ଦଣ୍ଡିତ କଲେ । ତା'ପରେ ଯାଇ ରାଜାଙ୍କ ମହଲରୁ ଆବର୍ଜନା ଓ ଦୁର୍ଗନ୍ଧ ଦୂର ହେଲା । ସେହି ଦିନ ରାଜା ନଗରବାସୀଙ୍କୁ ରାଜ୍ୟର ସମୃଦ୍ଧି ଏବଂ ସମସ୍ତ ମନାକାମନା ପୂରଣ କରିବା ପାଇଁ ରବିବାର ବ୍ରତ କରିବାକୁ ଆଦେଶ ଦେଲେ । ରବିବାର ବ୍ରତ କରିବା ଦ୍ୱାର ରୋଗ ଏବଂ ପ୍ରକୃତିର ପ୍ରକାପରୁ ରକ୍ଷା ପାଇ ନଗରବାସୀ ସୁଖୀ ଜୀବନ ଅତିବାହିତ କରିବାକୁ ଲାଗିଲେ ।

❋❋❋

# ନଟଖଟିଆ ଜଗନ୍ନାଥ ଓ ମୂଷାଛୁଆର କାହାଣୀ

ରାତିର ସମୟ, ପ୍ରାଚୀନ ମନ୍ଦିର ଭିତରେ ଦୀପର ସାମାନ୍ୟ ଆଲୋକ । ହଠାତ୍ କାନ୍ଥରେ ଏକ ବିରାଟ ଦାନବର ଛାଇ ଦେଖାଗଲା । କିନ୍ତୁ ସେଇଟା କୌଣସି ଦାନବ ନଥିଲା, ବରଂ ଏକ ଛୋଟ ଗୋଲଗାଲ୍ ମୂଷା ଥିଲା ଯିଏ ହଳଦିଆ ଲଡ୍ଡୁ ଖାଉଥିଲା । ଆମ ନଟଖଟିଆ ଜଗନ୍ନାଥ ଡରିଯାଇ ଏକ ଖମ୍ବ ଉପରେ ଚଢ଼ିଗଲେ ଏବଂ ନିଜର କଅଁଳ ସ୍ୱରରେ ଚିଲ୍ଲାଇଲେ, 'ବଡ଼ଭାଇ ବଞ୍ଚାଅ ! ତଳେ ଗୋଟେ ବଡ଼ ଦାନବ ଅଛି, ସେ ମତେ ଖାଇଯିବ ।'

ବଡ଼ଭାଇ ବଳରାମ ଗଦା ଧରି ହିରୋ ଭଳି ଆସି ପହଞ୍ଚିଲେ । କିନ୍ତୁ ମୂଷାକୁ ଦେଖି ସେ ହସିବାକୁ ଲାଗିଲେ ଏବଂ କହିଲେ, 'ଆରେ ତ୍ରିଲୋକନାଥ ! ପୂରା ଦୁନିଆ ତୁମକୁ ଡରେ, ଆଉ ତୁମେ ଏଇ ଛୋଟ ମୂଷାଟାକୁ ଡରି ଖମ୍ବରେ ବସିଛ ?'

ଜଗନ୍ନାଥ ଅଭିମାନ କରି ତଳକୁ ଓହ୍ଲାଇ ଆସିଲେ । ହଠାତ୍ ସେହି ମୂଷାଟି ଜଗନ୍ନାଥଙ୍କ ପ୍ରିୟ **'ପୋଡ଼ ପିଠା'** ଚୋରି କରି ପଳାଇଲା । ଏହା ଦେଖି କାହ୍ନାଙ୍କୁ ଭାରି ରାଗ ଆସିଲା । ସେ କହିଲେ, 'ଓ ଏ ମୋ ପିଠା ଛାଡ଼ ଦୁଷ୍ଟ ମୂଷା, ମୁଁ ତୋତେ ଛାଡ଼ିବିନି !' ଏହାପରେ ଆରମ୍ଭ ହେଲା ଦୌଡ଼ାଦୌଡ଼ି । ମୂଷାଟି ଏକ ଛୋଟ ଗାତ ଭିତରେ ପଶିଗଲା । କାହ୍ନା ପିଠା ବାହାର କରିବା ଚକ୍କରରେ ନିଜ ମୁଣ୍ଡ ସେଇ ଗାତରେ ପୁରାଇ ଦେଲେ ଏବଂ ସେଇଠି ଫସିଗଲେ । ଭଉଣୀ ସୁଭଦ୍ରା ଆସି ତାଙ୍କୁ ଜୋରରେ ଟାଣି ବାହାର କଲେ ।

ସେପଟେ ମୂଷାଟି ଜଣେ ମୋଟା ପୂଜାରୀଙ୍କ ଚନ୍ଦା ମୁଣ୍ଡ ଉପରେ ବସି ନାକରେ ଗଲୁଗଲୁ କରିଦେଲା । ପୂଜାରୀଙ୍କ ନିଦ ଭାଙ୍ଗିଗଲା ଏବଂ ସେ ମୂଷାକୁ ଧରିବାକୁ ଗୋଡ଼ାଇଲେ । କିନ୍ତୁ ଜଗନ୍ନାଥ ମୂଷାକୁ ବଞ୍ଚାଇବା ପାଇଁ ତାକୁ କୋଳକୁ ଉଠାଇ ନେଲେ । ଯେତେବେଳେ ପୂଜାରୀ ପଚାରିଲେ, କାହ୍ନା ମନା କରିଦେଲେ ।

ମୂଷାଟି ତା'ପରେ ଦୁଇ ଭାଇଙ୍କୁ ଏକ ଗୁପ୍ତ ସ୍ଥାନକୁ ନେଇଗଲା, ଯେଉଁଠି ତା'ର ଅସୁସ୍ଥ ମା' ଶୋଇଥିଲା । ଏହା ଦେଖି ଜଗନ୍ନାଥଙ୍କ ମନ କାନ୍ଦି ଉଠିଲା । ସେ ନିଜ କାନ ପଛରୁ ତୁଳସୀ ପତ୍ର ବାହାର କରି ତାକୁ ଭଲ କରିଦେଲେ । ଉଭୟ ମୂଷା ଜଗନ୍ନାଥଙ୍କୁ ପ୍ରଣାମ କଲେ । ସକାଳ ହେବାରୁ ଦୁଇ ଭାଇ ପୁଣି ସିଂହାସନରେ ମୂର୍ତ୍ତି ହୋଇ ବସିଗଲେ । ପୂଜାରୀ ଆସି ଦେଖିଲେ ପ୍ରଭୁ ଆଜି କିଛି ଅଧିକ ହସୁଛନ୍ତି ! ସେ

ତଳେ ମୂଷାର ପାଦ ଚିହ୍ନ ଓ ପିଠା ଖଣ୍ଡ ଦେଖି ସନ୍ଦେହ କଲେ । ପୂଜାରୀ ମୂଷା ପାଇଁ ଯନ୍ତା ବସାଇଲେ, କିନ୍ତୁ ଜଗନ୍ନାଥଙ୍କ ମାୟାରେ ସେହି ଯନ୍ତା ପୂଜାରୀଙ୍କ ମୁଣ୍ଡ ଉପରେ ହିଁ ପଡ଼ିଲା । ମୂଷାଟି ଲଡୁ ନେଇ ବଳରାମଙ୍କ ଧୋତି ପଛରେ ଲୁଚିଗଲା ।
ଶେଷରେ ଆରତି ସମୟରେ ମୂଷାକୁ ଛିଙ୍କ ଆସିଲା, କିନ୍ତୁ ସେତିକି ବେଳେ ଏକ ଶୁଆ 'ଟା-ଟା' ଶବ୍ଦ କରି ଛିଙ୍କ ଶବ୍ଦକୁ ଲୁଚାଇ ଦେଲା । ପୂଜାରୀ ଭାବିଲେ ପକ୍ଷୀ ବି ଆରତିରେ ସାମିଲ ହେଉଛି । ଆରତି ସରିବା ପରେ ଭକ୍ତମାନେ ମନ୍ଦିରକୁ ଆସିଲେ ଏବଂ ସିଂହାସନରେ ବିରାଜମାନ ପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ଚାହିଁ ଏକ ଅତି ସୁନ୍ଦର ଓ ଯାଦୁକରୀ ହସ ହସିଲେ ।

❋❋❋

## ଭକ୍ତ ରାମଦାସ ଓ ପ୍ରଭୁ ଜଗନ୍ନାଥ

ବଙ୍ଗଳାରେ ରାମଦାସ ନାମକ ଜଣେ ପରମ ଭକ୍ତ ଥିଲେ । ତାଙ୍କର ଏକ ଅଟଳ ନିୟମ ଥିଲା ଯେ ସେ ପ୍ରତ୍ୟେକ ଏକାଦଶୀରେ ବଙ୍ଗଳାରୁ ଚାଲି ଚାଲି ଜଗନ୍ନାଥ ପୁରୀ ଆସୁଥିଲେ । ସମୁଦ୍ର ସ୍ନାନ ପରେ ପ୍ରଭୁଙ୍କ ମହାପ୍ରସାଦ ସେବନ କରି ସେ ରାତିରେ 'ଶୟନ ଆରତି' ପରେ ମନ୍ଦିର ବାହାରେ ବସି ଭାବପୂର୍ଣ୍ଣ କୀର୍ତ୍ତନ କରୁଥିଲେ ।

ସମୟ ଗଡ଼ି ଚାଲିଲା ଏବଂ ରାମଦାସ ବୃଦ୍ଧ ହୋଇଗଲେ । ଶରୀର ଦୁର୍ବଳ ହୋଇଗଲା, କିନ୍ତୁ ମନର ଶ୍ରଦ୍ଧା ସେମିତି ଅତୁଟ ଥିଲା । ତାଙ୍କର ଏହି ନିଷ୍ଠା ଦେଖି ମହାପ୍ରଭୁ ଜଗନ୍ନାଥଙ୍କ ହୃଦୟ ତରଳିଗଲା । ଦିନେ ରାତିରେ ଯେତେବେଳେ ରାମଦାସ କୀର୍ତ୍ତନରେ ମଗ୍ନ ଥିଲେ, ପ୍ରଭୁ ତାଙ୍କ ଧ୍ୟାନରେ ପ୍ରକଟ ହୋଇ କହିଲେ — 'ରାମଦାସ ! ଏବେ ତୁମେ ଏଠାକୁ ଆସ ନାହିଁ, ତୁମକୁ କଷ୍ଟରେ ଦେଖିଲେ ମୋତେ ବହୁତ ପୀଡ଼ା ହେଉଛି ।'

ରାମଦାସ ଭାବବହ୍ୱଳ ହୋଇ କହିଲେ — 'ପ୍ରଭୁ, ଯଦି ଆସନ୍ତା ଏକାଦଶୀରେ ଆପଣଙ୍କ ଦର୍ଶନ ନ ହୁଏ, ତେବେ ମୋର ପ୍ରାଣବାୟୁ ଉଡ଼ିଯିବ ।' ସେତେବେଳେ ଦୟାନିଧି ଜଗନ୍ନାଥ ଏକ ଅଦ୍ଭୁତ ଉପାୟ ବତାଇଲେ । ସେ କହିଲେ — 'ଆସନ୍ତାଥର ତୁମେ ବଳଦଗାଡ଼ି ନେଇ ଆସିବ, ମୁଁ ନିଜେ ତୁମ ସହିତ ତୁମ ଘରକୁ ଯିବି !'

ପରବର୍ତ୍ତୀ ଏକାଦଶୀରେ ରାମଦାସ ଯେତେବେଳେ ବଳଦଗାଡ଼ି ନେଇ ପହଞ୍ଚିଲେ, ପୂଜାରୀମାନେ ଚକିତ ହୋଇଗଲେ । ରାତି ପାହିବା ପୂର୍ବରୁ ଏକ ଚମତ୍କାର ଘଟିଲା । ପୀତାମ୍ବର ଧାରୀ, ମୟୂର ଚନ୍ଦ୍ରିକା ଶୋଭିତ ସ୍ୱୟଂ ଦ୍ୱାରକାଧୀଶ ମନ୍ଦିରରୁ ବାହାରକୁ ଆସିଲେ ଏବଂ ନିଜର ପାଟଲିଟି ବଳଦଗାଡ଼ିରେ ରଖିଦେଲେ ।

ଯେତେବେଳେ ଜଗନ୍ନାଥ ଦେଖିଲେ ଯେ ବଳଦ ଦୁଇଟି ବହୁତ ବୃଦ୍ଧ, ସେ ସ୍ମିତ ହସ ପ୍ରଦାନ କରି ସେମାନଙ୍କ ଉପରେ ହାତ ବୁଲାଇ ଦେଲେ । ଦେଖୁ ଦେଖୁ ବଳଦ ଦୁଇଟି ଶକ୍ତିଶାଳୀ ଓ ସୁସ୍ଥ ହୋଇଗଲେ । ପ୍ରଭୁ ନିଜେ ସାରଥି ସାଜିଲେ ଏବଂ ଭକ୍ତ ରାମଦାସଙ୍କୁ ପଛରେ ବସାଇ ଗାଡ଼ି ଚଳାଇବାକୁ ଲାଗିଲେ ।

ସକାଳେ 'ମଙ୍ଗଳ ଆରତି' ସମୟରେ ଯେତେବେଳେ ପୂଜାରୀମାନେ ଦେଖିଲେ ଯେ ସିଂହାସନରେ ସୁଭଦ୍ରା ମା' ଓ ବଳଭଦ୍ର ଜୀ ଅଛନ୍ତି, କିନ୍ତୁ ଜଗନ୍ନାଥ ନାହାନ୍ତି, ସେତେବେଳେ ପୁରା ପୁରୀରେ ହଇଚଇ ସୃଷ୍ଟି ହେଲା । ସମସ୍ତଙ୍କ ସନ୍ଦେହ ରାମଦାସଙ୍କ ଉପରେ ଗଲା । ଯେତେବେଳେ ପଣ୍ଡା-ପୂଜାରୀମାନେ ତାଙ୍କୁ ଖୋଜିବାକୁ ବାହାରିଲେ, ସେମାନେ ପୁରୀ ସୀମା ପାଖରେ ହିଁ ମିଳିଗଲେ ।

ଭୟଭୀତ ହୋଇ ରାମଦାସ ପ୍ରଭୁଙ୍କୁ ପାଖରେ ଥିବା ଏକ ପୋଖରୀ କୂଳରେ ଲୁଚାଇ ଦେଲେ, କିନ୍ତୁ ପ୍ରଭୁଙ୍କ ପୀତାମ୍ବରର ଏକ କୋଣ ଗାଡ଼ିରେ ରହିଯାଇଥିଲା । କ୍ରୋଧିତ ପୂଜାରୀମାନେ କିଛି ନ ବୁଝି ରାମଦାସଙ୍କୁ ମାଡ଼ ମାରିବା ଆରମ୍ଭ କଲେ ।

ସେତିକି ବେଳେ ପୋଖରୀ ଭିତରୁ ଏକ ଗର୍ଜନ ଶୁଭିଲା: 'ମୂର୍ଖମାନେ ! କ'ଣ ତୁମକୁ ଲାଗୁଛି ମୋତେ କେହି ଚୋରି କରିପାରିବ ? ମୁଁ ନିଜ ଇଚ୍ଛାରେ ମୋ ଭକ୍ତ ସାଙ୍ଗରେ ଆସିଛି ।'

ପୂଜାରୀମାନେ ଦେଖିଲେ ଯେ ରାମଦାସଙ୍କୁ ମାଡ଼ ହେବା କାରଣରୁ ସାକ୍ଷାତ ଜଗନ୍ନାଥଙ୍କ ବିଗ୍ରହରୁ ରକ୍ତ ବୋହୁଛି ଏବଂ ପୁରା ପୋଖରୀ ରକ୍ତବର୍ଣ୍ଣ ହୋଇଯାଇଛି ।

ଯେତେବେଳେ ପୂଜାରୀମାନେ ନିଜ ଜୀବିକାର ଦ୍ୱାହି ଦେଇ କ୍ଷମା ମାଗିଲେ, ସେତେବେଳେ ପ୍ରଭୁ କହିଲେ — 'ତୁମେମାନେ ମୋତେ କେବଳ ଧନ ଏବଂ ବ୍ୟାପାର ବୋଲି ଭାବୁଛ, କିନ୍ତୁ ରାମଦାସ ମୋତେ ଭଲପାଏ ।' ପୂଜାରୀମାନଙ୍କ ଲୋଭକୁ ପରଖିବା ପାଇଁ ପ୍ରଭୁ କହିଲେ ଯେ ସେମାନେ ତାଙ୍କ ଓଜନ ସହିତ ସମାନ ସୁନା ନେଇଯାଆନ୍ତୁ ଏବଂ ତାଙ୍କୁ ଯିବାକୁ ଦିଅନ୍ତୁ ।

ରାମଦାସ ବ୍ୟାକୁଳ ହୋଇ କହିଲେ — 'ପ୍ରଭୁ ! ମୁଁ ଏତେ ସୁନା କେଉଁଠୁ ଆଣିବି ?' ପ୍ରଭୁ ହସି ହସି କହିଲେ — 'ରାମଦାସ, ତୁମ ପତ୍ନୀଙ୍କ ନାକର ଗୋଟିଏ ସୁନା ଗୁଣା ଏବଂ ଏକ ତୁଳସୀ ପତ୍ର ନେଇ ଆସ ।'

ଯେତେବେଳେ ତରାଜୁର ଏକ ପାର୍ଶ୍ୱରେ ଜଗନ୍ନାଥ ବସିଲେ ଏବଂ ଅନ୍ୟ ପାର୍ଶ୍ୱରେ ସେହି ଛୋଟ ଗୁଣା ଓ ତୁଳସୀ ପତ୍ର ରଖାଗଲା, ସେତେବେଳେ ପ୍ରଭୁଙ୍କ ପାର୍ଶ୍ୱଟି ହାଲୁକା ହୋଇ ଉପରକୁ ଉଠିଗଲା । ଏହା ଦେଖି ପୂଜାରୀମାନଙ୍କ ମୁଣ୍ଡ ଲଜ୍ଜାରେ ନଇଁଗଲା । ସେମାନେ ବୁଝିଗଲେ ଯେ ଭଗବାନଙ୍କୁ ସୁନା-ରୂପାରେ ନୁହେଁ, ବରଂ କେବଳ 'ପ୍ରେମ'ରେ ତଉଲା ଯାଇପାରେ ।

ଭଗବାନଙ୍କୁ କେହି ସୁନା ଶିକୁଳିରେ ବାନ୍ଧି ପାରିବେ ନାହିଁ, କିନ୍ତୁ

ଭକ୍ତର ପ୍ରେମ ତାଙ୍କୁ ବିନା ଦଉଡ଼ିରେ ଟାଣି ଆଣେ ।

ଜୟ ଜଗନ୍ନାଥ !

❋❋❋

# ଭକ୍ତ କବି ଭକ୍ତଚରଣ ଦାସ ଓ ମଥୁରାମଙ୍ଗଳ

ଯେବେ ପ୍ରଭୁଙ୍କ ପାଇଁ ବାଘ ସାଜିଲେ ଭଗବାନ

ଓଡ଼ିଶାର ଜଣେ ମହାନ ସାଧକ ଥିଲେ ଭକ୍ତଚରଣ ଦାସ । ସେ ଦିନେ ଏକ ନିବିଡ଼ ଜଙ୍ଗଲ ବାଟ ଦେଇ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାଉଥିଲେ । ସେ ସମୟରେ ଜଙ୍ଗଲରେ ହିଂସ୍ର ଜନ୍ତୁଙ୍କ ଭୟ ଖୁବ୍ ଅଧିକ ଥିଲା ।

ଭକ୍ତଚରଣ ଦାସ ନିଜ ଭକ୍ତିରେ ମଗ୍ନ ହୋଇ ପ୍ରଭୁଙ୍କ ଗୀତ ଗାଇ ଗାଇ ଯାଉଥିଲେ । ହଠାତ୍ ସେ ଦେଖିଲେ ତାଙ୍କ ସାମ୍ନାରେ ଏକ ବିରାଟ ବାଘ ଛିଡ଼ା ହୋଇଛି । ସେ ବୁଝିଗଲେ ଯେ ଏବେ ତାଙ୍କର ଜୀବନ ଶେଷ । ସେ କେବଳ ଆଖି ବନ୍ଦ କରି ପ୍ରଭୁ ଜଗନ୍ନାଥଙ୍କୁ ସ୍ମରଣ କଲେ ।

କୁହାଯାଏ ଯେ, ସେହି ବାଘଟି ତାଙ୍କୁ ଆକ୍ରମଣ କରିବା ପରିବର୍ତ୍ତେ ଶାନ୍ତ ହୋଇ ତାଙ୍କ ପାଖରେ ବସିରହିଲା । ସେତିକି ନୁହେଁ, ବାଘଟି ଜଙ୍ଗଲ ଶେଷ ହେବା ପର୍ଯ୍ୟନ୍ତ ତାଙ୍କ ସହିତ ଜଣେ ଅଙ୍ଗରକ୍ଷକ ଭଳି ଚାଲିଲା ।

ଯେତେବେଳେ ଭକ୍ତଚରଣ ଦାସ ଜଙ୍ଗଲରୁ ବାହାରିଲେ, ବାଘଟି ଅଦୃଶ୍ୟ ହୋଇଗଲା । ସେ ବୁଝିପାରିଲେ ଯେ ସ୍ୱୟଂ ଜଗନ୍ନାଥ ହିଁ ତାଙ୍କ ଭକ୍ତର ସୁରକ୍ଷା ପାଇଁ ବାଘ ରୂପରେ ଆସିଥିଲେ । ତାଙ୍କର ଏହି ଗଭୀର ଅନୁଭୂତି ପରେ ସେ 'ମଥୁରା ମଙ୍ଗଳ' ପରି ଅମର କାବ୍ୟ ରଚନା କରିଥିଲେ । ଯଦି ଆପଣ ମଧ୍ୟ ଭାବୁଛନ୍ତି ଯେ ପ୍ରଭୁ ଆମକୁ ସବୁ ବିପଦରୁ ରକ୍ଷା କରନ୍ତି, ତେବେ କମେଣ୍ଟରେ 'ଜୟ ଜଗନ୍ନାଥ' ଲେଖି ଶେୟାର କରନ୍ତୁ ।

❋❋❋

# ସତ୍ୟ ସନାତନ ଧର୍ମର ମହିମା ଜୟ ଜଗନ୍ନାଥ

ଯେତେବେଳେ କିଛି ନଥିଲା... ସେତେବେଳେ ବ୍ରହ୍ମା ସୃଷ୍ଟିର ରଚନା କଲେ ।

ଯେତେବେଳେ ଅଧର୍ମରେ ସଂସାର ଟଳମଳହୁଏ... ସେତେବେଳେ ଭଗବାନ ବିଷ୍ଣୁ ସଂସାରକୁ ସମ୍ଭାଳନ୍ତି ।

ଯେତେବେଳେ ଅଧର୍ମ ବଢ଼ି ସୀମା ପାର କରେ... ସେତେବେଳେ ମହାଦେବ ତାଣ୍ଡବ କରନ୍ତି ।

ଯେଉଁଠାରେ ଅଜ୍ଞାନ ଅନ୍ଧକାର ହୋଇଯାଏ... ସେଠାରେ ମାଆ ସରସ୍ୱତୀ ଜ୍ଞାନର ଆଲୋକ ହୋଇ ଆସନ୍ତି ।

ଯେଉଁଠାରେ ସୁଖ ସମୃଦ୍ଧି ମିଳେନାହିଁ... ସେଠାରେ ମାଆ ଲକ୍ଷ୍ମୀ କୃପା ବର୍ଷାନ୍ତି ।

ଯେତେବେଳେ ଆସୁରିକତା ଭୟ ପ୍ରସାରିତ ହୁଏ ସେତେବେଳେ ମାଆ ଦୁର୍ଗା ଶକ୍ତିରୂପିଣି ପ୍ରକଟ ହୁଅନ୍ତି ।

ଯେତେବେଳେ ସଙ୍କଟ ଆସିଥାଏ ସେତେବେଳେ ହନୁମାନ ସାହସ ଦେଇ ସବୁ ସଙ୍କଟ ଦୁରକରାନ୍ତି ।

ଯେବେ ଅର୍ଜୁନ ଭ୍ରମରେ ଭାଙ୍ଗି ପଡିଥିଲେ ସେତେବେଳେ ଶ୍ରୀକୃଷ୍ଣ ଗୀତାର ଜ୍ଞାନ ଦେଇଥିଲେ ।

ଏବଂ... ଯେତେବେଳେ ସମଗ୍ର ଦୁନିଆ ବଦଳୁଥିଲା... ସେତେବେଳେ ମଧ୍ୟ ଶ୍ରୀରାମ ମର୍ଯ୍ୟାଦାରେ ଅଟଳ ରହିଥିଲେ ।

ସାକ୍ଷ୍ୟ, ଲକ୍ଷ୍ୟ ଓ ପ୍ରତ୍ୟକ୍ଷ ଯେଉଁଠି ପ୍ରଭୁ ଶ୍ରୀଜଗନ୍ନାଥ ସ୍ୱୟଂ ଆମ ସହ ଅଛନ୍ତି ।

ଏହାହିଁ ସନାତନ ଧର୍ମର ମହିମା —

ଏଠାରେ ଦେବତାମାନେ କେବଳ ପୂଜା ପାଇଁ ନୁହେଁ, ଜୀବନ କେମିତି ଜିଁଇବାକୁ ହୁଏ ମଧ୍ୟ ଶିଖାନ୍ତି ।

**ଜୟ ଜଗନ୍ନାଥ**

❋❋❋

# ପର ଆପଣା

ଗୋଟିଏ ବଣିଆ ଓ ଗୋଟିଏ କମାର  ଦୋକାନ ପାଖାପାଖି ଥିଲା  ।

ବଣିଆ ଯେତେବେଳେ କାମ କରୁଥିଲା, ତା ଦୋକାନ ରୁ ଅତ୍ୟନ୍ତ କମ ଧ୍ୱନି ଆସୁଥିଲା; କିନ୍ତୁ ଯେତେବେଳେ କମାର କାମ କରୁଥିଲା ଦୋକାନରୁ କାନ ଫଟା ଧ୍ୱନି ବାହାରୁଥିଲା ।

ଗୋଟିଏ ଦିନ ଟିକିଏ ସୁନାର କଣିକା ଛିଟକି ଯାଇ କମାର ଦୋକାନରେ ପଡ଼ିଲା । ସେଠାରେ ତାର ସାକ୍ଷାତ ଗୋଟିଏ ଲୁହା କଣିକା ସହ ହେଲା  ।

ସୁନା କଣିକା ଲୁହା କଣିକା କୁ ପଚାରିଲା — ''ଭାଇ, ଆମ ଦୁହିଁଙ୍କ ଦୁଃଖ ତ ଏକ । ଆମେ ଦୁହେଁ ଏକା ଭଳି ଅଗ୍ନିରେ ତପୁଛେ ଏବଂ ଏକା ଭଳି ହାତୁଡ଼ିର ଛାଟ ସହୁଛେ । ମୁଁ ତ ଏହି ସବୁ ଯନ୍ତ୍ରଣା ଚୁପଚାପ ସହୁଛି, କିନ୍ତୁ ତୁମେ ବହୁତ ଚିତ୍କାର କରୁଛ — କାହିଁକି  ?''

ଲୁହାର କଣିକା ଭାରି ମନରେ କହିଲା —

''ତୁମ କଥା ଠିକ୍ , କିନ୍ତୁ ତୁମେ ଯେଉଁ ହାତୁଡ଼ି ର ଚାଟ ଖାଉଛ, ସେ ହାତୁଡ଼ି ତୁମ ନିଜର ଭାଇ ନୁହେଁ  ।

ମା ଉପରେ ଯେଉଁ ଚାଟ ପଡୁଛି, ସେହି ହାତୁଡ଼ି ମୋର ନିଜ ଆପଣାର ଭାଇ  ।

ପର ଲୋକ ମାନଙ୍କ ତୁଳନା ରେ ନିଜ ଲୋକମାନେ ଦେଇଥିବା ଚାଟ ଅଧିକ ବେଦନାଦାୟକ ହୁଏ...''

❋❋❋











ହେ ଜଗନ୍ନାଥ...
ତୁମ୍ଭରି ଇଚ୍ଛାରେ ଏ ଜଗତ